# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ଜାନୁଆରୀ ୬/୨୦୨୪ (୧୮ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 6/2024 Page 18 ₹ 7.00

୫୦ଶ ଭାଗ ୪୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 44 ମୂଲ୍ୟ ₹୭/-



DSPL-515

ODISHA
INDIA'S BEST KEPT SECRET.

ଆମ ଓଡ଼ିଶା ନବୀନ ଓଡ଼ିଶା

## ମାନ୍ୟବର ମୁଖ୍ୟମନ୍ତ୍ରୀ
## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
## କରକମଳରେ
## ବୁର୍ଲା ଇନଡୋର୍ ଷ୍ଟାଡିୟମର
## ଶୁଭ ଉଦ୍‌ଘାଟନ
## ଏବଂ ସମ୍ବଲପୁର ଠାରେ
## ଫୁଟବଲ ତାଲିମ କେନ୍ଦ୍ର ଓ
## ୟୁନିଭରସିଟି ସ୍ପୋର୍ଟ୍ସ କମ୍ପ୍ଲେକ୍ସର
## ଶିଳାନ୍ୟାସ

୬ ଜାନୁୟାରୀ ୨୦୨୪



"କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ
ଭବିଷ୍ୟତ ପାଇଁ ବଡ଼ ଶକ୍ତି"



ବୁର୍ଲା ଇନଡୋର୍ ଷ୍ଟାଡିୟମ



ସ୍ପୋର୍ଟ୍ସ କମ୍ପ୍ଲେକ୍ସ
ସମ୍ବଲପୁର ୟୁନିଭରସିଟି



ଫୁଟବଲ ତାଲିମ କେନ୍ଦ୍ର
ସମ୍ବଲପୁର

OIPR-29001/13/0151/2324

"କ୍ରୀଡ଼ା ଦୃଶ୍ୟପଟ୍ଟର ରୂପାନ୍ତରଣ, କ୍ରୀଡ଼ାବିତଙ୍କ ସଶକ୍ତିକରଣ"

ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁଆରୀ ୬/୨୦୨୪ | Bhubaneswar, Saturday, January 6/2024


# ତଦନ୍ତକାରୀ ଇଡି ଅଫିସରଙ୍କୁ ଆକ୍ରମଣ

**କୋଲକାତା,୫।୧**

ରାଶନ ବଣ୍ଟନ ଦୁର୍ନୀତିର ତଦନ୍ତ କରିବାକୁ ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲାକୁ ଯାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅଫିସରଙ୍କ ଉପରେ ଆକ୍ରମଣ ହୋଇଛି। ଏହାକୁ ନେଇ ରାଜନୈତିକ କାଦୁଅଫିଙ୍ଗା ଆରମ୍ଭ ହୋଇଯାଇଛି। ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ପାଇଁ ଭାଜପା ଏବଂ କଂଗ୍ରେସ ଦାବି କରିଥିବାବେଳେ କେନ୍ଦ୍ରୀୟ ଏଜେନ୍ସିର ଅଧିକାରୀମାନେ ସ୍ଥାନୀୟ ଲୋକଙ୍କୁ ଉସୁକାଉଥିବା ଶାସକ ଟିଏମ୍‌ସି କହିଛି।

ରାଶନ ବଣ୍ଟନ ଦୁର୍ନୀତିରେ ସମ୍ପୃକ୍ତ ଟିଏମ୍‌ସି ନେତା ଶେଖ୍ ସାଜହନଙ୍କ ସନ୍ଦେଶଖଲି ବାସଭବନକୁ ତଦନ୍ତ କରିବାକୁ ଇଡି ଅଧିକାରୀମାନେ ଯାଇଥିଲେ। ଏହି ସମୟରେ ଶେଖ୍‌ଙ୍କ ସମର୍ଥକମାନେ ଇଡି ଅଧିକାରୀଙ୍କୁ ଆକ୍ରମଣ କରିବା ସହ ସେମାନଙ୍କ ଗାଡ଼ି ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଇଡିର ୨ ଅଧିକାରୀ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ରାଶନ ଦୁର୍ନୀତିରେ ପଶ୍ଚିମବଙ୍ଗ ମନ୍ତ୍ରୀ ଜ୍ୟୋତିପ୍ରିୟୋ ମଲ୍ଲିକ ଗିରଫ ହୋଇଥିବାବେଳେ ସାଜହନ ହେଉଛନ୍ତି ତାଙ୍କର ଘନିଷ୍ଠ ସହଯୋଗୀ।

କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଅଧିକାରୀମାନଙ୍କୁ ରାଜ୍ୟ ସରକାର ଉପଯୁକ୍ତ ସୁରକ୍ଷା ଓ ଅନ୍ୟାନ୍ୟ ସମ୍ବଳ ଯୋଗାଇଦେବା ଜରୁରୀ ବୋଲି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନୀତୀଶ ପ୍ରମାଣିକ କହିଛନ୍ତି। ଏହି ଆକ୍ରମଣ କେବଳ ପଶ୍ଚିମବଙ୍ଗରେ ଘଟିନାହିଁ, ଏହା ରାଷ୍ଟ୍ରର ସଂଘୀୟ ଢାଞ୍ଚା ଉପରେ ଆକ୍ରମଣ ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ଏହାକୁ ଗମ୍ଭୀରତାର ସହ ନେଇଛନ୍ତି। କ'ଣ ପାଇଁ ପଶ୍ଚିମବଙ୍ଗରେ ବାରମ୍ବାର ଏଭଳି ଘଟଣା ଘଟୁଛି ବୋଲି ପ୍ରମାଣିକ ପ୍ରଶ୍ନ କରିଛନ୍ତି। ଘଟଣାର ତଦନ୍ତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଦ୍ୱାରା କରାଇବା ସହ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ନିମନ୍ତେ ରାଜ୍ୟ ଭାଜପା ସଭାପତି ସୁକାନ୍ତ ମଜୁମଦାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ପତ୍ର ଲେଖିଛନ୍ତି। କେନ୍ଦ୍ରୀୟ ସଂସ୍ଥାର ତଦନ୍ତ ପ୍ରକ୍ରିୟାର ସତ୍ୟନିଷ୍ଠତାକୁ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ମୁତୟନ ନିମନ୍ତେ ମଧ୍ୟ ମଜୁମଦାର ଦାବି କରିଛନ୍ତି। କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ତୃଣମୂଳ କଂଗ୍ରେସ ଶାସନରେ ଆଇନ ଶୃଙ୍ଖଳା ଲୋପ ପାଇଯାଇଛି। ତେଣୁ ପଶ୍ଚିମବଙ୍ଗରେ ତୁରନ୍ତ ରାଷ୍ଟ୍ରପତି ଶାସନ ଲାଗୁହେବା ଆମେ ଦାବି କରୁଛୁ ବୋଲି ଅଧୀର କହିଛନ୍ତି।



ଆହତ ଇଡ଼ି ଅଫିସରଙ୍କୁ ହସ୍ପିଟାଲ ନିଆଯାଉଛି।

**ରାଶନ ଦୁର୍ନୀତି**

**ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ପାଇଁ ଭାଜପା, କଂଗ୍ରେସର ଦାବି**

## ସ୍ୱାତୀ ମାଲିଓ୍ୱାଲ୍ ଏଏପିର ରାଜ୍ୟ ସଭା ପ୍ରାର୍ଥୀ

**ନୂଆଦିଲ୍ଲୀ,୫।୧:** ଦିଲ୍ଲୀ ମହିଳା କମିଶନ (ଡିସିଡବ୍ଲ୍ୟୁ) ଅଧ୍ୟକ୍ଷା ସ୍ୱାତୀ ମାଲିଓ୍ୱାଲ୍‌ଙ୍କୁ ଏଏପି ରାଜ୍ୟ ସଭା ପାଇଁ ପ୍ରାର୍ଥୀ ଘୋଷଣା କରିଛି। ରାଜ୍ୟ ସଭାରେ ଦିଲ୍ଲୀରୁ ୩ ଆସନ ଖାଲି ହେବାକୁ ଯାଉଥିବାବେଳେ ଏଥିପାଇଁ ଜାନୁଆରୀ ୧୯ରେ ନିର୍ବାଚନ ହେବ। ବର୍ତ୍ତମାନର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ, ସୁଶୀଲ କୁମାର ଗୁପ୍ତା ଏବଂ ନାରାୟଣ ଦାସଗୁପ୍ତାଙ୍କ ୬ ବର୍ଷିଆ କାର୍ଯ୍ୟକାଳ ଚଳିତ ମାସ ୨୭ରେ ଶେଷ ହେବାକୁ ଯାଉଛି। ସଞ୍ଜୟ ସିଂ ଏବଂ ନାରାୟଣ ଦାସଗୁପ୍ତାଙ୍କୁ ପୁନର୍ବାର ରାଜ୍ୟ ସଭାକୁ ପଠାଇବା ନିମନ୍ତେ ଦଳ ନିଷ୍ପତ୍ତି ନେଇଛି।



## ଦାଉଦ୍‌ଙ୍କ ସମ୍ପତ୍ତି ନିଲାମ ହେଲା

**ମୁମ୍ବାଇ,୫।୧:** ଭାରତର ମୋଷ୍ଟ ଓ୍ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର ଦାଉଦ୍ ଇବ୍ରାହିମ୍‌ଙ୍କ ପରିବାର ସଦସ୍ୟଙ୍କ ନାଁରେ ଥିବା ୨ଟି ସମ୍ପତ୍ତି ଶୁକ୍ରବାର ନିଲାମ ଜରିଆରେ ବିକ୍ରି ହୋଇଛି। ତସ୍କର ଏବଂ ବିଦେଶୀ ବିନିମୟ ଅପରେଟରଙ୍କ (ସମ୍ପତ୍ତି ଜବତ) ଆଇନ ଅନୁଯାୟୀ ଦାଉଦ୍‌ଙ୍କ ମହାରାଷ୍ଟ୍ରର ରତ୍ନଗିରି ଜିଲା ମୁମ୍ବକେ ଗ୍ରାମରେ ଥିବା ୪ଟି ସମ୍ପତ୍ତିର ନିଲାମ ଡାକିଥିଲେ। ୨ଟି ଜମି ପାଇଁ କେହି ବିଡ୍ ଦାଖଲ କରି ନ ଥିଲେ। ଅନ୍ୟ ୨ଟି ଜମିକୁ ଜଣେ ବ୍ୟକ୍ତି କିଣିଛନ୍ତି। ୧୭୦.୯୮ ବର୍ଗମିଟରର କୃଷି ଜମି୨.୦୧ କୋଟିରେ ଏବଂ ୧୭୩୦ ବର୍ଗମିଟରର ଅନ୍ୟ ଏକ ଜମି ୩.୨୮ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି।

## ଫେଣ୍ଟାନିଲ ଇଞ୍ଜେକ୍ସନ ବଦଳରେ ପାଣି :୧୦ ରୋଗୀ ମୃତ

**ଓ୍ୱାଶିଂଟନ,୫।୧**

ଆମେରିକାର ଓରେଗନ୍ ହସ୍ପିଟାଲକୁ ଯୋଗାଇଦିଆଯାଉଥିବା ଯନ୍ତ୍ରଣା ଉପଶମ ଇଞ୍ଜେକ୍ସନ ଫେଣ୍ଟାନିଲ୍ ଇଣ୍ଟ୍ରାଭେନସ୍ (ଆଇଭି) ସ୍ଥାନରେ ଜଣେ ନର୍ସ ଷ୍ଟେରିଲାଇଜ୍ ହୋଇ ନ ଥିବା ଟ୍ୟାପ୍ ପାଣିକୁ ଇଞ୍ଜେକ୍ସନ ଭାବେ ରୋଗୀଙ୍କୁ ଦେବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଫେଣ୍ଟାନିଲ୍ ଆଇଭିର ଅପବ୍ୟବହାର କରାଯାଉଥିବାବେଳେ ଏହାକୁ ଲୁଚାଇବାକୁ ଯାଇ ନର୍ସ ରୋଗୀଙ୍କୁ ଇଞ୍ଜେକ୍ସନ ଦେବାରେ ପାଣି ବ୍ୟବହାର କରୁଥିଲେ। ମେଡ୍‌ଫୋର୍ଡସ୍ଥିତ ଆସାଣ୍ଟେ ରୋଗ୍ୟୁ ରିଜିଅନାଲ ମେଡିକାଲ ସେଣ୍ଟରରେ ଏହି ଘଟଣା ଘଟିଛି। ପୋଲିସ ଏବେ ଫେଣ୍ଟାନିଲ୍ ଆଇଭି ଚୋରିର ତଦନ୍ତ ଚଳାଇଛି। ହସ୍ପିଟାଲର ଜଣେ ପୂର୍ବତନ କର୍ମଚାରୀ ଉକ୍ତ ଇଞ୍ଜେକ୍ସନକୁ ଚୋରି କରିଥିବା ବିଶ୍ୱାସ କରି କର୍ତ୍ତୃପକ୍ଷ ଗତ ମାସରେ ପୋଲିସକୁ ଜଣାଇଥିଲେ। ୨୦୨୨ ଆରମ୍ଭରୁ ହସ୍ପିଟାଲରେ ଫେଣ୍ଟାନିଲ୍‌ର ବାଟମାରଣା ହେଉଥିବାବେଳେ ଏହାକୁ ଲୁଚାଇବା ପାଇଁ ରୋଗୀଙ୍କୁ ନର୍ସ ଷ୍ଟେରିଲାଇଜ୍ ହୋଇ ନ ଥିବା ଟ୍ୟାପ୍ ପାଣିକୁ ଇଞ୍ଜେକ୍ସନ ଭାବେ ଦେଉଥିଲେ। ଫଳରେ ସଂକ୍ରମିତ ହୋଇ ରୋଗୀଙ୍କ ମୃତ୍ୟୁ ଘଟିଥିବା ହସ୍ପିଟାଲ କର୍ତ୍ତୃପକ୍ଷ ଜାଣିବାକୁ ପାଇଛନ୍ତି।

## ଭବିଷ୍ୟତ ମିଶନ ପାଇଁ ବ୍ୟାଟେରି ପରୀକ୍ଷା କଲା ଇସ୍ରୋ

**ବେଙ୍ଗାଲୁରୁ,୫।୧**

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଶୁକ୍ରବାର ଏହାର ଭବିଷ୍ୟତର ଇନ୍ଧନ ପାଇଁ ଉଚ୍ଚ କ୍ଷମତାସମ୍ପନ୍ନ ବ୍ୟାଟେରିର ସଫଳ ପରୀକ୍ଷା କରିଛି। ପ୍ରସ୍ତାବିତ ମହାକାଶ କେନ୍ଦ୍ରକୁ ଶକ୍ତି ଯୋଗାଇବାରେ ଏହି ଫୁଏଲ୍ ସେଲ୍ ସହାୟକ ହେବା ସହ ସାମାଜିକ କାର୍ଯ୍ୟରେ ମଧ୍ୟ ଏହାକୁ ଲଗାଯାଇପାରିବ। ଜାନୁଆରୀ ୧ରେ ପିଏସ୍‌ଏଲ୍‌ଭି-ସି୫୮ରେ ମହାକାଶକୁ ପଠାଯାଇଥିବା ପିଏସ୍‌ଏଲ୍‌ଭି ଅର୍ବିଟାଲ ଏକ୍ସପେରିମେଣ୍ଟାଲ ମଡ୍ୟୁଲ୍ (ପିଓଇଏମ୍)ରେ ଉକ୍ତ ୧୦୦ ଓ୍ୱାଟ୍ ଶ୍ରେଣୀର ପଲିମର ଇଲେକ୍ଟ୍ରୋଲାଇଟ୍ ମେମ୍ବ୍ରେନ୍ ଫୁଏଲ୍ ସେଲ୍‌କୁ ପରୀକ୍ଷା କରାଯାଇଛି। ଏହା ମହାକାଶ କେନ୍ଦ୍ରରେ ଶକ୍ତିର ଉତ୍ସ ହେବା ସହ ଉଭୟ ଶକ୍ତି ଓ ବିଶୁଦ୍ଧ ଜଳ ଯୋଗାଇପାରିବ। ପିଓଇଏମ୍‌ରେ ସ୍ୱଳ୍ପ ସମୟର ପରୀକ୍ଷାରେ ଉଚ୍ଚ ଚାପଯୁକ୍ତ ପାତ୍ରରେ ଥିବା ଅମ୍ଳଜାନ ଓ ଉଦ୍‌ଜାନରୁ ୧୮୦ ଓ୍ୱାଟ୍ ଶକ୍ତି ମିଳିଥିଲା।

## କଂଗ୍ରେସ ବିଧାୟକଙ୍କ ଘରୁ ୫ କୋଟି ଟଙ୍କା, ବିଦେଶୀ ଅସ୍ତ୍ର ଜବତ



**ଚଣ୍ଡିଗଡ଼,୫।୧**

ହରିୟାଣାର ଜଣେ କଂଗ୍ରେସ ବିଧାୟକ ଓ ଅନ୍ୟ ଜଣେ ପୂର୍ବତନ ବିଧାୟକଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ାଉ କରି ନଗଦ ୫ କୋଟିଟଙ୍କା ସହ ୧୦୦ ବୋତଲରୁ ଅଧିକ ମଦ, ବିଦେଶୀ ଅସ୍ତ୍ର ଏବଂ ୩୦୦ ଗୁଳି ଜବତ କରିଛି। ବେଆଇନ ଖଣି ମାମଲାରେ ଇଡି ଅଧିକାରୀମାନେ କଂଗ୍ରେସ ବିଧାୟକ ସୁରେନ୍ଦ୍ର ପନଓ୍ୱାର, ଆଇଏନ୍‌ଏଲ୍‌ଡିର ପୂର୍ବତନ ବିଧାୟକ ଦିଲବାଗ ସିଂ ଏବଂ ସେମାନଙ୍କ ସହଯୋଗୀଙ୍କ ଘରେ ଚଢ଼ାଉ କରିଥିଲେ। ଗୁରୁବାର ୧୫ରୁ ୨୦ ଜଣ ଇଡି ଅଧିକାରୀ ବିଧାୟକ ତଥା ଖଣି ବ୍ୟବସାୟୀ ପନଓ୍ୱରଙ୍କ ଏକାଧିକ ସ୍ଥାନରେ ଥିବା ଘରେ ଚଢ଼ାଉ କରିବା ସହ ତାଙ୍କ ପରିବାର ଓ କର୍ମଚାରୀମାନଙ୍କୁ ଫୋନ୍‌କୁ ଜବତ କରିଥିଲେ। ଚଢ଼ାଉବେଳେ ନଗଦ ଅର୍ଥ, ମଦ ଓ ଅସ୍ତ୍ରଶସ୍ତ୍ର ବ୍ୟତୀତ ୪ରୁ ୫ କିଲୋଗ୍ରାମ ସୁନା ବିସ୍କୁଟ୍ ଜବତ ହୋଇଛି।




ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ଶନିବାର, ଜାନୁଆରୀ ୬/୨୦୨୪ Bhubaneswar, Saturday, January 6/2024



**ପାରୋଲ୍‌ରେ ପିଷ୍ଟୋରିଅସ୍**
ଦକ୍ଷିଣ ଆଫ୍ରିକୀୟ ଆଥ୍‌ଲେଟ ଓସ୍କାର ପିଷ୍ଟୋରିଅସ୍ ଜେଲ୍‌ରୁ ପାରୋଲରେ ଆସିଛନ୍ତି। ୧୩

୦୫ **କରିନାଙ୍କ କନ୍ନଡ ଡେବ୍ୟୁ**
ୟଶ୍‌ଙ୍କ ଆଗାମୀ ଫିଲ୍ମ 'ଟକ୍ସିକ୍' ଜରିଆରେ ଅଭିନେତ୍ରୀ କରିନା କପୁର ଖାନ୍ ତାଙ୍କ କନ୍ନଡ ଡେବ୍ୟୁ କରିବାକୁ ଯାଉଛନ୍ତି।



ଆଜିର ସମ୍ପାଦକୀୟ ପରିବର୍ତ୍ତନର ପ୍ରସ୍ତୁତି

# ତଥ୍ୟ ଲୁଚାଇ ଦୋଷ ଲଦାଲଦି

## ହାଇଟେକ୍ ହସ୍ପିଟାଲରେ ବିସ୍ଫୋରଣ ଘଟଣା: ମୃତଦେହ ଚିହ୍ନଟରେ ବିଭ୍ରାଟ

**ଭୁବନେଶ୍ୱର ହାଇଟେକ୍ ହସ୍ପିଟାଲରେ ଏସି କମ୍ପ୍ରେସରରେ ଗ୍ୟାସ୍ ଭର୍ତ୍ତିବେଳେ ବିସ୍ଫୋରଣ ଘଟଣାରେ ଗୁରୁତର ବିଭ୍ରାଟ ଦେଖିବାକୁ ମିଳିଛି। ହସ୍ପିଟାଲ ପକ୍ଷରୁ ଗତ ୩୦ ତାରିଖରେ ମୃତ ଘୋଷଣା ହୋଇଥିବା ଜଣେ ଆହତ ଦିଲ୍ଲୀପ ସାମନ୍ତରାୟ ୫ ଦିନ ପରେ ଜୀବିତ ଥିବା ଜଣାପଡ଼ିଛି। କିନ୍ତୁ ଏହି ୫ଦିନ ମଧ୍ୟରେ ଦିଲ୍ଲୀପଙ୍କ ଘରେ ବିରାଟ ବଡ଼ ଅନର୍ଥ ଘଟିଯାଇଛି। ପରିବାର ଲୋକେ ଅନ୍ୟଜଣେ ଆହତଙ୍କ ମୃତଦେହ ପାଇ ଦାହ କରିଦେଇଥିବାବେଳେ ଏହି ବିଭ୍ରାଟ ବିଷୟରେ ଅଜ୍ଞ ଥିବା ଦିଲ୍ଲୀପଙ୍କ ଗର୍ଭବତୀ ସ୍ତ୍ରୀ ମ୍ରିୟମାଣ ହୋଇ ଆତ୍ମହତ୍ୟା କରିଦେଇଛନ୍ତି। ହସ୍ପିଟାଲ କର୍ତ୍ତୃପକ୍ଷ, ପୋଲିସ ଓ ପରିବାରବର୍ଗ କିଭଳି ମୃତଦେହକୁ ଚିହ୍ନଟ କରିପାରିଲେ ନାହିଁ ଏବଂ ତାହାକୁ ସତ୍କାର କରିଦିଆଗଲା ସେନେଇ ବିରାଟ ପ୍ରଶ୍ନ ସୃଷ୍ଟି ହୋଇଛି। ଆରମ୍ଭରୁ ତଥ୍ୟ ଲୁଚାଇବାକୁ ଚେଷ୍ଟା କରାଯାଇଥିବା ଅଭିଯୋଗ ହେଉଥିବାବେଳେ ହସ୍ପିଟାଲ ଓ ପୋଲିସ ଦୋଷ ଲଦାଲଦି ହେଉଛନ୍ତି। ଅନ୍ୟପକ୍ଷରେ ହାଇଟେକ୍ ହସ୍ପିଟାଲର ତ୍ରୁଟିକୁ ନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ହୋଇଛି।**

**ଭୁବନେଶ୍ୱର,୫।୧ (ସତ୍ୟଜିତ୍ ରାଉତ)**

ଗତ ୨୯ ତାରିଖରେ ହାଇଟେକ୍ ହସ୍ପିଟାଲରେ ଘଟିଥିଲା ଉକ୍ତ ବିସ୍ଫୋରଣ। ଏଥିରେ ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ବଅଙ୍ଗ ଗ୍ରାମର ଦିଲ୍ଲୀପ ସାମନ୍ତରାୟ, କଟକ ଜିଲା ଗୋବିନ୍ଦପୁର ଥାନା କୁଳବ୍ରାହ୍ମଣସାଇଲୋ ଗାଁର ଜ୍ୟୋତିରଞ୍ଜନ ମଲ୍ଲିକ, ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳର ସୀମାଞ୍ଚଳ ବିଶ୍ୱାଳ ଏବଂ ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳର ଶ୍ରୀତମ ସାହୁ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଉକ୍ତ ହସ୍ପିଟାଲରେ ହିଁ ଚିକିତ୍ସା କରାଯାଉଥିଲା। ଗତ ୩୦ ତାରିଖରେ ଦିଲ୍ଲୀପଙ୍କ ମୃତ୍ୟୁ ଘଟିଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଥିଲା। ମୃତଦେହର ବ୍ୟବଚ୍ଛେଦ ହେବା ପରେ ଦିଲ୍ଲୀପଙ୍କ ପରିବାରବର୍ଗ ତାହାକୁ ସତ୍କାର କରିଦେଇଥିଲେ। କିନ୍ତୁ ସ୍ୱାମୀଙ୍କ ମୃତ୍ୟୁ ଖବରରେ ମ୍ରିୟମାଣ ହୋଇ ଦିଲ୍ଲୀପଙ୍କ ଗର୍ଭବତୀ ସ୍ତ୍ରୀ ସୌମ୍ୟାଶ୍ରୀ ଜୀବନ ହାରିଦେଇଥିଲେ। ଗତ ୩ ତାରିଖରେ ଶ୍ରୀତମଙ୍କ ମୃତ୍ୟୁ ଘଟିଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଥିବାବେଳେ ଆଉ ଦୁଇଜଣ ଆହତ ଚିକିତ୍ସାଧୀନ ଥିଲେ। ତେବେ ସେମାନଙ୍କ ମଧ୍ୟରୁ ଜଣେ ଆହତ ଗୁରୁବାର ନିଜକୁ ଦିଲ୍ଲୀପ ବୋଲି ପରିଚୟ ଦେବା ପରେ ହଇଚଇ ସୃଷ୍ଟି ହୋଇଥିଲା। ପ୍ରକୃତରେ ୩୦ ତାରିଖରେ ମୃତ୍ୟୁ ଘଟିଥିବା ଆହତ ଜଣକ ଜ୍ୟୋତିରଞ୍ଜନ ଥିଲେ ବୋଲି କୁହାଯାଉଛି। ଫଳରେ ଜ୍ୟୋତିରଞ୍ଜନ ଜୀବିତ ଥିବା ଜାଣି ୫ ଦିନ ହେଲା ଆଶ୍ୱସ୍ତ ଥିବା ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଦୁଇ ବର୍ଷ ହେଲା ବିବାହ ଡୋରରେ ବାନ୍ଧି ହୋଇଥିବା ସ୍ତ୍ରୀ ଅର୍ପିତା କାନ୍ଦି କାନ୍ଦି ଚେତା ହରାଉଛନ୍ତି। ହାଇଟେକ୍‌ରେ ଘଟିଥିବା ଏହି ଟ୍ରାଜେଡିକୁ ନେଇ ରାଜ୍ୟରେ ବଡ଼ ଚର୍ଚ୍ଚାର ବିଷୟ ହୋଇଛି। କାହା ଭୁଲ୍ ପାଇଁ ଏଭଳି ବଡ଼ ତ୍ରୁଟି ଘଟିଲା ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଦିଲ୍ଲୀପଙ୍କ ମୃତ୍ୟୁ ସୂଚନା ଦିଆଯାଇ ନ ଥାନ୍ତା, ଆଜି ବି ତାଙ୍କ ସ୍ତ୍ରୀ ସୌମ୍ୟାଶ୍ରୀ ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁ ରହିଥାନ୍ତେ। ଭୁଲ୍ ସୂଚନା ଦିଆଯିବାରୁ ଅକାଳରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ହେବାସହ ତାଙ୍କ ଗର୍ଭସ୍ଥ ସନ୍ତାନ ମଧ୍ୟ ମା ପେଟରେ ଆଖି ବୁଜିଦେଇଛନ୍ତି। ଦିଲ୍ଲୀପଙ୍କ ପରିବାର ହସ୍ପିଟାଲ ଓ ପୋଲିସକୁ ଦୋଷ ଦେଉଥିବା ବେଳେ ଜ୍ୟୋତିରଞ୍ଜନଙ୍କ ପରିବାର ମଧ୍ୟ ସମାନ ଅଭିଯୋଗ ଆଣିଛନ୍ତି। ଶୁକ୍ରବାର ଜ୍ୟୋତିରଞ୍ଜନଙ୍କ ପରିବାର ଲୋକେ ଧାରଣାରେ ବସି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, କ୍ଷତିପୂରଣ ଏବଂ ନ୍ୟାୟ ମାଗିଛନ୍ତି। ଜ୍ୟୋତିରଞ୍ଜନଙ୍କ ବାପା ରମେଶ ମଲ୍ଲିକ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ତ୍ରୁଟି ବିରୋଧରେ ଭୁବନେଶ୍ୱର ମଞ୍ଚେଶ୍ୱର ଥାନାରେ ଏତଲା ଦେଇଛନ୍ତି।

ଅନ୍ୟପକ୍ଷରେ ଘଟଣା ଦିନ ହାଇଟେକ୍ ହସ୍ପିଟାଲ ସିଓଓ ଜ୍ୟୋତିର୍ମୟ ପଣ୍ଡା କହିଥିଲେ, ସମସ୍ତ ଆହତଙ୍କ ଉନ୍ନତମାନର ଚିକିତ୍ସା କରାଯାଉଥିବାବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଏପରିକି ଆହତମାନେ ଖୁବଶୀଘ୍ର ସୁସ୍ଥ ହୋଇଯିବେ ବୋଲି ସିଓଓ କହିଥିଲେ। ହେଲେ ପରେ ହସ୍ପିଟାଲ ପକ୍ଷରୁ ଦିଆଯାଇଥିବା ମନ୍ତବ୍ୟକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ଶୁକ୍ରବାର ହସ୍ପିଟାଲ ସିଇଓ ସ୍ମିତା ପାଢ଼ୀ ଖବରଦାତା ସମ୍ମିଳନୀରେ କହିଛନ୍ତି, ଆହତମାନେ ବିସ୍ଫୋରଣରେ ଗୁରୁତର ହେବାରୁ ସେମାନଙ୍କୁ ଚିହ୍ନିବା କଷ୍ଟକର ହୋଇପଡ଼ିଥିଲା। ସେମାନେ ଭେଣ୍ଟିଲେଟରରେ ରହିଥିଲେ। ପରିବାରବର୍ଗ ମୃତଦେହ ଚିହ୍ନଟ କରିପାରିନାହାନ୍ତି। ଏହି ଘଟଣାରେ ହସ୍ପିଟାଲର କୌଣସି ଭୁଲ ନାହିଁ। ଆମ ପକ୍ଷରୁ ଯେଉଁ ସୂଚନା ଏବଂ ପଦକ୍ଷେପ ଗ୍ରହଣ କରାଯିବା କଥା ତାହା କରିଛୁ। ଅଧିକ ସ୍ପଷ୍ଟ ପାଇଁ ଡିଏନ୍‌ଏ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଆହତମାନେ ଜଗନ୍ନାଥ ରେଫ୍ରିଜେଶନ ତରଫରୁ କାମ କରୁଥିଲେ। ପାୟଲ ରେଫ୍ରିଜେଶନର ବରିଷ୍ଠ କର୍ମଚାରୀ ସଞ୍ଜୟ ସାହୁ (ବାଦଲ)ଙ୍କ ଆହତଙ୍କ ପରିଚୟ ତଥ୍ୟ ଦେଇ ହସ୍ପିଟାଲରେ ପଞ୍ଜୀକରଣ ଫର୍ମପୂରଣ କରିଥିଲେ ବୋଲି ସିଇଓ ପଣ୍ଡା କହିଛନ୍ତି। ହସ୍ପିଟାଲର ମାନସିକ ରୋଗ ବିଭାଗ ମୁଖ୍ୟ ଡାକ୍ତର ଅମ୍ରିତ ପାଟ୍ଟଯୋଶୀ କହିଛନ୍ତି, ଆହତଙ୍କୁ ତୃତୀୟ ପକ୍ଷ ପ୍ରଥମେ ଚିହ୍ନଟ କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ☞ପୃଷ୍ଠା-୮






# ଅପହୃତ ଜାହାଜକୁ ଉଦ୍ଧାର କଲା ନୌସେନା




**ନୂଆଦିଲ୍ଲୀ,୫।୧**

ସୋମାଲିଆ ଉପକୂଳରୁ ୧୫ ଭାରତୀୟଙ୍କ ସମେତ ୨୧ ନାବିକ ଥିବା ଲାଇବେରିଆର ଏକ ପଣ୍ୟବାହୀ ଜାହାଜକୁ ଗୁରୁବାର ସନ୍ଧ୍ୟାରେ ଅପହରଣ କରାଯାଇଥିଲା। ଭାରତୀୟ ନୌସେନା ସମସ୍ତ ନାବିକଙ୍କୁ ନିରାପଦରେ ସହ ଉଦ୍ଧାର କରିଛି। ନୌସେନା ସ୍ଥିତି ଅନୁଧ୍ୟାନ କରିବା ସହ କର୍ମଚାରୀମାନଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ନିମନ୍ତେ ସେଠାକୁ ଆଇଏନ୍‌ଏସ୍ ଚେନ୍ନାଇ ଯୁଦ୍ଧଜାହାଜ ପଠାଇଥିଲା। ଗୁରୁବାର ସନ୍ଧ୍ୟାରେ ମାଲ୍‌ବାହୀ ଜାହାଜ ଏମ୍‌ଭି ଲିଲା ନର୍‌ଫକ୍ ଅପହରଣ ସମ୍ପର୍କରେ ନୌସେନାକୁ ଖବର ମିଳିଥିଲା। ୫ରୁ ୬ ଜଣ ସଶସ୍ତ୍ର ବ୍ୟକ୍ତି ବୋଟ୍‌ରେ ଆସି ଜାହାଜକୁ ଅପହରଣ କରିନେଇଥିବା ନୌସେନାକୁ ବ୍ରିଟେନ୍‌ର ସାମୁଦ୍ରିକ ବାଣିଜ୍ୟ ଅପରେଶନ୍ସ (ୟୁକେଏମ୍‌ଟିଓ) ପୋର୍ଟାଲ ଜରିଆରେ ଜଣାଇ ଦିଆଯାଇଥିଲା। ନୌସେନା ବିମାନ ଉକ୍ତ ଜାହାଜ ଉପରେ ନଜର ରଖିବା ସହ ଏହାର କର୍ମଚାରୀମାନଙ୍କ ସହ ଯୋଗାଯୋଗ ସ୍ଥାପନ କରିଥିଲା। ନୌସେନା କମାଣ୍ଡୋମାନେ ଆରବ ସାଗରରେ ଥିବା ଲାଇବେରିଆ ଜାହାଜରେ ପ୍ରବେଶ କରି ୧୫ ଭାରତୀୟଙ୍କ ସମେତ ସମସ୍ତ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ତେବେ ସେତେବେଳେ ଜାହାଜରେ ଅପହରଣକାରୀ ନ ଥିଲେ ବୋଲି କମାଣ୍ଡୋମାନେ ଜଣାଇଛନ୍ତି।

# ଶିକ୍ଷାନୁଷ୍ଠାନ ବଦଳାଇପାରିବେ ଯୁକ୍ତ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ର

## ଆବେଦନ ଆରମ୍ଭ, ଗାଇଡ୍‌ଲାଇନ ଜାରି

**ଭୁବନେଶ୍ୱର, ୫।୧ (ଅସମାପିକା ସାହୁ)**

ଯୁକ୍ତ୨ ପ୍ରଥମ ବର୍ଷ ବା ଏକାଦଶ ଶ୍ରେଣୀ ଛାତ୍ରୀଛାତ୍ର ଚାହିଁଲେ ନିଜ ଶିକ୍ଷାନୁଷ୍ଠାନ ବଦଳାଇପାରିବେ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସୁଯୋଗ ଦେବା ସହ ଶୁକ୍ରବାରଠାରୁ ଆବେଦନ ଆରମ୍ଭ ହୋଇଛି। ଯେଉଁ ଛାତ୍ରୀଛାତ୍ର ଗୋଟିଏ ଉଚ୍ଚ ମାଧ୍ୟମିକ ସ୍କୁଲରୁ ଅନ୍ୟ ସ୍କୁଲକୁ ବଦଳି ଚାହୁଁଥିବେ ସେମାନେ ବିଭାଗର ୱେବସାଇଟ୍ www.samsodisha.gov.inରେ ଆବେଦନ କରିପାରିବେ। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇ ସମସ୍ତ ସରକାରୀ ଓ ବେସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଗାଇଡ୍‌ଲାଇନ୍ ଅନୁସାରେ, ଛାତ୍ରୀଛାତ୍ରମାନେ ଯେଉଁ ଶିକ୍ଷାନୁଷ୍ଠାନକୁ ବଦଳି ହେବାକୁ ଚାହୁଁଥିବେ ସେଠାରେ ସିଟ୍ ଖାଲି ଥିବା ଆବଶ୍ୟକ। ଅଭିଭାବକଙ୍କ ବଦଳି/ଅବସର/ମୃତ୍ୟୁ କିମ୍ବା ଛାତ୍ରୀଙ୍କ ବାହାଘର କିମ୍ବା କୌଣସି ଗୁରୁତର ସ୍ୱାସ୍ଥ୍ୟଜନିତ ରୋଗ ଥିଲେ ☞ପୃଷ୍ଠା-୮






# ରାଜ୍ୟରେ ୧୩ ଲକ୍ଷ ନୂଆ ଭୋଟର

## ପ୍ରକାଶ ପାଇଲା ଚୂଡ଼ାନ୍ତ ଭୋଟର ତାଲିକା

**ଭୁବନେଶ୍ୱର,୫।୧ (ଅନିଲ ଦାସ)**

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି। ପ୍ରକାଶିତ ତାଲିକା ଅନୁଯାୟୀ, ରାଜ୍ୟରେ ମୋଟ ଭୋଟରଙ୍କ ସଂଖ୍ୟା ୩ କୋଟି ୩୨ ଲକ୍ଷ ୩୬ ହଜାର ୩୬୦। ଏଥିରେ ପୁରୁଷ ଭୋଟରଙ୍କ ସଂଖ୍ୟା ୧ କୋଟି ୬୮ ଲକ୍ଷ ୫୦ ହଜାର ୯୪୯ଜଣ ଥିବାବେଳେ ମହିଳା ଭୋଟରଙ୍କ ସଂଖ୍ୟା ୧କୋଟି ୬୩ଲକ୍ଷ ୮୨ହଜାର ୩୧। ଯୁବ ଭୋଟର (୧୮-୧୯ବର୍ଷ)ଙ୍କ ସଂଖ୍ୟା ୭ଲକ୍ଷ ୫୪ ହଜାର ୯୪୬। ଏଥିସହିତ ରାଜ୍ୟରେ ମହିଳା ଓ ପୁରୁଷ ଭୋଟରଙ୍କ ମଧ୍ୟରେ ଲିଙ୍ଗଗତ ଅନୁପାତରେ ମଧ୍ୟ ଆଖିଦୃଶିଆ ବୃଦ୍ଧି ହୋଇଛି। ପ୍ରତି ୧ ହଜାର ପୁରୁଷ ଭୋଟରଙ୍କ ମଧ୍ୟରେ ୯୭୨ ଜଣ ମହିଳା ମତଦାତା ଅଛନ୍ତି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଚୂଡ଼ାନ୍ତ ଭୋଟର ତାଲିକାରେ ପ୍ରତି ୧ ହଜାର ପୁରୁଷରେ ୯୪୬ ମହିଳା ଥିଲେ। ୨୦୨୩ ଠିଠା ଭୋଟର ତାଲିକାରେ ଏହା ୯୬୩ ଥିଲା।

ଶୁକ୍ରବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଚୂଡ଼ାନ୍ତ ଭୋଟର ତାଲିକା-୨୦୨୪ ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇ କହିଛନ୍ତି, ରାଜ୍ୟରେ ୨୦୨୩ ଅକ୍ଟୋବର ୨୭ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇଥିଲା। ଏହି ଭୋଟର ତାଲିକାରେ ସଂଶୋଧନ ପାଇଁ ବ୍ୟାପକ କାର୍ଯ୍ୟକ୍ରମ କରାଯାଇଥିଲା। ସଂଶୋଧିତ ଭୋଟର ତାଲିକାରେ ସମୁଦାୟ ଭୋଟରଙ୍କ ସଂଖ୍ୟା ୩ କୋଟି ୨୬ ଲକ୍ଷ ୫୫ ହଜାର ୨୧୩ରୁ ବୃଦ୍ଧି ପାଇ ୩ କୋଟି ୩୨ଲକ୍ଷ ୩୬ହଜାର ୩୬୦ ହୋଇଛି। ସଂଶୋଧିତ ଭୋଟର ତାଲିକାରେ ପୁରୁଷ ଭୋଟରଙ୍କ ସଂଖ୍ୟାରେ ପ୍ରାୟ ୨.୨୦ ଲକ୍ଷ ବୃଦ୍ଧି ହୋଇଥିବା ବେଳେ ମହିଳା ଭୋଟରଙ୍କ ସଂଖ୍ୟାରେ ପ୍ରାୟ ୩.୬୨ ଲକ୍ଷ ବୃଦ୍ଧି ହୋଇଛି। ତେବେ କିନ୍ନର(ତୃତୀୟ ଲିଙ୍ଗ) ଭୋଟରଙ୍କ ସଂଖ୍ୟା ୩୪୦୬ରୁ ୩୩୮୦କୁ ହ୍ରାସପାଇଛି।

୨୦୨୩ ଚିଠା ଭୋଟର ତାଲିକାରେ ଯୁବ ଭୋଟରଙ୍କ ସଂଖ୍ୟା ୨ ଲକ୍ଷ ୮୪ହଜାର ୧୪୮ ଥିବାବେଳେ ଏବେ ଚୂଡ଼ାନ୍ତ ତାଲିକାରେ ଏହା ୭ ଲକ୍ଷ ୫୪ହଜାର ୯୪୬କୁ ବୃଦ୍ଧିପାଇଛି। ଭିନ୍ନକ୍ଷମ ଭୋଟରଙ୍କ ସଂଖ୍ୟା ମଧ୍ୟ ୪.୬୫ ଲକ୍ଷରୁ ୪.୫୭ ଲକ୍ଷକୁ ହ୍ରାସପାଇଛି। ବରିଷ୍ଠ ନାଗରିକଙ୍କ ସଂଖ୍ୟା ମଧ୍ୟ ୭.୮୭ ଲକ୍ଷରୁ ୬.୮୫ ଲକ୍ଷକୁ ହ୍ରାସପାଇଛି। ସେ କହିଛନ୍ତି ଯେ ଚଳିତ ଭୋଟର ତାଲିକା ସଂଶୋଧନ ବେଳେ ଯୁବ ଭୋଟର ଓ ମହିଳା ଭୋଟର ସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା ଓ ଏହା ସଫଳ ହୋଇଛି। ଚଳିତ ସଂଶୋଧନରେ ମୋଟ ୧୨ ଲକ୍ଷ ୯୭ହଜାର ୯୫୪ଜଣ ନୂଆ ଭୋଟର ଯୋଡ଼ି ହୋଇଛନ୍ତି ଓ ସେଥିରେ ୧୮-୧୯ ବର୍ଷର ୪ ଲକ୍ଷ ୭୬ ହଜାର ୯୬୯ଜଣ ଭୋଟରଙ୍କୁ ସାମିଲ କରାଯାଇଛି। ଅନ୍ୟପକ୍ଷରେ ଗ ଏହି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଥିଲେ ମଧ୍ୟ ଯେଉଁ ଯୋଗ୍ୟ ନାଗରିକ ଚାହିଁବେ ଭୋଟର ତାଲିକାରେ ନିଜର ନାମ ଯୋଡ଼ିପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁହିତା ଦି' କୁଳକୁ ହିତା**
**ଦୁହିତା ଦି' କୁଳକୁ ପିତା।**

ସାଧାରଣତଃ କନ୍ୟାଟି ବିଭା ହୋଇ ଶାଶୁଘରକୁ ଆସିବା ପରେ ପରିବାରର ସମସ୍ତ ସଦସ୍ୟଙ୍କ ମନ ନେଇ ଚଳିବାକୁ ହୋଇଥାଏ। ନିଜର ଗୁଣ ତଥା ଆଚାର ବ୍ୟବହାରରେ ଶାଳୀନତା ରକ୍ଷା କରିବା ସହ ସମସ୍ତଙ୍କୁ ଆପଣାର କରିବା ଉଚିତ ହୋଇଥାଏ। ଏପରି କରିବା ଫଳରେ ସେ ଉଭୟ ବାପଘର ଓ ଶାଶୁଘରେ ସୁନାମ ଅର୍ଜନ କରିଥାଏ ନଚେତ୍ ନିନ୍ଦା ଓ ଅପବାଦ ପାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଦଇବ ଦଉଡ଼ି ମଣିଷ ଗାଈ**
**ଯେଣିକି ଓଟାରି ତେଣିକି ଯାଇ।**

ମଣିଷ ସବୁବେଳେ ସମୟର ଅଧୀନ। ସମୟ ବା ପରିସ୍ଥିତି ତାକୁ ଯେଉଁଆଡ଼କୁ ନେଇଯାଏ ସେ ସେଇଆଡ଼କୁ ଯିବାକୁ ବାଧ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




# ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଅଭିଯୋଗ

ସଇଁତଳା, ୫।୧
(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଳା ଥାନା ତୁଷ୍ଟାପାଲି ଗାଁର ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପରିବାର ପକ୍ଷରୁ ଗୁରୁବାର ରାତିରେ ଏନେଇ ଥାନାରେ ଏତଲା ଦିଆଯାଇଛି। ଏହି ଘଟଣାରେ ତିନିଜଣ ଯୁବକ ସମ୍ପୃକ୍ତ ଥିବା ସେମାନେ ପୋଲିସକୁ ଜଣାଇଛନ୍ତି। ନାବାଳିକାଙ୍କ ପରିବାରବର୍ଗଙ୍କୁ ନ୍ୟାୟ ପାଇଁ ସଇଁତଳା ଥାନାରେ ବଜରଙ୍ଗ ଦଳ ସଦସ୍ୟମାନେ ମଧ୍ୟ ରୁଣ୍ଡ ହୋଇ ଦାବି ଜଣାଇଥିଲେ। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ତଦନ୍ତ କରାଯିବ ବୋଲି ସଇଁତଳା ଥାନା ପୋଲିସ ଓ ଟିଟିଲାଗଡ଼ ଏସ୍‌ଡିପିଓ ଅଙ୍କିତା କୁମ୍ଭାର ଜଣାଇଛନ୍ତି। ଗତ ୨ ତାରିଖରେ ସଇଁତଳା ଅଞ୍ଚଳର ଜଣେ ନାବାଳିକା ଶୌଚ ପାଇଁ ନିକଟସ୍ଥ ନଦୀ କୂଳକୁ ଯାଇଥିଲେ। ପରେ ଏକ ବୁଦା ପାଖରେ ଅଚେତ ଅବସ୍ଥାରେ ପଡ଼ିଥିବା ପରିବାର ଲୋକେ ଖବର ପାଇଥିଲେ। ପରିବାର ଲୋକେ ଝିଅକୁ ଉଦ୍ଧାର କରି ସଇଁତଳା ଡାକ୍ତରଖାନାକୁ ଆଣିଥିଲେ ହେଲେ ତାଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ନାବାଳିକାଙ୍କୁ ମୃତ ଘୋଷଣା କରିଥିଲେ। ଉଦ୍ଧାର ସମୟରେ ଝିଅ ମୁହଁରୁ ଫେଣ ବାହାରୁଥିବା ପରିବାର ଲୋକଙ୍କ ପକ୍ଷରୁ କୁହାଯାଇଛି। ବଲାଙ୍ଗୀର ଟାଉନ୍ ଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ତେବେ ପରିବାର ଲୋକେ ସଇଁତଳା ଥାନାରେ ପହଞ୍ଚି ତାଙ୍କ ଝିଅକୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଥିଲେ।

# ବଡ଼ଠାକୁରଙ୍କ ପରିକ୍ରମା ପ୍ରକଳ୍ପ, ବଡ଼ ମେଡିକାଲର ରୂପାନ୍ତରଣ ଥିଲା ମୁଖ୍ୟମନ୍ତ୍ରୀଙ୍କ ବଡ଼ ସ୍ୱପ୍ନ: ପାଣ୍ଡିଆନ

- ରେକର୍ଡ ମାର୍ଜିନରେ ଜିତିଲେ ସମ୍ମାନିତ କରିବେ ମୁଖ୍ୟମନ୍ତ୍ରୀ
- ଆଜିଠାରୁ ଆରମ୍ଭ ହେବ ବିଏସ୍‌କେୱାଇ- ନବୀନ କାର୍ଡ ପଞ୍ଜୀକରଣ

ଭୁବନେଶ୍ୱର/କଟକ,୫।୧
(ଅନିଲ ଦାସ/କାର୍ତ୍ତିକ ସାହୁ)

କଟକ ଜିଲାରେ ବିଜେଡିର ସ୍ଥିତି ମଜଭୁତ ରହିଛି। ଜିଲାର ସବୁ ନିର୍ବାଚନମଣ୍ଡଳୀରେ ବିଜେଡି ଜିତିକି ଆସିବ। ୨୦୧୪ ଓ ୨୦୧୯ ନିର୍ବାଚନରେ କେଉଁ ନିର୍ବାଚନମଣ୍ଡଳୀରେ କେତେ ମାର୍ଜିନରେ ଜିତିଛନ୍ତି ତାହା ଜଣାଅଛି। ଏବେ ୨୦୨୪ରେ ରେକର୍ଡ ମାର୍ଜିନରେ ଜିତି ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନ ଦେବାକୁ ହେବ। ଯେଉଁ ବୁଥ୍‌ରେ ପୂର୍ବ ମାର୍ଜିନରୁ ଅଧିକ ଭୋଟ୍ ଅର୍ଥାତ୍ ୫୦ ପ୍ରତିଶତରୁ ଅଧିକ ଭୋଟ କରିକି ଦେଖାଇବେ ସେମାନଙ୍କୁ ନବୀନ ନିବାସ ଡକାଯାଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ କରାଯିବ। ସେମାନଙ୍କ କାମ ମଧ୍ୟ ଜୋରଦାର ହେବ ବୋଲି ଦିନିକିଆ କଟକ ଗସ୍ତରେ ଯାଇଥିବାବେଳେ ଉପର ବାଲିଯାତ୍ରା ପଡ଼ିଆରେ ଆୟୋଜିତ ସଭାରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏହା କହିଛନ୍ତି।

ପାଣ୍ଡିଆନ କହିଛନ୍ତି, ବଡ଼ଠାକୁରଙ୍କ ପରିକ୍ରମା ପ୍ରକଳ୍ପ ଏବଂ ବଡ଼ ମେଡିକାଲର ରୂପାନ୍ତରଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ବଡ଼ ସ୍ୱପ୍ନ ଥିଲା। କଟକ ଏସ୍‌ସିବି ମେଡିକାଲର ରୂପାନ୍ତରଣ କରାଯାଇଛି। ମୁଖ୍ୟମନ୍ତ୍ରୀ ଚାହୁଁଥିଲେ, ଚିକିତ୍ସା ପାଇଁ କେହି ଓଡ଼ିଶା ବାହାରକୁ ନ ଯାଆନ୍ତୁ। ଏମ୍‌ସ ପ୍ଲସ୍ ଭଳି ଏସ୍‌ସିବିକୁ କରିବାକୁ ଚାହୁଁଥିଲେ। ଏବେ ଏହାକୁ ଭାରତରେ ୫ନମ୍ବର ବଡ଼ ହସ୍ପିଟାଲ କରିଛନ୍ତି। ଆସନ୍ତା ଶହେ ବର୍ଷ ପାଇଁ ଯୋଜନା କରି ମୁଖ୍ୟମନ୍ତ୍ରୀ ଏପରି ରୂପାନ୍ତରଣ କରିଛନ୍ତି।

କଟକର ମେରୁଦଣ୍ଡ ତାଳଦଣ୍ଡା କେନାଲକୁ ନୂଆ ରୂପ ଦିଆଯିବା ସୂଚନା ଦେଇ ପାଣ୍ଡିଆନ କହିଛନ୍ତି ଯେ ଥରେ କେନ୍ଦ୍ରାପଡ଼ାରୁ ହେଲିକପ୍ଟରରେ ଆସିଲା ବେଳେ ମୁଖ୍ୟମନ୍ତ୍ରୀ ତାଳଦଣ୍ଡା କେନାଲ କଥା କହିଥିଲେ। ତାଳଦଣ୍ଡା କେନାଲର ଐତିହ୍ୟ ଓ କେମିତି ବ୍ରିଟିଶ ଅମଳରେ ଜାହାଜ ଚଳପ୍ରଚଳ କରୁଥିଲା ସେ ସମ୍ପର୍କରେ ବଖାଣିଥିଲେ। ତେବେ ତାଳଦଣ୍ଡା କେନାଲ ସଙ୍କୁଚିତ ଓ ଦୂଷିତ ହୋଇ ରହିଥିବା ଯୋଗୁ ତାଙ୍କ ମନ ଭିତରେ କେଉଁଠି ନା କେଉଁଠି ଦୁଃଖଥିବା ଜଣାପଡୁଥିଲା। ତାଳଦଣ୍ଡା କେନାଲ ସଫା ହୋଇପାରିଲେ ସେ ବହୁତ ଖୁସିହେବେ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆଖିରେ ନିଜ ଜନ୍ମମାଟି କଟକ ପ୍ରତି ପ୍ରଚଣ୍ଡ ଭଲପାଇବା ସ୍ପଷ୍ଟ ବାରି ହୋଇପଡୁଥିଲା। ଏଠାରେ ପହଞ୍ଚିବା ପରେ ତାଳଦଣ୍ଡା କେନାଲ ସଫା କରିବାକୁ ସ୍ଥାନୀୟ ନେତୃବୃନ୍ଦ ଓ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ମାତ୍ର ଗୋଟିଏ ବର୍ଷ ଭିତରେ ତାଳଦଣ୍ଡା କେନାଲ ଏବେ ପ୍ୟାରିସ୍, ଭେନିସ ଭଳି ଲାଗୁଛି। ସେଠାରେ ରାତିରେ ବୋଟିଂ ଚାଲିଛି ବୋଲି କହିଥିଲେ କାର୍ତ୍ତିକ ପାଣ୍ଡିଆନ।



କଟକ ବାଲିଯାତ୍ରା ଉପରପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉଦ୍‌ବୋଧନ ଦେଉଛନ୍ତି।

ବାଦାମବାଡ଼ି ବସ୍‌ଷ୍ଟାଣ୍ଡକୁ ନେତାଜୀ ବସ୍ ଟର୍ମିନାଲ କରାଯାଇଛି। କଟକ ଚଣ୍ଡୀମନ୍ଦିରର ରୂପାନ୍ତରଣ ଚାଲିଛି। ସାରା ରାଜ୍ୟରେ କଟକରେ ହିଁ ସବୁଠୁ ବେଶି ରୂପାନ୍ତରଣ କରାଯାଇଛି। ପ୍ରତି ପଞ୍ଚାୟତକୁ ଲକ୍ଷ୍ମୀ ଯୋଜନାରେ ସରକାରୀ ବସ୍ ଗଡ଼ିବ ଏବଂ ୬ଟି ଜିଲାରେ ଲକ୍ଷ୍ମୀବସ୍ ଗଡ଼ିଲାଣି। କଟକରେ ଫେବୃଆରୀ ଶେଷ ସୁଦ୍ଧା ଯୋଜନାର ଶୁଭାରମ୍ଭ କରାଯିବ। ମହିଳା ଓ ଛାତ୍ରୀଛାତ୍ରମାନେ ମାତ୍ର ୫ଟଙ୍କାରେ ଲକ୍ଷ୍ମୀବସ୍‌ରେ ଯାତାୟାତ କରିପାରିବେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏ ନେଇ ସଚେତନତା ସୃଷ୍ଟି କରିବା ଲାଗି ପାଣ୍ଡିଆନ ନିଜ ଦଳର ଛାତ୍ର ଓ ଯୁବ ସଂଗଠନକୁ ଆହ୍ୱାନ ଦେଇଛନ୍ତି। ଆମ ବ୍ୟାଙ୍କ ଯୋଜନାରେ କଟକ ଜିଲାର ସବୁ ପଞ୍ଚାୟତରେ ବ୍ୟାଙ୍କିଂ ସୁବିଧା ମିଳିବ। ୫-ଟିରେ ସମସ୍ତ ସ୍କୁଲ ଓ କଲେଜର ରୂପାନ୍ତରଣ କରାଯାଉଛି ବୋଲି ସେ କହିଛନ୍ତି।

ଜିଲାରେ ବହୁ ବିକାଶମୂଳକ କାର୍ଯ୍ୟ ଚାଲିଛି। ଆନ୍ତରିକତାର ସହ ସେ ସବୁର ଠିକ୍ ତଦାରଖ କଲେ ୧୦ ବର୍ଷ ଭିତରେ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନ ହେବ ବୋଲି ପାଣ୍ଡିଆନ କହିଛନ୍ତି।

ଗ୍ରାମାଞ୍ଚଳ ପରେ ସହରାଞ୍ଚଳ ଲୋକେ ଓ ସରକାରୀ କର୍ମଚାରୀ ପର୍ଯ୍ୟାୟକ୍ରମେ ବିଏସ୍‌କେୱାଇ-ନବୀନ କାର୍ଡ ପାଇବେ। କଟକ ବାଲିଯାତ୍ରା ଉପର ପଡ଼ିଆରେ ସେ ଏହି ସୂଚନା ଦେଇଛନ୍ତି। ଏବେ ଗ୍ରାମାଞ୍ଚଳରେ ସମସ୍ତଙ୍କୁ ବିଏସ୍‌କେୱାଇ-ନବୀନ କାର୍ଡ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଶନିବାରଠାରୁ ଏଥିପାଇଁ ଅନ୍‌ଲାଇନରେ ପଞ୍ଜୀକରଣ କରାଯିବ। ଏହି ପଞ୍ଜୀକରଣ ଚଳିତ ମାସ ୧୬ ତାରିଖ ଯାଏ ଚାଲିବ। ପ୍ରତି ପଞ୍ଚାୟତରେ ବାକି ରହିଥିବା ଲୋକଙ୍କୁ ଏହି ଯୋଜନାରେ ସାମିଲ କରିବାକୁ ୫-ଟି ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

କଟକ ବାଲିଯାତ୍ରା ତଳ ପଡ଼ିଆରେ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗ ଦେଇ ୫-ଟି ଅଧ୍ୟକ୍ଷ ଗୁରୁମନ୍ତ୍ର ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ବୋଲି ସେ କହିଛନ୍ତି।

ଛାତ୍ରୀଛାତ୍ରମାନେ ଏବେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଅଛନ୍ତି। ସଫଳତା ପାଇବାକୁ ହେଲେ ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢ଼ିବାର ଅଛି। ହେଲେ କେବଳ ଭଲ ପାଠ ପଢ଼ିଲେ ସଫଳତା ପାଇବେନି, ସଫଳତା ପାଇବାକୁ ହେଲେ ସମସ୍ତ କ୍ଷେତ୍ରରେ ସଫଳତା ହାସଲ କରିବାକୁ ପଡ଼ିବ। ନିଜ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ବାହାରକୁ ଆଣିବାକୁ ପଡ଼ିବ। ସେଥିଲାଗି ଏ ନୂଆ-ଓ କାର୍ଯ୍ୟକ୍ରମ ବୋଲି ପାଣ୍ଡିଆନ କହିଛନ୍ତି।

ଶାରୀରିକ ବ୍ୟାୟାମ ସହ ମାନସିକ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ମଧ୍ୟ ଆବଶ୍ୟକ। ମାନସିକ ସ୍ୱାସ୍ଥ୍ୟ ପାଇଁ ଦିନକୁ ୧୫ ମିନିଟ ଧ୍ୟାନ କରନ୍ତୁ। ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ କଠିନ ପରିଶ୍ରମ ଆବଶ୍ୟକ। ଦିନରାତି ଯିଏ ଏକା କରି ଖଟିବ ସିଏ ଉପରକୁ ଯିବ। ସିଏ ସଫଳତା ହାସଲ କରିବ। ସଫଳତାର କାରଣ କଠିନ ପରିଶ୍ରମ, ଏହାର କୌଣସି ବିକଳ୍ପ ନାହିଁ ବୋଲି ପାଣ୍ଡିଆନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କଟକ ଜିଲାର ୧୪୦ଟି କଲେଜରୁ ୧୮ହଜାରରୁ ଅଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଆଜି ଓଡ଼ିଶା ଆସୁଛନ୍ତି କଂଗ୍ରେସର ନବନିଯୁକ୍ତ ପ୍ରଭାରୀ

ଭୁବନେଶ୍ୱର, ୫।୧(ସୁନିତ୍ ମିଶ୍ର)

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଓଡ଼ିଶା ନିମନ୍ତେ ନବନିଯୁକ୍ତ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଶୁକ୍ରବାର ରାଜ୍ୟ ଗସ୍ତରେ ଆସିବେ। ତାଙ୍କର ୩ ଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି। ସେ ଭୁବନେଶ୍ୱର ବିମାନବନ୍ଦରଠାରେ ପୂର୍ବାହ୍ନ ୧୧ଟାରେ ପହଞ୍ଚିବା ପରେ ତାଙ୍କୁ ସେଠାରୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ କଂଗ୍ରେସ ଭବନ ପର୍ଯ୍ୟନ୍ତ ଅଣାଯିବ। କଂଗ୍ରେସ ଭବନଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ପରେ ମଧ୍ୟାହ୍ନ ୧୨ଟା ୩୦ ମିନିଟ୍‌ରେ ପିସିସି କାର୍ଯ୍ୟାଳୟଠାରେ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ଅପରାହ୍ନ ୪ଟା ସମୟରେ ପିସିସି ପଲିଟିକାଲ ଆଫେୟାର୍ସ କମିଟି ବୈଠକ ଓ ସନ୍ଧ୍ୟା ୬ଟା ସମୟରେ ୨୦୧୭ ଓ ୨୦୨୨ ନିର୍ବାଚନର ନିର୍ବାଚିତ ଜିଲା ପରିଷଦ ସଭ୍ୟ ଓ ଏନ୍‌ଏସି / ମ୍ୟୁନିସିପାଲିଟି / ମହାନଗର ନିଗମର ନିର୍ବାଚିତ କାଉନ୍‌ସିଲର / କର୍ପୋରେଟରଙ୍କ ବୈଠକରେ ଅଜୟ କୁମାର ଯୋଗଦେବେ। ସେହିପରି ୭ ତାରିଖରେ ସେ ଏକାଧିକ ବୈଠକ କରିବାକୁ ଥିବାବେଳେ ଏକ ମିଶ୍ରଣ ପର୍ବ ହେବ ବୋଲି ଜଣାପଡ଼ିଛି। ଆସନ୍ତା ୮ ତାରିଖରେ ସେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।

# ଦେଶ , ରାଜ୍ୟ ସଙ୍କଟମୟ ପରିସ୍ଥିତିରେ ଗତି କରୁଛି:କଂଗ୍ରେସ

**ଭୁବନେଶ୍ୱର, ୫।୧(ସୁନିତ୍ ମିଶ୍ର):** ଓଡ଼ିଶା ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ରାଜ୍ୟ ଅଣସଙ୍ଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ (କେକେସି)ର କାର୍ଯ୍ୟକାରୀ କମିଟି ବୈଠକ ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଯୋଗଦେଇ ଦେଶ ଓ ରାଜ୍ୟ ଏକ ସଙ୍କଟମୟ ପରିସ୍ଥିତିରେ ଗତି କରୁଥିବା କହିଛନ୍ତି। ସେ ଆହୁରି କହିଛନ୍ତି, ଅଖିଳ ଭାରତ କଂଗ୍ରେସ କମିଟି ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କ ପଦଯାତ୍ରା ସାଧାରଣ ଶ୍ରମିକ, କର୍ମଚାରୀ, ବେକାର ଯୁବତୀଯୁବକମାନଙ୍କ ପାଇଁ ଏକ ଆହ୍ୱାନ ହେବ। ନୂତନ ଭାବେ ୫୦ରୁ ଊର୍ଦ୍ଧ୍ୱ ମହିଳା, ଯୁବକ କଂଗ୍ରେସରେ ଯୋଗଦେଇଥିବାରୁ ସେମାନଙ୍କୁ ପିସିସି ସଭାପତି ସମ୍ବର୍ଦ୍ଧନା ଜଣାଇଛନ୍ତି। ବିଶେଷକରି ମୟୂରଭଞ୍ଜ ଜିଲାରୁ ୧୫ ଜଣ ଓ ଭଦ୍ରକ, ଯାଜପୁରରୁ କଂଗ୍ରେସରେ ଯୋଗଦେଇଥିବା କର୍ମୀମାନଙ୍କୁ କେକେସିରେ କାର୍ଯ୍ୟକରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ମୃଦୁଳା ଗର୍ଗ ପାଇବେ 'ନୀଳିମାରାଣୀ ସାହିତ୍ୟ ସମ୍ମାନ'

ଭୁବନେଶ୍ୱର,୫।୧(ଶର୍ମିଷ୍ଠା ପାଣିଗ୍ରାହୀ)

**୭ରେ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଓ 'କାଦମ୍ବିନୀ ପତ୍ରିକା ହାଟ'**

କାଦମ୍ବିନୀ ସାହିତ୍ୟ ଏକାଡେମୀ ପକ୍ଷରୁ ବାର୍ଷିକ ସାହିତ୍ୟ ମହାକୁମ୍ଭ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଓ 'କାଦମ୍ବିନୀ ପତ୍ରିକା ହାଟ' ଆସନ୍ତା ୭ ତାରିଖରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ବିଶିଷ୍ଟ ଲେଖିକା ମୃଦୁଳା ଗର୍ଗଙ୍କୁ 'ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୨୪' ପ୍ରଦାନ କରାଯିବ। ସେହିଭଳି ବିଶିଷ୍ଟ କଥାକାର ତଥା ବରିଷ୍ଠ ପ୍ରଶାସକ ବିଜୟ ନାୟକଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ମାନ', 'ସୁଲେଖା'ର ସମ୍ପାଦକ ସଦାଶିବ ମିଶ୍ର ଏବଂ 'ଗୋଧୂଳି'ର ସମ୍ପାଦିକା ବିମଳା ସିଂହଙ୍କୁ 'କାଦମ୍ବିନୀ ସମ୍ପାଦକ ସମ୍ମାନ' ପ୍ରଦାନ କରାଯିବ। ଏଥିସହ ବରିଷ୍ଠ ସାହିତ୍ୟିକ ବୈଷ୍ଣବ ଚରଣ ସାମଲ, ରାଧାବିନୋଦ ନାୟକ, ତୁଳସୀ ଓଝା, ସୁକାମିନୀ ନନ୍ଦ ଓ ନାରାୟଣ ସାହୁଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା-୨୦୨୪'ରେ ସମ୍ବର୍ଦ୍ଧିତ କରାଯିବ। ବିଶିଷ୍ଟ କଥାକାର ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିବେ। ଉଦ୍‌ଘାଟନୀ ଅଧିବେଶନରେ ବିଶିଷ୍ଟ ଭାରତୀୟ ଲେଖିକା ଅନୀତା ଅଗ୍ନିହୋତ୍ରୀ, ବିଶିଷ୍ଟ ଭାରତୀୟ କବି ଓ ସମ୍ପାଦକ ସୁବୋଧ ସରକାର, ବିଶିଷ୍ଟ ହିନ୍ଦୀ ଚଳଚ୍ଚିତ୍ର ପ୍ରଯୋଜକ ଓ ନିର୍ଦ୍ଦେଶକ ସନ୍ଦୀପ ସିଂହ ଏବଂ ଲୋକପ୍ରିୟ ଅଭିନେତା ଅଭୟ ବର୍ମା ପ୍ରମୁଖ ଅତିଥି ଭାବରେ ଯୋଗଦେବେ। ଏହି ଅବସରରେ ପ୍ରଜ୍ଞା ପାରମିତା ରଥ, ମିଥୋଗ ରଞ୍ଜନ ପାତ୍ର, ବେଦପ୍ରକାଶ ନାୟକ, ନିଖିଳେଶ ମିଶ୍ର, ଅବକାଶ ପ୍ରଧାନ, ସଂଘମିତ୍ରା ଭୂତିଆ ଓ ଆଶିଷ କୁମାର ମିଶ୍ରଙ୍କୁ 'କାଦମ୍ବିନୀ ନବଉନ୍ମେଷ ପୁରସ୍କାର' ପ୍ରଦାନ କରାଯିବ। ସେହିଭଳି ଶିଶୁ ସାହିତ୍ୟ ସମ୍ମିଳନୀ ଓ କୁନାକୁନି ମେଳାରେ ବିଶିଷ୍ଟ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ବିନୋଦ ଗନତ୍ରା ଏବଂ ବାବା ରାମନାରାୟଣ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଯୁଗଳ କିଶୋର ଷଡ଼ଙ୍ଗୀ, ଜ୍ୟୋତିର୍ମୟୀ ମହାନ୍ତି, ମାନସ ରଞ୍ଜନ ସାମଲ ଓ ଶରତ କୁମାର ନାୟକଙ୍କୁ 'କୁନିକଥା ପ୍ରିୟଲେଖକ ସମ୍ମାନ' ଓ 'କୁନିକଥା କୁନିପ୍ରତିଭା ପୁରସ୍କାର' ପ୍ରଦାନ କରାଯିବ। 'କାଦମ୍ବିନୀ'ର ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ ଓ ସମ୍ପାଦିକା ଡ.ଇତି ସାମନ୍ତ ଏ ନେଇ ସୂଚନା ଦେଇଛନ୍ତି।




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ର ଯୋଗୁ ଯୁଆଡେ ଯାଆନ୍ତୁ ଖାଲିହାତରେ ଫେରିବେ ନାହିଁ। ଗୁରୁଙ୍କ ଦୃଷ୍ଟିରୁ କାର୍ଯ୍ୟସିଦ୍ଧି, ସନ୍ତାନଙ୍କ ଉନ୍ନତି ଏବଂ ଫଳପ୍ରଦ ଆଲୋଚନା ମଧ୍ୟ କରିପାରନ୍ତି। କୌଣସି କାମ ସକାଶେ ସକାଳୁ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଲାଭ କରିବେ। କିନ୍ତୁ ଅସାବଧାନତାବଶତଃ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ।

**ବୃଷ**
ଚନ୍ଦ୍ରଙ୍କ କୋଣସ୍ଥାନରେ ଶନି ଥିବାରୁ ସନ୍ତାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ବ୍ୟବହାର କିମ୍ବା ଚାଲିଚଳଣରେ ବ୍ୟତିକ୍ରମ ଚିନ୍ତାଜନକ ହୋଇପାରେ। ବନ୍ଧୁ ଆବଶ୍ୟକତା ସମୟରେ ଦୂରେଇ ରହିବେ। ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି। ପରିବାରର ବ୍ୟୟବହୁଳତା ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମିଥୁନ**
ଧନାଧିପ ଚନ୍ଦ୍ର ସପ୍ତମାଧିପତିଙ୍କ ଦୃଷ୍ଟି ପ୍ରଭାବରେ ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ସହ ଅର୍ଥଲାଭ ନିଶ୍ଚିତ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବେ। ଅସାବଧାନତା କିମ୍ବା ଅନ୍ୟମନସ୍କତା ପରିହାର କରି ଯାନବାହନରେ ସତର୍କତା ବିଧେୟ।

**କର୍କଟ**
ଆଜି କଲ୍ୟାଣ ଚନ୍ଦ୍ର ହେତୁ ଲୋକସମ୍ପର୍କ ବୃଦ୍ଧି, କାର୍ଯ୍ୟ ସିଦ୍ଧି ଓ ମାନସିକ ଶାନ୍ତି ଅନୁଭବ କରିବେ। ପଡ଼ୋଶୀଙ୍କ ସହ ସମ୍ପର୍କରେ ଶିଥିଳତା ପରିଲକ୍ଷିତ ହେବାରୁ ବିରସମନା ରହିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବା ଯୋଗୁ ନୈରାଶ୍ୟତା ଦୂରହେବ।

**ସିଂହ**
ତୃତୀୟଚନ୍ଦ୍ର ଓ ବୃହସ୍ପତିଙ୍କ ପ୍ରଭାବରୁ ମନ ବୁଝିଲାଭଳି କଥା କହି ଭାଙ୍ଗି ପଡ଼ିଥିବା ସମ୍ପର୍କକୁ ଯୋଡ଼ି ପାରିବେ। କିନ୍ତୁ ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଘଟିପାରେ। ସାହିତ୍ୟ, ସାମ୍ବାଦିକତା, ଚଳଚ୍ଚିତ୍ର ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ।

**କନ୍ୟା**
ବୃହସ୍ପତିଙ୍କ ବ୍ୟତୀତ ରାହୁ ଓ କେତୁଙ୍କ ମଧ୍ୟସ୍ଥ ସମସ୍ତ ଗ୍ରହଙ୍କ କୁପ୍ରଭାବରୁ କାର୍ଯ୍ୟ ଶୃଙ୍ଖଳିତ ହେବନାହିଁ, ଫଳରେ ମନ ବିଚଳିତ ହେବ। କଠୋର କଥା କହି ବନ୍ଧୁଙ୍କ ରୋଷର ଶିକାର ହୋଇପାରନ୍ତି। ଘରର ବରାଦାନୁଯାୟୀ ଜିନିଷ କ୍ରୟ କରି ଖର୍ଚ୍ଚାନ୍ତ ହେବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ।

**ତୁଳା**
ଅନୁକୂଳଗ୍ରହସ୍ଥିତି ହେତୁ ଅଭିଳାଷ ପୂରଣ ହେବ ଏବଂ ମାନସିକ ଅସ୍ଥିରତା ଦୂର ହୋଇଯିବ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ସହକର୍ମୀଙ୍କ ସହ ପାଇବାକୁ ଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବା ସାଙ୍ଗକୁ ଦୁଶ୍ଚିନ୍ତା ବୃଦ୍ଧିପାଇବ।

**ବିଛା**
ଆଜି ମନ ଚାହୁଁଥିଲେ ମଧ୍ୟ ନିରୁତ୍ସାହିତଜନିତ କାମଟି ପୂର୍ଣ୍ଣାଙ୍ଗ ହୋଇପାରିବ ନାହିଁ। ସାମାଜିକ ସ୍ତରରେ ସମ୍ପର୍କୀୟଙ୍କ ସହ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ପରିବାରରେ ସନ୍ଦେହଜନିତ କେତେକ ବିଶୃଙ୍ଖଳା ଦେଖାଯିବ। ବ୍ୟବସାୟରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ।

**ଧନୁ**
ଗ୍ରହମାନଙ୍କ ଅନୁକୂଳ ଅବସ୍ଥିତିରୁ ସୁଯୋଗର ସଦ୍‌ବ୍ୟବହାର କରିପାରିବେ। ମୂଳା ନକ୍ଷତ୍ର ସକାଶେ ନିକଟସ୍ଥ ବନ୍ଧୁଙ୍କ ଅନାଦର ଭାବ ଯୋଗୁ ମନ ଦୁଃଖ ରହିବ। ଆର୍ଥିକ ପରିସ୍ଥିତି, ବ୍ୟବସାୟିକ ସ୍ଥିତି ଏବଂ ପାରିବାରିକ ସମ୍ପର୍କରେ ମଉଳି ଯାଇଥିବା ଆଶା କଅଁଳି ଉଠିବ। ହାତ କିମ୍ବା ଗୋଡ଼ରେ ଆଘାତ ଲାଗିପାରେ।

**ମକର**
କେନ୍ଦ୍ରସ୍ଥ ଗୁରୁ ଓ ଚନ୍ଦ୍ରଙ୍କ ଲାଗି ଅସଜଡ଼ା ପରିସ୍ଥିତିକୁ ଉପସ୍ଥିତ ବୁଦ୍ଧି ଯୋଗୁ ସଜାଡ଼ିନେବେ। ଶ୍ରବଣା ନକ୍ଷତ୍ର ଜାତ ବ୍ୟକ୍ତିମାନେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିଚାଲିବେ। ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇପାରନ୍ତି।

**କୁମ୍ଭ**
ଭାଗ୍ୟସ୍ଥାନରେ ଚନ୍ଦ୍ରଙ୍କ ସ୍ଥିତି କାମକୁ ବିବାଦୀୟ କରିବା ସହ ଅସମ୍ପୂର୍ଣ୍ଣ ରଖିଦେଇପାରେ। ବନ୍ଧୁମାନଙ୍କ ପରାମର୍ଶକ୍ରମେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କିନ୍ତୁ ସାମୟିକ ଆର୍ଥକ ଅନଟନ ଋଣ ପରିଶୋଧକୁ ବିଳମ୍ବିତ କରିପାରେ। ପରୋକ୍ଷ ଶତ୍ରୁତା, କାର୍ଯ୍ୟହାନି, ବନ୍ଧୁରେ କଳହ ମାନସିକ ଦୁଶ୍ଚିନ୍ତାର କାରଣ ହେବ।

**ମୀନ**
ଚନ୍ଦ୍ର ଏବଂ ରାହୁ ଷଡ଼ାଷ୍ଟକ ସ୍ଥିତିରେ ରହିଥିବାରୁ ମନରେ ଏବଂ ଶରୀରରେ ଅସୁସ୍ଥତା ଅନୁଭବ କରିପାରନ୍ତି। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଅବଶ୍ୟ ସ୍ଥଗିତ କାମକୁ ପୂରା କରିବେ ଓ ବ୍ୟବସାୟିକ ଦିଗଟି ସନ୍ତୋଷଜନକ ରହିବ। ପରକଥାରେ ପଡ଼ି ଭୁଲ୍ ମାର୍ଗ ଅନୁସରଣ କରିପାରନ୍ତି।

ଆଜି ଜାନୁଆରୀ ୬ ତାରିଖ, ପୌଷ କୃଷ୍ଣ ଦଶମୀ, ଶନିବାର, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୫୩ ଗତେ ଘ.୦୯।୦୯ ମଧ୍ୟେ, ଘ.୧୨।୧୩ ଗତେ ଘ.୦୧।୧୩ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୯।୦୯ ମି. ଗତେ ଘ.୧୦।୩୦ ମି. ମଧ୍ୟେ ରାହୁକାଳ ।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶନିବାର, ଜାନୁଆରୀ ୬/୨୦୨୪ | Bhubaneswar, Saturday, January 6/2024 | ପୃଷ୍ଠା-୧







# ୩୦ ନା ୩୧ ବାସ୍ତବତା କ'ଣ

**ପ୍ରାୟ ୨୩ ବର୍ଷ ପୂର୍ବରୁ ଶିଳାନ୍ୟାସ ହୋଇଥିବା ବଲାଙ୍ଗୀର ଜିଲାର ବହୁପ୍ରତୀକ୍ଷିତ ଲୋୟର ସୁକ୍‌ତେଲ ବୃହତ୍ ଜଳସେଚନ ପ୍ରକଳ୍ପ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଦୀର୍ଘବର୍ଷ ଭିତରେ ପ୍ରାୟତଃ ସବୁବେଳେ ସରକାରୀ ସ୍ତରରୁ କୁହାଯାଉଥିଲା ଯେ, ଲୋୟର ସୁକ୍‌ତେଲ ଡ୍ୟାମ୍‌ର ଉଚ୍ଚତା ୩୦ ମିଟର ହେବ। ମାତ୍ର ବୁଧବାର ପ୍ରକଳ୍ପ ଉଦ୍‌ଘାଟନ ବେଳେ କୁହାଯାଇଛି ଯେ, ଡ୍ୟାମ୍ ଉଚ୍ଚତା ୩୧ ମିଟର। ୩୦ ମିଟର ଡ୍ୟାମ୍ ଉଚ୍ଚତାରେ ଜିଲାର ପ୍ରଭାବିତ ୨୯ଟି ଗାଁରୁ ୧୫ଟି ସମ୍ପୂର୍ଣ୍ଣ, ୧୪ଟି ଆଂଶିକ ଭାବେ ବୁଡିବ ଏବଂ ଏଥିଯୋଗୁ ୫୮୩ ହେକ୍ଟର ଜଙ୍ଗଲ ଜମି, ୩୯୩୭.୮ ହେକ୍ଟର ରୟତି ଏବଂ ୭୮୬ ଏକର ସରକାରୀ ଜମି ପ୍ରଭାବିତ ହେବ ବୋଲି କୁହାଯାଉଥିଲା। ଏବେ ଡ୍ୟାମ୍ ଉଚ୍ଚତା ୩୧ ମିଟର କୁହାଯାଇଥିବାରୁ ଏହାର ପ୍ରଭାବ କ'ଣ ରହିବ।**



ବଲାଙ୍ଗୀର ଜିଲା ମାଗୁରବେଡାସ୍ଥିତ ଲୋୟର ସୁକ୍‌ତେଲ ବୃହତ୍ ଜଳସେଚନ ପ୍ରକଳ୍ପ।

**ବଲାଙ୍ଗୀର, ୫।୧**
**(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହରଠାରୁ ପ୍ରାୟ ୨୦ କିଲୋମିଟର ଦୂର ମାଗୁରବେଡାଠାରେ ଗତ ବୁଧବାର ଲୋୟର ସୁକ୍‌ତେଲ ବୃହତ୍ ଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ଉଦ୍‌ଘାଟନ କରି ବଲାଙ୍ଗୀର ଜିଲା ବିକାଶରେ ଏହା ନୂଆ ଯୁଗ ଆଣିବ ବୋଲି କହିଥିଲେ। ପ୍ରକଳ୍ପ ଉଦ୍‌ଘାଟନୀ ସଭାରେ ଉନ୍ନୟନ କମିଶନର ଅନୁ ଗର୍ଗ କହିଥିଲେ ଯେ, ଲୋୟର ସୁକ୍‌ତେଲ ପ୍ରକଳ୍ପ ହେଉଛି ଆୟତନ ଆକାରରେ ରାଜ୍ୟର ନବମ ବୃହତ୍ ବନ୍ଧ। ଏହାର ଉଚ୍ଚତା ୩୧ ମିଟର। ଏହି ସଭାରେ ଆହୁରି ସୂଚନା ଦିଆଯାଇଥିଲା ଯେ, ଏହି ପ୍ରକଳ୍ପର ଲମ୍ବ ୧୪୧୦ ମିଟର। ଏଥିରେ ୨୫୫ ମିଟର ଲମ୍ବ ସ୍ପିଲୱେ ଏବଂ ୧୨ଟି ଜଳ ନିର୍ଗମନ ଗେଟ୍ ରହିଛି। ୨୭୨୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ସୁକ୍‌ତେଲ ପ୍ରକଳ୍ପରୁ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ୧ ଲକ୍ଷ ଏକର ଜମି ଜଳସେଚିତ ହେବ ଏବଂ ୮୦ ହଜାର ଚାଷୀ ଉପକୃତ ହେବେ। ଏହି ପ୍ରକଳ୍ପରୁ ଜିଲାର ବଲାଙ୍ଗୀର ଓ ପାଟଣାଗଡ଼ ସହରାଞ୍ଚଳର ୭୦ ହଜାର ଲୋକଙ୍କୁ ପାନୀୟ ଜଳ ମଧ୍ୟ ଯୋଗାଇ ଦିଆଯିବ। ☞ପୃଷ୍ଠା-୮

# ରକ୍ତ ବିକ୍ରି ମନା

## ଗାଇଡ୍‌ଲାଇନ୍ ଜାରି କଲା ଡିସିଜିଆଇ

**ଭୁବନେଶ୍ୱର, ୫।୧**
**(ଅସମାପିକା ସାହୁ)**

ଏବେ ରକ୍ତ ଆଉ ବିକ୍ରି ହୋଇପାରିବ ନାହିଁ। କେବଳ ରକ୍ତ ଯୋଗାଇବା ପାଇଁ ଖର୍ଚ୍ଚ ହେଉଥିବା ଟଙ୍କା ଆଦାୟ କରାଯିବ। ଏନେଇ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ(ଡିସିଜିଆଇ) ଗାଇଡ୍‌ଲାଇନ୍ ଜାରି କରିବା ସହ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଚିଠି ଲେଖିଛନ୍ତି। ଏପରିକି ରକ୍ତ ସଂଗ୍ରହ କେନ୍ଦ୍ରରେ ଆଦାୟ ହେଉଥିବା ଅନ୍ୟାନ୍ୟ ଦେୟକୁ ମଧ୍ୟ ପ୍ରତ୍ୟାହାର କରାଯାଇଛି।




ସୂଚନାଯୋଗ୍ୟ, ଜଣେ ବ୍ୟକ୍ତି ରକ୍ତ ଦାନ କଲେ, ତାହା ସିଧାସଳଖ ଅନ୍ୟ ବ୍ୟକ୍ତିଙ୍କୁ ଦିଆଯାଇ ନ ଥାଏ। ସଂଗୃହୀତ ରକ୍ତରୁ ବିଭିନ୍ନ ଉପାଦାନ ରେଡ୍ ବ୍ଲଡ୍ ସେଲ୍, ପ୍ଲେଟ୍‌ଲେଟ୍ ଓ ପ୍ଲାଜ୍‌ମା ପୃଥକୀକରଣ କରାଯାଇଥାଏ। ଏଥିପାଇଁ ଯେତିକି ଟଙ୍କା ଖର୍ଚ୍ଚ ତା'ର ଦୁଇ ତିନିଗୁଣା ଟଙ୍କା ଆଦାୟ କରାଯାଇଥାଏ। ବିଶେଷ କରି ଘରୋଇ ହସ୍ପିଟାଲଗୁଡ଼ିକ ଚଢ଼ା ଦରରେ ରକ୍ତ ବିକ୍ରି କରିଥାନ୍ତି। ୩ ହଜାରରୁ ୮ହଜାର ଟଙ୍କା ପର୍ଯ୍ୟନ୍ତ ନେଇଥାନ୍ତି। ରକ୍ତ ଅଭାବ ସମୟରେ ଓ ବିରଳ ରକ୍ତର ଆବଶ୍ୟକ ବେଳେ ଆହୁରି ଅଧିକ ଦରରେ ବିକ୍ରି କରାଯାଇଥାଏ ବୋଲି ଅଭିଯୋଗ ଆସିବା ପରେ ଡିସିଜିଆଇ ଏଭଳି କଟକଣା ଲଗାଇଛନ୍ତି। ଡିସିଜିଆଇ ରାଜୀବ ସିଂହ ରଘୁବଂଶୀ କହିଛନ୍ତି, ରକ୍ତ ବିକ୍ରି କରିବା ପାଇଁ ନୁହେଁ। ନୂଆ ଗାଇଡ୍‌ଲାଇନ ଅନୁସାରେ, ରକ୍ତ ଯୋଗାଇବା ପାଇଁ ଖର୍ଚ୍ଚ ହେଉଥିବା ଟଙ୍କା ଆଦାୟ କରାଯିବ। ଏହା ୨୫୦ ରୁ ୧,୫୫୦ ଟଙ୍କା ଭିତରେ ରହିବ।




ତୁମେ ଯଦି ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେଉ ବୋଲି ଚାହୁଁଥାଅ– ତେବେ ଆଗ ନିଜ ହୃଦୟରେ ଶାନ୍ତି ସ୍ଥାପନ କର । ... ଜଣେ ତା'ର ପ୍ରଗାଢ ନିଦ୍ରାରୁ ଜାଗି ଉଠିପାରେ। କିନ୍ତୁ ଥରେ ପ୍ରଗାଢ ଶାନ୍ତି ତୁମ ଭିତରେ ସ୍ଥାପିତ ହେଲେ– ତାହା ଆଉ ଭାଙ୍ଗେ ନାହିଁ। –ଶ୍ରୀମା



# ପରିବର୍ତ୍ତନର ପ୍ରସ୍ତୁତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଦିଲ୍ଲୀର ପ୍ରମୁଖ ସରକାରୀ ବିଭାଗଗୁଡ଼ିକରେ ଆମୂଳଚୂଳ ପରିବର୍ତ୍ତନ କରିବାକୁ କେନ୍ଦ୍ର ପ୍ରସ୍ତୁତ ହେଉଥିବା ସହ ପ୍ରଶାସନର ପୁନର୍ଗଠନ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଶୁଣିବାକୁ ମିଳୁଛି। ଦିଲ୍ଲୀ ସରକାର ଏବଂ ମ୍ୟୁନିସିପାଲିଟି କର୍ପୋରେଶନ ଅଫ୍ ଦିଲ୍ଲୀ (ଏମ୍‌ସିଡି) ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତିକୁ ନେଇ ଏକ ପରିବର୍ତ୍ତନକାରୀ ପୁନର୍ଗଠନ ବିଷୟରେ ବିଭାଗୀୟ ବ୍ୟକ୍ତିମାନେ ସୂଚନା ଦେଇଛନ୍ତି । ମୁଖ୍ୟ ସଚିବ(ସିଏସ୍)ଙ୍କ ତୃତୀୟ ନ୍ୟାଶନାଲ କନ୍‌ଫରେନ୍ସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତି ଆଗାମୀ ଅଦଳବଦଳର ଉତ୍ସୁକତାକୁ ଆହୁରି ବଢ଼ାଇଦେଇଛି। ଗୁଜବ ହେଉଛି ଯେ ଏହି ଅଦଳବଦଳରେ ଏଜିଏମ୍‌ୟୁଟି କିମ୍ବା କେନ୍ଦ୍ରୀୟ କ୍ୟାଡର ମଧ୍ୟରେ ଥିବା ଅନେକ ଆଇଏଏସ୍ ଅଧିକାରୀଙ୍କ ସ୍ଥାନାନ୍ତର ଏବଂ ପଦୋନ୍ନତି ସାମିଲ ରହିବ। ସୂତ୍ରରୁ ଜଣାଯାଇଛି, ଅଦଳବଦଳର ଝଟକା ଦିଲ୍ଲୀ ସୀମା ଟପି ପୁଡୁଚେରୀ ଓ ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳକୁ ବ୍ୟାପିଯିବ। ଉଲ୍ଲେଖଯୋଗ୍ୟ, ଅକ୍ଟୋବର ଶେଷ ସୁଦ୍ଧା ୧୯୮୮ବ୍ୟାଚ୍ ଆଇଏଏସ୍ ଅଧିକାରୀ ଧରମପାଲଙ୍କ ଅବସର ପରଠାରୁ ବିନା ପରାମର୍ଶଦାତାରେ ଚଣ୍ଡିଗଡ଼ର ପ୍ରଶାସନ ଚାଲିଆସୁଛି। ଏହି ଅଦଳବଦଳରେ ସମାନ ବ୍ୟାଚ୍ ଓ କ୍ୟାଡରର ଦିଲ୍ଲୀ ମୁଖ୍ୟ ଶାସନ ସଚିବ ନରେଶ କୁମାର ଏବଂ ଜମ୍ମୁ-କଶ୍ମୀର ମୁଖ୍ୟ ସଚିବ ଅରୁଣ କୁମାର ମେହେଟାଙ୍କ ଆସନ୍ନ ଅବସରକୁ ସମାଧାନ କରାଯାଇପାରିବ। ୬ ମାସ କାର୍ଯ୍ୟକାଳ ସମ୍ପ୍ରସାରଣକୁ ନେଇ କୁମାର ସୁପ୍ରିମକୋର୍ଟରେ ନ୍ୟାୟିକ ସଙ୍କଟର ସମ୍ମୁଖୀନ ହୋଇଥିଲାବେଳେ ଜମ୍ମୁ-କଶ୍ମୀରରେ ୧୯୮୯ ବ୍ୟାଚ ଏଜିଏମ୍‌ୟୁଟି କ୍ୟାଡର ଆଇଏଏସ୍ ଅଧିକାରୀ ଅତୁଲ ଦୁଲ୍ଲୋଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। କିନ୍ତୁ ଚଣ୍ଡିଗଡ଼ ପରାମର୍ଶଦାତାଙ୍କ ପଦବୀରେ ବର୍ତ୍ତମାନ ୨୦୦୦ ବ୍ୟାଚ୍ ହରିୟାଣା କ୍ୟାଡର ଆଇଏଏସ୍ ଅଧିକାରୀ ନୀତିନ ଯାଦବ ଅବସ୍ଥାପିତ ହେବା ଘଟଣାକୁ ବୁଝିବା କଷ୍ଟକର, ଯାହା ନିଶ୍ଚିତ ଭାବରେ ପରିବର୍ତ୍ତନର ଅନିଶ୍ଚିତତା ବଢ଼ାଇଦେବ।

### ନିଯୁକ୍ତିରେ ଶିଥିଳତା

ହାଇଦ୍ରାବାଦ ପୋଲିସ କମିଶନ ସୀମା ମଧ୍ୟରେ ମହିଳାମାନଙ୍କୁ ଷ୍ଟେଶନ ହାଉସ ଅଫିସର (ଏସ୍‌ଏଚ୍‌ଓ) ଭାବେ ନିଯୁକ୍ତି ଦେବା ଭଳି ପ୍ରଶଂସିତ ପଦକ୍ଷେପରୁ ତେଲଙ୍ଗାନା ପୋଲିସ ବିଭାଗ ହଟିଯାଇଥିବା ଜଣାପଡ଼ିଛି, କାରଣ ଏସ୍‌ଏଚ୍‌ଓଙ୍କ ମଧ୍ୟରୁ ଅନେକଙ୍କୁ ବିଭିନ୍ନ ଦାୟିତ୍ୱରେ ନିଯୁକ୍ତ କରାଯାଇଛି। ହାଇଦ୍ରାବାଦର ପୂର୍ବତନ ପୋଲିସ କମିଶନର ସି.ଭି. ଆନନ୍ଦ ପ୍ରଥମ ମହିଳା ଏସ୍‌ଏଚ୍‌ଓଙ୍କୁ ନିଯୁକ୍ତ କରିଥିଲେ। ୨୦୨୨ ଅନ୍ତର୍ଜାତୀୟ ମହିଳା ଦିବସରେ କମିଶନର ଆନନ୍ଦଙ୍କ ଉପସ୍ଥିତିରେ ମଧୁଲଥା ଲାଲାଗୁଡ଼ା ପୋଲିସ ଷ୍ଟେଶନର ଦାୟିତ୍ୱ ଗ୍ରହଣ କରି ପ୍ରଥମ ମହିଳା ଏସ୍‌ଏଚ୍‌ଓ ଭାବରେ ଇତିହାସ ସୃଷ୍ଟି କରିଥିଲେ। ପରେ ମହିଳା ଏସ୍‌ଏଚ୍‌ଓଗୁଡ଼ିକର ସଂଖ୍ୟା ୫କୁ ବୃଦ୍ଧି ପାଇଥିଲା। ହାଇଦ୍ରାବାଦ ସିଟି ପୋଲିସର ବାର୍ଷିକ ସାମ୍ବାଦିକ ସମ୍ମିଳନୀରେ ବିତରଣ ହୋଇଥିବା ବୁକ୍‌ଲେଟ ଏପର୍ଯ୍ୟନ୍ତ ସମସ୍ତ ୫ଜଣଙ୍କୁ ଏସ୍‌ଏଚଓ ଭାବରେ ତାଲିକାଭୁକ୍ତ କରିଥିଲେ ବି ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ବଦଳି କରାଯାଇଛି। ବୋଲାରମ ପୋଲିସ ଷ୍ଟେଶନରେ ଅବସ୍ଥାପିତ ଲକ୍ଷ୍ମୀ ମାଧବୀଙ୍କୁ ପରେ ସେଣ୍ଟ୍ରାଲ କ୍ରାଇମ ଷ୍ଟେଶନ (ସିସିଏସ୍)କୁ ସ୍ଥାନାନ୍ତର କରାଯାଇଥିଲା। ଲାଙ୍ଗର ହାଉସର ଏସ୍‌ଏଚ୍‌ଓ ମାଧବୀଲଥାଙ୍କୁ ସଚିବାଳୟରେ ସୁରକ୍ଷା ଅଧିକାରୀ ଭାବରେ ନିଯୁକ୍ତ କରାଯାଇଥିବାବେଳେ ଆଫଜଲଗୁଞ୍ଜର ପୂର୍ବତନ ଏସ୍‌ଏଚ୍‌ଓ ଚିତ୍ତି ବୁରା ନଗର ପୋଲିସର ଟାସ୍କଫୋର୍ସକୁ ବଦଳି ହୋଇଥିଲେ। ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ମତ ଯେ, ଅନେକ ଗ୍ରାମୀଣ ପୋଲିସ ଷ୍ଟେଶନ ବର୍ତ୍ତମାନ ମହିଳାଙ୍କ ଦ୍ୱାରା ପରିଚାଳିତ ହେଉଛି। ତେବେ ମହିଳା ଏସ୍‌ଏଚ୍‌ଓଙ୍କ ବଦଳିକୁ ରାଜନୈତିକ ଚାପ, କ୍ୟାରିୟର ରେକର୍ଡ ଯାଞ୍ଚ କିମ୍ବା କାର୍ଯ୍ୟ ସମ୍ବନ୍ଧୀୟ ଚାପରୁ ଆସିଥିବା ଅନୁରୋଧ କାରଣରୁ କରାଯାଇଥିବା ସେ କହିଛନ୍ତି।

### କେନ୍ଦ୍ରୀୟ ସୁରକ୍ଷାବଳରେ ନୂଆ ନେତୃତ୍ୱ

ଗତ ସପ୍ତାହରେ ଏହି ସ୍ତମ୍ଭରେ ପ୍ରମୁଖ କେନ୍ଦ୍ରୀୟ ପୋଲିସ ସଂଗଠନରେ ଶୀର୍ଷ ପଦବୀ ପାଇଁ ନିଯୁକ୍ତି ଘୋଷଣାରେ ବିଳମ୍ବକୁ ନେଇ ବାବୁମାନଙ୍କ ଚିନ୍ତା ବଢୁଥିବା ଦର୍ଶାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ୨୦୨୩ ବର୍ଷର ଶେଷଦିନଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଥିବା ଜଣାପଡ଼ିଛି। ରାଜସ୍ଥାନ କ୍ୟାଡରର ଆଇପିଏସ୍ ଅଧିକାରୀ ନୀନା ସିଂଙ୍କୁ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍‌ଏଫ୍)ର ପୂର୍ଣ୍ଣକାଳୀନ ମହାନିର୍ଦ୍ଦେଶକ(ଡିଜି) ଭାବେ ନିଯୁକ୍ତ କରାଯାଇଛି। ଉଲ୍ଲେଖଯୋଗ୍ୟ, ରାଜସ୍ଥାନରେ ଡିଜି ପଦବୀ ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ମହିଳା ଆଇପିଏସ୍। ସେହିଭଳି ଅନିଶ ଦୟାଲ ସିଂଙ୍କୁ ସିଆର୍‌ପିଏଫ୍‌ର ମହାନିର୍ଦ୍ଦେଶକ ଭାବରେ ନିଯୁକ୍ତ କରାଯାଇଥିବାବେଳେ ବର୍ତ୍ତମାନ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ସ୍ୱତନ୍ତ୍ର ନିର୍ଦ୍ଦେଶକ ଥିବା ରାହୁଲ ରାସଗୋତ୍ରା ଭାରତ-ତିବ୍ବତୀୟ ସୀମା ପୋଲିସ ଫୋର୍ସ (ଆଇଟିବିପି)ର ନୂତନ ମହାନିର୍ଦ୍ଦେଶକ ଭାବରେ ନିଯୁକ୍ତ ହୋଇଛନ୍ତି। ଏଥିସହ ଆଇବି ଅଧିକାରୀ ବିବେକ ଶ୍ରୀବାସ୍ତବଙ୍କୁ ଅଗ୍ନିଶମ ସେବା, ନାଗରିକ ପ୍ରତିରକ୍ଷା ଡିଜି ଭାବରେ ନିଯୁକ୍ତି ଦିଆଯାଇଛି । ଯଦିଓ ବିଳମ୍ବ ହୋଇଛି, ଏହି ନିଯୁକ୍ତିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷାବାହିନୀ ମଧ୍ୟରେ ନେତୃତ୍ୱର ଏକ ରଣନୈତିକ ପୁନର୍ଗଠନର ସଂକେତ ଦେଇଛି। ଏହି ଅଭିଜ୍ଞ ଅଧିକାରୀଙ୍କ ନିଯୁକ୍ତିରୁ ବୁଝାପଡୁଛି ଯେ, ଜାତୀୟ ସୁରକ୍ଷା ଦାବିଗୁଡ଼ିକ ପୂରଣ କରିବା ପାଇଁ ଉକ୍ତ ସୁରକ୍ଷାବାହିନୀଗୁଡ଼ିକୁ ଦୃଢ଼ କରିବା ଉପରେ କେନ୍ଦ୍ର ଧ୍ୟାନ ଦେଇଛି।

Email: dilipcherian@gmail.com

---

su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 1 | | 9 | | | | | | 4 |
| | | | | | 4 | | 8 | |
| | | | | | | | 7 | |
| | 8 | 7 | | | 9 | 2 | | |
| 2 | | | | 1 | | 8 | 5 | |
| 6 | | 1 | | 2 | | | | |
| | | 2 | 3 | 4 | 1 | | | 7 |
| | | 6 | | | 8 | | | |
| | | | 7 | | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 1 | 5 | 9 | 3 | 6 | 4 | 2 |
| 3 | 9 | 6 | 4 | 2 | 1 | 5 | 7 | 8 |
| 5 | 4 | 2 | 7 | 6 | 8 | 3 | 1 | 9 |
| 1 | 8 | 9 | 3 | 5 | 4 | 7 | 2 | 6 |
| 4 | 6 | 5 | 9 | 7 | 2 | 8 | 3 | 1 |
| 7 | 2 | 3 | 8 | 1 | 6 | 9 | 5 | 4 |
| 9 | 3 | 4 | 1 | 8 | 5 | 2 | 6 | 7 |
| 2 | 1 | 7 | 6 | 3 | 9 | 4 | 8 | 5 |
| 6 | 5 | 8 | 2 | 4 | 7 | 1 | 9 | 3 |

ଗତକାଲିର ଉତ୍ତର

---

# ଶ୍ରମିକଙ୍କ ଦୈନିକ କାର୍ଯ୍ୟ ସମୟ



ବୃହସ୍ପତି ସାମଲ

ନିଜ ଦେଶ ପ୍ରତି ଉତ୍ତରଦାୟିତ୍ୱର ନିଦର୍ଶନ ସ୍ୱରୂପ ଯୁବପିଢ଼ି ସପ୍ତାହକୁ ୭୦ ଘଣ୍ଟା କାମ କରିବା ଉଚିତ ବୋଲି ନିକଟ ଅତୀତରେ ଇନ୍‌ଫୋସିସର ସହସଂସ୍ଥାପକ ନାରାୟଣ ମୂର୍ତ୍ତି ଏକ ସାକ୍ଷାତକାର କାର୍ଯ୍ୟକ୍ରମରେ ମତ ରଖିବା ପରେ ବିବାଦ ସୃଷ୍ଟି ହେଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ମାଇକ୍ରୋସଫ୍ଟର ପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କର ସପ୍ତାହକୁ ତିନି ଦିନ କାମ ଠିକ୍ ରହିବ ବୋଲି ମତ ଦେବା ପରେ ଶ୍ରମିକ ଓ କର୍ମଚାରୀମାନଙ୍କର ଦୈନିକ କାର୍ଯ୍ୟ ନିର୍ଘଣ୍ଟକୁ ନେଇ ଏବେ ଅନେକ ଆଲୋଚନା, ପର୍ଯ୍ୟାଲୋଚନା। ଶ୍ରମିକ ଓ କର୍ମଚାରୀଙ୍କ ଦୈନିକ କାର୍ଯ୍ୟ ନିର୍ଘଣ୍ଟର ଅବଧି ସମ୍ପର୍କରେ ବିଶେଷ ଆଲୋଚନାକୁ ଯିବା ପୂର୍ବରୁ ଐତିହାସିକ ମେ' ଦିବସର କଥା ଆଲୋଚନା ହେବା ସ୍ୱାଭାବିକ। ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଯେତେବେଳେ ଆମେରିକାର ଚିକାଗୋ ସହର ଏକ ଶିଳ୍ପନଗରୀ ଭାବେ ଗଢ଼ିଉଠୁଥିଲା, ପୁଞ୍ଜିପତି ମାଲିକମାନଙ୍କର ଦାଉରେ ଶ୍ରମିକମାନେ ୧୬ରୁ ୨୦ ଘଣ୍ଟା ଖଟୁଥିଲେ। ଗୋଟିଏ ପଟେ ପୁଞ୍ଜିବାଦୀ ମାଲିକାନାର ଅକଥନୀୟ ଅତ୍ୟାଚାର ଓ ଅନ୍ୟପକ୍ଷରେ କାର୍ଯ୍ୟସ୍ଥଳୀରେ ଶ୍ରମିକମାନଙ୍କର ଦୀର୍ଘ ସମୟ ଖଟଣିରୁ ସୃଷ୍ଟ ସାମାଜିକ ଅସ୍ଥିରତା ଜନମାନସକୁ ବିଚଳିତ କରୁଥିଲା ବେଳେ ଶ୍ରମିକମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଆମେରିକାନ ଫେଡେରେଶନ ଅଫ୍ ଲେବର ୧୮୮୬ ମେ' ପହିଲାରୁ ଦିନକୁ ସର୍ବାଧିକ ଆଠ ଘଣ୍ଟା କାମ କରିବାର ଦାବିକରି ଅନିର୍ଦ୍ଦିଷ୍ଟକାଳ ଆନ୍ଦୋଳନ ଆରମ୍ଭ କଲା। ୪ ମେ' ୧୮୮୬ରେ ଚିକାଗୋ ସହରର ହେମାର୍କେଟ ସ୍କୋୟାରରେ ଗଣହତ୍ୟାର ଯେଉଁ ରକ୍ତରଞ୍ଜିତ ଘଟଣା ଘଟିଗଲା, ତାହା ସମଗ୍ର ବିଶ୍ୱର ଶ୍ରମିକଶ୍ରେଣୀ ପାଇଁ ଇତିହାସ ରଚିଲା। ଦୈନିକ ଆଠ ଘଣ୍ଟା କାମ କରିବାର ଦାବିକରି ଆଠଜଣ ମୃତ୍ୟୁବରଣ କଲେ, ଯାହାଙ୍କ ଭିତରୁ ଚାରି ଜଣ ଫାଶୀ ପାଇଥିଲେ, ସତୁରିରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀ କ୍ଷତାକ୍ତ ହେବା ସହିତ ଶହେରୁ ଊର୍ଦ୍ଧ୍ୱଙ୍କୁ ବନ୍ଦୀ କରାଯାଇଥିଲା। ପୁଞ୍ଜିବାଦୀ ପ୍ରୋତ୍ସାହିତ ପୋଲିସ ଜୁଲମକୁ ବେଖାତିର କରି ଏହି ଆନ୍ଦୋଳନ ପୃଥିବୀର ଅନ୍ୟାନ୍ୟ ଦେଶକୁ ବ୍ୟାପିଗଲା।

ଆଠଘଣ୍ଟିଆ କାର୍ଯ୍ୟ ଦିବସ ପାଇଁ ବିଶ୍ୱବ୍ୟାପୀ ଦାବି କ୍ରମଶଃ ଜୋରଦାର ହେଲା ଏବଂ ୧୯୮୯ରେ ଫ୍ରାନ୍ସ ବିପ୍ଳବର ଶତବାର୍ଷିକୀ ଅବସରରେ ମେ' ପହିଲାକୁ ବିଶ୍ୱ ଶ୍ରମିକ ଦିବସ ଭାବେ ପାଳନ କରିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ନିଆଗଲା। ଦିନକୁ ସର୍ବାଧିକ ଆଠ ଘଣ୍ଟା କାମ କରିବାର ଦାବିକୁ ମନେପକାଇ ସେବେଠାରୁ ଯଦିଓ ମେ' ଦିବସ ପାଳିତ ହେଉଛି, ଏ ପ୍ରସଙ୍ଗ ଆଜି ବି ବିବାଦୀୟ। ୧୯୪୨ରେ ଭାଇସରାୟଙ୍କ ପରିଷଦରେ ବାବା ସାହେବ ଆମ୍ବେଦ୍‌କର ଭାରତରେ ପ୍ରଥମେ



ଏହି ଆଠ ଘଣ୍ଟିଆ କାର୍ଯ୍ୟଦିବସ କଥା ଉଠାଇଥିଲେ। ପରିଶେଷରେ ଭାରତୀୟ କାରଖାନା ଅଧିନିୟମ ୧୯୪୮ ଏକ ଶ୍ରମ ଆଇନ ହିସାବରେ ଗୃହୀତ ହେଲା ପରେ ଭାରତରେ ଆଠ ଘଣ୍ଟିଆ କାର୍ଯ୍ୟଦିବସ ଯଦିଓ ଲାଗୁହୋଇଛି, ବହୁ କ୍ଷେତ୍ରରେ ଆଜି ମଧ୍ୟ ଶ୍ରମିକମାନେ ଆଠ ଘଣ୍ଟାରୁ ବହୁ ଅଧିକ ସମୟ କାମ କରୁଛନ୍ତି। ଉଭୟ ସରକାରୀ କାର୍ଯ୍ୟାଳୟର ସଂଗଠିତ ଶ୍ରମିକ-କର୍ମଚାରୀ ଓ ବେସରକାରୀ ଏବଂ ଘରୋଇ କ୍ଷେତ୍ରର ଅସଂଗଠିତ ଶ୍ରମିକମାନଙ୍କ ଦୁର୍ଦ୍ଦଶା ଆଜି ପ୍ରାୟ ସମାନ।

ଉଦାହରଣ ଛଳରେ ଡାକ କର୍ମଚାରୀଙ୍କ କଥା ଆଲୋଚନା କରାଯାଇପାରେ। ୧୯୯୦-୯୧ରୁ କେନ୍ଦ୍ର ସରକାରଙ୍କ ନବ୍ୟ ଉଦାରବାଦ ନୀତିରେ ଧୀରେ ଧୀରେ ଗ୍ରାହକଙ୍କ ଆବଶ୍ୟକତା ଅନୁସାରେ ବ୍ୟବସାୟୀକରଣକୁ ପ୍ରାଧାନ୍ୟ ଦିଆଗଲା। ନିଜର ଚିରାଚରିତ ଡାକ କାରବାର, ସଞ୍ଚୟ ଯୋଜନା ଓ ଜୀବନ ବୀମା ବ୍ୟତୀତ ମହଜୁଦା କର୍ମଚାରୀଙ୍କୁ ନେଇ ବିଭିନ୍ନ ଡିଜିଟାଲ ସେବା ସହ ରେଳ ଯାତ୍ରୀ ପଞ୍ଜୀକରଣ, ପେନସନଭୋଗୀଙ୍କୁ ଡିଜିଟାଲ ଜୀବନ ପ୍ରମାଣପତ୍ର ପ୍ରଦାନ, ଗଙ୍ଗାଜଳ ବିକ୍ରି, ପାସପୋର୍ଟ ସେବା, ଆଧାର ସଂଶୋଧନ ଓ ପଞ୍ଜୀକରଣ ଏବଂ ଗୋଟେ ସାଧାରଣ ସେବା କେନ୍ଦ୍ର ହିସାବରେ ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଆୟୁଷ୍ମାନ ଭାରତ), ଶ୍ରମଯୋଗୀ ମନ-ଧନ ଯୋଜନା, ଲଘୁ ବ୍ୟାପାରୀ ମନ-ଧନ ଯୋଜନା, ଫସଲ ବୀମା ଯୋଜନାରେ ସେବା ଯୋଗାଇଦେବାକୁ ନିଷ୍ପତ୍ତି ନେଇଥିଲା। ଏହା ସହ ବିଜୁଳି, ପାଣି, ଗ୍ୟାସ ବିଲ୍ ଓ ସାଧାରଣ ବୀମା ପ୍ରିମିୟମ ଅସୁଲି, ଟେଲିଫୋନ, ଡିଟିଏଚ୍, ଟାଟା ସ୍କାଏ ଭଳି ଟେଲିଭିଜନ କେବୁଲ ରିଚାର୍ଜ, ଉଡାଜାହାଜ, ରେଳ, ବସ୍ ଟିକେଟ ବୁକିଂ ଭଳି ଶହ ଶହ ସେବା ଯୋଗାଇ ଦେବାକୁ ସଂକଳ୍ପବଦ୍ଧ। ଅନ୍ୟ ପକ୍ଷରେ କେନ୍ଦ୍ର ସରକାରଙ୍କ ବିକଶିତ ଭାରତ ସଂକଳ୍ପ ଯାତ୍ରା, ଘର ଘର ତ୍ରିରଙ୍ଗା, ମୋ ମାଟି ମୋ ଦେଶ, ଅମୃତ କଳସ ଯାତ୍ରା ଭଳି ଅନେକ ଯୋଜନାର ପ୍ରଚାର ପ୍ରସାର ପାଇଁ ଡାକ ବିଭାଗର କର୍ମଚାରୀ ବିଶେଷ ଭାବେ ୩ରୁ ୫ଘଣ୍ଟା ପାଇଁ ସମୟାନୁପାତିକ ଭତ୍ତା (ବେତନ ନୁହେଁ) ଭିତ୍ତିରେ ନିୟୋଜିତ ଗ୍ରାମୀଣ ଡାକ ସେବକମାନେ ରବିବାର ଓ ଛୁଟିଦିନ ସହ ଦିନକୁ ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ କାମ କରିବାକୁ ବାଧ୍ୟ ହେଉଛନ୍ତି। ପାଞ୍ଚ ଦିନିଆ ସପ୍ତାହ ଦାବିକୁ ସରକାର ଅଗ୍ରାହ୍ୟ କରିସାରିଥିବା ବେଳେ ବ୍ୟାଙ୍କ ଓ ବୀମା ଉଦ୍ୟୋଗ ଭଳି ଡାକଘରର କର୍ମଚାରୀମାନଙ୍କୁ ଦ୍ୱିତୀୟ ଓ ଚତୁର୍ଥ ଶନିବାର ଛୁଟି ମଧ୍ୟ ମିଳେ ନାହିଁ। ଏହି ବୈଷମ୍ୟ ଅନେକ କେନ୍ଦ୍ର ସରକାରୀ ଅନୁଷ୍ଠାନରେ ଦୃଶ୍ୟମାନ। ସାମଗ୍ରିକ ଭାବେ ଯଦି କେନ୍ଦ୍ର ସରକାରୀ କାର୍ଯ୍ୟାଳୟର ଅବସ୍ଥା ଆଲୋଚନା କରାଯାଏ, ତେବେ ୧୯୮୩ରୁ ନୂତନ ପଦବୀ ସୃଷ୍ଟିକୁ ବନ୍ଦ କରିବା, ଏପ୍ରିଲ ୨୦୦୩ରୁ ମାର୍ଚ୍ଚ ୨୦୦୯ ମଧ୍ୟରେ ସିଧାସଳଖ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ଖାଲି ପଦବୀର ଦୁଇ ତୃତୀୟାଂଶକୁ ଉଚ୍ଛେଦ କରିବା ଏବଂ ସମ୍ପ୍ରତି ଅନ୍ୟୂନ ୧୫ଲକ୍ଷ ଖାଲି ପଡ଼ିଥିବା ପଦବୀକୁ ପୂରଣ ନ କରିବା ଦ୍ୱାରା କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକମାନେ ଅତ୍ୟଧିକ କାମର ଚାପକୁ ମୁଣ୍ଡରେ ବୋହି ଦୈନିକ ଆଠ ଘଣ୍ଟା କାମ କରିବାର ଅଧିକାର ହରେଇ ସାରିଲେଣି।

ରାଜ୍ୟ ସରକାରୀ କର୍ମଚାରୀମାନଙ୍କର ଅବସ୍ଥା ମଧ୍ୟ ତଦ୍ରୂପ। ଲକ୍ଷ ଲକ୍ଷ ପଦବୀ ଖାଲିପଡ଼ିଥିବା ବେଳେ ଏବେ ନିୟମିତ ଚାକିରି କମ୍। ଅନେକ ଦପ୍ତରରେ କଣ୍ଟ୍ରାକଚୁଆଲ ଓ ଆଉଟସୋର୍ସିଂ କର୍ମଚାରୀ ବେଶି, ଯାହାଙ୍କର ଦୁର୍ବଳ ଚାକିରି ସର୍ତ୍ତାବଳୀ ସେମାନଙ୍କୁ ଆବଶ୍ୟକତାଠାରୁ ଅଧିକ ସମୟ କାମ କରିବା ପାଇଁ ବାଧ୍ୟ କରୁଛି। ଆଇଟି ସେକ୍ଟରର କଥା ନ କହିବା ଭଲ। କିଛି ଅଧିକ ଅର୍ଥ ଲୋଭରେ କର୍ମଚାରୀମାନଙ୍କର ଦିନରାତି ଖଟଣି। ଅତ୍ୟଧିକ କାମର ଚାପ ସହ କର୍ମକ୍ଷେତ୍ରରେ ଦୀର୍ଘ ସମୟ ଉପସ୍ଥିତିରୁ ଏବର ଯୁବପିଢ଼ି ଏକ ଅବ୍ୟବସ୍ଥିତ ସାମାଜିକ ଓ ବିଶୃଙ୍ଖଳିତ ପାରିବାରିକ ଜୀବନ ଜିଇବାକୁ ବାଧ୍ୟ ହେଉଥିବାରୁ ଛାଡ଼ପତ୍ର ଏବଂ ଆତ୍ମହତ୍ୟା ପ୍ରବଣତାଭଳି ସାମାଜିକ ବ୍ୟାଧି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ୨୦୨୨ର ଏକ ସର୍ବେକ୍ଷଣ ଅନୁଯାୟୀ ୫୧ ପ୍ରତିଶତ କର୍ମଚାରୀ ଅତ୍ୟଧିକ କାମର ଚାପରେ ବିଚଳିତ ଏବଂ ତନ୍ମଧ୍ୟରୁ ୩୯ ପ୍ରତିଶତର ପାରିବାରିକ ଜୀବନ ନକାରାତ୍ମକ ଭାବେ ପ୍ରଭାବିତ।

ଭାରତ ସରକାର ବର୍ତ୍ତମାନ ୪୪ଟି ଶ୍ରମ ଆଇନକୁ ଉଚ୍ଛେଦ ଓ ସଙ୍କୁଚିତ କରି ମାଲିକ ଓ ନିଯୁକ୍ତିଦାତାଙ୍କୁ ସୁହାଇଲା ଭଳି ଦୈନିକ ୧୨ ଘଣ୍ଟାର ଶ୍ରମ ଦାନ ସହ ୪ଟି ଶ୍ରମ କୋଡ୍ ଲାଗୁ କରିବାକୁ ତତ୍ପର। ନେଦରଲାଣ୍ଡ, ଜର୍ମାନୀ, ନରୱେ, ଡେନମାର୍କ, ଫ୍ରାନ୍ସ, ସ୍ଲୋଭେନିଆ, ବେଲ୍‌ଜିୟମ, ସୁଇଜରଲାଣ୍ଡ, ସୁଇଡେନ ଓ ଅଷ୍ଟ୍ରିଆ ଭଳି ପୃଥିବୀର ଅନେକ ଦେଶ ସପ୍ତାହକୁ ଯଥାକ୍ରମେ ମାତ୍ର ୨୭.୫, ୨୭.୭୫, ୨୮, ୨୮.୨, ୨୯.୭, ୩୧, ୩୧.୫, ୩୧.୭୫, ୩୨.୧ ଓ ୩୨.୫ ଘଣ୍ଟା କାମ କରୁଥିବା ବେଳେ ଭାରତର କର୍ମଚାରୀମାନେ ସପ୍ତାହକୁ ୭୦ ଘଣ୍ଟା ଅର୍ଥାତ ଦିନକୁ ଅନ୍ୟୂନ ୧୨ ଘଣ୍ଟା କାମ କରିବାକୁ ନାରାୟଣ ମୂର୍ତ୍ତିଙ୍କ ପରାମର୍ଶ ଭାରତୀୟ କାରଖାନା ଅଧିନିୟମ ୧୯୪୮ର ପରିପନ୍ଥୀ, ମାନବାଧିକାରକୁ କ୍ଷୁଣ୍ଣ କରିବା ସହ ପୁଞ୍ଜିବାଦକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ, ଯାହା ଅତ୍ୟନ୍ତ ନିନ୍ଦନୀୟ।

**ମୋ:୯୪୩୭୦୨୨୬୬୯**

---

# ପିଲାଙ୍କୁ ନେଇ ସୃଜନ ଦୁନିଆ



ଯଶସ୍ୱିନୀ ପଟ୍ଟନାୟକ

ସୃଜନଶୀଳତା ପ୍ରତ୍ୟେକଙ୍କର ଅନ୍ତର୍ନିହିତ ସ୍ୱତନ୍ତ୍ରତାର ଝଲକ। ଏହା ଈଶ୍ୱର ପ୍ରଦତ୍ତ ନିଶ୍ଚୟ। ତେବେ ଅନେକ କ୍ଷେତ୍ରରେ ଦେଖାଯାଏ ମାତାପିତାମାନେ ସୃଜନଶୀଳତାକୁ ପ୍ରାଥମିକ ସମୟରୁ ବୁଝିପାରି ନଥାନ୍ତି , ଯାହାର ଫଳସ୍ୱରୂପ ସେମାନେ ଏହାର ପ୍ରାସଙ୍ଗିକତା ବୁଝିଲାବେଳକୁ ଅନେକ ବିଳମ୍ବ ହୋଇଯାଇଥାଏ। କିନ୍ତୁ ସୃଜନଶୀଳତା ଏକ ପିଲାର ଆସନ୍ତା ସମୟ ପାଇଁ ତା' ଭବିଷ୍ୟତର କର୍ମଦକ୍ଷତା ଓ ଦୈନନ୍ଦିନ ଜୀବନର ଶୃଙ୍ଖଳା ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ସୃଜନଶୀଳତା ଦ୍ୱାରା ଜଣେ ନିଜ ଜୀବନର ମାର୍ଗଦର୍ଶନର ପ୍ରଥମ ସୋପାନକୁ ଅତିକ୍ରମ କରିପାରିବ। ନିଜ ପିଲାଙ୍କ ସଫଳତା ପାଇଁ କେଉଁ ମାତାପିତା ଖୁସି ବା ନହୁଅନ୍ତି। ସମସ୍ତେ ନିଜ ପିଲାଙ୍କ ସଫଳତା ପାଇଁ ଗର୍ବ କରିବା ସ୍ୱାଭାବିକ। କିନ୍ତୁ ଦେଖାଯାଇଥାଏ ଅଧିକାଂଶ ମାତାପିତା ସେମାନଙ୍କର ପିଲାଙ୍କ ଭବିଷ୍ୟତ ନେଇ ଯତ୍ନଶୀଳ ହୋଇଥିଲେ ମଧ୍ୟ ସେମାନଙ୍କ ସୃଜନଶୀଳତା ପ୍ରତି ନଜର ଅନ୍ଦାଜ କରିଥାନ୍ତି। ଦେଖାଯାଇଥାଏ ପିଲାମାନେ ପ୍ରାୟତଃ ଜିଜ୍ଞାସୁ ସ୍ୱଭାବର ହୋଇଥିବାରୁ ଅନେକ ସମୟରେ ସେମାନେ ବହୁ ପ୍ରଶ୍ନ ପଚାରିଥାନ୍ତି। ବେଳେବେଳେ କୌତୂହଳବଶତଃ ଅନ୍ୟମାନଙ୍କର ଜ୍ଞାନର ପରିସୀମା ମାପିବା ପାଇଁ ମଧ୍ୟ ପ୍ରଶ୍ନ କରିଥାନ୍ତି। ତେବେ ଏଥିରୁ ସେମାନଙ୍କୁ ପ୍ରଗଲ୍ଭ ଭାବରେ ବିବେଚନା କରି ବିରକ୍ତି ପ୍ରକାଶ ନ କରି ବରଂ ଉତ୍ସାହିତ କରନ୍ତୁ। ସେମାନଙ୍କୁ ସଂକ୍ଷିପ୍ତରେ ନୁହେଁ ବରଂ ବିଶେଷ ଭାବରେ ପ୍ରଶ୍ନଟିର ଉତ୍ତର ପ୍ରଦାନ କରନ୍ତୁ। ଯଦି ଆପଣ ସେ ପ୍ରଶ୍ନର ଉତ୍ତର ଜାଣି ନଥାନ୍ତି, ତେବେ ସେମାନଙ୍କ ପ୍ରଶ୍ନୋତ୍ତର ଶୈଳୀକୁ ପ୍ରଶଂସା କରିବା ସହ ସେମାନଙ୍କୁ ଉତ୍ସାହିତ କରନ୍ତୁ। ସମ୍ପ୍ରତି ବ୍ୟସ୍ତମୟ ଜୀବନ ଭିତରେ ମାତାପିତାମାନେ ସେମାନଙ୍କ ପିଲାଙ୍କୁ ଯଥେଷ୍ଟ ସମୟ ଦେଇପାରି ନଥାନ୍ତି। କିନ୍ତୁ ଏହା ଠିକ୍ ନୁହେଁ। ଯାହାବି ହେଲେ ସେମାନଙ୍କ ପାଇଁ କିଛି ସମୟ ବାହାର କରି ସେମାନଙ୍କ ସହ ସମୟ କାଟିବା କଥା। ସବୁବେଳେ ମନେ ରଖିଥାନ୍ତୁ ଆପଣ ସେମାନଙ୍କୁ ଯେତେ ଅଧିକ ସମୟ ଦେବେ ସେମାନଙ୍କ ସୃଜନଶୀଳତାର ବିକାଶ ସେତେ ଅଧିକ ହେବ।

ସମ୍ପର୍କ ଅଧିକ ନିବିଡ଼ କରିବା ପାଇଁ ଓ ପରସ୍ପର ମଧ୍ୟରେ ଭାବଗତ ସମ୍ପର୍କ ସୃଷ୍ଟି ସକାଶେ ପିଲାମାନଙ୍କ ସହ ବେଳେ ବେଳେ ସେମାନଙ୍କ ଚିନ୍ତନ ସହ ସମଭାଗୀ ହୋଇ ଛୋଟିଆ ଆଲୋଚନା କରନ୍ତୁ। ଅଧିକାଂଶ ମାତାପିତା ପିଲାଙ୍କ ସହ କେବଳ ଉପଦେଶ ବା ପରାମର୍ଶ ଦେବା ସମୟରେ କଥାବାର୍ତ୍ତା କରିଥାନ୍ତି। କିନ୍ତୁ ବିଭିନ୍ନ ବିଷୟରେ ସେମାନଙ୍କ ସହ ଆଲୋଚନା କଲେ ସେମାନଙ୍କ ସୃଜନଶୀଳତା ବଢ଼ିବ ବୋଲି ସେମାନେ ସମ୍ଭବତଃ ଭୁଲିଯାଇଥାନ୍ତି। ଏହି ସମୟରେ ସେମାନଙ୍କୁ ଆବଶ୍ୟକସ୍ଥଳେ ପରାମର୍ଶ ଦେବା ବ୍ୟତିରେକେ ସେମାନଙ୍କୁ କହିବା ପାଇଁ ସମ୍ପୂର୍ଣ୍ଣ ସୁଯୋଗ ଦିଅନ୍ତୁ। ସେମାନଙ୍କ ଉପରେ ନିଜ ମତକୁ ଲଦି ଦେବାକୁ ଆଦୌ ଚେଷ୍ଟା କରନ୍ତୁ



ନାହିଁ। ସମୟାନୁସାରେ ପିଲାମାନଙ୍କୁ ନିଜେ ନିଷ୍ପତ୍ତି ନେବାର ସୁଯୋଗ ଦେଇ ସେମାନଙ୍କୁ ସାହସୀ ଓ ସ୍ୱାବଲମ୍ବୀ ହେବାର ବାର୍ତ୍ତାଦେଇ ସେମାନଙ୍କ ଉପରେ ଭରସା ରଖନ୍ତୁ। ଦେଖାଯାଇଥାଏ ଆମେ ସବୁବେଳେ ପିଲାମାନଙ୍କ ପାଇଁ ନିଜେ ହିଁ ନିଷ୍ପତ୍ତି ନେଇଥାଉ। ସେମାନଙ୍କ ପାଇଁ କେଉଁଟା ଠିକ୍ ବା ଭୁଲ୍ ଆମେ ଭଲ ଭାବେ ଜାଣୁ ବୋଲି ବିଶ୍ୱାସ କରୁ। ସାରା ଜୀବନ ତ ଆମେ ସେମାନଙ୍କ ପାଇଁ ନିଷ୍ପତ୍ତି ନେଇପାରିବା ନାହିଁ। ତେଣୁ ଏ ଦାୟିତ୍ୱ ତାଙ୍କ ଉପରେ ଛାଡ଼ି ଦିଆଗଲେ ଭଲ ହେବ। ତେବେ ଆପଣ ଏଥିରେ ଦିଗ୍‌ଦର୍ଶକର ଭୂମିକା ନିର୍ବାହ କରିପାରିବେ। ପିଲାମାନଙ୍କୁ ଶୋଇବା ସମୟରେ ବା ଅବସର ସମୟରେ ସେମାନଙ୍କ ମାନସିକ ଓ ବୌଦ୍ଧିକ ଶକ୍ତିର ବିକାଶ ପାଇଁ ବିଭିନ୍ନ ଗପ କୁହନ୍ତୁ।

ପିଲାମାନଙ୍କୁ ସକାଳେ କିମ୍ବା ସାନ୍ଧ୍ୟଭ୍ରମଣରେ ବୁଲାଇ ନେବାର ଅଭ୍ୟାସ କରାନ୍ତୁ। ଏହି ସମୟରେ ସେମାନଙ୍କୁ ବୃକ୍ଷଲତା ସମ୍ବନ୍ଧୀୟ, ପରିବେଶ ସୁରକ୍ଷା ସମ୍ପର୍କିତ କିମ୍ବା ବଗିଚାର ଯତ୍ନ ସମ୍ପର୍କିତ କିଛି କାହାଣୀ କୁହନ୍ତୁ। ଗୃହପାଳିତ ପଶୁପକ୍ଷୀଙ୍କୁ ସାହାଯ୍ୟ କରିବା ପାଇଁ ଉତ୍ସାହିତ କରିବା ସହ ମଝିରେ ମଝିରେ ବିଭିନ୍ନ ଚିଡ଼ିଆଖାନା ଓ ପାର୍କକୁ ସେମାନଙ୍କୁ ବୁଲାଇ ନିଅନ୍ତୁ। ଏହାଦ୍ୱାରା ପିଲାମାନେ ପ୍ରକୃତି ସହ ମିଶିବାର ସୁଯୋଗ ପାଇପାରିବେ। ପିଲାମାନଙ୍କୁ ଖେଳନା ଦେବା ସମୟରେ ସେମାନଙ୍କୁ ବିଶେଷକରି ବିଜ୍ଞାନ ଚିନ୍ତନ ଉଦ୍ରେକକାରୀ ଖେଳନା କିମ୍ବା କିଛି ଭଲ ପୁସ୍ତକ ପଢ଼ିବା ସମ୍ପର୍କରେ ଜାଣିବାର ସୁଯୋଗ ଦିଅନ୍ତୁ। ଏହାଦ୍ୱାରା ସେମାନଙ୍କ କଳ୍ପନା ଶକ୍ତିର ବିକାଶ ହେବା ସମ୍ଭବ ହେବ। ପିଲାମାନଙ୍କୁ ନିଜେ ନିଜର ଶ୍ରେଣୀଗତ ବିଜ୍ଞାନ ପ୍ରକଳ୍ପ କିମ୍ବା ଦଳଗତ ଆଲୋଚନା ପାଇଁ ଉତ୍ସାହିତ କରନ୍ତୁ। ବେଶି ସମୟ ଟିଭି ଦେଖାରେ ସୁଯୋଗ ନ ଦେଇ ବରଂ ସେମାନଙ୍କୁ କିଛି ସମୟ ଇଣ୍ଟରନେଟ୍‌ରେ ବିଜ୍ଞାନ, ଐତିହାସିକ କାହାଣୀ, ଲୋକ ପରମ୍ପରା ଓ ପର୍ଯ୍ୟଟନ, ଭ୍ରମଣ କାହାଣୀଠାରୁ କ୍ରୀଡ଼ା ସମ୍ପର୍କିତ ଘଟଣାବଳୀ ବା ପୌରାଣିକ ଲୋକକଥା କିଛି ଜାଣିବାର ସୁଯୋଗ ଦିଅନ୍ତୁ। ଛୋଟ ସମୟରୁ ସେମାନଙ୍କୁ ନିଜେ ନିଜେ ସ୍ୱାସ୍ଥ୍ୟ ସଚେତନ ରହିବା ପାଇଁ ଶିକ୍ଷା ଦିଅନ୍ତୁ। ସବୁବେଳେ ସେମାନଙ୍କୁ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ ହେବା ପାଇଁ ଚେଷ୍ଟା ଜାଗ୍ରତ କରାନ୍ତୁ। ଆଜିକାଲି ଅନେକ ଶିକ୍ଷାୟତନରେ ପ୍ରାୟତଃ ପିଲାମାନଙ୍କ ସୃଜନଶୀଳତା ପାଇଁ ବହୁ ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି, ଏହା ନିଶ୍ଚିନ୍ତ ଖୁସିର କଥା। ତେବେ ଅନେକ ମାତାପିତା ତଥାକଥିତ ବଜାରର ବା ସୋସିଆଲ ମିଡ଼ିଆର କୌଣସି ସୂଚନା ପାଇ ପିଲାମାନଙ୍କୁ ଗଢ଼ିତୋଳିବା ପାଇଁ ଉଦ୍ୟମ କରୁଛନ୍ତି। କିନ୍ତୁ ଓଡ଼ିଆରେ ଏକ କଥା ଅଛି ସବୁ ଚକ୍ ଚକ୍ କରୁଥିବା ଜିନିଷ ସୁନା ହୋଇ ନ ଥାଏ। ତେଣୁ ବଜାରରେ ଭେଲିକି ସୃଷ୍ଟି କରୁଥିବା ଚିକ୍‌ମିକିଆ ପ୍ରଲୋଭନୀୟ ବସ୍ତୁଠାରୁ ମୁହଁ ଫେରାଇ ବାସ୍ତବବାଦୀ ଦୁନିଆର ଜୀବନ ଚିତ୍ର ସେମାନଙ୍କୁ ପିଲାଦିନରୁ ହିଁ ଶିଖାନ୍ତୁ। ଦେଖିବେ ଶିଶୁଟି ବାସ୍ତବରେ ସୃଜନଶୀଳ ଲାଭ କରି ନିଜ ଜୀବନକୁ ଦିବ୍ୟମୟ କରିବା ପାଇଁ ପ୍ରେରଣା ପାଇପାରିବ।

**ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,**
**ସେକ୍ଟର-୮, ସିଡିଏ, କଟକ**

---

## ଏଇ ଭାରତରେ

ଆସାମର ଗାଁଗୁଡ଼ିକରେ ପିଲାମାନଙ୍କ ପାଇଁ ଲାଇବ୍ରେରି ଖୋଲୁଛନ୍ତି ଋତୁପର୍ଣ୍ଣା ନେଓଗୀ। ଏହି ଲାଇବ୍ରେରିରୁ ପିଲାମାନେ ମାଗଣାରେ ବହି ନେଇ ପଢ଼ିବାର ସୁବିଧା ପାଉଛନ୍ତି। ଋତୁପର୍ଣ୍ଣା ସୋସିଆଲ ୱାର୍କ କ୍ଷେତ୍ରରେ ଶିକ୍ଷାଲାଭ କରିବା ପରେ ଆସାମର ବିଭିନ୍ନ ସୋସିଆଲ ୱାର୍କ ସୋସାଇଟିରେ କାମ କଲେ। ପାଉଥିବା ଦରମାରୁ ସଞ୍ଚିତ କରି ସେ ବହି କିଣିଲେ ଓ ୨୦୨୦ରେ ସେ ନିଜ ଗାଁରେ 'କିତାପେ କଥା କୋଇ' ନାମକ ଏକ ଲାଇବ୍ରେରି ଖୋଲିଥିଲେ। ପ୍ରଥମେ ଏଥିରେ ୬୦୦ ବହି ଥିଲା ଓ ବର୍ତ୍ତମାନ ସେଠାରେ ୧୨୦୦ ବହି ଅଛି। ଏବେ ୨ଟି ଗାଁରେ ସେ ଲାଇବ୍ରେରି ଖୋଲିସାରିଛନ୍ତି ଓ ୨୦୦ରୁ ଅଧିକ ପିଲାଙ୍କୁ ପଢ଼ିବାରେ ସାହାଯ୍ୟ କରୁଛନ୍ତି। 'ଅକାମ ଫାଉଣ୍ଡେଶନ' ମାଧ୍ୟମରେ ସେ ଲାଇବ୍ରେରି ଖୋଲୁଛନ୍ତି। ଏହି ସମୟରେ ସାରାଦେଶରେ ଲକ୍‌ଡାଉନ୍ ହୋଇଥିବାରୁ ସେ ସୋସିଆଲ ମିଡିଆରେ ଷ୍ଟୋରି ଟେଲିଂ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏବେ ମଧ୍ୟ ଅନେକ ସମୟରେ ବିଭିନ୍ନ ଗାଁକୁ ଯାଇ ଷ୍ଟୋରି ଟେଲିଂ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ସେ ଲିଙ୍ଗଗତ ଭେଦଭାବ ଦୂର କରିବା ଲାଗି ୪୦ରୁ ଅଧିକ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ କରିସାରିଲେଣି। ଆଗକୁ ଆଉ କେତୋଟି ଗାଁରେ ଲାଇବ୍ରେରି ଖୋଲିବା ଯୋଜନା ଚୂଡ଼ାନ୍ତ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୬ ଜାନୁଆରୀ ୧୯୭୫**

- ତ୍ରିଭେନ୍ଦ୍ରମ୍‌ଠାରୁ ୪୩ କିଲୋମିଟର ଦୂରବର୍ତ୍ତୀ ଥୋଟିକାଟ୍ ନିକଟରେ ଗୋଟିଏ ଦ୍ରୁତଗାମୀ ବସ୍ ସହିତ ଏକ ଟେମ୍ପୋ ଧକ୍କା ହେବା ଫଳରେ ୧୩ ଜଣଙ୍କ ମୃତ୍ୟୁ।
- ଖରିଫ ଶସ୍ୟ ପ୍ରତିଯୋଗିତାରେ ମହାରାଷ୍ଟ୍ରର ଶଙ୍କର କୃଷ୍ଣ ପାୱାର ଓ ମଧ୍ୟପ୍ରଦେଶର ସାଏବଲାଲ୍‌ଙ୍କୁ କୃଷି ପଣ୍ଡିତ ଉପାଧି ପ୍ରଦାନ।
- ଲବଣ ସତ୍ୟାଗ୍ରହର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମହେନ୍ଦ୍ର ଶତପଥୀଙ୍କ ୭୦ ବର୍ଷ ବୟସରେ ପରଲୋକ।

---

# ପାଠକ ଶ୍ରେଷ୍ଠ ବିଚାରକ

## ଟିକସ ଅର୍ଥର ଅପବ୍ୟୟ

ମହାଶୟ,

ସରକାର ସର୍ବାଙ୍ଗୀନ ବିକାଶକୁ ଉପେକ୍ଷା କରି ମନ୍ଦିର, ମସଜିଦ ଏବଂ ଗୀର୍ଜାଘରର ବିକାଶ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ହଜାର ହଜାର କୋଟି ଟିକସ ଅର୍ଥ ଅପବ୍ୟୟ କରିବା ଅତ୍ୟନ୍ତ ଦୁଃଖର ବିଷୟ। ଗରିବଙ୍କ ବିକାଶ ନିମନ୍ତେ କାର୍ଯ୍ୟ କରିବା ହେଉଛି ପ୍ରକୃତ ଈଶ୍ୱର ଆରାଧନା। ଏସବୁ ଅର୍ଥରେ ପ୍ରତ୍ୟକ ପଞ୍ଚାୟତରୁ ୧୦/୧୫ ଜଣ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ଆବାସିକ ଶିକ୍ଷାନୁଷ୍ଠାନରେ ରଖି ସମସ୍ତ ଖର୍ଚ୍ଚ ବହନ ପୂର୍ବକ ସେମାନଙ୍କୁ ଉଚ୍ଚଶିକ୍ଷା ଦିଆଯାଇପାରନ୍ତା। ଆଉ ୨/୩ ଗୋଟି ନଦୀବନ୍ଧ ନିର୍ମାଣ କରାଯାଇ ଜଳସେଚନ ଓ ବିଦ୍ୟୁତ ଉତ୍ପାଦନ କରାଯାଇଥା'ନ୍ତା। ଦୁର୍ଗମ ଅଞ୍ଚଳରେ ଗମନାଗମନ ଭିତ୍ତିଭୂମିର ବିକାଶ ହୋଇ'ଥାନ୍ତା। ଶସ୍ତା ଭୋଟ ରାଜନୀତିରେ ଟିକସ ଅର୍ଥର ଅନାବଶ୍ୟକ ଖର୍ଚ୍ଚ କରିବା ରାଜ୍ୟ ବିକାଶରେ ବାଧକ ହୋଇଛି। ଆଦୌ ସରକାରୀ ଚାକିରି ପାଇନଥିବା ପ୍ରତ୍ୟେକ ଶିକ୍ଷିତ ପରିବାରରୁ ଜଣକୁ ଚାକିରି ଦେବାର ବ୍ୟବସ୍ଥା କରିବା ଉଚିତ। ଶିକ୍ଷିତ ବେକାରଙ୍କ ଆତ୍ମନିଯୁକ୍ତି ଓ ସ୍ୱରୋଜଗାର ପାଇଁ ସେମାନଙ୍କୁ ଅନ୍ତତଃ ୧୦ ଲକ୍ଷ ଟଙ୍କାର ସୁଧମୁକ୍ତ ଋଣ ପ୍ରଦାନ କରାଗଲେ ସେମାନେ ଉପକୃତ ହୋଇପାରନ୍ତେ।

**–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମଣିଷ ନ ମାରି ଜୀଇଁପାରେ ଏଥି ନର
ସେହି କଥା ତୁମେ କହିଲ ଥରକୁ ଥର।
କହିଲ, 'ଜାଗରେ ସକଳ ଆହତ' ହତ
'ଜାଗିଉଠ ଆରେ ଏ ଭବର ଭବିଷ୍ୟତ।'
ଦୀନବେଶ ଘେନି ଦୁଇ ହାତ କରି ଖାଲି
ଦୁନିଆ ଭିତରେ ତୁମେଟି ଜାଣିଲ ଚାଲି!
–(ତୁମେଟି ଚାଲିବା ଜାଣ)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

# ଦୂରଦର୍ଶୀ ନେତୃତ୍ୱ, ମାର୍ଗଦର୍ଶନର ପ୍ରତିଫଳନ



ଅଗଣିତ ଓଡ଼ିଆ ତଥା କୋଟିବ୍ରହ୍ମାଣ୍ଡର ମହାନାୟକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ତାଙ୍କର ଦର୍ଶନ ସକାଶେ ବିଶ୍ୱର କୋଣ ଅନୁକୋଣରୁ ବର୍ଷସାରା ଶ୍ରୀମନ୍ଦିରକୁ ଭକ୍ତଙ୍କର ଭିଡ଼ ଲାଗିଥାଏ। ଅଗଣିତ ଭକ୍ତ ଯେମିତି ବିନା ବାଧାବିଘ୍ନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁଲଭ ଦର୍ଶନ ପାଇପାରିବେ ସେହି ଲକ୍ଷ୍ୟ ନେଇ ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା, ଯାହା ଏବେ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଲୀଳାମୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ, ନାଗାର୍ଜ୍ଜୁନ ବେଶ, ନବକଳେବର ଆଦି ଭଳି ସ୍ୱତନ୍ତ୍ର ଉତ୍ସବରେ ଲୋକାରଣ୍ୟ ପାଲଟି ଥାଏ ଶ୍ରୀକ୍ଷେତ୍ର ପୁରୀ। ଲକ୍ଷଲକ୍ଷ ଭକ୍ତଙ୍କ ଉପସ୍ଥିତିରେ ବିଭିନ୍ନ ମାନବୀୟ ଲୀଳାଖେଳା କରନ୍ତି ନୀଳାଦ୍ରୀଶ। ଦୁଃଖର ବିଷୟ ଅନେକ ଥର ଅନିୟନ୍ତ୍ରିତ ଭିଡ଼ ଯୋଗୁଁ ସୃଷ୍ଟ ଦଳାଚକଟା ଶ୍ରୀମନ୍ଦିରର ପବିତ୍ର ଭକ୍ତିମୟ ପରିବେଶକୁ ଶୋକାକୁଳ କରିଛି। ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମକୁ ସୁବ୍ୟବସ୍ଥିତ କରିବା ଏବଂ ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇବା ପାଇଁ ଜଷ୍ଟିସ ବିମଳ ପ୍ରସାଦ ଦାସ କମିଶନ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏହାସହ ମୃଣାଳିନୀ ପାଢ଼ୀ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ତିନିଜଣିଆ ଖଣ୍ଡପୀଠ ମନ୍ଦିର ସୁରକ୍ଷା ଓ ସଂସ୍କାର ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଥିଲେ। ଏହି ସବୁ ପରାମର୍ଶକୁ ଆଧାର କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୬।୮।୨୦୧୯ରେ ଏକ ବୈଠକରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନକ୍ସା ପ୍ରସ୍ତୁତ କରିଥିଲେ। ଯେହେତୁ ଶ୍ରୀକ୍ଷେତ୍ର ପୁରୀରେ ଭକ୍ତଙ୍କ ଅସଂଖ୍ୟ ଭିଡ଼ ବଢ଼ି ଚାଲିଥିଲା, ଅନେକ ସମୟରେ ପରିସ୍ଥିତି ଅଣାୟତ୍ତ ହେଉଥିଲା ତେଣୁ ଯେଉଁଭଳି ଭାବେ ଭକ୍ତ ଶ୍ରୀ ମହାପ୍ରଭୁଙ୍କ ଦର୍ଶନ ସୁରୁଖୁରୁରେ ପାଇପାରିବେ, ତାଙ୍କ ସୁରକ୍ଷା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସହ ମନ୍ଦିର ସୁରକ୍ଷାକୁ ପ୍ରାଥମିକତା ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଐତିହାସିକ ନିଷ୍ପତ୍ତି ନେଇଥିଲେ। ଯେମିତି ପ୍ରତିଟି ସାମୂହିକ ସ୍ୱାର୍ଥକୁ ସାକାର କରିବା ପାଇଁ ଅନେକ ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ହୁଏ, ସେହିକ୍ରମରେ ପୁରୀବାସୀ ଅକୁଣ୍ଠ ଚିତ୍ତରେ ସମର୍ଥନ ଜଣାଇଥିଲେ। ଏହି ପ୍ରକଳ୍ପ ନିର୍ମାଣ ହେଉଥିବା ସ୍ଥାନରେ ଅନେକ ବ୍ୟକ୍ତିଗତ ଓ ବ୍ୟବସାୟିକ ସମ୍ପତ୍ତି ପୂର୍ବରୁ ରହି ଆସିଥିଲା। ପରିକ୍ରମା ପ୍ରକଳ୍ପ ନିର୍ମାଣ ହେବା ପାଇଁ ପ୍ରାୟ ୧୩୨ ବାସଗୃହରେ ବସବାସ କରୁଥିବା ୨୮୦ ପରିବାରର ୬୬୩ ଜଣଙ୍କୁ ବିସ୍ଥାପିତ ହେବାକୁପଡିଥିଲା, ସେଇଠିମଧ୍ୟ ୨୮ ଗୋଟି ଲଜ୍, ୪୪୦ ଦୋକାନ ଆଦି ରହିଥିଲା। ଏହି ସମସ୍ତଙ୍କୁ ସରକାର ୪୦୩ କୋଟି ଟଙ୍କା ଖର୍ଚ୍ଚ କରି ଉଚିତ୍ କ୍ଷତିପୂରଣ ପ୍ରଦାନ କରିଥିଲେ। ଆହୁରି ମଧ୍ୟ ମଠଗୁଡ଼ିକର ଗାଦି ଘର, ପୂଜା ସ୍ଥାନ ଓ ଆସ୍ଥାନକୁ ଅକ୍ଷୁଣ୍ଣ ରଖାଯାଇ କେବଳ ସେମାନଙ୍କ ମାଲିକାନାରେ ଥିବା ବ୍ୟବସାୟିକ ସମ୍ପତ୍ତିକୁ ଅଧିଗ୍ରହଣ କରାଯାଇ ସେମାନଙ୍କୁ ଉଚିତ କ୍ଷତିପୂରଣ ଦିଆଯାଇଥିଲା। ସେମାନଙ୍କ ଆୟର ଉତ୍ସ ଯେପରି ଅବ୍ୟାହତ ରହିବ ସେଥିପାଇଁ ସରକାର ବିଶେଷ କ୍ଷତିପୂରଣ ଦେଇଥିଲେ। ପ୍ରତିଟି ବିସ୍ଥାପିତ ବ୍ୟକ୍ତିର ରହିବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଥିଲା ଏବଂ ବ୍ୟବସାୟୀମାନଙ୍କ ବ୍ୟବସାୟିକ ଅନୁଷ୍ଠାନ ପୁନଃକାର୍ଯ୍ୟକ୍ଷମ ନ ହେବା ପର୍ଯ୍ୟନ୍ତ ସେମାନଙ୍କୁ ସରକାର ଆର୍ଥିକ ସହାୟତା ଯୋଗାଉଥିଲେ। ସେହି ଆୟ ଉପରେ ଲାଗୁ ହେଉଥିବା ଆୟକରକୁ ମଧ୍ୟ ସରକାର ଭରଣା କରୁଥିଲେ। ପ୍ରତିଟି ବିସ୍ଥାପିତ ବ୍ୟକ୍ତିର ସମସ୍ୟାର ସମାଧାନ ପାଇଁ ଏକ ହେଲ୍ପଡେସ୍କ ନିରନ୍ତର କାର୍ଯ୍ୟ କରିଛି। ଏହି ଅଞ୍ଚଳରେ ଥିବା ବଜାରଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଏହି ସମସ୍ତ କାର୍ଯ୍ୟରେ ପୁରୀବାସୀଙ୍କ ଜଗନ୍ନାଥଙ୍କ ପ୍ରତି ଥିବା ଅନାବିଳ ଶ୍ରଦ୍ଧା ଓ ଭକ୍ତି ସମର୍ଥନ ରୂପରେ ପରିକ୍ରମା ପ୍ରକଳ୍ପର ପରିକଳ୍ପନା ଦିନରୁ ହିଁ ରହିଆସିଥିଲା। ତେଣୁ ଏକ ରେକର୍ଡ ସମୟ ମଧ୍ୟରେ ଜମି ଅଧିଗ୍ରହଣ ହୋଇପାରିଥିଲା। ଏହି ସମସ୍ତ ବ୍ୟକ୍ତିଙ୍କ ତ୍ୟାଗ ଓ ଜଗନ୍ନାଥ ଭକ୍ତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ ମଧ୍ୟ କରିଥିଲେ ଏବଂ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଜୋରସୋରରେ ଆଗେଇଥିଲା। ୨୪ ନଭେମ୍ବର ୨୦୨୧ରେ ମୁଖ୍ୟମନ୍ତ୍ରୀ ଏହି ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ସେହିଦିନ ସମଗ୍ର ବିଶ୍ୱ ଜଗନ୍ନାଥ ଭକ୍ତିରେ ପୁଲକିତ ହୋଇ ଉଠିଥିଲା। ପ୍ରକଳ୍ପକୁ ବିରୋଧ କରି କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଅଦାଲତଙ୍କ ଦ୍ୱାରସ୍ଥ ହେଇ ଭାରତୀୟ ପ୍ରତ୍ନତତ୍ତ୍ୱ ସଂସ୍ଥା, ଜାତୀୟ ଐତିହ୍ୟ କର୍ତ୍ତୃପକ୍ଷଙ୍କ ବିଭିନ୍ନ ବୟାନକୁ ବିଭ୍ରାନ୍ତିକର ଭାବେ ଉପସ୍ଥାପିତ କରିଥିଲେ। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ଏଭଳି ପ୍ରୟାସକୁ କଡା ଭାଷାରେ ଭର୍ତ୍ସନା କରିବା ସହ ଆର୍ଥିକ ଦଣ୍ଡ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିକୂଳତା ଓ ପ୍ରତିବନ୍ଧକକୁ ଅତିକ୍ରମ କରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିଶ୍ୱବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହେବାକୁ ଯାଉଛି। କୋଟି କୋଟି ଓଡ଼ିଆ ଆସନ୍ତା ୧୭ ତାରିଖର ଲୋକାର୍ପଣ ଉତ୍ସବକୁ ଚାହିଁ ରହିଛନ୍ତି। ଅଗଣିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଏହି ପ୍ରକଳ୍ପ ଦେବ ଅନନ୍ୟ ଆଧ୍ୟାତ୍ମିକ ଉପଲବ୍ଧି ଓ ଦିବ୍ୟ ଅନୁଭବ। ଓଡ଼ିଆ ଅସ୍ମିତାର ଆଦ୍ୟ ଉତ୍ସ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଏପରି ଭକ୍ତି ନୈବେଦ୍ୟ ଏକ ଐତିହାସିକ ଅବସର ପ୍ରଦାନ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱ ଓ ମାର୍ଗଦର୍ଶନ ଫଳରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରି ଏକ ମହତ୍ତ୍ୱପୂର୍ଣ୍ଣ ପ୍ରୟାସ ଫଳବତୀ ହେବାକୁ ଯାଉଛି। ଓଡ଼ିଆଙ୍କ ସାଂସ୍କୃତିକ ଓ ଆଧ୍ୟାତ୍ମିକ ପୁନଃଜାଗରଣ ଦିଗରେ ଏହା ହେବ ଏକ ମାଇଲଖୁଣ୍ଟ।

**ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**








## ପ୍ରକଳ୍ପର ନିୟମିତ ଅନୁଧ୍ୟାନ କରୁଛନ୍ତି ୫-ଟି ଅଧ୍ୟକ୍ଷ

ପରିକ୍ରମା ପ୍ରକଳ୍ପ ଅଧୀନ ବିଭିନ୍ନ କାର୍ଯ୍ୟ ଏକ ସଙ୍ଗରେ ଚାଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ କାର୍ଯ୍ୟକୁ ନିୟମିତ ଭାବେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ସମୀକ୍ଷା କରୁଛନ୍ତି। ପ୍ରତ୍ୟେକ ଶନିବାର ପ୍ରତ୍ୟୁଷରୁ ପାଣ୍ଡିଆନ୍ ପୁରୀ ଗସ୍ତକରି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପ୍ରକଳ୍ପ କାର୍ଯ୍ୟର ଅନୁଧ୍ୟାନ କରୁଛନ୍ତି। ଏପରି କି ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରି କାର୍ଯ୍ୟକୁ କିପରି ସମୟ ପୂର୍ବରୁ ଶେଷ କରାଯାଇପାରିବ ସେନେଇ ଆଲୋଚନା କରୁଛନ୍ତି। ବିଶେଷକରି ଭକ୍ତମାନେ କିପରି ଭାବେ ବିନା ବାଧାରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ତା'ଉପରେ ପାଣ୍ଡିଆନ୍ ଗୁରୁତ୍ୱ ଦେଇ ଆସୁଛନ୍ତି। ମହାପ୍ରଭୁଙ୍କ ଜଣେ ସେବକ ବୋଲି ନିଜକୁ ଭାବି ପାଣ୍ଡିଆନ୍ କାମ କରିଚାଲିଥିବା ପ୍ରକାଶ କରନ୍ତି।







## ୧୭ରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ

୨୦୨୧ ନଭେମ୍ବର ୨୪ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିବା ଶ୍ରୀମନ୍ଦିର ପ୍ରକଳ୍ପ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଆସନ୍ତା ୧୭ତାରିଖରେ ଲୋକାର୍ପଣ ହେବ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରୀମନ୍ଦିରର ୭୫ମିଟର ବ୍ୟାସାର୍ଦ୍ଧରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରାଯାଇଛି। ଏହି ସୌନ୍ଦର୍ଯ୍ୟକରଣ ପାଇଁ ପ୍ରାୟ ୯୪୩କୋଟି ଟଙ୍କା ଖର୍ଚ୍ଚ ହେଉଛି। ଆସନ୍ତା ୧୭ରେ ଲୋକାର୍ପିତ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ, ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟର ତଦାରଖ ଜାରି ରଖିଛନ୍ତି। ଲୋକାର୍ପଣ କାର୍ଯ୍ୟକ୍ରମରେ ରାଜ୍ୟ ଓ ଦେଶର ଶତାଧିକ ମନ୍ଦିରକୁ ନିମନ୍ତ୍ରଣ କରାଯାଇଛି। ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେବାକୁ ଥିବାରୁ ପ୍ରସ୍ତୁତିକୁ ବ୍ୟାପକ କରାଯାଉଛି।





### ବହୁ ସୁବିଧା ହୋଇଛି



ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି କୋଟି ଓଡ଼ିଆଙ୍କ ମଉଡମଣି। ପୂର୍ବରୁ ଅନେକ ଥର ଶ୍ରୀମନ୍ଦିର ଯାଇଛି। ସବୁବେଳେ ଯାତାୟତ, ମନ୍ଦିର ପ୍ରବେଶ ବେଳେ ଅସୁବିଧା ହେଉଥିଲା। ଏବେ ଶ୍ରୀମନ୍ଦିର ଐତିହ୍ୟ ପରିକ୍ରମା ପ୍ରକଳ୍ପ ନିର୍ମାଣ ଚାଲିଛି। ନିକଟରେ ମହାପ୍ରଭୁଙ୍କ ଦର୍ଶନ ଲାଗି ଶ୍ରୀକ୍ଷେତ୍ର ଯାଇଥିଲି। ପୂର୍ବରୁ ଐତିହ୍ୟ କରିଡର ସମ୍ପର୍କରେ କେବଳ ଶୁଣିଥିଲି। ଏବେ ଏହା ସମ୍ପର୍କରେ ଜାଣିବାକୁ ପାଇଲି। ଭକ୍ତଙ୍କ ନିମନ୍ତେ ବହୁ ସୁବିଧା କରାଯାଇଛି। ଏଥିରେ ପାନୀୟଜଳ, ଶୌଚାଳୟ ବ୍ୟବସ୍ଥା ରହିଛି। ସ୍ୱଇଚ୍ଛାରେ, ବିନା କୌଣସି ସମସ୍ୟାରେ ଶ୍ରୀମନ୍ଦିର ଦର୍ଶନ କରିହେବ। ଆଗରୁ ଏହା ସମ୍ଭବ ନ ଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ପାର୍କିଂ। ଶ୍ରୀମନ୍ଦିର ଯିବା ଲାଗି ଆଉ ପୁରୀ ସହର ଭିତରକୁ ଯିବାକୁ ପଡ଼ିବ ନାହିଁ। ସିଧାସଳଖ ଭାବେ ଶ୍ରୀସେତୁ ଦେଇ ଶ୍ରୀମନ୍ଦିର ନିକଟକୁ ଯାଇହେବ। ଏହାଦ୍ୱାରା ବଡ଼ଦାଣ୍ଡରେ ଟ୍ରାଫିକ ସମସ୍ୟା ଦୂର ହେବା ସହ ଭକ୍ତମାନେ ଉପକୃତ ହେବେ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

**- ପ୍ରବୀଣା ପଟ୍ଟନାୟକ, ଅଧ୍ୟାପିକା, ବକ୍ସି ଲେନ, ଖୋର୍ଦ୍ଧା**



## ଐତିହ୍ୟର ରୂପ ନେଇଛି ପରିକ୍ରମା ପ୍ରକଳ୍ପ

ପୁରୀକୁ ବିଶ୍ୱ ଐତିହ୍ୟ ସହରରେ ପରିଣତ କରିବାରେ ରାଜ୍ୟ ସରକାରଙ୍କ ଉଚ୍ଚାଭିଳାଷୀ ଯୋଜନା ହେଉଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ଶ୍ରୀମନ୍ଦିର ହେରିଟେଜ୍ କରିଡର ପ୍ରକଳ୍ପ। ୨୦୨୧ ନଭେମ୍ବର ୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିବା ଏହି ପ୍ରକଳ୍ପ ଆସନ୍ତା ୧୭ତାରିଖରେ ଏହା ପୂର୍ଣ୍ଣାଙ୍ଗ ରୂପ ନେବାକୁ ଯାଉଛି। ଧୁମ୍‌ଧାମରେ ଏହି ପ୍ରକଳ୍ପର ଉଦ୍‌ଘାଟନ ହେବାକୁ ଯାଉଛି। ଏଥିପାଇଁ ପୁରୀ ସହର ତଥା ବଡ଼ଦାଣ୍ଡର ରୂପ ରେଖ ସମ୍ପୂର୍ଣ୍ଣ ବଦଳି ଯାଇଛି। ଭକ୍ତମାନଙ୍କ ସୁବ୍ୟବସ୍ଥିତ ଦର୍ଶନ ସହ ଶ୍ରଦ୍ଧାଳୁମାନଙ୍କୁ ଏକ ଭିନ୍ନ ଅନୁଭୂତି ଦେବା ଲକ୍ଷ୍ୟରେ ବିଭିନ୍ନ କାର୍ଯ୍ୟ କରାଯାଇଛି। ଶ୍ରୀମନ୍ଦିରର ପ୍ରାୟ ୭୫ ମିଟର ବ୍ୟାସାର୍ଦ୍ଧରେ ବିଭିନ୍ନ ସୁବିଧା ଏବଂ ଭିତ୍ତିଭୂମି ସୃଷ୍ଟି କରାଯିବା ଏହି ପ୍ରକଳ୍ପର ମୁଖ୍ୟ ବୈଶିଷ୍ଟ୍ୟ ଅଟେ।

ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ବିଲ୍ଡିଂ ପୁନଃ ନିର୍ମାଣ, ୬୦୦କ୍ଷମତା ବିଶିଷ୍ଟ ଶ୍ରୀମନ୍ଦିର ଅଭ୍ୟର୍ଥନା କେନ୍ଦ୍ର, ରଘୁନନ୍ଦନ ଲାଇବ୍ରେରୀ ସମେତ ଜଗନ୍ନାଥ ସଂସ୍କୃତି କେନ୍ଦ୍ର, ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ସେଣ୍ଟର, ବଡ଼ଦାଣ୍ଡ ଐତିହ୍ୟ ରାସ୍ତାଘାଟ, ଶ୍ରୀମନ୍ଦିର ସୁବିଧା କେନ୍ଦ୍ର , ଶ୍ରୀସେତୁ, ଶ୍ରୀମାର୍ଗ, ଜଗନ୍ନାଥ ବଲ୍ଲଭ ଭକ୍ତ ନିବାସ, ବହୁତଳ କାର୍ ପାର୍କିଂ, ମ୍ୟୁନିସିପାଲ୍ ମାର୍କେଟର ଉନ୍ନତୀକରଣ, ସ୍ୱର୍ଗଦ୍ୱାର ଉନ୍ନତୀକରଣ, ପ୍ରମୋଦ ଉଦ୍ୟାନ, ଗୁରୁକୁଳମ୍, ମହୋଦଧି ମାର୍କେଟ, ସମୁଦ୍ର କୂଳ ବିକାଶ, ମୂଷା ନଦୀ ଏବଂ ଅଠରନଳାର ପୁନଃରୁଦ୍ଧାର ଆଦି କାର୍ଯ୍ୟକ୍ରମକୁ ପରିକ୍ରମା ପ୍ରକଳ୍ପ ଅଧୀନରେ କରାଯାଇ ଏକ ସୁନ୍ଦର ସହରରେ ପରିଣତ କରାଯାଇଛି। ୭ଲାଇନ୍ ବିଶିଷ୍ଟ ଧାଡ଼ିରେ ଭକ୍ତମାନେ ଯାଇ ଶ୍ରୀମନ୍ଦିରରେ ପ୍ରବେଶ କରୁଛନ୍ତି। ଏପରି କି ନିକଟରେ ଭକ୍ତମାନଙ୍କ ସୁବିଧା ନିମନ୍ତେ ଗତ ୧ତାରିଖରୁ ଏସି ଶେଡ୍ ମାଧ୍ୟମରେ ଶ୍ରଦ୍ଧାଳୁମାନେ ମନ୍ଦିରକୁ ପ୍ରବେଶ କରୁଛନ୍ତି। ମେଘନାଦ ପାଚେରି ପାର୍ଶ୍ୱରେ ଥିବା ଦେବଦେବୀମାନଙ୍କ ଦର୍ଶନ ନିମନ୍ତେ ଏକ ସ୍ୱତନ୍ତ୍ର ଲାଇନ୍ ମଧ୍ୟ କରାଯାଇଛି। ଏକ ସଙ୍ଗରେ ପ୍ରାୟ ୬ହଜାର ଶ୍ରଦ୍ଧାଳୁ ରହିବା ଭଳି ଏକ ଅଭ୍ୟର୍ଥନା କେନ୍ଦ୍ର ତିଆରି ହୋଇଛି। ଶ୍ରଦ୍ଧାଳୁମାନଙ୍କ ଜିନିଷପତ୍ରକୁ ସୁରକ୍ଷିତଭାବେ ରଖିବା ପାଇଁ କ୍ଲକ୍ ରୁମ୍, ମହିଳା ଏବଂ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ଆଦି ନିର୍ମାଣ କରାଯାଇଛି। ଏଥିସହିତ ଏଟିଏମ୍ କାଉଣ୍ଟର, ଭକ୍ତମାନଙ୍କ ପାଇଁ ସୂଚନା କେନ୍ଦ୍ର, ପୋଲିସ ପୋଷ୍ଟ, ଫାଷ୍ଟ ଏଡ୍ ସେଣ୍ଟର ମଧ୍ୟ ନିର୍ମାଣ କରାଯାଇଛି। ଭକ୍ତମାନେ ଯେପରି ବାଧାଶୂନ୍ୟ ଭାବେ ଆସି ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ, ଜିଲାପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

# କାମ ନ ସରୁଣୁ ଭାଙ୍ଗୁଛି କଂକ୍ରିଟ, ଉଠିଯାଉଛି ପିଚୁ

ଯାଜପୁର,୫।୧ (ହର୍ଷବର୍ଦ୍ଧନ ବେହେରା)



ଯାଜପୁର ଜିଲା ପାଣିକୋଇଲି ରାସ୍ତା ଓ କୋଠାବାଡି (ଆରଏଣ୍ଡ ବି) ବିଭାଜନ ଅଧୀନରେ ଚାଲିଥିବା ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପରେ ବ୍ୟାପକ ଅନିୟମିତତା ଅଭିଯୋଗ ହେଉଛି। କେଉଁଠି ଗୁପ୍ତ ଟେଣ୍ଡର କରି ଅନେକ କୋଟି ଟଙ୍କାର ସରକାରୀ ଅନୁଦାନ ଆତ୍ମସାତ ହେଉଛି ତ'ଆଉ କେଉଁଠି ନିମ୍ନମାନର କାମ କରି ଠିକାଦାର ଓ ଯନ୍ତ୍ରୀ ମିଳିମିଶି ହରିଲୁଟ୍ କରୁଥିବା ଚର୍ଚ୍ଚା ହେଉଛି । ବିଶେଷକରି ଯାଜପୁର ଜିଲାରେ ଏହି ଦୁର୍ନୀତିର ଚେର ତଳୁ ଉପର ତଥା ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ଅଧୀକ୍ଷଣ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ଲମ୍ବିଥିବା ଆଲୋଚନା ହେଉଛି । ତେଣୁ ସଂପୃକ୍ତ ଗ୍ରାମବାସୀ ଅଭିଯୋଗ କଲେ ବି କୌଣସି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରୁ ନ ଥିବା ସୂଚନା ମିଳିଛି।

ଏଠାରେ ଧର୍ମଶାଳା ନିର୍ବାଚନ ମଣ୍ଡଳିର ଥାନୁଆଲ ଠାରୁ ତରଞ୍ଜିଆ ରାସ୍ତାର ଉନ୍ନତିକରଣ କାର୍ଯ୍ୟକୁ ଉଦାହରଣ ଭାବେ ନିଆଯାଇପାରେ। ୧୬ କୋଟି ୬୪ ଲକ୍ଷ ଟଙ୍କାର ଏହି ରାସ୍ତା କାର୍ଯ୍ୟକୁ ଆଶୀର୍ବାଦ ଇଞ୍ଜିନିୟର ଆଣ୍ଡ କନ୍‌ଷ୍ଟ୍ରକ୍ସନ ପ୍ରାଇଭେଟ ଲିଃ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଏହି କାର୍ଯ୍ୟ ୨୭।୧୦।୨୦୨୨ରେ ଆରମ୍ଭ ହୋଇଥିବାବେଳେ ୨୬।୯।୨୦୨୩ରେ ସରିବା କଥା। କିନ୍ତୁ ନିର୍ଦ୍ଧାରିତ ସମୟ ଗଡି ଯାଇଥିଲେ ହେଁ ଏଯାଏ ରାସ୍ତା କାର୍ଯ୍ୟ ୫୦% ବି ଶେଷ ହୋଇନାହିଁ । ଏହାବାଦ୍ ରାସ୍ତା କାର୍ଯ୍ୟରେ ଅତି ପତଳା ପିଚୁ ବ୍ୟବହାର ହେବା ସହ ପୁରୁଣା କଂକ୍ରିଟ ରାସ୍ତା ଉପରେ ନୂଆ ଢ଼ଲେଇ ହେଉଥିବା ଅଭିଯୋଗ ହେଉଛି। ଉକ୍ତ ଠିକାସଂସ୍ଥାର ମାଲିକ ଜଣେ ରାଜନେତାଙ୍କ ଛତ୍ରଛାୟା ତଳେ ରହିଥିବାରୁ ବିଭାଗୀୟ କର୍ତ୍ତୃପକ୍ଷ ହାତ ମାରି ପାରୁ ନାହାନ୍ତି କିମ୍ବା ସଂପୃକ୍ତ ଗ୍ରାମବାସୀ ଅଭିଯୋଗ କରିବାକୁ ସାହାସ ଜୁଟାଇ ପାରୁ ନ ଥିବା ଚର୍ଚ୍ଚା ହେଉଛି। ତେବେ ଆମ ପ୍ରତିନିଧିଙ୍କୁ କେତେକ ଗ୍ରାମବାସୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, କାର୍ଯ୍ୟ ଏତେ ନିମ୍ନମାନର ହେଉଛି ଯେ ଏହାର ଦୀର୍ଘସ୍ଥାୟୀ ହେବା ଅନିଶ୍ଚିତ। ଏହାସହ କାମ ନ ସୁରୁଣୁ ପିଚୁ ରାସ୍ତାରେ ସାମାନ୍ୟ ଗେଟି ଦିଶୁଥିବାବେଳେ କଂକ୍ରିଟରେ ସିମେଣ୍ଟ ଉଠି ଭାଙ୍ଗିବା ଆରମ୍ଭ ହେଲାଣି। ତେଣୁ ନିର୍ମାଣାଧୀନ ଉକ୍ତ ରାସ୍ତାର ଭିଜିଲାନ୍ସ କିମ୍ବା ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

**ଥାନୁଆଲ-ତରଞ୍ଜିଆ ପୂର୍ତ୍ତ ବିଭାଗ ରାସ୍ତା**

- ପତଳା ପିଚୁ, ପୁରୁଣା କଂକ୍ରିଟ ଉପରେ ନୂଆ ଢ଼ଲେଇ
- ଅଭିଯୋଗ କଲେ ବି ତଦନ୍ତ କରୁନାହାନ୍ତି ଅଧୀକ୍ଷଣ ଯନ୍ତ୍ରୀ

ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ବହୁ ମୂଲ୍ୟବାନ କଳାପଥର ଗାଡ଼ି ପରିବହନ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ସୁଦୃଢ ରାସ୍ତା ନିର୍ମାଣ କରିବାକୁ ରାଜ୍ୟ ସରକାରଙ୍କ ନିର୍ମାଣ ବିଭାଗ ଅନେକ କୋଟି ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି। ଏହିକ୍ରମରେ ଥାନୁଆଲ-ତରଞ୍ଜିଆ ରାସ୍ତାର ସୁଦୃଢୀକରଣ ଏବଂ ସମ୍ପ୍ରସାରଣ ପାଇଁ ରଘୁନାଥପୁର, ନାନପୁର, ଉତିମରା, ଆରୁହାଖୋଲା, ପୋବଳ, ତରଞ୍ଜିଆ, ଯୋଗଡିଆ ପ୍ରଭୃତି ଅଞ୍ଚଳବାସୀ ଦାବି କରିଥିଲେ। ଏହାପରେ ରାଜ୍ୟ ସରକାରଙ୍କ ଉକ୍ତ ରାସ୍ତା କାର୍ଯ୍ୟକୁ ମଞ୍ଜୁର କରି ଆଶୀର୍ବାଦ ଇଞ୍ଜିନିୟର ଆଣ୍ଡ କନ୍‌ଷ୍ଟ୍ରକ୍ସନ ପ୍ରାଇଭେଟ ଲିଃ ଠିକାସଂସ୍ଥା ଦ୍ୱାରା ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଠିକାଦାର ଏହି ରାସ୍ତା କାମକୁ ଅତ୍ୟନ୍ତ ନିମ୍ନମାନର କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି । ଏଷ୍ଟିମେଣ୍ଟ ଅନୁସାରେ କୌଣସି ସାମଗ୍ରୀ ବ୍ୟବହାର ହେଉନାହିଁ। ଆବଶ୍ୟକ ଅନୁଯାୟୀ ବଜୁରୀ, ଚିପ୍ସ ନଦେଇ କେବଳ ଅତ୍ୟଧିକ ପାଉଁଶ ଗୁଣ୍ଡ ପକାଇ ଠିକାଦାର କାମ କରିଥିବା ଅଭିଯୋଗ ହୋଇଛି । ଠିକ ଭାବେ ଗ୍ରାଉଟିଂ ଓ ଆବଶ୍ୟକ ଅନୁପାତରେ ପାଣି ଦେଇ ରୋଲିଂ ମଧ୍ୟ କରାଯାଇନାହିଁ । ସେହିପରି ରାସ୍ତାର ନିକଟ ଉଭୟ ପାର୍ଶ୍ୱରେ ଥିବା ବିପୁଳ ପରିମାଣର ମହରମ ତାଡ଼ି ଠିକାଦାର ରାସ୍ତାର ମୂଳଦୁଆ ପ୍ରସ୍ତୁତ କରିଛନ୍ତି । ଫଳରେ ଲଗାଣ ବର୍ଷା ହେଲେ ରାସ୍ତାର ଉଭୟ ପାର୍ଶ୍ୱ ଧୋଇଯିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ରାସ୍ତା କାମ ଚାଲିଥିବାବେଳେ ପାଣି ସିଞ୍ଚନ ହେଉ ନ ଥିବାରୁ ଧୂଳିଧୁଆଁରେ ପଥଚାରୀ ଅଣନିଃଶ୍ୱାସୀ ହୋଇ ପଡୁଛନ୍ତି। ସବୁଠାରୁ ବଡ଼କଥା ହେଉଛି କାମ ଚାଲୁଥିବା ସମୟରେ ପୂର୍ତ୍ତ ବିଭାଗର କୌଣସି ଯନ୍ତ୍ରୀ ଏଠାରେ ଉପସ୍ଥିତ ରାହୁନାହାନ୍ତି । ଫଳରେ ଠିକାଦାର ନିଜର ମନମୁଖୀ କାର୍ଯ୍ୟ କରି ବିପୁଳ କୋଟି ଟଙ୍କା ହରିଲୁଟ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକେ ନିମ୍ନମାନର କାମକୁ ବିରୋଧ କଲେ ଧମକ ଚମକ ମିଳୁଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହିପରି କେତେଜଣ ଦୁର୍ନୀତିଗ୍ରସ୍ତ ଠିକାଦାରଙ୍କ ପାଇଁ ସମ୍ପୃକ୍ତ ବିଧାୟକ ବଦନାମ ହେଉଥିବା ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି । ଏ ସଂକ୍ରାନ୍ତରେ ପାଣିକୋଇଲି ନିର୍ମାଣ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଦଲେଇ ଓ ଏସ୍‌ଡିଓ ନରୋତ୍ତମ ଦାସଙ୍କ ମତାମତ ନେବାକୁ ଗୁରୁବାର ତାଙ୍କ ମୋବାଇଲକୁ ଯୋଗାଯୋଗ କରିଥିଲେ ହେଁ ସେମାନେ ଫୋନ କଲ ଗ୍ରହଣ କରି ନ ଥିଲେ।

# ମନୋରଞ୍ଜନର ସମ୍ଭାର ସାଜିଛି ମହୋତ୍ସବ ମଞ୍ଚ



அ
ଅତିଥି କୃତୀ ପ୍ରତିଭାଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ରସୁଲପୁର,୫।୧ (ରଞ୍ଜିତ ରାଉତ)

## କୁଆଖିଆ ମହୋତ୍ସବ ଉଦ୍‌ଯାପିତ

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରରେ ଚାଲିଥିବା ୬୯ତମ ଲକ୍ଷ୍ମୀନାରାୟଣ ପୂଜା ଓ ୧୬ତମ କୁଆଖିଆ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି।

ମହୋତ୍ସବ ମଞ୍ଚ ସ୍ଥାୟୀ ସଭାପତି ତଥା ରସୁଲପୁର ବିଡିଓ ଅବନିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମୁଖ୍ୟବକ୍ତା ଯାଜପୁର ଏମ୍ପି ଶର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ବରୀ ବିଧାୟିକା ସୁନନ୍ଦା ଦାସ, କୋରେଇ ବିଧାୟକ ଅଶୋକ କୁମାର ବଳ ପ୍ରମୁଖ ଯୋଗଦେଇ ମହୋତ୍ସବ ମଞ୍ଚର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହ ମହୋତ୍ସବ ମଞ୍ଚ ମନୋରଞ୍ଜନର ସମ୍ଭାର ସାଜିଛି ବୋଲି କହିଥିଲେ। ଏଥିସହିତ ରସୁଲପୁର ବ୍ଲକ ଏକ କୃଷି ପ୍ରଧାନ ଅଞ୍ଚଳ ଭାବରେ ପରିଚିତ ରହିଛି। ଗ୍ରାମାଞ୍ଚଳର ୭୦ଭାଗ ଲୋକ କୃଷିଜୀବୀ। ସେମାନେ କ୍ଷେତରେ କାମ କରିବା ସହ ସନ୍ଧ୍ୟାରେ ବଜାରକୁ ଆସି ବିଭିନ୍ନ ପାରମ୍ପରିକ ଗୀତ, ନୃତ୍ୟ, ପାଲା, ଦାସକାଠିଆ, ପ୍ରବଚନ, ଯୋଗ, ଧର୍ମୀୟ ଆଲୋଚନା ଭଳି ଅନେକ କାର୍ଯ୍ୟକ୍ରମର ମଜା ଉଠାଇବାର ସୁଯୋଗ ଉଭୟ ଲକ୍ଷ୍ମୀନାରାୟଣ ପେଣ୍ଡାଲ ଓ କୁଆଖିଆ ମହୋତ୍ସବ ମଞ୍ଚ ସୃଷ୍ଟି କରିପାରିଛି ବୋଲି ପ୍ରକାଶ କରିଥିଲେ। ମହୋତ୍ସବ କମିଟି କାର୍ଯ୍ୟକର୍ତ୍ତା ସଭା ପରିଚାଳନାରେ ସହଯୋଗ କରିଥିଲେ। କମିଟି ସଦସ୍ୟ କାଳନ୍ଦୀ ଚରଣ କଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଭାପତି ରାଜେସ ସାହୁ ଧନ୍ୟବାଦ ଦେଇଥିଲେ। ସାଂସ୍କୃତିକ ପେଣ୍ଡାଲରେ ମା' ଲକ୍ଷ୍ମୀ ନାଟ୍ୟସଂସଦ ପାଲସାହି(ଚଣ୍ଡିପୁର) ପକ୍ଷରୁ ଶେଷରାତ୍ର ଯାତ୍ରା ପରିବେଷଣ କରାଯାଇ ଥିଲା। 'ଭୁଲ ତୋର ଭୋଗୁଛି ମୁଁ ଶୀର୍ଷକ ନାଟକ ଦର୍ଶକମାନଙ୍କୁ ଭରପୂର ମନୋରଂଜନ ଯୋଗାଇଥିଲା। ଏଠାରେ ୨୧ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାରେ ସ୍ଥାନୀୟ ପ୍ରଶାସନ, ଯୁବକ ସଂଘ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦୀୟମାନ ଯୁବକମାନେ ସହେଯାଗ କରିଥିଲେ। ଶନିବାର ସନ୍ଧ୍ୟାରେ ଭସାଣ ଉତ୍ସବ ଅନୁଷ୍ଠିତ ହେବା ନେଇ ଶାନ୍ତି କମିଟି, ମହୋତ୍ସବ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

# ରାଇଜିଂ ଷ୍ଟୁଡେଣ୍ଟ ଫାଇନାଲରେ

## ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍

ଯାଜପୁର ଟାଉନ,୫।୧
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ଜିଲା କ୍ରିକେଟ୍ ଆସୋସିଏଶନ ଓ ମେଲବର୍ନ କ୍ରିକେଟ କ୍ଲବ୍ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଇଜିଂ ଷ୍ଟୁଡେଣ୍ଟ କଟକ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଯାଜପୁର ବ୍ଲକ୍ ଅଧୀନ ନାଥସାହି ପଞ୍ଚାୟତର ନୂଆପଡ଼ା ଖେଳପଡ଼ିଆଠାରେ ଅନୁଷ୍ଠିତ ଅଷ୍ଟମ ଦିନର ଏହି ଟୁର୍ନାମେଣ୍ଟ ରାଇଜିଂ ଷ୍ଟୁଡେଣ୍ଟ୍ କଟକ ଓ ଜିମ୍ ଖାନା ରାଉରକେଲା ମଧ୍ୟରେ ହୋଇଥିଲା। ରାଇଜିଂ ଷ୍ଟୁଡେଣ୍ଟ୍ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭର ଖେଳି ୬ ଉଇକେଟ୍ ହରାଇ ୧୪୯ ରନ୍ ସଂଗ୍ରହ କରିଥିଲେ। ଦଳପକ୍ଷରୁ ଗିରିଜା ବାରିକ ୫୧, ଅଭିନାଶ ନାୟକ ୩୦ ରନ୍ ସଂଗ୍ରହ କରିଥିଲେ। ଜିମ୍ ଖାନାର ବୋଲର ଗୋବିନ୍ଦ ତାଣ୍ଡିଆ ୫ ଓଭର ବୋଲିଂ କରି ୨୭ରନ୍ ଦେଇ ୨ ଉଇକେଟ୍ ନେଇଥିବାବେଳେ ଅଙ୍କିତ୍ ମହାନ୍ତି ୪ ଓଭର ବୋଲିଂ କରି ୨୭ରନ୍ ଦେଇ ୧ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଜିମ୍ ଖାନା ୧୯.୪ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୮୫ରନ୍ ସଂଗ୍ରହ କରି ରାଇଜିଂ ଷ୍ଟୁଡେଣ୍ଟଠାରୁ ପରାସ୍ତ ହୋଇଥିଲା। ରାଇଜିଂ ଷ୍ଟୁଡେଣ୍ଟ୍ ବୋଲର ବିଶ୍ୱଜିତ୍ ୩.୪ ଓଭର ବୋଲିଂ କରି ୮ରନ୍ ଦେଇ ୪ ଉଇକେଟ୍ ଅକ୍ତିୟାର କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଗିରିଜା ବାରିକଙ୍କୁ ହରପାର୍ବତୀ ଛକ ଯାଜପୁର ଟାଉନର ଶ୍ରୀଜୟ ଆଣ୍ଡ ପାର୍ଟି ପକ୍ଷରୁ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍‌ରେ ବିଜେଡି ନେତା ତୁଷାରକାନ୍ତ ପରିଡ଼ା, ଜିଲା କ୍ରିକେଟ୍ ଆସୋସିଏଶନ ସମ୍ପାଦକ ଜ୍ଞାନଚାନ୍ଦ ଦାସ, ସହସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ଶ୍ରୀଜୟ ଆଣ୍ଡ ପାର୍ଟିର ସଦସ୍ୟ ସନ୍ତୋଷ ମହଲା, ନୀଳମଣି ପରିଡ଼ା, ରବୀନ୍ଦ୍ର ଭୋଇ, ଶ୍ରୀଜୟ ମହାପାତ୍ର, ବିଶ୍ୱଜିତ ଦାସ, ଦିବାକର କର ଓ ଜ୍ଞାନ ଘଡ଼େଇ ପ୍ରମୁଖ ଉପସ୍ଥିତ ଥିଲେ। ଲଲାଟ କେଶରୀ ନନ୍ଦ ଓ ଆଶୁତୋଷ ପାଣି ଅମ୍ପାୟାର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରରଭାବେ ସ୍ୱସ୍ତିକ ପହି ଓ ଏସ୍.କେ. କାଶିଫ୍ ଅଲି ଯୋଗ ଦେଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜ୍ଞାନ



@ ଶୁଭାଶୁ



@ ବିକାଶ



@ ସୂର୍ଯ୍ୟ



@ ଶଙ୍କର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ

ଯାଜପୁର ଟାଉନ,୫।୧
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଭୋଟର ପଞ୍ଜୀକରଣ ଅଧିକାରୀ ତଥା ଯାଜପୁର ଉପଜିଲାପାଳ ଏବଂ ଉପଖଣ୍ଡ ମାଜିଷ୍ଟ୍ରେଟ୍ ଗୋପୀନାଥ କୁଅଁରଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଶୁକ୍ରବାର ଚୂଡାନ୍ତ ଭୋଟର ତାଲିକା ୨୦୨୪ ପ୍ରକାଶ ପାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ଭାରତର ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ୧।୧।୨୦୨୪କୁ ୧୮ବର୍ଷ ବୟସ ସୂଚାଙ୍କ ଧରାଯାଇ ଯୋଗ୍ୟ ଭୋଟରମାନଙ୍କ ତାଲିକା ପ୍ରକାଶ ପାଇଛି। ଯାଜପୁର ଜିଲାର ୭ ବିଧାନସଭା ନିର୍ବାଚନମଣ୍ଡଳୀ ଯଥା; ବିଞ୍ଝାରପୁର, ବରୀ, ବଡ଼ଚଣା, ଧର୍ମଶାଳା, ଯାଜପୁର, କୋରେଇ ଏବଂ ସୁକିନ୍ଦା ନିର୍ବାଚନମଣ୍ଡଳୀକୁ ନେଇ ମୋଟ ୧୫ଲକ୍ଷ ୩୦ ହଜାର ୨୪୦ ଭୋଟରଙ୍କ ତାଲିକା ପ୍ରକାଶ ପାଇଛି ବୋଲି ଭୋଟର ପଞ୍ଜୀକରଣ ଅଧିକାରୀ କୁଅଁର ପ୍ରକାଶ କରିଛନ୍ତି।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ





ବାବା ହରେକୃଷ୍ଣ ଦାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଯାଜପୁର ଟାଉନ,୫।୧
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ବ୍ଲକ ଅଧୀନ ମାର୍କଣ୍ଡପୁରସ୍ଥିତ ବାବା ହରେକୃଷ୍ଣ ଦାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ରାଜେଶ କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ଭୌତିକ, ଶାରୀରିକ ବିକାଶ ଦିଗରେ ସରକାର ଯେଉଁ ପଦକ୍ଷେପ ନେଇଛନ୍ତି ତାହାକୁ ପ୍ରଶଂସା କରିଥିଲେ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଭୌତିକ ବିକାଶ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଅନ୍ୟତମଅତିଥି ଭାବେ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ବି. ସି ଦାସ ଯୋଗଦେଇଥିଲେ। ବାବା ହରେକୃଷ୍ଣ ଦାସ ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷ ସଚ୍ଚିକାନ୍ତ ପାଣିଗ୍ରାହୀ ଯୋଗଦେଇ ପ୍ଲାଷ୍ଟିକ୍ ମୁକ୍ତ ଭାରତ, ବାଲ୍ୟ ବିବାହ, ନୀରକ୍ଷରତା ଦୂରୀକରଣ, ସ୍ୱଚ୍ଛଭାରତ ଅଭିଯାନ, ଖେଳକୁଦ, ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ପିଲାମାନଙ୍କ ଭୌତିକ ଓ ସାମାଜିକ ଦକ୍ଷତା ବୃଦ୍ଧି ପାଇଥିବା ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ।

# ମହୋତ୍ସବ କଟକ ବାଲିଯାତ୍ରା ଭ୍ରମ ସୃଷ୍ଟି କରୁଛି

ଧର୍ମଶାଳା,୫।୧ (ବଟକୃଷ୍ଣ ପରିଡ଼ା)

## ଧର୍ମଶାଳା ମହୋତ୍ସବ ଉଦ୍‌ଯାପିତ



ଧର୍ମଶାଳା ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

ଧର୍ମଶାଳା ବ୍ଲକ ଅଧୀନ ଜାରକା ମହୋତ୍ସବ ପଡ଼ିଆରେ ୧୨ ଦିନ ବ୍ୟାପୀ ଚାଲିଥିବା ୧୯ତମ ଧର୍ମଶାଳା ମହୋତ୍ସବ ଶୁକ୍ରବର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ଜଳଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉଚ୍ଚ ଶିକ୍ଷା ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଧର୍ମଶାଳା ମହୋତ୍ସବ କଟକ ବାଲିଯାତ୍ରାର ଭ୍ରମ ସୃଷ୍ଟଟି କରୁଛି ବୋଲି ମତବ୍ୟକ୍ତ କରିଥିଲେ। ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ମୁଖ୍ୟବକ୍ତାଭାବେ ଯୋଗଦେଇ ହାତଗଣତି ବ୍ୟବସାୟୀଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଏବେ ଏକ ବିରାଟ ମହୋତ୍ସବରେ ପରିଣତ ହୋଇପାରିଛି ବୋଲି କହିବା ସହିତ ଶାନ୍ତିଶୃଙ୍ଖଳାରେ ମହୋତ୍ସବ ସମ୍ପନ୍ନ ହୋଇଥିବାରୁ ସ୍ଥାନୀୟ ଲୋକ ଓ ମହୋତ୍ସବ କମିଟି କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଥିଲେ। ସମ୍ମାନିତ ଅତିଥିଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଯୋଗଦେଇ ମହୋତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। କଥାଶିଳ୍ପୀ ତଥା ସ୍ତମ୍ଭକାର ଭୀମ ପୃଷ୍ଟି, ସଫଳ କୃଷକ ଅମୂଲ୍ୟ ରାଉତ, ସାମ୍ବାଦିକ ଗୁଲାମ ଗସ ଓ ସୀତାକାନ୍ତ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦତ୍ତ ମାନପତ୍ରଗୁଡ଼ିକୁ ରବିନାରାୟଣ ସାହୁ, ଆନନ୍ଦ ବିହାରୀ ନାୟକ, ରବୀନ୍ଦ୍ର କୁମାର ମହାନ୍ତି ଓ ପ୍ରଫୁଲ୍ଲ କୁମାର ସାହୁ ପାଠ କରିଥିଲେ। କମିଟି କୋଷାଧ୍ୟକ୍ଷ ସୁଦୀପ୍ତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ଇନ୍ଦ୍ରମଣି ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପୂର୍ବରୁ ଅନୁଷ୍ଠିତ ସ୍କୁଲସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଶେଷ ସନ୍ଧ୍ୟାରେ ମହୋତ୍ସବ ପଡିଆରେ ଭରପୁର ଗହଳି ଲାଗିଥିଲା। ହଜାରହଜାର ସଂଖ୍ୟାରେ ଆସୁଥିବା ଦର୍ଶକ ମଣ୍ଡପରେ ଲକ୍ଷ୍ମୀ ନାରାୟଣଙ୍କ ଦର୍ଶନ କରିବା ସହ ମହୋତ୍ସବ ପଡ଼ିଆରେ ବୁଲାବୁଲି କରି ନିଜ ମନପସନ୍ଦର ସାମଗ୍ରୀ କିଣିବା ସହିତ ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ମଜା ଉଠାଇଥିଲେ। ଧର୍ମଶାଳା ମହୋତ୍ସବ ପୂଜା କମିଟି ସଦସ୍ୟ ରାଜକିଶୋର ଶତପଥୀ, ଅଜୟ ନାୟକ, ଅକ୍ଷୟ ନାୟକ ଓ କାଶୀନାଥ ସାହୁ ପ୍ରମୁଖ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଦସ୍ୟ ମାନସ ମହାନ୍ତି, ଅକ୍ଷୟ ନାୟକ, ପ୍ରତାପ ପ୍ରଧାନ, ଅନିରୁଦ୍ଧ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଆୟୋଜକ କମିଟି ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସଦସ୍ୟ କ୍ଷୀରୋଦ ଚନ୍ଦ୍ର ମୁଦୁଲି ଧନ୍ୟବାଦ ଦେଇଥିଲେ। ପରେ ମୁକ୍ତାକାଶ ରଙ୍ଗମଞ୍ଚରେ ଦେବଡ୍ୟାନ୍ସ ଗ୍ରୁପ୍‌ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶନିବାର ସନ୍ଧ୍ୟାରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ବନ୍ଦ ହେଲାନି କଟ୍‌ନି ଛଟ୍‌ନି: ତେଜିଲା ଆନ୍ଦୋଳନ

ନୟାଗଡ଼,୫।୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ଧାନମଣ୍ଡିରେ କଟ୍‌ନି ଛଟ୍‌ନିକୁ ବନ୍ଦ କରିବାରେ ଜିଲା ପ୍ରଶାସନ ବ୍ୟର୍ଥ ହେବା ପରେ ଚାଷୀମାନଙ୍କ ଆନ୍ଦୋଳନ ଶୁକ୍ରବାର ବିସ୍ଫୋରକ ରୂପ ନେଇଛି। ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ପୋଲିସକୁ ଚକମା ଦେଖାଇ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ବାରଣ୍ଡାରେ ଚାଷୀମାନେ ପୂର୍ବାହ୍ନରେ ବିକ୍ଷୋଭ କରିଥିଲେ। ଚାଷୀମାନଙ୍କ ନାରାବାଜିରେ ଜିଲା ପ୍ରଶାସନର କାର୍ଯ୍ୟ ଠପ୍ ହୋଇଯାଇଥିଲା। ତେବେ ବିକ୍ଷୋଭ ସ୍ଥଳକୁ କେତେଜଣ ଚାଷୀଙ୍କୁ ନ ଛାଡ଼ିବାରୁ ଚାପା ଉତ୍ତେଜନା ଦେଖାଦେଇଥିଲା। ବିକ୍ଷୋଭ ସ୍ଥଳକୁ ଜିଲାପାଳ ଆସି ଆନ୍ଦୋଳନରତ ଚାଷୀଙ୍କ ସହ ଆଲୋଚନା କରି ପ୍ରତିଶ୍ରୁତି ଦେବାରୁ ପ୍ରାୟ ୧ ଘଣ୍ଟା ପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା।

ଡିସେମ୍ବର ୨୭ରୁ ଜିଲାରେ ଧାନକିଣା ଆରମ୍ଭ ହୋଇଛି। ଜିଲାରେ ୧୫୩ ପ୍ୟାକ୍ସର ୧୬୭ଟି ସ୍ଥାନରେ ଧାନମଣ୍ଡି ଖୋଲିବାର ରହିଥିଲେ ହେଁ ସବୁ ମଣ୍ଡି ଖୋଲିନାହିଁ। କଟ୍‌ନି ଛଟ୍‌ନି ବନ୍ଦ କରିବାକୁ ଚାଷୀଙ୍କ ବିକ୍ଷୋଭ ଓ ଆନ୍ଦୋଳନ ସତ୍ତ୍ୱେ ନୟାଗଡ଼ ଜିଲାରେ ଡିସେମ୍ବର ୨୭ ବୁଧବାରଠାରୁ ଖରିଫ ବିପଣନ ଋତୁ ୨୦୨୩-୨୪ ପାଇଁ ବହୁବିଧ ବଜାର ପ୍ରାଙ୍ଗଣ(ଆରଏମ୍‌ସି ୟାର୍ଡ) ନୟାଗଡ଼ଠାରେ ଧାନକିଣାର ଶୁଭାରମ୍ଭ ହୋଇଥିଲା। ଧାନ କିଣା ଆରମ୍ଭ ପରେ ପ୍ରତିବର୍ଷ ପରି ବିଭିନ୍ନ ମଣ୍ଡିରେ କଟ୍‌ନି ଛଟ୍‌ନି ଆରମ୍ଭ ହୋଇଥିଲା।


ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଜିଲାପାଳଙ୍କ କାର୍ଯ୍ୟାଳୟ ବାରଣ୍ଡାରେ କଲେ ବିକ୍ଷୋଭ**

- ଆନ୍ଦୋଳନର ତରିକା ବଦଳାଇ ପୋଲିସକୁ ଚକମା ଦେଲେ ଚାଷୀ
- ବିକ୍ଷୋଭକୁ କେତେଜଣ ଚାଷୀଙ୍କୁ ନ ଛାଡ଼ିବାରୁ ଚାପା ଉତ୍ତେଜନା
- ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ହଟିଲା ଆନ୍ଦୋଳନ

ବିଭିନ୍ନ ମଣ୍ଡିରେ ଏଫ୍‌ଏକ୍ୟୁ ଧାନର ମାନ ନାହିଁ ଦର୍ଶାଇ ୫ରୁ ୬ କେଜି କଟାଯାଉଛି। ମିଲରମାନେ ବେଆଇନ ଭାବେ ମିଲ୍‌ରେ ଧାନ ଗଚ୍ଛିତ ରଖିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନି। ଏହାର ପ୍ରତିବାଦରେ ଶୁକ୍ରବାର ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦଙ୍କ ନେତୃତ୍ୱରେ ଚାଷୀମାନେ ଆନ୍ଦୋଳନ କରିଥିଲେ। ଚାଷୀମାନେ ଦୁର୍ଗାମଣ୍ଡପଠାରୁ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ କରିବାର ଥିଲା। ଦୁର୍ଗାମଣ୍ଡପଠାରେ ଚାଷୀ ଏକ୍‌ଜୁଟ ହୋଇଥିଲେ। ତେବେ ପୋଲିସ ଚାଷୀଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ନ ଛାଡ଼ିବାକୁ ଯୋଜନା କରି ଘେରିଥିଲା। ପୋଲିସକୁ ଚକ୍‌ମା ଦେଖାଇ ଚାଷୀ ପୃଥକ୍ ପୃଥକ୍ ଭାବେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପଶିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ ଗେଟ୍‌ର ବାରଣ୍ଡାରେ ବିକ୍ଷୋଭ କରି କଟ୍‌ନି ଛଟ୍‌ନିର ପ୍ରତିବାଦ କରିଥିଲେ। ଚାଷୀଙ୍କ ଆନ୍ଦୋଳନକୁ ବନ୍ଦ କରିବାକୁ ପୋଲିସର ଉଦ୍ୟମ ବ୍ୟର୍ଥ ହୋଇଥିଲା। ଚାଷୀମାନେ ପୂର୍ବାହ୍ନ ୧୧ଟାରୁ ପ୍ରାୟ ୧ ଘଣ୍ଟା ଧରି ବିକ୍ଷୋଭ କରିଥିଲେ। ଜିଲାପାଳ ଚାଷୀଙ୍କ ସହ ଆଲୋଚନା କରିବା ପରେ ସଙ୍ଗଠନ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଆନ୍ଦୋଳନରେ ଜିଲା ସଂଯୋଜକ ପ୍ରସନ୍ନ ପ୍ରଧାନ, ଜିଲା ସଂଯୋଜକ ରଣଜିତ ଦଳବେହେରା, ଭାପୁର ସଂଯୋଜକ ଅଭିମନ୍ୟୁ ଗୁମାନସିଂହ, ଖୋର୍ଦ୍ଧା ଜିଲା ବୋଲଗଡ଼ ସଂଯୋଜକ ସୁରେଶ ମାନସିଂ, କଟକ ପ୍ରଭାରୀ ଆଶିଷ ବେହେରା, ରମେଶ ପଣ୍ଡା, ରବୀନ୍ଦ୍ର ବରାଡ଼, ବିନୋଦ ବରାଡ଼, ଲୋକନାଥ ନାୟକ ପ୍ରମୁଖ ନେତାମାନେ ଆନ୍ଦୋଳନରେ ଭାଗ ନେଇଥିଲେ। ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସଂଯୋଜକ ନନ୍ଦ କହିଛନ୍ତି, ମଣ୍ଡିରେ ମିଲର ଧାନ କିଣିବା ସମୟରେ କଟ୍‌ନି ଛଟ୍‌ନି ବନ୍ଦ କରିବାକୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ହୋଇଥିଲା। ଜିଲାପାଳ ଆସି ଚାଷୀଙ୍କ ସହ ଆଲୋଚନା କରି କଟ୍‌ନି ଛଟ୍‌ନି ବନ୍ଦ କରିବାକୁ କହିଛନ୍ତି। ଜିଲା ସଂଯୋଜକ ରଣଜିତ୍ ଦଳବେହେରା କହିଛନ୍ତି, କଟ୍‌ନି ଛଟ୍‌ନି ବନ୍ଦ ନ ହେଲେ ଆନ୍ଦୋଳନ ତୀବ୍ର ହେବ। ଗୋଳାପୋଖରୀ, ନିମାଣି, ବେଗୁନିଆ, ଚକ୍ରଧରପ୍ରସାଦ ପରି ବିଭିନ୍ନ ମଣ୍ଡିରେ ୬କେଜି ଲେଖାଏ ଧାନ କଟାଯାଉଛି। ଧାନ କଟାଗଲେ ଏଫ୍‌ଏକ୍ୟୁ ମାନର ଧାନ କିପରି ହେଉଛି ବୋଲି ପ୍ରଶ୍ନ କରିଥିଲେ। ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କୁ ପଚାରିବାରେ କଟ୍‌ନି ଛଟ୍‌ନି ବନ୍ଦ କରିବାକୁ ସେବା ସମବାୟ ସମିତି ଓ ମିଲରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ କଟ୍‌ନି ଛଟ୍‌ନି ବନ୍ଦ ବୋଲି ଚାଷୀମାନଙ୍କୁ କୁହାଯାଇଛି। ଶନିବାରଠାରୁ ସ୍କ୍ୱାଡ୍ ଯାଇ ତଦନ୍ତ କରିବେ। ସବୁ ମଣ୍ଡିରେ ଧାନର ମାନ ପରୀକ୍ଷଣ କରାଯିବ ବୋଲି ସେ କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଜ୍ଞାନ


@ ଶୁଭ୍ରାଂଶୁ


@ ବିକାଶ


@ ସୂର୍ଯ୍ୟ


@ ଶଙ୍କର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୪ ନିର୍ବାଚନମଣ୍ଡଳୀରେ ୭ ଲକ୍ଷ ୯୭ ହଜାର ଭୋଟର



ଭୋଟର ତାଲିକାଙ୍କୁ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଓ ପ୍ରଶାସନିକ ଅଧିକାରୀମାନେ ଦେଖାଉଛନ୍ତି।

ନୟାଗଡ଼,୫।୧(ଲୋକନାଥ ମିଶ୍ର)

- ପ୍ରକାଶ ପାଇଲା ଚୂଡ଼ାନ୍ତ ଭୋଟର ତାଲିକା
- ବଢ଼ିଲା ମହିଳା ଭୋଟର ଅନୁପାତ

ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି। ଚୂଡ଼ାନ୍ତ ଭୋଟର ତାଲିକା ଜିଲା, ବ୍ଲକ ଓ ବୁଥ୍‌ସ୍ତରରେ ପ୍ରକାଶ ପାଇଛି। ଇଚ୍ଛୁକ ବ୍ୟକ୍ତି ଜିଲା, ବ୍ଲକ ଓ ବୁଥ୍‌ସ୍ତରରେ ନାମ ଯାଞ୍ଚ କରିପାରିବେ। ନୂତନ ଭାବେ ଯୋଗଦେଇଥିବା ଭୋଟର, ତଥ୍ୟ ସଂଶୋଧନ କରିଥିବା ଭୋଟର, ନୂତନ ଭାବେ ପରିଚୟ ପତ୍ର ପାଇଁ ଆବେଦନ କରିଥିବା ଭୋଟରଙ୍କ ପରିଚୟପତ୍ର ଡାକ ମାଧ୍ୟମରେ ପଠାଯିବାର ବ୍ୟବସ୍ଥା ହୋଇଛି। ଜିଲାରେ ୭ ଲକ୍ଷ ୯୭,୨୭୭ ଭୋଟର ଅଛନ୍ତି। ଏଥିରୁ ପୁରୁଷ ଭୋଟର ୪ ଲକ୍ଷ ୧୭,୩୬୮ ଓ ମହିଳା ୩ ଲକ୍ଷ ୭୯, ୮୬୧ ଏବଂ ତୃତୀୟ ଲିଙ୍ଗୀ ଭୋଟର ୪୮ ଜଣ ଅଛନ୍ତି। ଜିଲାରେ ମହିଳା ଭୋଟରଙ୍କ ସଂଖ୍ୟା ବଢ଼ିଛି। ଜିଲାପାଳଙ୍କ ସୂଚନା ଅନୁସାରେ, ଜିଲାରେ ନୟାଗଡ଼ ନିର୍ବାଚନମଣ୍ଡଳୀରେ କେବଳ ଗୋଟିଏ ବୁଥ୍ ବଢ଼ିଛି। ଜିଲାରେ ୪ ନିର୍ବାଚନମଣ୍ଡଳୀ ପାଇଁ ୯୩୭ ବୁଥ୍ ରହିଛି। ରଣପୁର ନିର୍ବାଚନମଣ୍ଡଳୀର ୨୪୦ ବୁଥ୍‌ରେ ୨ଲକ୍ଷ ୫,୯୫୯ ଭୋଟର, ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ୨୧୭ ବୁଥ୍‌ରେ ୧ ଲକ୍ଷ ୮୩,୪୦୫ ଭୋଟର, ଦଶପଲ୍ଲା ନିର୍ବାଚନମଣ୍ଡଳୀର ୨୩୪ ବୁଥ୍‌ରେ ୧ ଲକ୍ଷ ୮୮,୯୭୫ ଭୋଟର ଓ ନୟାଗଡ଼ ନିର୍ବାଚନ ମଣ୍ଡଳୀର ୨୪୬ ବୁଥ୍ ପାଇଁ ୨ ଲକ୍ଷ ୧୮,୯୩୮ ଭୋଟର ଅଛନ୍ତି। ଅନ୍ୟପକ୍ଷେ ପୁରୁଷ ଭୋଟର ତୁଳନାରେ ମହିଳା ଭୋଟରଙ୍କ ଅନୁପାତ ବଢ଼ିବା ଶୁଭ ଖବର। ୨୦୧୯ରେ ମହିଳା ଭୋଟର ଅନୁପାତ ୮୯୭ ଥିବାବେଳେ ୨୦୨୪ରେ ଏହା ୯୧୦ରେ ପହଞ୍ଚିଛି। ସେହିଭଳି ୧୮ ଓ ୧୯ ବର୍ଷର ନବାଗତ ଭୋଟର ୨୦୧୯ରେ ୧୧, ୩୦୧ ଥିବାବେଳେ ୨୦୨୪ ଚୂଡ଼ାନ୍ତ ଭୋଟର ତାଲିକାରେ ୧୬,୬୬୧ରେ ପହଞ୍ଚିଛି। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଶକ୍ତିକାନ୍ତ ରାୟ, ଡେପୁଟି କଲେକ୍ଟର(ନିର୍ବାଚନ) ରିମା ହାଁସ୍‌ଦା, ପ୍ରଭାତି ମହାରଣା ଓ ଅଭିଜିତ୍ ଷଡ଼ଙ୍ଗୀ, କଂଗ୍ରେସ ନେତା ରଣଜିତ୍ ଦାଶ, ବିଜେଡିର ଗଙ୍ଗାଧର ପଣ୍ଡା, ସିପିଆଇ(ଏମ୍)ର ବିଶ୍ୱନାଥ ମହାପାତ୍ର, ଭାଜପାର ପ୍ରଭାତ ମହାପାତ୍ର, ଜିଲାସ୍ତରୀୟ ଗଣମାଧ୍ୟମର ପ୍ରତିନିଧି ଯୋଗଦେଇଥିଲେ।

# ଆଜି ଦଶପଲ୍ଲାକୁ ଗଡ଼ିବ ରେଳ

ନୟାଗଡ,୫।୧(ଲୋକନାଥ ମିଶ୍ର)

ଶନିବାର ଦଶପଲ୍ଲାକୁ ଗଡ଼ିବ ରେଳ। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଛି। ନୂଆଗାଁରୁ ଦଶପଲ୍ଲା ୧୩ କିମି ରେଳପଥ ଅପେକ୍ଷା କରି ରହିଛି। ନୟାଗଡ଼ରୁ ଦଶପଲ୍ଲାର ଦୂରତା ୩୮ କିମି। ନୟାଗଡ଼ରୁ ମହିପୁର ଷ୍ଟେଶନର ଦୂରତା ୧୨ କିମି ଥିବାବେଳେ ମହିପୁରରୁ ନୂଆଗାଁ ଷ୍ଟେଶନର ଦୂରତା ୧୩ କିମି ରହିଛି। ନୂଆଗାଁ ପର୍ଯ୍ୟନ୍ତ ରେଳ ଯାଉଛି। ନୂଆଗାଁରୁ ଦଶପଲ୍ଲା ଷ୍ଟେଶନର ଦୂରତା ୧୩ କିମି ରହିଛି। ଦଶପଲ୍ଲାବାସୀଙ୍କ ବହୁଦିନର ସ୍ୱପ୍ନ ସାକାର ହେବାକୁ ଯାଉଛି।

# ଛତିଶଗଡ଼ର ୪ ମହିଳା ଗିରଫ

**ଚୁଡ଼ି ବିକିବା ବାହାନାରେ ସୁନାପାଲି ଲୁଟ ଉଦ୍ୟମ**

ଓଡଗାଁ, ୫।୧
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଗିରିଡିପଲ୍ଲୀ ପଞ୍ଚାୟତ ଝାଡ଼ସାହି ଗାଁରେ ଚୁଡ଼ି ବିକିବା ନାଁରେ ସୁନାମାଳି ଲୁଟ୍ କରିବା ଘଟଣାରେ ପୋଲିସ ୪ ଜଣ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ମହିଳା ଛତଶଗଡ଼ ରାଜ୍ୟ ଦେବତ୍ରିକା ଗାଁର ସରିତା ଗିରି, ଶ୍ରୀମତୀ ସଞ୍ଜୁ, ପୂଜା ଗିରି ଓ ବାଗାଡି ଗ୍ରାମର ମଞ୍ଜୁ ବାଇ। ସୂଚନା ଅନୁଯାୟୀ ଛତିଶଗଡ଼ରୁ କେତେଜଣ ମହିଳା ଓଡ଼ଗାଁ ଅଞ୍ଚଳରେ ରହି ଚୁଡ଼ି ବ୍ୟବସାୟ କରିବା ସହ ମହିଳାମାନଙ୍କୁ ସୁନାମାଳି ଗୁଞ୍ଚିବାକୁ ପ୍ରବର୍ତ୍ତାଉ ଥିଲେ। ଗୁରୁବାର ଝାଡସାହି ଗାଁର ସୁକାନ୍ତି ପ୍ରଧାନ ଓ ଆଉ କେତେଜଣ ମହିଳା ଚୁଡ଼ି ବ୍ୟବସାୟୀ ମହିଳାଙ୍କୁ ସୁନାମାଳି ଗୁଞ୍ଚିବାକୁ ଦେଇ ଜଗି ବସିଥିବାବେଳେ ସେମାନଙ୍କ ଆଖି ଆଗରେ ସୁନାମାଳିକୁ ଲୁଚାଇ ଅନ୍ୟ ଏକ ନକଲି ସୁନାମାଳି ଦେଇଥିଲେ। ଯାହାକୁ ସ୍ଥାନୀୟ ମହିଳାମାନେ ଦେଖି ନେବା ସହ ସମ୍ପୃକ୍ତ ମହିଳାଙ୍କୁ କାବୁ କରି ପୋଲିସ ହେପାଜତରେ ଦେଇଥିଲେ। ପୋଲିସ ସୁକାନ୍ତିଙ୍କ ଅଭିଯୋଗକୁ ଆଧାର କରି ନଂ.୨/୨୪ରେ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଲୁଟ ଘଟଣାରେ ସମ୍ପୃକ୍ତ ୪ ମହିଳାଙ୍କୁ ପୋଲିସ ଗିରଫ କରିଥିଲା।


ଗିରଫ ହୋଇଥିବା ୪ ଜଣ ମହିଳା ଅଭିଯୁକ୍ତ।

# ଜେସିବି ଚାଳକକୁ ଆକ୍ରମଣ ଘଟଣା, ଜଣେ ଅଭିଯୁକ୍ତ ଗିରଫ

ଖଣ୍ଡପଡ଼ା,୫।୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଥାନା ଅଧୀନ ଗୁଣ୍ଡୁଣୀ ଗ୍ରାମ ଉଚ୍ଚବିଦ୍ୟାଳୟ କାର୍ଯ୍ୟରେ ନିୟୋଜିତ ଜେସିବି ମେସିନ୍ ଚାଳକ ଚିନ୍ତାମଣି ଦଳେଇ (୩୧) ଓ ତାଙ୍କ ସହଯୋଗୀ ସଦାଶିବ ସ୍ୱାଇଁ (୪୫)ଙ୍କୁ ସ୍ଥାନୀୟ ଅଞ୍ଚଳର ୨ଜଣ ଯୁବକ ଗୁରୁବାର ମଧ୍ୟାହ୍ନରେ ମରଣାନ୍ତକ ଆକ୍ରମଣ କରିଥିଲେ। ଘଟଣା ସମ୍ପର୍କରେ ଜେସିବି ମାଲିକ ରବୀନ୍ଦ୍ର କୁମାର ପ୍ରଧାନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ମିଟୁ ଜେନା, ତ୍ରିନାଥ ଗୁରୁଙ୍କ ସମେତ ସହଯୋଗୀଙ୍କ ନାମରେ ବିଭିନ୍ନ ଦଫାରେ ମାମଲା ରୁଜୁ କରିଛି। ତନ୍ମଧ୍ୟରୁ ଗୁରୁବାର ରାତିରେ ଗୁଣ୍ଡୁଣୀ ଗ୍ରାମରୁ ତ୍ରିନାଥଙ୍କୁ ଗିରଫ କରି ଖଣ୍ଡପଡ଼ା ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କ ଠାରୁ ପ୍ରକାଶ।

# ଡ୍ରାଇଭରଙ୍କ ପାଇଁ ସ୍ୱାସ୍ଥ୍ୟସେବା ଶିବିର

ନୟାଗଡ଼, ୫।୧(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକର ବଡ଼ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ୍ରାଇଭରମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିକିତ୍ସା ବିଜ୍ଞାନୀ ଡ. ଶ୍ରୀଲେଖା ମିଶ୍ର ଓ ଶୁଭ୍ରଜ୍ୟୋତି ଷଡ଼ଙ୍ଗୀ ଯୋଗଦେଇ ଟିବି, ଏଚ୍‌ଆଇଭି, ମଧୁମେହ, ହେପାଟାଇଟିସ୍ ଇତ୍ୟାଦି ରୋଗର କାରଣ ଓ ନିରାକରଣ ଉପରେ ସଚେତନ କରାଇଥିଲେ। ଶିବିରରେ ୭୦ ଡ୍ରାଇଭରଙ୍କ ଯକ୍ଷ୍ମା ପାଇଁ କଫ ସଂଗ୍ରହ ଓ ଅନ୍ୟ ରୋଗ ପାଇଁ ରକ୍ତ ପରୀକ୍ଷଣ କରାଯାଇଥିଲା। ଓଡ଼ିଶା ଡ୍ରାଇଭର ମହାସଂଘ ନୟାଗଡ଼ ବ୍ଲକର ସଭାପତି ଶଶିକାନ୍ତ ସାହୁ ଓ ସମ୍ପାଦକ ସୁଶାନ୍ତ କୁମାର ମଙ୍ଗଳ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଦୀପକ ଦଳବେହେରା, ସୁଜାତା ପଟ୍ଟନାୟକ, ସୁଶାନ୍ତ ସାହୁ, ଅଶୋକ ନାୟକ ଓ ଲିଜୁମାମା ସାହୁ ପ୍ରମୁଖ ସହଯୋଗ କରିଥିଲେ।



# ମିଶନ ଶକ୍ତି ପକ୍ଷରୁ କମ୍ପ୍ୟୁଟର ଦକ୍ଷତା ତାଲିମ କାର୍ଯ୍ୟକ୍ରମ ସମ୍ପନ୍ନ


କମ୍ପ୍ୟୁଟର ପ୍ରଶିକ୍ଷଣ ନେଇଥିବା ଏମ୍‌ବିକେ ଓ ଅନ୍ୟମାନେ।

ଖଣ୍ଡପଡ଼ା,୫।୧
(ଅଜୟ କୁମାର ମହାରଣା)

ଓଡିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋରେ ୨୦ ଦିନିଆ କମ୍ପ୍ୟୁଟର ଦକ୍ଷତା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଓକେସିଏଲ୍ ଅଧିକୃତ ଶିକ୍ଷାକେନ୍ଦ୍ର, ବ୍ରାଇଟ୍ କ୍ୟାରିୟର କମ୍ପ୍ୟୁଟର ଏକାଡେମୀ କଣ୍ଟିଲୋଠାରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା, ଭାପୁର ଓ ଗଣିଆ ବ୍ଲକର ଯଥାକ୍ରମେ ୪ଜଣ, ୧୦ଜଣ ଓ ୨ଜଣ ସମୁଦାୟ ୧୬ ଜଣ କାର୍ଯ୍ୟରତ ଏମ୍‌ବିକେମାନେ ଏଥିରେ ଯୋଗ ଦେଇଥିଲେ। ପ୍ରତ୍ୟେହ ସେମାନଙ୍କୁ ଓଏସ୍-ସିଆଇଟି କୋର୍ସ, କମ୍ପ୍ୟୁଟର ଥିଓରି କ୍ଲାସ, ପ୍ରାକ୍ଟିକାଲ କ୍ଲାସ, ପିପିଟି ମାଧ୍ୟମରେ ଶିକ୍ଷା ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷକ ଭାବେ ବ୍ରାଇଟ୍ କ୍ୟାରିୟର କମ୍ପ୍ୟୁଟର ଏକାଡେମୀ କଣ୍ଟିଲୋର ମୁଖ୍ୟ ସୁଶାନ୍ତ କୁମାର ସାହୁ ପ୍ରଶିକ୍ଷଣ ଦେଇଥିଲେ। ଶେଷରେ ଏମ୍‌ବିକେମାନେ ନିଜ ନିଜର ଅନୁଭୂତି ମାଧ୍ୟମରେ ମିଶନ ଶକ୍ତି ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ବ୍ଲକ ପ୍ରତିନିଧିମାନେ ବିଭିନ୍ନ ସମୟରେ ପରିଦର୍ଶନ କରି ଏମ୍‌ବିକେମାନଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ।

# ଶ୍ରୀନୀଳମାଧବଙ୍କ ନିକଟରେ ପହଞ୍ଚିଲା ନିମନ୍ତ୍ରଣ

**ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**

ଖଣ୍ଡପଡା,୫।୧
(ଅଜୟ କୁମାର ମହାରଣା)


ପୁରୀରୁ ଆସିଥିବା ନିମନ୍ତ୍ରଣ ପତ୍ରକୁ ଶ୍ରୀନୀଳମାଧବ ମନ୍ଦିରରେ ଗ୍ରହଣ କରାଯାଉଛି।

ବିଭିନ୍ନ ସ୍ତରରୁ ଅଭିଯୋଗର ସ୍ୱର ଉଠିବା ପରେ ଶୁକ୍ରବାର କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ପାଖରେ ପୁରୀ ଶ୍ରୀମନ୍ଦିର ପ୍ରକଳ୍ପ ଉଦ୍‌ଘାଟନ ପାଇଁ ନିମନ୍ତ୍ରଣ ପତ୍ର ପହଞ୍ଚିଛି। ସୂଚନାଯୋଗ୍ୟ, ରାଜ୍ୟ ସରକାର ତଥା ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅସନ୍ତା ୧୭ ତାରିଖରେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ଉତ୍ସବ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ସମେତ ଅନ୍ୟ ମୁଖ୍ୟ ମନ୍ଦିରଗୁଡିକକୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ ପଠାଯାଇଥିଲା। ଅପରପକ୍ଷରେ ନୟାଗଡ଼ ଜଗନ୍ନାଥ ଓ ରଣପୁର ଜଗନ୍ନାଥ ଜୀଉଙ୍କ ପାଖକୁ ଡିସେମ୍ବର ୨୬ରୁ ନିମନ୍ତ୍ରଣ ପତ୍ର ପହଞ୍ଚି ଥିବା ବେଳେ ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଭାବେ ସର୍ବଜନ ବିଦିତ କଣ୍ଟିଲୋସ୍ଥିତ ଶ୍ରୀନୀଳମାଧବ ଜୀଉଙ୍କ ନିକଟକୁ ଏହି ନିମନ୍ତ୍ରଣ ପତ୍ର ପଠାଯାଇ ନ ଥିବାରୁ ବିଭିନ୍ନ ମହଲ ତଥା ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପରେ ବିଶେଷ କରି ନୀଳମାଧବ ଜୀଉ ପୂଜକ ସମାଜ ପକ୍ଷରୁ ଏ ନେଇ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଦୃଷ୍ଟି ଆକର୍ଷଣ ପରେ ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଶ୍ରୀନୀଳମାଧବ ଜୀଉଙ୍କ ନିକଟକୁ ନିମନ୍ତ୍ରଣ ପତ୍ର ପଠାଇବାକୁ ଜିଲାପାଳ ସାହୁ ୧ ତାରିଖରେ ଶ୍ରୀମନ୍ଦିର ପ୍ରଶାସନଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ। ଏ ସମ୍ପର୍କୀତ 'ନୀଳମାଧବ ପୀଠକୁ ନିମନ୍ତ୍ରଣ ନ ଆସିବାରୁ ଅସନ୍ତୋଷ' ଶିର୍ଷକ ଏକ ଖବର ଗତ ୩ ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା। ଶୁକ୍ରବାର ବିଳମ୍ବରେ ହେଉ ପଛେ ଶ୍ରୀନୀଳମାଧବ ପୀଠକୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ ଆସିଥିବାରୁ ସ୍ଥାନୀୟ ଅଞ୍ଚଳରେ ତଥା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏ ସମ୍ପର୍କରେ ସୂଚନା ପାଇ ଖଣ୍ଡପଡ଼ା ତହସିଲଦାର ଧୋବେଇ ନାଏକ ଶ୍ରୀଜଗନ୍ନାଥଙ୍କ ନିମନ୍ତ୍ରଣ ଆଣି ଆସିଥିବା ବ୍ୟକ୍ତିମାନଙ୍କୁ ସ୍ୱାଗତ ଜଣାଇ ଏକ ସଂକୀର୍ତ୍ତନ ଶୋଭାଯାତ୍ରାରେ ନୀଳମାଧବ ଜୀଉଙ୍କ ସିଂହଦ୍ୱାରସ୍ଥିତ ଦୋଳ ମଣ୍ଡପ ନିକଟକୁ ଯାଇଥିଲେ। ସେଠାରୁ ନୀଳମାଧବ ପୂଜକ ସମାଜ ସଭାପତି ସଚ୍ଚିଦାନନ୍ଦ ମିଶ୍ର, ସମ୍ପାଦକ ନୀଳମାଧବ ମିଶ୍ର ଓ ଅନ୍ୟ ସେବାୟତମାନେ ମନ୍ଦିର ଉପରକୁ ପୁରୀରୁ ଆସିଥିବା ଲେବର ଅଫିସର ବିକ୍ରମ କେଶରୀ ପ୍ରଧାନ ଓ ବଡ଼ ସୁଆର ନିଯୋଗ ସଭାପତି ବିଶ୍ୱନାଥ ସାମନ୍ତଙ୍କୁ ପାଛୋଟି ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଦେବୋତର ମ୍ୟାନେଜର ହରିହର ଦାଶ, ଖଣ୍ଡପଡ଼ା ରାଜସ୍ୱ ସୁପରଭାଇଜର ଗଣେଶ୍ୱର ମହାନ୍ତି ଓ ଅନ୍ୟ ସେବାୟତମାନେ ଉପସ୍ଥିତ ଥିଲେ।



# କରିନାଙ୍କ କନ୍ନଡ ଡେବ୍ୟୁ

**ମୁମ୍ବାଇ:** କେଜିଏଫ୍ ଚାପ୍ଟର-୨ ପରେ ଏବେ ୟଶ୍‌ଙ୍କ ପରବର୍ତ୍ତୀ ଚଳଚ୍ଚିତ୍ରକୁ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି। ନୂଆବର୍ଷ ଆରମ୍ଭ ପୂର୍ବରୁ ୟଶ୍ ତାଙ୍କର ପରବର୍ତ୍ତୀ ଫିଲ୍ମର ନାମ ଘୋଷଣା କରିଥିଲେ। ଗୀତୁ ମୋହନଦାସଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଟକ୍ସିକ୍' କେଜିଏଫ୍ ଭଳି ବ୍ଲକବଷ୍ଟର ହେବ ବୋଲି ଆଲୋଚନା ହେଉଛି। ତେବେ ଏନେଇ ଆଉ ଏକ ଖବର ସାମ୍ନାକୁ ଆସିଛି। ଅଭିନେତ୍ରୀ କରିନା କପୁର ଖାନ୍ ଟକ୍ସିକ୍ ଜରିଆରେ କନ୍ନଡ ଫିଲ୍ମରେ ଡେବ୍ୟୁ କରିବାକୁ ଯାଉଛନ୍ତି। ତେବେ କରିନା ପ୍ରଥମ କରି ୟଶ୍‌ଙ୍କ ସହିତ ସ୍କ୍ରିନ ଶେୟାର କରିବେ। ତାଙ୍କୁ ମୁଭିରେ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଏହା ପୂର୍ବରୁ ସେ କୌଣସି ସାଉଥ୍ ଫିଲ୍ମରେ କାମ କରିନାହାନ୍ତି। ନିର୍ମାତା କରିନାଙ୍କୁ ଏହି ଫିଲ୍ମ ପାଇଁ ପ୍ରସ୍ତାବ ଦେଇଛନ୍ତି। କରିନା ୨୦୦୦ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ଫିଲ୍ମରେ ତାଙ୍କ ଅଭିନୟରେ ଦର୍ଶକଙ୍କ ହୃଦୟ ଜିତିପାରିଛନ୍ତି। ଶେଷଥର ପାଇଁ ତାଙ୍କୁ 'ଦି ବକିଙ୍ଗହାମ୍ ମର୍ଡର୍ସ'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ପାଖରେ ଦୁଇଟି ମୁଭି ରହିଛି।

## ନୂଆବର୍ଷରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ବିରିୟାନି ଅର୍ଡର



**ନୂଆଦିଲ୍ଲୀ:** ଖାଦ୍ୟର ରୁଚି କାହାକୁ ବା ନ ଥାଏ। ଅଧିକାଂଶ ସମୟରେ ଲୋକେ ବାହାରୁ ଖାଦ୍ୟ ଅର୍ଡର କରିବାକୁ ପସନ୍ଦ କରିଥାନ୍ତି। ଫାଷ୍ଟଫୁଡ୍ ଭାବେ ଲୋକେ ପିଜ୍ଜା, ବର୍ଗର, ପାସ୍ତା, ନୁଡୁଲ୍‌ସ ଆଦି ଖାଦ୍ୟକୁ ବହୁ ମାତ୍ରାରେ ଖାଇଥାନ୍ତି। ଅନେକ ଲୋକଙ୍କ ମଧ୍ୟରେ ବିରିୟାନି ପ୍ରତି କ୍ରେଜ୍ ଥିବା ମଧ୍ୟ ଦେଖିବାକୁ ମିଳିଛି। ତେବେ ନିକଟରେ ଫୁଡ୍ ଡେଲିଭରି ସଂସ୍ଥା ଜୋମାଟୋ ନୂଆବର୍ଷ ଅବସରରେ ଅର୍ଡର ହୋଇଥିବା ଖାଦ୍ୟର ଏକ ବିବରଣୀ ପ୍ରକାଶ କରିଛି। ଜୋମାଟୋ ଏନେଇ ଏକ ଗ୍ରାଫ୍ ଶେୟାର କରିଛି। ଯେଉଁଥିରେ ଦର୍ଶାଯାଇଛି ଯେ, ନୂଆବର୍ଷ ଅବସରରେ ସାରା ଦେଶରେ ଲୋକେ କିପରି ବିରିୟାନିକୁ ଅଧିକ ବରାଦ କରିଛନ୍ତି। ନୂଆବର୍ଷରେ ଜୋମାଟୋ ଏବଂ ସ୍ୱିଗିରୁ ମୋଟ ୫ ଲକ୍ଷରୁ ଊର୍ଦ୍ଧ୍ୱ 'ବିରିୟାନି' ଅର୍ଡର କରିଥିବା ଜଣାପଡ଼ିଛି।

# ସମୃଦ୍ଧ ପୃଥିବୀ ଲକ୍ଷ୍ୟ ଅପରିହାର୍ଯ୍ୟ

## ବିଶ୍ୱ ଯୁଦ୍ଧ ଅନାଥ ଦିବସ



ସମୃଦ୍ଧ ପୃଥିବୀ ପାଇଁ ଯୁଦ୍ଧ ନୁହେଁ ଶାନ୍ତି ହିଁ ଅପରିହାର୍ଯ୍ୟ। କାରଣ ଶାନ୍ତି ଏବଂ ସହନଶୀଳତା ଦ୍ୱାରା ବିକାଶର ଲକ୍ଷ୍ୟ ହାସଲ କରିବା ସହଜ ହୋଇଥାଏ। ବିଶ୍ୱ ଶାନ୍ତି ସମ୍ପର୍କରେ ସଚେତନତା ଏବଂ ଯୁଦ୍ଧ ଦ୍ୱାରା ସୃଷ୍ଟି ହେଉଥିବା ବିଭୀଷିକା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜାନୁୟାରୀ ୬ରେ ବିଶ୍ୱ ଯୁଦ୍ଧ ଅନାଥ ଦିବସ ପାଳନ କରାଯାଇଥାଏ। ଯୁଦ୍ଧ ଅନାଥ ଅର୍ଥ ହେଉଛନ୍ତି ସୈନିକଙ୍କ ସନ୍ତାନ, ଯେଉଁମାନଙ୍କର ପିତାଙ୍କର ମୃତ୍ୟୁ ସଶସ୍ତ୍ର ବାହିନୀରେ ଡ୍ୟୁଟି ସମୟରେ ଘଟିଛି। ଯୁଦ୍ଧ ଯୋଗୁ ଅନାଥ ହୋଇଯାଇଥିବା ପିଲାମାନଙ୍କ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଏହି ଦିବସର ମୁଖ୍ୟ ଲକ୍ଷ୍ୟ ଧାର୍ଯ୍ୟ। ଯୁଦ୍ଧ ଅନାଥ ପିଲାମାନଙ୍କ ଜୀବନଧାରଣ ଅବସ୍ଥାକୁ ସ୍ୱାଭାବିକ ଭାବେ ସୁନିଶ୍ଚିତ କରିବା ଏବଂ ଏଭଳି ପିଲାମାନେ ସମ୍ମୁଖୀନ ହେଉଥିବା ଭାବପ୍ରବଣ, ସାମାଜିକ ଏବଂ ଶାରୀରିକ ଆହ୍ୱାନର ସମାଧାନ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଯୁଦ୍ଧ ଅନାଥ ପିଲାମାନଙ୍କ ମଧ୍ୟରୁ ଅଧିକାଂଶ ବୁଢ଼ାବାପା ବୁଢ଼ୀମା, ଜେଜେବାପା ଜେଜେମା ଅବା ପରିବାରର ଅନ୍ୟ ସଦସ୍ୟଙ୍କ ଦ୍ୱାରା ପ୍ରାୟତଃ ପ୍ରତିପାଳିତ ହୋଇଥାନ୍ତି। ଏଭଳି ଅନାଥ ପିଲାଙ୍କ ମଧ୍ୟରୁ ୯୫ ପ୍ରତିଶତଙ୍କ ବୟସ ୧୮ ବର୍ଷରୁ କମ।

ଏହି ଦିବସ ଅବସରରେ ପୃଥିବୀରେ ଯୁଦ୍ଧ ବିରୋଧରେ ସଚେତନତା ସୃଷ୍ଟି କରାଯାଇଥାଏ। ବିକଶିତ ଦେଶମାନଙ୍କରେ ଅନାଥମାନଙ୍କ ସଂଖ୍ୟା ଅପେକ୍ଷାକୃତ କମ ରହିଛି। ଜାତିସଂଘ ରିପୋର୍ଟ ଅନୁସାରେ ୨୦୧୫ରେ ଯୁଦ୍ଧ ଅନାଥଙ୍କ ସଂଖ୍ୟା ପ୍ରାୟ ୧୪୦ ନିୟୁତ ଥିଲା। ସେଥିମଧ୍ୟରେ ଏସିଆରେ ୬୧ ନିୟୁତ, ଆଫ୍ରିକାରେ ୫୨ ନିୟୁତ, ଲାଟିନ ଆମେରିକା ଏବଂ କାରିବିଆନରେ ୧୦ ନିୟୁତ, ପୂର୍ବ ୟୁରୋପ ଏବଂ ମଧ୍ୟ ଏସିଆରେ ୭.୩ ନିୟୁତ ଯୁଦ୍ଧ ଅନାଥ ଥିଲେ। ୟୁନିସେଫ ଅନୁଯାୟୀ, ୧୯୯୦ଠାରୁ ଯୁଦ୍ଧ ଅନାଥ ପିଲାମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଥିବାବେଳେ ୨୦୦୧ଠାରୁ ଏହା ୦.୭ ପ୍ରତିଶତ ହାରରେ କମିବାରେ ଲାଗିଛି। ରୁଷିଆ-ୟୁକ୍ରେନ ମଧ୍ୟରେ ଜାରି ରହିଥିବା ବିବାଦ ମଧ୍ୟରେ ଏଭଳି ଅନାଥଙ୍କ ସଂଖ୍ୟା ବୃଦ୍ଧି ହେବାର ଆଶଙ୍କା ବଢ଼ିବାରେ ଲାଗିଛି।

# ୨୩୧ ବର୍ଷର ପୁରୁଣା ଥିଏଟର



**ରୋମ୍:** ଇଟାଲିର ଭେନିସରେ ଅବସ୍ଥିତ ଟିଟ୍ରୋ ଲା ଫେନିସ୍ ଏକ ପ୍ରସିଦ୍ଧ ଥିଏଟର ଏବଂ ଅପେରା, ଯାହା ପ୍ରାୟ ୨୩୧ ବର୍ଷର ପୁରୁଣା। ଏହି ଥିଏଟର ଏତେ ସୁନ୍ଦର ଯେ ଏହା ଆଗରେ ସିନେମା ଘର ମଧ୍ୟ ଫିକା ପଡ଼ିଯିବ। ଯେତେବେଳେ ଲୋକେ ଏଠାକୁ ଶୋ' ଦେଖିବାକୁ ଆସନ୍ତି, ସେତେବେଳେ ସେମାନେ ନିଜକୁ ଏକ ଯାଦୁଘରେ ଥିବା ଅନୁଭବ କରନ୍ତି। କାରଣ ଲୋକେ ଏହାର ଭବ୍ୟତା ଏବଂ ସଙ୍ଗୀତରେ ମୁଗ୍ଧ ହୋଇଯାଆନ୍ତି। ରିପୋର୍ଟ ମୁତାବକ, ଏହି ଥିଏଟର ୧୭୯୦ରୁ ୧୭୯୨ ମଧ୍ୟରେ ପ୍ରସ୍ତୁତ କରାଯାଇ ଲୋକଙ୍କ ପାଇଁ ଖୋଲାଯାଇଥିଲା। ୧୮୩୬ରେ ଏହି ଥିଏଟରରେ ନିଆଁ ଲାଗି ଯାଇଥିଲା। ପୁଣି ଏହାକୁ ତା'ର ନିଜ ଡିଜାଇନରେ ପ୍ରସ୍ତୁତ କରାଗଲା। ପରେ ୧୯୯୬ରେ ହୋଇଥିବା ଅଗ୍ନିକାଣ୍ଡରେ ଏହା ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଥିଲା। କିନ୍ତୁ ପରେ ୨୦୦୩ ଡିସେମ୍ବର ୧୭ରେ ମରାମତି କରାଯାଇ ଲୋକଙ୍କ ପାଇଁ ଏହାକୁ ଖୋଲି ଦିଆଗଲା। ଥିଏଟର ଏହି ଇଟାଲିଆନ୍ ନାମର ଅର୍ଥ 'ଦି ଫିନିକ୍ସ ଥିଏଟର'; ଯାହା ପୌରାଣିକ ପକ୍ଷୀରୁ ଆସିଛି, ଯେଉଁମାନେ ନିଆଁରେ ଜଳି ମରିଯାଆନ୍ତି। ପରେ ସେମାନେ ପୁନର୍ଜନ୍ମ ନିଅନ୍ତି। ଏଥିପାଇଁ ଏହି ଥିଏଟର ୨ ଥର ଜଳି ମଧ୍ୟ ପୁନର୍ଜନ୍ମ ପାଇଥିବା କୁହାଯାଉଛି। ବର୍ତ୍ତମାନ ମଧ୍ୟ ଏହି ଥିଏଟର ଶାସ୍ତ୍ରୀୟ ସଙ୍ଗୀତ ଶୋ' ପାଇଁ ବିଶ୍ୱରେ ଶୀର୍ଷରେ ରହିଛି। ଥିଏଟରରେ ଇତିହାସର କିଛି ମହାନ୍ କଳାକାର ଏବଂ ସଙ୍ଗୀତକାର ନିଜ ଶୋ' କରିଛନ୍ତି। ଏଥିରେ ମୋଟ ୧,୧୨୬ ଲୋକ ବସିପାରିବେ। ପ୍ରତିବର୍ଷ ଏଥିରେ ଶହେରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ।

N·S·D·C
RE IMAGINE FUTURE

**ସର୍ବସାଧାରଣ ବିଜ୍ଞପ୍ତି**

ଆମ ଜ୍ଞାତସାରକୁ ଏହା ଆସିଛି ଯେ କେତେକ ଅସାଧୁ ପ୍ରକୃତିର ବ୍ୟକ୍ତିବିଶେଷ ଏବଂ ସଙ୍ଗଠନ ଏନ୍‌ଏସ୍‌ଡିସି (ଜାତୀୟ କୌଶଳ ବିକାଶ ନିଗମ) ବା ଏନ୍‌ଏସ୍‌ଡିସି ଇଣ୍ଟରନ୍ୟାସନାଲ୍‌ର ପ୍ରତିନିଧିତ୍ୱ କରିବାର ମିଥ୍ୟା ଛଳନା କରି ସମ୍ଭାବ୍ୟ ପ୍ରାର୍ଥୀମାନଙ୍କୁ ଠକିବାର ପ୍ରଚେଷ୍ଟା କରୁଛନ୍ତି ଏବଂ ଇସ୍ରାଏଲରେ ଅନ୍ତର୍ଜାତୀୟ କର୍ମନିଯୁକ୍ତି ଦେବାର ଆଳ ଦେଖାଇ ସେମାନଙ୍କଠାରୁ ନିଯୁକ୍ତି ଦେୟ ଦାବି କରୁଛନ୍ତି।

ଦୟାକରି ଧ୍ୟାନରେ ରଖନ୍ତୁ ଯେ, ଏନ୍‌ଏସ୍‌ଡିସି କିମ୍ବା ଏନ୍‌ଏସ୍‌ଡିସି ଇଣ୍ଟରନ୍ୟାସନାଲ୍ ଏହା ତରଫରୁ କୌଣସି ପ୍ରକାର ନିଯୁକ୍ତି ପାଇଁ କୌଣସି ପ୍ରକାର ଦେୟ ଆଦାୟ କରିବା ଲାଗି କାହାରିକୁ ଅଧିକୃତ କରିନାହିଁ। ଏନ୍‌ଏସ୍‌ଡିସି ଏବଂ ଏହାର ଅଧୀନସ୍ଥ ସଂସ୍ଥାଗୁଡ଼ିକ ପୂର୍ଣ୍ଣ ପାରଦର୍ଶିତା ସହ କାର୍ଯ୍ୟ କରିଥାନ୍ତି ଏବଂ ସମସ୍ତ ନୈତିକ କାର୍ଯ୍ୟାଭ୍ୟାସକୁ ଅନୁସରଣ କରିଥାନ୍ତି।

ସମସ୍ତ ଆଶାୟୀ ପ୍ରାର୍ଥୀ ଠକାମିପୂର୍ଣ୍ଣ ଯୋଜନା ସମ୍ପର୍କରେ ସଚେତନ ରହିବା, ସତର୍କତା ଅବଲମ୍ବନ କରିବା ଏବଂ ଏଭଳି ଠକାମିର ଶିକାର ହେବାରୁ ନିଜକୁ ସୁରକ୍ଷିତ ରଖିବା ଜରୁରୀ।

CBC 63113/12/0005/2324

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଡ୍ରାଇଭର/ପିଅନ
ଆବଶ୍ୟକ। ମାଗଣା ରହିବା ଖାଇବା ସହିତ ଦରମା।
ଯୋଗାଯୋଗ: 7008432414

ଭୁବନେଶ୍ୱର ସ୍ଥିତ PETROL PUMP ରେ ତେଲ ପକାଇବା ନିମନ୍ତେ ପ୍ରାର୍ଥୀ ଆବଶ୍ୟକ।
ମାସିକ ଦରମା: ୧୩୦୦୦, ବୟସ: ୨୨ ରୁ ୪୫ ବର୍ଷ
ମୋବାଇଲ ନଂ- 9861925500

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

**NEEDS MEDICAL PROFESSIONALS**

National Aluminium Company Limited (NALCO), the Navratna PSU is one of the largest integrated Alumina-Aluminium complexes in Asia with its Corporate Office at Bhubaneswar, Odisha. The company is looking for Medical professionals for its production units / offices in different locations, as per the details below:

| Name of the Post / Grade | Total no. of Posts* |
|---|---|
| Specialist /E02 grade (Orthopedic:01, Pediatric:02, Radiology:01) | 04 (UR-01, OBC (NCL)01, EWS-01, SC-01) |
| Specialist/E03 grade (Orthopedic:01, Pediatric:02, Radiology:01, Medicine :01, Ophthalmology:01) | 06 (UR-03, OBC(NCL)-02, EWS-01) |

Important Dates :

| | |
|---|---|
| Opening of online Submission of application | 18/12/2023 (10:00 AM) |
| Last date of Submission of online application | 16/01/2024 (06:00 AM) |

For details and to apply online please visit the Career Section of Company's website at www.nalcoindia.com
Advt. No. 10230401 Date: 12/12/2023

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India
Advt. No. 11/2023 Date: 20/12/2023

Rourkela Steel Plant (RSP), a unit of Steel Authority of India Limited (SAIL) - a Maharatna Public Sector Enterprise having Ispat General Hospital (IGH) with 600 beds and Health Centres at Rourkela, Occupation Health Centre inside the Plant and 03 Medical Units at different Mines at Bolani, Barsuan & Kalta under Odisha Group of Mines (OGoM). Rourkela Steel Plant, as a part of its continuous commitment and effort to improve the quality of life of its employees needs following professionals to strengthen the existing team in its Hospitals at Rourkela and OGoM.

| Post | Vacancy | SC | ST | OBC | EWS | UR | Disability Category to be considered |
|---|---|---|---|---|---|---|---|
| Medical Officer (E-1) | 05 (IGH-04 & OGoM-01) | 01 | -- | 01 | -- | 03 | OH-OA/OH-OL |
| Dy. Manager (Bio-Medical) | 01 | -- | -- | -- | -- | 01 | -- |

For full details of the Advertisement, please visit SAIL website www.sail.co.in at the link "Careers". Eligible and interested candidates would be required to apply online only through SAIL's website www.sail.co.in at the link "Careers" or www.sailcareers.com. No other mode of application shall be accepted.
• Starting date for submitting applications: 23/12/2023
• Closing date for submitting applications: 20/01/2024

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

## ରାଜ୍ୟ ଖବର

# ୧୪୦୦ କୋଟିର କୃଷି ଯନ୍ତ୍ରପାତି ବିକ୍ରି ଆଶା ଅଛି: ମନ୍ତ୍ରୀ

**ଭୁବନେଶ୍ୱର, ୫।୧ (ସୁନିତ୍ ମିଶ୍ର)**

ଉପକରଣର ବହୁଳ ବ୍ୟବହାର ଦିଗରେ ଚାଷୀଙ୍କ ମଧ୍ୟରେ ଆଗ୍ରହ ବଢ଼ିଛି। ୨୦୨୨-୨୩ରେ ରାଜ୍ୟରେ ମୋଟ ୮୦୦ କୋଟି ଟଙ୍କାର କୃଷି ଯନ୍ତ୍ରପାତି ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇ ଏ ଦିଗରେ ୨୯୬.୬୮ କୋଟି ଟଙ୍କା ରିହାତି ପ୍ରଦାନ କରାଯାଇଥିଲା। ୨୦୨୩-୨୪ରେ ଚାଷୀଙ୍କ ଦ୍ୱାରା ଅଗ୍ରିମ ବୁକିଂ ଏବଂ ପରମିଟ୍ ପ୍ରଦାନ ଦୃଷ୍ଟିରୁ ୧୪୦୦ କୋଟି ଟଙ୍କାର କୃଷି ଯନ୍ତ୍ରପାତି ବିକ୍ରି ଓ ରିହାତି ରାଶି ୫୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବାର ଆଶା ରହିଛି ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ରାଜ୍ୟ ସରକାର କୃଷକଙ୍କୁ ଉନ୍ନତ କୃଷି ଯନ୍ତ୍ରପାତି ଓ ଉପକରଣ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଆକର୍ଷଣୀୟ ରିହାତିର ବ୍ୟବସ୍ଥା କରିଛନ୍ତି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। କ୍ଷେତ୍ରସ୍ତରରେ କୃଷକମାନଙ୍କୁ ଆଧୁନିକ ଯନ୍ତ୍ରପାତିର ବ୍ୟବହାର ସମ୍ପର୍କରେ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ବିଭାଗ ପକ୍ଷରୁ ୨୦୨୨-୨୩ରେ ୪ ଗୋଟି ଆଞ୍ଚଳିକ କୃଷିମେଳା ସମେତ ୨୬ ଜିଲାରେ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ କରାଯାଇଥିଲା। ସୂଚନାଯୋଗ୍ୟ, ଜିଲାସ୍ତରୀୟ ମେଳାର ଆୟୋଜନ ପୂର୍ବରୁ ଯନ୍ତ୍ରପାତି କିଣିବା ବାବଦରେ କୃଷକ ହିତାଧିକାରୀଙ୍କୁ ମୋଟ ୧୦୦ କୋଟି ଟଙ୍କାର ରିହାତି ପ୍ରଦାନ କରାଯାଇଥିଲା। କ୍ଷେତ୍ରସ୍ତରରେ କୃଷି ଯନ୍ତ୍ରପାତି ମେଳାର ଆୟୋଜନ ଯୋଗୁ କୃଷକଙ୍କ ଉପରେ ସକାରାତ୍ମକ ପ୍ରଭାବରୁ ୨୦୨୨-୨୩ରେ ମୋଟ ୮୦୦ କୋଟି ଟଙ୍କାର କୃଷି ଯନ୍ତ୍ରପାତି ଓ ଉପକରଣ ବିକ୍ରି ହୋଇଥିଲା। ଏ ବାବଦରେ ଅଧିକ ୨୦୦ କୋଟି ଟଙ୍କାର ରିହାତି ରାଶି ସିଧାସଳଖ କୃଷକମାନଙ୍କୁ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଥିଲା। ୨୦୨୨-୨୩ରେ ସମୁଦାୟ ୨୯୬ କୋଟି ୬୮ ଲକ୍ଷ ଟଙ୍କା ରିହାତି ରାଶି ପ୍ରଦାନ କରାଯାଇଥିବାବେଳେ ୨୦୨୩-୨୪ରେ ରାଜ୍ୟ ଯୋଜନାରେ ୪୧୨ କୋଟି ଟଙ୍କାର ରିହାତି ରାଶି ପ୍ରଦାନ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି।

# ଛାତ୍ରାବାସରେ ଯୌନ ନିର୍ଯାତନା

## ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଥାନାରେ ଅଭିଯୋଗ

**କୁତ୍ରା, ୫।୧ (ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ ଗମାରଡିହୀ ଅଞ୍ଚଳରେ ଥିବା ଏକ ମିଶନ ବିଦ୍ୟାଳୟର ଛାତ୍ରାବାସରେ ଫାଦର ଯୌନ ନିର୍ଯାତନା ଦେଉଥିବା ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା କୁତ୍ରା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ କେସ୍ ନଂ ୨/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ଛାତ୍ରାବାସରେ ଯୌନ ନିର୍ଯାତନା ଦିଆଯାଉଥିବା ନେଇ ବିଶେଷ ସୂତ୍ରରୁ ଜିଲା ଶିଶୁ ମଙ୍ଗଳ କମିଟି ଖବର ପାଇ ଉକ୍ତ ଛାତ୍ରାବାସକୁ ଯାଇ ତଦନ୍ତ କରିଥିଲା। ଏନେଇ ସତ୍ୟାସତ୍ୟ ଜାଣିବା ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାଇଥିଲା। ଶୁକ୍ରବାର କୁତ୍ରା ଥାନାରେ ଡିସିପିଓଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ପୋଲିସ ଛାତ୍ରାବାସର ୮ ଜଣ ଛାତ୍ରଙ୍କୁ ଡାକ୍ତରୀ ମାଇନା ପାଇଁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବା ଜଣାପଡିଛି। ଏନେଇ ଆଇଆଇସି ମନୋରଞ୍ଜନ ବିଶିଙ୍କୁ ପଚାରିବାରୁ, ଘଟଣା ସମ୍ପର୍କରେ ଅଭିଯୋଗ ହେବା ପରେ ତଦନ୍ତ ଚାଲିଛି ବୋଲି ସେ କହିଥିଲେ।




ଖୋର୍ଦ୍ଧା ରୋଡ଼-ବଲାଙ୍ଗିର ନୂତନ ରେଳ ଲାଇନର
ନୂଆଗାଁ ରୋଡ଼-ଦଶପଲ୍ଲା ସେକ୍ସନ
ଓ
ଦଶପଲ୍ଲା ରେଳ ଷ୍ଟେସନ ଭବନର
ଉଦ୍‌ଘାଟନ
ଏବଂ
4ଟି ଟ୍ରେନ ସେବାକୁ ଦଶପଲ୍ଲା ପର୍ଯ୍ୟନ୍ତ ସଂପ୍ରସାରଣର
ଶୁଭାରମ୍ଭ

ସୁବିଧା
- ଦୁଇଟି ଲୁପ୍ ଲାଇନ୍ ସହିତ ତିନୋଟି ଲାଇନ ଷ୍ଟେସନ
- ପ୍ଲାଟଫର୍ମ ଆଶ୍ରୟସ୍ଥଳ ସହିତ ଦୁଇଟି ଉଚ୍ଚସ୍ତରୀୟ ପ୍ଲାଟଫର୍ମ
- ଉଭୟ ପ୍ଲାଟଫର୍ମକୁ ସଂଯୋଗ କରୁଥିବା ଫୁଟ୍ ଓଭର ବ୍ରିଜ
- ପାର୍କିଂ ସୁବିଧା ସହିତ ପରିଚଳନ କ୍ଷେତ୍ର
- ଏହି ଅଞ୍ଚଳର ଦୀର୍ଘ ଦିନର ସ୍ୱପ୍ନ ସାକାର ହେଲା
- ପୁରୀ, ଭୁବନେଶ୍ୱର ଏବଂ ଭଦ୍ରକ ସହିତ ସିଧାସଳଖ ଟ୍ରେନ୍ ସଂଯୋଗ
- ଦଶପଲ୍ଲା ସହିତ ସଂଯୋଗ ହେଉଥିବା ଉପାନ୍ତ ଅଞ୍ଚଳର ଲୋକମାନେ ଉପକୃତ ହେବେ
- ନିକଟସ୍ଥ ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶକୁ ଗତି ପ୍ରଦାନ କରିବ

ଅଶ୍ୱିନୀ ବୈଷ୍ଣବ
ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ଭାରତ ସରକାର
ଙ୍କ ଦ୍ୱାରା

ତାରିଖ : 6 ଜାନୁୟାରୀ, 2024 | ସମୟ : 0930 ଘଟିକା | ସ୍ଥାନ : ଦଶପଲ୍ଲା ରେଳ ଷ୍ଟେସନ
ସମସ୍ତଙ୍କୁ ସାଦର ଆମନ୍ତ୍ରଣ

ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
D-20/23-24
Follow us on: www.facebook/@EASTCOASTRailway1 www.twitter.com/EastCoastRail www.instagram.com/cproecor

## ସଂକ୍ଷେପରେ

### ପ୍ରଥମ ବାର୍ଷିକ ନାଟକ ପରିବେଷଣ

ଛତିଆ,୫।୧ (ସୌମ୍ୟରଞ୍ଜନ ସାହୁ)

ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ତଳା ପଞ୍ଚାୟତର ବାରିମୂଳଠାରେ ନବବର୍ଷ ଅବସରରେ ଦୁଇ ଦିନ ଧରି ତ୍ରିଶକ୍ତି ସାଂସ୍କୃତିକ ନାଟ୍ୟ ପରିଷଦ ନାୟକ ସାହି ଆନୁକୂଲ୍ୟରେ ନାଟକ ମଞ୍ଚସ୍ଥ କରାଯାଇଛି। ବୁଧବାର ପ୍ରଥମ ରାତ୍ରିରେ ନାଟକ ସୁଖ ସଉତୁଣୀ ଦୁଃଖ ଭଗାରି ଓ ଦ୍ୱିତୀୟ ରାତ୍ରିରେ ଏମିତି ଝିଅର ପାଦେ ଜୁହାର ମଞ୍ଚସ୍ଥ ହୋଇଛି। ଉକ୍ତ ନାଟକକୁ ହିମାଂଶୁ ପରିଡ଼ା ନିର୍ଦ୍ଦେଶନା ଦେଇଥିବାବେଳେ କ୍ଲବର ସମସ୍ତ ସଦସ୍ୟ ମଞ୍ଚ ପରିଚାଳନା କରିଥିଲେ। କଳାକାରମାନଙ୍କ ନିଖୁଣ ଅଭିନୟ ପ୍ରଦର୍ଶନ ଦର୍ଶକଙ୍କୁ ବେଶ୍ ମନୋରଞ୍ଜନ କରିଥିଲା। ଶହଶହ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ନାଟକକୁ ଉପଭୋଗ କରିଥିଲେ।

### ମହିଳା ଚାଷୀଙ୍କ ପରଲୋକ

ପାଣିକୋଇଲି,୫।୧ (ବିକାଶ ମଲ୍ଲିକ)

କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ମହିଳା ଚାଷୀ କାବିଲୀ ସ୍ୱାଇଁଙ୍କ (୭୮) ବର୍ଷ ବୟସରେ ଗୁରୁବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଜଣେ ସ୍ୱାଭିମାନୀ, ପରିଶ୍ରମୀ ତଥା ଅତ୍ମନିର୍ଭରଶୀଳ ଚାଷୀ ଭାବେ ଜଣାଶୁଣା ଥିଲେ। ତାଙ୍କ ଜୀବନ ଅତ୍ୟନ୍ତ ଦୁଃଖ ପୂର୍ଣ୍ଣ ଥିଲା। ସ୍ୱାମୀ କୌଣସି କାରଣରୁ ତାଙ୍କୁ ନେଇ ଛାଡ଼ିଦେବା ପରେ ବିଭିନ୍ନ ପରିବା ଚାଷକରି ପରିବାର ପ୍ରତିପୋଷଣ କରୁଥିଲେ।

### ପାଚେରି ଭାଙ୍ଗି ଗାଇ ଉଦ୍ଧାର

ପାଣିକୋଇଲି,୫।୧ (ବିକାଶ ମଲ୍ଲିକ)

ପାଣିକୋଇଲି ବଜାରରେ ଥିବା ଏକ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ରର କାନ୍ଥ ଓ ପାଚେରି ମଧ୍ୟରେ ଫସି ଯାଇଥିବା ଏକ ଗାଇକୁ ପାଚେରି ଭାଙ୍ଗି ଉଦ୍ଧାର କରାଯାଇଛି। ଦୀର୍ଘ ସମୟ ଧରି ଉକ୍ତ ଗାଇଟି ଉକ୍ତ ସ୍ଥାନର ଫଶି ରହିଥିଲା। ଶିକ୍ଷାକେନ୍ଦ୍ରର କର୍ମଚାରୀ, ଯାଜପୁର ରୋଡ୍ ଅଗ୍ନିଶମ ବାହିନୀ, ଆମେ ଅପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟ ଓ ସ୍ଥାନୀୟ ବାସିନ୍ଦା ଦୁଇ ଘଣ୍ଟାରୁ ଉର୍ଦ୍ଧ୍ୱ ପରିଶ୍ରମ କରି ଗାଈଟିକୁ ଉଦ୍ଧାର କରିଥିଲେ। ପରେ ପ୍ରାଣୀଧନ ନିରୀକ୍ଷକ ପହଞ୍ଚି ଗାଇଟିକୁ ଚିକିତ୍ସା କରିଥିଲେ।

### ଭ୍ୟାନିଟ ଫେରାଇଲେ ଯୁବକ



ପାଣିକୋଇଲି,୫।୧ (ବିକାଶ ମଲ୍ଲିକ)

ପାଣିକୋଇଲି ପଞ୍ଚାୟତ ଅର୍ନ୍ତଗତ ଅଳତିରି କଙ୍କଲା ପାଟଣା ଗ୍ରାମର ଅଜୟ ସାହୁଙ୍କ ପୁଅ ରାମ ପ୍ରକାଶ ସାହୁ ଯାଜପୁରରୋଡରୁ ଫେରୁଥିବାବେଳେ ଏକ ଭ୍ୟାନିଟ ପାଇ ଫେରାଇଛନ୍ତି। ଭ୍ୟାନିଟରେ ୪ ହଜାର ଟଙ୍କା ସମେତ, ମୋବାଇଲ, ଆଇ କାର୍ଡ ଇତ୍ୟାଦି ରହିଥିଲା। ଯାଜପୁରରୋଡ ଡାକ ବିଭାଗରେ କାର୍ଯ୍ୟ କରୁଥିବା କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଗଡ ବାନ୍ଦୋଗୋଡା ଗ୍ରାମର ମୋନାଲିସା ଜେନାଙ୍କ ଏହି ଭ୍ୟାନିଟ ବୋଲି ଜାଣିବା ପରେ ରାମ ପ୍ରକାଶ ତାଙ୍କୁ ଖବର ଦେଇଥିଲେ। ମୋନାଲିସା ପାଣିକୋଇଲିରେ ପହଞ୍ଚି ଉପଯୁକ୍ତ ପ୍ରମାଣ ଦେଇ ତାଙ୍କ ଭ୍ୟାନିଟି ନେଇଛନ୍ତି। ରାମ ପ୍ରକାଶଙ୍କ ଏଭଳି କାର୍ଯ୍ୟଧାରାକୁ ସାଧାରଣରେ ପ୍ରସଂଶା କରାଯାଇଛି।

# ରାସ୍ତାରେ ଭାସୁଛି ପାନୀୟ ଜଳ

**ୱାଟ୍‌କୋର ଖାମଖିଆଲି ନୀତି**

■ ଖାଲ ହୋଇ ବଢୁଛି ଦୁର୍ଘଟଣା

ଯାଜପୁରରୋଡ,୫।୧ (ପବିତ୍ର ରଞ୍ଜନ ମହାନ୍ତି)



ପାଣି ପାଇପ ଫାଟି ରାସ୍ତା ମଝିରେ ସୃଷ୍ଟି ହୋଇଥିବା ଖାଲ।

ବ୍ୟାସନଗର ପୌର ପରିଷଦର ବହୁ ଅଞ୍ଚଳରେ ପାଣି ପାଇପ ଫାଟି ପାନୀୟ ଜଳ ରାସ୍ତାରେ ଭାସୁଛି। ଅନ୍ୟ କେତେକ ଅଞ୍ଚଳରେ ପାଣି ପାଇପରେ ଗୋଳିଆ ପାଣି ଆସୁଥିବାରୁ ଲୋକେ ପିଇବା ପାଣି ଟିକେ ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରାଞ୍ଚଳରେ ଏହି ସେବା ଯୋଗାଉଥିବା ୱାଟ୍‌କୋ କାର୍ଯ୍ୟାଳୟରେ ଦୈନିକ ଅଭିଯୋଗମାନ ହେଉଛି। ପାଣିପାଇପଗୁଡ଼ିକ ରାସ୍ତା ତଳେ ଥିବାରୁ ଅନେକ ସ୍ଥାନରେ ପାଇପ ଫାଟି ରାସ୍ତା ନଷ୍ଟ ହେଉଛି, ଯାହାର ଉଦାହରଣ ଦେଖିବାକୁ ମିଳିଛି ସହରର ମୁଖ୍ୟରାସ୍ତା ଭାବେ ପରିଚିତ ଚୋରଦା ଛକର ଚୋରଦା ବାଇପାସ ରାସ୍ତା ମଧ୍ୟଭାଗରେ। ଦୀର୍ଘଦିନ ହେବ ପାଣି ପାଇପ ଫାଟି ରାସ୍ତାରେ ପିଇବା ପାଣି ଭାସିବା ସହ ଉକ୍ତ ସ୍ଥାନରେ ଏକ ବଡ଼ ଖାଲ ସୃଷ୍ଟି ହୋଇଛି। ମାତ୍ର କିଛି ଦିନ ହେବ ପୂର୍ତ୍ତ ବିଭାଗ ପକ୍ଷରୁ ଉକ୍ତ ରାସ୍ତା କାର୍ଯ୍ୟ ହୋଇଥିଲା। ହେଲେ ଗାଡ଼ିମୋଟର ଯିବାଦ୍ୱାରା ସେହି ସ୍ଥାନରେ ଏକ ବଡ଼ ଖାଲ ସୃଷ୍ଟି ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି କରିବା ସହ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ବିଶେଷକରି ଦୁଇ ଚକିଆଯାନରେ ଯାଉଥିବା ଲୋକେ ଦୈନିକ ଛୋଟ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଏନେଇ ସ୍ଥାନୀୟ ବ୍ୟବସାୟୀ ବିଭାଗୀୟ ଅଧିକାରୀଙ୍କୁ ଅବଗତ କଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ବାବୁ ଜଣକ ହଁ ଦେଖିବା, ଆମ ପାଖରେ ଲୋକ ନାହାନ୍ତି ଏଭଳି କହି ଟାଳି ଦେଉଛନ୍ତି, ଯାହାକୁ ନେଇ ରାସ୍ତାରେ ଯାଉଥିବା ଲକମାନଙ୍କ ମନରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପଟେ ସହରବାସୀ ଦୂଷିତ ପାଣି ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ବହୁ ସମୟରେ ପାଣି ପାଇପ ଲାଇନ ମରାମତି ବାବଦ କାର୍ଯ୍ୟ ନ ହୋଇ ନିୟୋଜିତ ଠିକାଦାର ଓ ଏଠାରେ ଦାୟିତ୍ୱରେ ଥିବା ଅଧିକାରୀ ସଲାସୁତୁରାରେ ମିଥ୍ୟା ବିଲ କରି ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହେଉଛି। ଏନେଇ ଦଳା ୱାଟକୋ କାର୍ଯ୍ୟାଳୟର ଅଧିକାରୀ ବିଚିତ୍ରାନନ୍ଦ ପୁହାଣଙ୍କୁ ପଚାରିବାରେ ସେ କହିଛନ୍ତି, ଏ ସମ୍ପର୍କରେ ଅବଗତ ଅଛନ୍ତି। ଦିନେ ଦୁଇଦିନ ମଧ୍ୟରେ ଏହାର ସମାଧାନ କରାଯିବ।

# ରେଳ ଯାତ୍ରୀଭଡ଼ା ହ୍ରାସ ପାଇଁ ଦାବି



ଦାବିପତ୍ର ଦେବାକୁ ଆସିଥିବା ରେଳଯାତ୍ରୀ ସଂଘର ସଦସ୍ୟମାନେ।

ଯାଜପୁର,୫।୧ (ହର୍ଷବର୍ଦ୍ଧନ ବେହେରା)

ନିୟମିତ ରେଳ ଯାତ୍ରୀ ସଂଘର ଆବାହକ ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ପ୍ରତିନିଧି ଦଳ ଶୁକ୍ରବାର ପୂର୍ବାହ୍ନରେ ରେଳ ସଦନରେ ସଂପୃକ୍ତ ଅଧିକାରୀଙ୍କୁ ସାକ୍ଷାତ କରି ଯାତ୍ରୀଭଡ଼ା ହ୍ରାସ ପାଇଁ ଦାବି କରିଛନ୍ତି। ଏଥିସହିତ ବିଭିନ୍ନ ରେଳ ଚଳାଚଳ ସମ୍ପର୍କିତ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ମୁଖ୍ୟତଃ ଅନ୍ୟାୟ ଭାବେ ତିନିବର୍ଷ ହେଲା ପାସେଞ୍ଜର ଗାଡିରେ ଏକ୍ସପ୍ରେସ ଭଡା ନିଆ ଯାଉଥିବା, ସବୁ ଦୈନିକ ଟ୍ରେନର ଅହେତୁକ ବିଳମ୍ବ, ନୟାଗଡ ଭଦ୍ରକ ମେମୁକୁ ଭୁବନେଶ୍ୱରରେ ୯ଟାରେ ପହଞ୍ଚିବା, କେନ୍ଦୁଝର ଓ ଖୋର୍ଦ୍ଧାରୋଡ ପାସେଞ୍ଜର ଟ୍ରେନକୁ ଯାଜପୁର-କେନ୍ଦୁଝର ରୋଡ ପର୍ଯ୍ୟନ୍ତ ସଂପ୍ରସାରଣ କରିବା ଏବଂ କଟକ ପର୍ଯ୍ୟନ୍ତ ସବୁ ଷ୍ଟେସନରେ ରହଣି, ପ୍ରତ୍ୟେକ ଷ୍ଟେସନର ପ୍ଲାଟଫର୍ମ ଛାତ ନିର୍ମାଣ, ପାନୀୟଜଳ ସୁବିଧା ଆଦି ବିଷୟରେ ଆଲୋଚନା କରିଛନ୍ତି। ଏହି ପ୍ରତିନିଧିଦଳରେ ସଭାପତି ରାମଚନ୍ଦ୍ର ପ୍ରତାପ, ସମ୍ପାଦକ ଦୁର୍ଯ୍ୟୋଧନ ବଛ, ପବିତ୍ର କୁମାର, ଆଲୋକ ରଂଜନ ବିଶ୍ୱାଳ, ଦେବାଶିଷ କର, ବିଶ୍ୱଜିତ ଓ ସରୋଜ ଦାସ ପ୍ରମୁଖ ସଦସ୍ୟ ସାମିଲ ହୋଇଥିଲେ।

# ପାଣିକୋଇଲି ମହୋତ୍ସବ ଉଦ୍‌ଘାଟିତ



ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ପାଣିକୋଇଲି,୫।୧ (ବିକାଶ ମଲ୍ଲିକ)

କୋରେଇ ବ୍ଲକ ଅନ୍ତର୍ଗତ ପାଣିକୋଇଲି ଠାରେ ଶୁକ୍ରବାର ପାଣିକୋଇଲି ମହୋତ୍ସବ-୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ରାକେଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବକୁ ବାଚସ୍ପତି ପ୍ରମିଳା ମଲ୍ଲିକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ଶର୍ମିଷ୍ଠା ସେଠୀ, ସମ୍ମାନିତ ଅତିଥି କୋରେଇ ବିଧାୟକ ଅଶୋକ ବଳ ଓ ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ କୋରେଇ ବ୍ଲକ ଅଧକ୍ଷା ଜୟନ୍ତୀ ଦଳାଇ, ଉପାଧକ୍ଷ ପ୍ରଫୁଲ୍ଲ ଦାସ, ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା, ସମିତିସଭ୍ୟା ସୁଜାତା ଘଡ଼ାଇ, ପଥରପଦା ସମିତିସଭ୍ୟା ସରସ୍ୱତୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବ କମିଟି ସଦସ୍ୟ ପ୍ରମୋଦ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମ୍ପାଦକ ତାରିଣୀ ପ୍ରସାଦ ରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅବଦୁଲ ସଏଦ ଖାନ ଧନ୍ୟବାଦ ଦେଇଥିଲେ। ପରେ ପାଣିକୋଇଲିର ମା' ତାରିଣୀ ଭଜନ ସନ୍ଧ୍ୟାର କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିସହିତ ମୀନାବଜାର, ଦୋଳି ପ୍ରଭୃତି ଦର୍ଶକଙ୍କୁ ବେଶ ମନୋରଂଜନ ଯୋଗାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପାଣିକୋଇଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋରର୍ସ ମୁତୟନ କରାଯାଇଥିଲା।

କମିଟି ସଦସ୍ୟ ପ୍ରଫୁଲ୍ଲ ବେହେରା, ପ୍ରଫୁଲ୍ଲ ଦାସ, ପ୍ରଶାନ୍ତ ବିଶ୍ୱାଳ, ନିତ୍ୟାନନ୍ଦ ମଲ୍ଲିକ, ବିକାଶ ମଲ୍ଲିକ, ରୋହିତ ପରିଡ଼ା, ପଙ୍କଜ ସାହୁ, ଅକ୍ଷୟ ସାହୁ, ଡା. ବସନ୍ତ ପଣ୍ଡା, ରଶ୍ମି ରଞ୍ଜନ ପରିଡ଼ା, ବିକ୍ରମ କେଶରୀ ମଲ୍ଲିକ, ପଲ୍ଲବୀ ଦଳାଇ, ପ୍ରିୟଙ୍କା ମଂଜରୀ ସାହୁ, ଶରତ ସାହୁ, ମୁସ୍ତାକ ଅଲ୍ଲୀ ଖାନ, ସୁରେଶ ସ୍ୱାଇଁ, ପୀତାମ୍ବର ସାହୁ ପ୍ରମୁଖ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ବଡ଼ଚଣା ପଞ୍ଚାୟତରେ ୮ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

ବଡ଼ଚଣା,୫।୧ (ଦିଲୀପ କୁମାର ମହାନ୍ତି)

ବଡ଼ଚଣା ନିର୍ବାଚନମଣ୍ଡଳୀର ମୁଖ୍ୟ ପ୍ରବେଶ ପଥ ବଡ଼ଚଣା ପଞ୍ଚାୟତରେ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଦ୍ୱାରା ଶୁକ୍ରବାର ୮ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟସ କରାଯାଇଛି। ପ୍ରଥମେ ବିଧାୟକ ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ୧୬ ନଂ. ଜାତୀୟ ରାଜପଥରୁ ଦେଉଳପୁର ଭାୟା ଖଇରା ରାସ୍ତାର ଶିଳାନ୍ୟାସ କରିଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତିର ନୂତନ ଗୃହ ଉଦ୍‌ଘାଟନ କରିଥିଲେ। ଏଥିସହିତ ମା'ନାୟକାଣୀ କମ୍ୟୁନିଟି ସେଣ୍ଟର, ବଡ଼ଚଣା ମହୋତ୍ସବ ମଞ୍ଚ, ବରୁଣେଶ୍ୱର କଲ୍ୟାଣ ମଣ୍ଡପ ନୂତନ ଗୃହ ଓ ମା' ଲକ୍ଷ୍ମୀ କମ୍ୟୁନିଟି ସେଣ୍ଟରର ନୂତନ ଗୃହ ଉଦ୍‌ଘାଟନ କରିଥିଲେ। ପରେ ବେଦିହଡା ବାସୁଦେବ ପାରିପାର୍ଶ୍ୱ ଉନ୍ନତୀକରଣ ଯୋଜନାର ଶିଳାନ୍ୟାସ ଓ ବଡଚଣା ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ନୂତନ ଗୃହ ପାଇଁ ଶିଳାନ୍ୟାସ କରିଥିଲେ।

ଏନେଇ ବଡ଼ଚଣା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ଏକ ସଭା ପଞ୍ଚାୟତ ସମିତି ଅଧକ୍ଷା ମିନତି ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଯୁବ ସାମାଜିକ କର୍ମୀ ପବନେଶ୍ୱର ଜେନା ସଭା ସଂଚାଳନା କରିଥିଲେ। ବିଧାୟକ ଶତପଥୀ ଯୋଗଦେଇ ଯେଉଁ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଗଲା ତାହା ଆଗାମୀ ଦିନରେ ବଡ଼ଚଣା ପଞ୍ଚାୟତ ଜନସାଧାରଣଙ୍କ ବିକାଶରେ ଗୋଟିଏ ଗୋଟିଏ ମାଇଲଖୁଂଟ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବଡଚଣା ଶିକ୍ଷାମଣ୍ଡଳ ଅଧିକାରୀ ସବିତା ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଅନିଲ ସେଠୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଜନ୍ମେଜୟ ଷଡଙ୍ଗୀ, ଯନ୍ତ୍ରୀ ଶୁଭ୍ରାଂଶୁ ଶେଖର ଦାସ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଉପାଧକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ପ୍ରସାଦ ନାୟକ, ନିରଂଜନ ସେନାପତି, ଅମର ମହାନ୍ତି, ଚିନ୍ମୟ ମହାନ୍ତି, ଶିକ୍ଷକ ନେତା ବଳରାମ ରଣା, ମିହିର ସ୍ୱାଇଁ, କିଶୋର ସାମଲ, ସବିତା ବରାଳ, ସୁମତି ବାସ ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚ ରାଜଲକ୍ଷ୍ମୀ ମହାନ୍ତି ସ୍ୱାଗତ କରିଥିବାବେଳେ ସମିତିସଭ୍ୟ ମଧୁସୂଦନ ବଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁବନେତା ପ୍ରକାଶ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଖବରକାଗଜ ବିତରକ ସମ୍ବର୍ଦ୍ଧିତ



ଚଣ୍ଡିଖୋଲ,୫।୧ (ପ୍ରଦୀପ୍ତ କୁମାର ପୃଷ୍ଟି)

୪୪ ବର୍ଷରୁ ଅଧିକ ସମୟ ଧରି ଖବରକାଗଜ ବିତରଣ କରୁଥିବା ଅଞ୍ଜନ କୁମାର ସାହୁ(ମୃଷା)ଙ୍କୁ ମଧୁଲିତା ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ଗୀତଗୋବିନ୍ଦ ଭବନଠାରେ ଅନୁଷ୍ଠିତ ମନନଶୀଳ ପାରିବାରିକ ପତ୍ରିକା ମଧୁଲିତାର ଅଷ୍ଟମ ସ୍ୱନକ୍ଷତ୍ର ଉତ୍ସବରେ ଦୀର୍ଘ ବର୍ଷ ଧରି ଲୋକଙ୍କୁ ସେବା ଯୋଗାଇ ଆସୁଥିବାରୁ ସାହୁଙ୍କୁ ଏହି ସମ୍ମାନ ମିଳିଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟକ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ଶ୍ରୀମୟୀ ମିଶ୍ର, ସମ୍ମାନିତ ଅତିଥି ଡ. ମୃତ୍ୟୁଞ୍ଜୟ ରଥ ଓ ସାମାଜିକ କର୍ମୀ ନମ୍ରତା ଚଢ଼ା ପ୍ରମୁଖ ଯୋଗଦେଇଥିଲେ। ମୃଷା ବାଲିଚନ୍ଦ୍ରପୁର ଓ ଏହାର ପାଖ ୧୦ ପଞ୍ଚାୟତରେ ଖବରକାଗଜ ବିତରଣ କରି ଆସୁଛନ୍ତି।

# ପୁଣି ବିଦ୍ୟାଳୟ ଘେରାଉ କଲେ ମହିଳା

ବରୀ,୫।୧ (ମହେନ୍ଦ୍ର ସ୍ୱାଇଁ)

**ବେଆଇନ ରାତ୍ରି ଜଗୁଆଳି ନିଯୁକ୍ତି ପ୍ରସଙ୍ଗ**

ବରୀ ଶିକ୍ଷା ମଣ୍ଡଳ ଅଧୀନ ସାମନ୍ତ ସିଂହାର ସରକାରୀ ଉଚ୍ଚ ବିଦ୍ୟାଳୟରେ ବେଆଇନ ରାତ୍ରି ଜଗୁଆଳି ନିଯୁକ୍ତିକୁ ନେଇ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଶୁକ୍ରବାର ପୁଣି ବିଦ୍ୟାଳୟ ଘେରାଉ କରି ଆନ୍ଦୋଳନ କରିଛନ୍ତି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବେଆଇନ ନିଯୁକ୍ତି ଅଭିଯୋଗ ବିଷୟରେ ମହିଳାସଂଘ ସହ ଆଲୋଚନା ନ କରିବା ଏବଂ ପ୍ରଧାନଶିକ୍ଷୟିତ୍ରୀ ଜାଣିଶୁଣି ଛୁଟିରେ ରହିବା ଯୋଗୁ ଶତାଧିକ ମହିଳା ବିଦ୍ୟାଳୟକୁ ଆସି ପ୍ରତିଶ୍ରୁତିର ଜବାବ ମାଗିଥିଲେ। ଏଥିସହିତ ବିଦ୍ୟାଳୟକୁ ଘେରାଉ କରିଥିଲେ। ଫଳରେ ବହୁ ସମୟ ଧରି ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିଲା। ପ୍ରାକ୍ତନ ଛାତ୍ର ରତିରଞ୍ଜନ ଜେନା ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷୟିତ୍ରୀଙ୍କ ସହିତ ଫୋନ ଯୋଗେ ଆଲୋଚନା କରିଥିଲେ। ଶନିବାର ମହିଳା ସଂଘ, ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ଉପସ୍ଥିତିରେ ନିଯୁକ୍ତି ସମ୍ପର୍କୀୟ ଘଟଣାର ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ମହିଳାମାନେ ଫେରି ଯାଇଥିଲେ। ଯଦି ଘଟଣାର ତଦନ୍ତ କରାଯାଇ ଉଚିତ୍ ନିଷ୍ପତ୍ତି ନିଆ ନ ଯାଏ ତେବେ ଆଗାମୀ ଦିନରେ ଶତାଧିକ ମହିଳାଙ୍କ ସହିତ ପ୍ରାକ୍ତନ ଛାତ୍ରୀଛାତ୍ର ଓ ସ୍ଥାନୀୟ ବାସିନ୍ଦା ଧାରଣାକୁ ଓହ୍ଲାଇବେ ବୋଲି କହିଛନ୍ତି। ସେହିପରି ବିଦ୍ୟାଳୟ ଉନ୍ନତୀକରଣ ନିମନ୍ତେ ସରକାରଙ୍କ ପକ୍ଷରୁ ଆସୁଥିବା ଅର୍ଥର ଠିକ ବିନିଯୋଗ ହେଉନାହିଁ ବୋଲି ଅଭିଯୋଗ କରାଯାଇଥିଲା। ଏଥିପାଇଁ ସିଧାସଳଖ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଦାୟୀ କରାଯାଇଥିଲା। ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀ ଏହାର ତଦନ୍ତ କରିବାକୁ ଦାବି ହୋଇଛି।

ସୂଚନା ମୁତାବକ, ଏହି ନିଯୁକ୍ତିକୁ ନେଇ ଦୁଇ ତାରିଖରେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରାଯାଇଥିଲା। ଫଳରେ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଶିକ୍ଷୟିତ୍ରୀଶିକ୍ଷକ ବାହାରକୁ ବାହାରି ପାରି ନ ଥିଲେ। ବରୀ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲା। ଦୁଇଦିନ ମଧ୍ୟରେ ନିଯୁକ୍ତି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ବିଦ୍ୟାଳୟକୁ ଡାକି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ପ୍ରଧାନଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ପ୍ରତିଶ୍ରୁତି ଦିଆଯିବାପରେ ମହିଳାମାନେ ଆନ୍ଦୋଳନରୁ ଓହୋରି ଯାଇଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଶିବିରରେ ଯୋଗଦେଇଥିବା ଅତିଥିମାନେ।

ଚଣ୍ଡିଖୋଲ/ବଡ଼ଚଣା, ୫।୧
(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ସରକାରୀ ହାଇସ୍କୁଲ ପରିସରରେ ଶୁକ୍ରବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରି ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ପଞ୍ଚାୟତ ସମିତି ଅଧକ୍ଷା ମିନତି ସେନାପତି, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର କୁମାର ନାୟକ ଓ ସରପଞ୍ଚ ନବଦ୍ୱୀପ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଭିନ୍ନ କୁମାର ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶିବିରରେ ୬୦୦ରୁ ଉର୍ଦ୍ଧ୍ୱ ରୋଗୀ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଯାଜପୁର ଜିଲା ମୁଖ୍ୟାଳୟ ଡାକ୍ତରଖାନାରୁ ବିଭିନ୍ନ ବିଭାଗର ୧୦ରୁ ଉର୍ଦ୍ଧ୍ୱ ଡାକ୍ତର ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

# ଅଧିକ ମୂଲ୍ୟଯୁକ୍ତ ପରିବା ଚାଷ ପାଇଁ ତାଲିମ

ଚଣ୍ଡିଖୋଲ/ରସୁଲପୁର,୫।୧
(ପ୍ରଦୀପ୍ତ କୁମାର ପୃଷ୍ଟି/ ରଞ୍ଜିତ ରାଉତ)



ତାଲିମ ଶିବିରରେ ଯୋଗଦେଇଥିବା ଅଧିକାରୀ ଏବଂ ଅନ୍ୟମାନେ।

ବଡ଼ଚଣା କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୁରକ୍ଷା ଗୃହଠାରେ ମୂଲ୍ୟଯୁକ୍ତ ପରିବାଚାଷକୁ ନେଇ ୪ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଦିନରେ ସୁରକ୍ଷାଗୃହ ପରିବାଚାଷ କିଭଳି ଉତ୍କୃଷ୍ଟ ହୋଇପାରିବ ସେ ଦିଗରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। କୃଷି ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ପ୍ରସ୍ତାବିତ ସୁରକ୍ଷା ଗୃହରେ ଅସମୟରେ ଶିମିଳା ଲଙ୍କା, ବ୍ରୋକୋଲି, ଲେଟ୍ୟୁସ୍, ଅଦିନିଆ ଟମାଟୋ, ରଙ୍ଗିନ ଫୁଲକୋବି ଭଳି କେତେକ ଲାଭକାରୀ ଫସଲ ଚାଷ କରାଯାଇପାରିବ। ଏହି ଫସଲର ବଜାର ଚାହିଦା ଉନ୍ନତ ରହିଛି। ସୁରକ୍ଷା ଗୃହ ଭିତରେ ବୁନ୍ଦା ଜଳସେଚନ ମାଧ୍ୟମରେ ଚାଷ କରାଯାଇ ପାରିବ। ରୋଗପୋକ ଆକ୍ରମଣ ସମସ୍ୟା ଅପେକ୍ଷାକୃତ କମ୍ ରହିବ ବୋଲି କୃଷି ବିଜ୍ଞାନିମାନେ ସୂଚନା ଦେଇଛନ୍ତି। ବିଜ୍ଞାନ କେନ୍ଦ୍ର ପକ୍ଷରୁ ଯାଜପୁର ଜିଲାର ୧୦ ବ୍ଲକର କୃଷି, ଉଦ୍ୟାନକୃଷି, ଓଏଲଏମର କାର୍ଯ୍ୟକର୍ତ୍ତା, ଅଣସରକାରୀ ସଂଗଠନର ପ୍ରତିନିଧିଙ୍କୁ ନେଇ ତାଲିମ ପ୍ରଦାନ କରାଯାଇଛି।

ଶିବିରକୁ ଜିଲା ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ରାଧେଶ୍ୟାମ ବେହେରା ଉଦ୍‌ଘାଟନ କରିଥିଲେ। ସମ୍ବଳ ଅଧିକାରୀ ଭାବେ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସୁନୀଲ ମହାପାତ୍ର, କଟକ କୃଷି ବିଜ୍ଞାନ କେନ୍ଦ୍ରର ଉଦ୍ୟାନ କୃଷି ବିଶେଷଜ୍ଞ ତୁଷାର ରଞ୍ଜନ ସାହୁ, କେନ୍ଦ୍ରାପଡ଼ା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଅରବିନ୍ଦ ଦାସ, ଯାଜପୁର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଲଳିତ ମହାନ୍ତି, ବିଜୟ ରାଉତରାୟ, ସୁବ୍ରତ ପାଣିଗ୍ରାହୀ, ଓ ଡ. ବବିତା ମିଶ୍ର ପ୍ରମୁଖ ଯୋଗଦେଇ ସୂଚନା ପ୍ରଦାନ କରିଥିଲେ। ସହକାରୀ ପରିଚାଳିକା ରାଜଶ୍ରୀ ଜିତ୍ ଧନ୍ୟବାଦ ଦେଇଥିଲେ।

# ୭ ପ୍ରକଳ୍ପର ଶିଳାନ୍ୟାସ

ଧର୍ମଶାଳା,୫।୧ (ବଟକୃଷ୍ଣ ପରିଡ଼ା)



ଚୋରମୁହାଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ଶିଳାନ୍ୟାସ କରାଯାଉଛି।

ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଶୁକ୍ରବାର ୭ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଏଥିରେ ୬ ରାସ୍ତା ଓ ଗୋଟିଏ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ରହିଛି। ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମସ୍ତ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିରେ ଯାଜପୁର ଗ୍ରାମ୍ୟ ଉନ୍ନୟନ ଡିଭିଜନ-୨ ଜାରକା ଦ୍ୱାରା ୩ କୋଟି ୫୩ ଲକ୍ଷ ବ୍ୟୟ ଅଟକଳରେ କ୍ଷେତ୍ରପାଳଠାରୁ ଏକ୍ସପ୍ରେସ ହାଇୱେ ଭାୟା ଶ୍ରୀରାମପୁର ଏବଂ ବ୍ରହ୍ମପୁର ରାସ୍ତା, ୭ କୋଟି ୮୧ ଲକ୍ଷ ବ୍ୟୟ ଅଟକଳରେ ନରସିଂହପୁର ଭାୟା- ପିପଳିଡିହ ଏବଂ କଣ୍ଟିଗଡ଼ିଆ ରାସ୍ତା, ୭ କୋଟି ୧୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରମାପୁରଠାରୁ ପଟିଲୋ ଭାୟା-ଭଗବାନପୁର ଘେରିବନ୍ଧ ରାସ୍ତା, ୧୨ କୋଟି ୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସାନରାଏପଡ଼ା ଏବଂ ଅଲାରପୁର ରାସ୍ତା। ୧୨କୋଟି ୧ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଅଚ୍ୟୁତପୁରଠାରୁ ବଡ଼ବାରିସାହି ରସ୍ତା। ୪ କୋଟି ୬୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସୁନାରୀଠାରୁ କ୍ଷେଣ୍ଟପୁର ଭାୟା- ଚକ୍ରୋଡା ରାସ୍ତା ଓ ୧ କୋଟି ୪୩ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କୁମାରୀଠାରେ ନିର୍ମାଣ ହେବାକୁଥିବା ଚୋରମୁହାଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ରହିଛି। ସେହିପରି ୬କୋଟି ୪୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବରକୋଳିପାଟଣା ଆରଡି ରୋଡ୍‌ଠାରୁ ନଠୁଆବର ଭାୟା-କାଣ୍ଡସରା, କୋରକୋରା ଛକ, କୃଷ୍ଣପଡ଼ା, କପାଳି ଏବଂ ସବର ସାହି ରାସ୍ତା ଆଦି ୭ ପ୍ରକଳ୍ପର ଶିଳାନ୍ୟାସ ହୋଇଛି।

କାର୍ଯ୍ୟକ୍ରମରେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ ରାଉତ ଓ ସମସ୍ତ ଜୋନର ଜିଲାପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ। ଯାଜପୁର ଗ୍ରାମ୍ୟ ଉନ୍ନୟନ ଡିଭିଜନ-୨ ଜାରକା ଅଧୀକ୍ଷଣ ଯନ୍ତ୍ରୀ ଅବିନାଶ ବାରିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜଳନ୍ଧର ବେହେରା, ସଞ୍ଜୟ ଲେଙ୍କା ଓ ଭୀମସେନ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧୀକ୍ଷଣ ଯନ୍ତ୍ରୀ ବାରିକ ସୂଚନା ଦେଇ କହିଥିଲେ, ଉପରୋକ୍ତ କାର୍ଯ୍ୟଗୁଡ଼ିକ ୬ ମାସରୁ ୧ ବର୍ଷ ମଧ୍ୟରେ ଶେଷ ହେବ। ୬ଟି ରାସ୍ତା ନିର୍ମାଣ ଶେଷ ହେଲେ ୧୩ ପଞ୍ଚାୟତର ୩୦ ହଜାର ଲୋକେ ଗମନାଗମନର ସୁବିଧା ପାଇବେ।

## ସଂକ୍ଷେପରେ

### ୭ରୁ ବନୋଜ ସାହୁ ମେମୋରିଆଲ ଚ୍ୟାଲେଞ୍ଜ ଟ୍ରଫି

ରାଜନଗର, ୫।୧ (ଭାସ୍କର ରାଉତରାୟ)

ମଦନପୁର କ୍ରିକେଟ ଗ୍ରାଉଣ୍ଡରେ ଆସନ୍ତା ୭ ତାରିଖଠାରୁ ମହାବୀର ଚ୍ୟାଲେଞ୍ଜ ଟ୍ରଫିର ୪ର୍ଥ ସଂସ୍କରଣ ଆରମ୍ଭ ହେବ। ଆୟୋଜକ ମହାବୀର ୟୁଥ କ୍ଲବର ପ୍ରମୁଖ ସଦସ୍ୟ ବନୋଜ ସାହୁଙ୍କ ପରଲୋକ ଯୋଗୁ ଚଳିତବର୍ଷ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି କ୍ରିକେଟ ଟୁର୍ନାମେଣ୍ଟକୁ ଉତ୍ସର୍ଗ କରାଯାଇଛି। ୭ ତାରିଖରେ ଜଗତପୁରର ନିମପୁର କ୍ରିକେଟ କ୍ଲବ ସହ କେନ୍ଦ୍ରାପଡ଼ାର ବାଲାବାବା କ୍ରିକେଟ କ୍ଲବ, ୮ରେ ବରୀର ଇଲେଭେନ କ୍ରିକେଟ କ୍ଲବ ସହ କଟକର ବିଶ୍ୱଭାରତୀ କ୍ରିକେଟ କ୍ଲବ, ୯ରେ ଜଗତ୍‌ସିଂହପୁରର ହିନ୍ଦୁସ୍ତାନ କ୍ରିକେଟ କ୍ଲବ ସହ ଆଳିର ଖରାଖାଇ କ୍ରିକେଟ କ୍ଲବ, ୧୦ରେ ଆଥଲେଟିକ କ୍ରିକେଟ କ୍ଲବ ଜାଗୁଲାଇ ସହିତ ଡାଇମଣ୍ଡ କ୍ରିକେଟ କ୍ଲବ ପାରାଦୀପ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ୧୧ ତାରିଖରେ ୩ ଦିନର ବିଜେତାଙ୍କ ମଧ୍ୟରେ ପ୍ରଥମ ସେମି ଫାଇନାଲ, ୧୨ ତାରିଖରେ ଦ୍ୱିତୀୟ ଓ ୪ର୍ଥ ଦିନର ବିଜେତାଙ୍କ ମଧ୍ୟରେ ୨ୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ୧୨ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ୨୫ ଓଭର ଏହି ମ୍ୟାଚ ଖେଳାଯିବ ବୋଲି ସଭାପତି ଆଶିଷ କୁମାର ରାଉଳ, ଉପସଭାପତି ଶଶଧର ପ୍ରଧାନ, ମ୍ୟାନେଜର ସଚ୍ଚିଦାନନ୍ଦ ପାତ୍ର ଜଣାଇଛନ୍ତି।

### ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ ପରିଦର୍ଶନ କରିବେ ରାଜ୍ୟପାଳ

ଡେରାବିଶ, ୫।୧ (ବେବର୍ତ୍ତା ଅଜୟ ଦାସ)

ଓଡ଼ିଶାର ରାଜ୍ୟପାଳ ରଘୁବର ଦାସଙ୍କ ଶନିବାର କେନ୍ଦ୍ରାପଡ଼ା ଜିଲାରେ ବିଭିନ୍ନ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଡେରାବିଶ ବ୍ଲକ ଅଧୀନ ଗୁଆଳସିଂଠାରେ ଥିବା ଜିଲା ସଂସ୍କୃତି ଭବନରେ ସନ୍ଧ୍ୟା ୫ଟା ୩୦ମିନିଟ୍‌ରେ ପହଞ୍ଚିବା ସହ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ସହ ମତବିନିମୟ ଓ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିବେ। ପରେ ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତରେ ଥିବା ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ୍‌କୁ ସନ୍ଧ୍ୟା ୭ଟାରେ ପରିଦର୍ଶନ କରିବା ସହ ଗ୍ରୁପର ମହିଳା ସଦସ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ଘରକରଣା ସାମଗ୍ରୀ ବୁଲି ଦେଖିବା ସହିତ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବାର କର୍ଯ୍ୟକ୍ରମ ରହିଛି। ସନ୍ଧ୍ୟା ସାଢେ ୭ଟାରେ ଭୁବନେଶ୍ୱର ଅଭିମୁଖେ ରାଜ୍ୟପାଳ ପ୍ରତ୍ୟାବର୍ତ୍ତନ କରିବେ ବୋଲି ରାଜଭବନରୁ ପ୍ରକାଶିତ ରାଜ୍ୟପାଳଙ୍କ କାର୍ଯ୍ୟସୂଚୀରୁ ଜଣାଯାଇଛି।

### ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମାରୋହ

ରଘୁନାଥପୁର, ୫।୧ (ରାଜେନ୍ଦ୍ର ନାରାୟଣ ସିଂହ)

ଆସନ୍ତା ଜାନୁଆରୀ ୧୭ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମାରୋହ ଅନୁଷ୍ଠିତ ହେବ। ଏନେଇ ତୃଣମୂଳ ସ୍ତରରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏନେଇ ଆମ ଓଡିଶା ନବୀନ ଓଡିଶା ପାର୍ଣ୍ଣିରୁ ରଘୁନାଥପୁର ବ୍ଲକର ସମସ୍ତ ପଞ୍ଚାୟତରେ ସଚେତନତା ରଥ ଜଗନାଥ ଯାତ୍ରା ପରିକ୍ରମା କରିବ। ଏହି ଅବସରରେ ପ୍ରତି ଘରୁ ଗୁଆ ଓ ଚାଉଳ ସଂଗ୍ରହ ହେବ। ଏଥିପାଇଁ ସରପଞ୍ଚ ଓ ପଞ୍ଚାୟତସ୍ତରୀୟ ଅଧିକାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ ହୋଇଛି। ପ୍ରତି ପଞ୍ଚାୟତକୁ ୨ ଲକ୍ଷ ଟଙ୍କା ଲେଖାଏଁ ଦେଇଛନ୍ତି ସରକାର। ଏ ସମ୍ପର୍କରେ ଗୁରୁବାର ବିଡିଓଙ୍କ ଅଧକ୍ଷତାରେ ସରପଞ୍ଚମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରଥ ପଞ୍ଚାୟତ ପରିକ୍ରମା ସମୟରେ କୀର୍ତ୍ତନ ମଣ୍ଡଳୀ ସହ ଶହେ ଲୋକଙ୍କୁ ସାମିଲ କରିବା ପାଇଁ କୁହାଯାଇଛି ଏବଂ ଏକ ମନ୍ଦିରରେ ସେମାନଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ନେଇ ସରପଞ୍ଚମାନେ ହରଡ଼ଘଣାରେ ପଡିଛନ୍ତି। ଯଦି ରଥ ବୁଲିବା ସମୟରେ ପ୍ରତି ଗ୍ରାମରୁ ଶତାଧିକ ମହିଳା ପୁରୁଷ ସାମିଲ ହୁଅନ୍ତି ତେବେ ସେମାନଙ୍କ ସଂଖ୍ୟା ବଢ଼ିବ। ଏତେ ସଂଖ୍ୟକ ଲୋକଙ୍କ ପାଇଁ କିପରି ବ୍ୟବସ୍ଥା କରାଯିବ ସେନେଇ ସରପଞ୍ଚମାନେ ଚିନ୍ତାରେ ପଡ଼ିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତି ପଞ୍ଚାୟତକୁ ଆଗୁଆ ଅର୍ଥ ପ୍ରଦାନ କରାଗଲେ ସରକାରୀ କାର୍ଯ୍ୟକ୍ରମ ସୁରୁଖୁରୁରେ ହୋଇପାରିବ ବୋଲି ସରପଞ୍ଚ ବିଷ୍ଣୁ ଚରଣ ସେଠି, ସୁଷମା ମଲ୍ଲିକ, ମନଜିନି ସାହୁ ଓ ସରପଞ୍ଚ ସାହେଦା ତବସୁମ ପ୍ରମୁଖ କହିଛନ୍ତି। ସୂଚନାଯୋଗ୍ୟ,ଆସନ୍ତା ୬ ରୁ ୧୫ ତାରିଖ ମଧ୍ୟରେ ପ୍ରତି ପଞ୍ଚାୟତରେ ଏହି ରଥ ପରିକ୍ରମା କରିବ। ରଘୁନାଥପୁର ବ୍ଲକରେ ୪ଟି ରଥ ବୁଲିବ ବୋଲି ବିଡିଓ ନମିତା ବାରିକ ପ୍ରକାଶ କରିଛନ୍ତି।

# ‘ବିକ୍ରୟ କେନ୍ଦ୍ରକୁ ଶୃଙ୍ଖଳା, ସଫା ଧାନ ଆଣ’

ଜଗତ୍‌ସିଂହପୁର, ୫।୧ (ପ୍ରମୋଦ କୁମାର ନାୟକ)


ଧାନମଣ୍ଡି ଉଦ୍‌ଘାଟନ ଅବସରରେ ଯୋଗ ଦେଇଥିବା ଅତିଥିମାନେ।

**ଜଗତ୍‌ସିଂହପୁର ଜିଲାର ପ୍ରଥମ ଧାନମଣ୍ଡି ଖୋଲିଲା**
- ଅବଶିଷ୍ଟ ସମସ୍ତ ବ୍ଲକରେ ୧୨ରୁ ଧାନ ସଂଗ୍ରହ
- ୧୦୫ ପାକ୍ସ ଓ ୯ ମହିଳା ଏସ୍‌ଏଚ୍‌ଜିଙ୍କୁ ଦାୟିତ୍ୱ

ଚଳିତବର୍ଷର ପ୍ରଥମ ଧାନ ସଂଗ୍ରହ କେନ୍ଦ୍ର (ମଣ୍ଡି) ରଘୁନାଥପୁର ବ୍ଲକ ଅନ୍ତର୍ଗତ ତାରପୁରଠାରେ ଖୋଲିଛି। ଶିବଶକ୍ତି ମହିଳା ଏସ୍‌ଏଚ୍‌ଜି ଦ୍ୱାରା ପରିଚାଳିତ ଏହି ମଣ୍ଡିକୁ ଜିଲାପାଳ ପାରୁଲ ପଟାୱରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏନେଇ ଜିଲା ପ୍ରଶାସନ ଓ ଜଗତ୍‌ସିଂହପୁର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଚାଷୀଙ୍କୁ ଯେପରି ଧାନ ବିକ୍ରୟରେ କୌଣସି ଅସୁବିଧା ହେବନାହିଁ ସେ ଉପରେ ବିସ୍ତୃତ ସୂଚନା ଦିଆଯାଇଥିଲା। କିନ୍ତୁ ଚାଷୀମାନେ ଶୃଙ୍ଖଳା ଓ ସଫା ଧାନ ବିକ୍ରୟ କେନ୍ଦ୍ରକୁ ଆଣି ସରକାରୀ ଧାର୍ଯ୍ୟ ଉଚିତ ସହାୟକ ମୂଲ୍ୟ ପାଇବାକୁ ଆହ୍ୱାନ ଦିଆଯାଇଥିଲା। ଆସନ୍ତା ୧୨ରୁ ଜିଲାର ସମସ୍ତ ବ୍ଲକ ଅଞ୍ଚଳରେ ଧାନମଣ୍ଡିଗୁଡ଼ିକ କାର୍ଯ୍ୟକ୍ଷମ ହେବ ବୋଲି ଜିଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର ସୂଚନା ଦେଇଛନ୍ତି।

ଜିଲାରେ ୧୦୫ଟି ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଓ ୯ଟି ମହିଳା ଏସ୍‌ଏଚ୍‌ଜିଙ୍କ ମାଧ୍ୟମରେ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ତାରପୁର ମଣ୍ଡିରେ ପ୍ରତି ସପ୍ତାହର ଶୁକ୍ରବାର ଧାନ ସଂଗ୍ରହ ହେବ। ଚାଷୀମାନେ ସକାଳ ୧୦ରୁ ଅପରାହ୍ନ ୧ଟା ମଧ୍ୟରେ ମଣ୍ଡିରେ ଧାନ ପହଞ୍ଚାଇବାକୁ ପଡ଼ିବ। ଧାନ ବସ୍ତାର ଓଜନ ଯେପରି ସର୍ବାଧିକ ୪୦ କିଗ୍ରାରୁ ୫୦ କି.ଗ୍ରା. ମଧ୍ୟରେ ରହିବ ତା’ଉପରେ ଚାଷୀମାନେ ଧାନ ଦେବାକୁ କୁହାଯାଇଛି। ଧାନ ବିକ୍ରୟ ସମ୍ବନ୍ଧୀୟ ତଥ୍ୟ ନିମନ୍ତେ ଟୋଲ ଫ୍ରି ନମ୍ବର ୧୯୬୭ରେ ଯୋଗାଯୋଗ କରିହେବ ବୋଲି କୁହାଯାଇଥିଲା। ଚଳିତବର୍ଷ ସାଧାରଣ ଧାନ କୁଇଣ୍ଟାଲ ପ୍ରତି ସହାୟକ ମୂଲ୍ୟ ୨୧୮୩ ଓ ଗ୍ରେଡ୍-ଏ ୨୨୦୩ ଟଙ୍କା ରଖିବାକୁ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଛି। ଚାଷୀଙ୍କଠାରୁ ସୁବ୍ୟବସ୍ଥିତ, ସ୍ୱଚ୍ଛ ଓ ସହଜରେ ଯେପରି ଧାନ କିଣା ହୋଇପାରିବ ତା’ଉପରେ ଗୁରୁତ୍ୱ ଦିଆଯିବ। ଏଥର ଧାନ କ୍ରୟ ପାଇଁ ସାମିଲ କରାଯାଇଥିବା ଜିଲାର ୯ଟି ମହିଳା ଏସ୍‌ଏଚ୍‌ଜି ହେଲା ରଘୁନାଥପୁର ବ୍ଲକର ଶିବଶକ୍ତି ଏସ୍‌ଏଚ୍‌ଜି, ନାଉଗାଁର ବାବା ନନ୍ଦମଣି ଏସ୍‌ଏଚ୍‌ଜି, ଜଗତ୍‌ସିଂହପୁରର ହନୁମାନ ଏସ୍‌ଏଚ୍‌ଜି, ମା’ ବୁଢୀ ବାସୁଳେଇ ଏସ୍‌ଏଚ୍‌ଜି, କୁଜଙ୍ଗର ମା ମଙ୍ଗଳା ଏସ୍‌ଏଚ୍‌ଜି, ଏରସମାର ମା’ ଶାରଳା ଏସ୍‌ଏଜ୍‌ଜି, ବାଲିକୁଦାର ବାସୁଦେବ ଏସ୍‌ଏଚ୍‌ଜି, ଦିବ୍ୟକୃପା ଏସ୍‌ଏଚ୍‌ଜି ଏବଂ ଶକ୍ତିମୟୀ ଏସ୍‌ଏଚ୍‌ଜି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ଯୋଗାଣ ଅଧିକାରୀ ମିଶ୍ର, ସହକାରୀ ନିବନ୍ଧକ ସନ୍ତୋଷ ମଲ୍ଲିକ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ନମିତା ରାଉତ ଉପସ୍ଥିତ ଥିଲେ। ଜଗତ୍‌ସିଂହପୁର ନିୟନ୍ତ୍ରିତ ବଜାର କମିଟି ସେକ୍ରେଟାରି ସୂର୍ଯ୍ୟକାନ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବରେ ରଘୁନାଥପୁର ବିଡିଓ ନମିତା ବାରିକ, ସିଡିପିଓ ତୃପ୍ତିଲତା ମହାନ୍ତି, ସହକାରୀ ଯୋଗାଣ ଅଧିକାରୀ ମଧୁସ୍ମିତା ମହାପାତ୍ର, ଆସିଷ୍ଟାଣ୍ଟ ପ୍ରୋଗ୍ରାମର ନଚିକେତା ନାୟକ, ତାରପୁର ସରପଞ୍ଚ ସୁଷମା ମଲ୍ଲିକ, ଉପସହକାରୀ ନିବନ୍ଧକ ଶିବ ପ୍ରସାଦ ମହାନ୍ତି, ପଞ୍ଚାୟତ ପ୍ରତିନିଧି, ଚାଷୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ସଚେତନତା

ଆଳି,୫।୧ (ବନମାଳୀ ସେନାପତି)

ରାଜ୍ୟରେ ଦିନକୁ ଦିନ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଲକ୍ଷ୍ୟ କରି ବିଭିନ୍ନ ସଙ୍ଗଠନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅବସରରେ ଶୁକ୍ରବାର ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆଳି ଡାକବଙ୍ଗଳା ଛକରେ ଅଭିନବ ପ୍ରୟାସରେ କିଛି ସଦସ୍ୟଙ୍କୁ ନେଇ ସଚେତନ କରାଇଥିଲେ। ଯେଉଁମାନେ ହେଲମେଟ ପିନ୍ଧି ଗାଡ଼ି ଚଳାଇଥିଲେ ତାଙ୍କୁ ନମସ୍କାର ହେବା ସହ ଏକ ଗୋଲାପ ଫୁଲ ଦେଇ ଉତ୍ସାହିତ କରିଥିଲେ। ଯେଉଁ ଚାଳକମାନେ ହେଲମେଟ ପିନ୍ଧି ନ ଥିଲେ ସେମାନଙ୍କୁ ମଧ୍ୟ ଗୋଲାପ ଦେଇ ସଚେତନ କରାଇବା ସହ ନିୟମିତ ହେଲମେଟ ପିନ୍ଧିବା ଓ ମଦ୍ୟପାନ କରି ଗାଡ଼ି ନ ଚଲାଇବା ନିମନ୍ତେ ଟ୍ରଷ୍ଟର ଉପସଭାପତି ରଶ୍ମି ରଞ୍ଜନ ବାରିକଙ୍କ ସହ କେଦାର ସ୍ୱାଇଁ ଓ ମହମ୍ମଦ ଆଲମ୍ ଓ ଅଶ୍ୱିନ କୁମାର ସାହୁ, ମନୋଜ ବନ୍ଧ, ଅବିନାଶ ଲେଙ୍କା, ଗଣେଶ ଲେଙ୍କା, ଅମନ ବନ୍ଧ, ଦୋଳଗୋବିନ୍ଦ ମାଣିକ ପ୍ରମୁଖ ଗାଡି ଚାଳକମାନଙ୍କୁ ସଚେତନ କରିଥିଲେ।

# ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଲା

ଜଗତ୍‌ସିଂହପୁର, ୫।୧ (ପ୍ରମୋଦ କୁମାର ନାୟକ)


ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଉଛି।

**ସାଧାରଣ ନିର୍ବାଚନ-୨୦୨୪**
- ମହିଳା ୪, ୫୬, ୮୦୨, ପୁରୁଷ ୪, ୯୧, ୭୫୭, କିନ୍ନର ୯୮

୨୦୨୪ ସାଧାରଣ ନିର୍ବାଚନ ନେଇ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଏହି ତାଲିକା ଅନୁଯାୟୀ ଜିଲାରେ ମୋଟ ୯,୪୮,୬୫୭ ଜଣ ସେମାନଙ୍କ ମତଦାନ ସାବ୍ୟସ୍ତ କରିପାରିବେ। ସେମାନଙ୍କ ମଧ୍ୟରେ ୪,୫୬,୮୦୨ ଜଣ ମହିଳା, ୪, ୯୧, ୭୫୭ ପୁରୁଷ ଓ ୯୮ ଜଣ କିନ୍ନର ରହିଛନ୍ତି। କେବଳ ୧୮ରୁ ୧୯ ବର୍ଷ ମଧ୍ୟରେ ଜିଲାର ୨୨, ୭୮୭ ଜଣ ଭୋଟର ଥିବା ଜଣାଯାଇଛି। ଏ ସମ୍ପର୍କରେ ଜିଲାର ୧୦୪୭ ବୁଥ, ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓ ସମସ୍ତ ସହକାରୀ ଭୋଟର ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ତାଲିକା ପ୍ରକାଶିତ କରାଯାଇଛି। ଚୂଡ଼ାନ୍ତ ଭୋଟର ତାଲିକାର ନକଲ ମଧ୍ୟ ସମସ୍ତ ମାନ୍ୟତାପ୍ରାପ୍ତ ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳର ପ୍ରତିନିଧିଙ୍କୁ ପ୍ରଦାନ କରାଯାଇଛି। ଭୋଟର ତାଲିକା ଚୂଡ଼ାନ୍ତ ହେଲାପରେ ଏବେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଭୋଟର ଚିହ୍ନଟ ଅଭିଯାନ ଆରମ୍ଭ ହୋଇଯାଇଛି। ବିଶେଷକରି ନୂଆ ଭୋଟରଙ୍କୁ ଚିହ୍ନଟକରି ସେମାନଙ୍କୁ ସଚେତନ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି। ସୂଚନାଯୋଗ୍ୟ, ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା ଅକ୍ଟୋବର ୨୭ରୁ ଆରମ୍ଭ ହୋଇ ଡିସେମ୍ବର ୯ ପର୍ଯ୍ୟନ୍ତ ଚାଲିଥିଲା। ବିଏଲ୍‌ଓମାନେ ସମସ୍ତ ୧୦୪୭ ବୁଥ୍‌ରେ ଉପସ୍ଥିତ ରହି ଭୋଟର ତାଲିକା ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରିଥିଲେ।

## ବୃଦ୍ଧଙ୍କୁ ଆକ୍ରମଣ କରି ଘରୁ ଲୁଟ୍ ଘଟଣା: ୩ କୋର୍ଟ ଚାଲାଣ

ରଘୁନାଥପୁର,୫।୧ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଥାନା ଅନ୍ତର୍ଗତ ଅଢ଼େଇକୁଳ ପଞ୍ଚାୟତ ଅନ୍ତର୍ଗତ ବଡ଼କୋରକର ଗ୍ରାମରେ ଡିସେମ୍ବର ୧୮ରେ ଦୁର୍ବୃତ୍ତମାନେ ଶରତ ଚନ୍ଦ୍ର ପାଣିଙ୍କ ଘରେ ପଶିବା ସହ ମରଣାନ୍ତକ ଆକ୍ରମଣ କରି ସୁନାଗହଣା ଓ ନଗଦ ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ରଘୁନାଥପୁର ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତିର୍ତ୍ତୋଲ ଥାନା ପୋଷଲ ଗ୍ରାମର ମାନସ ଦାସ, କେନ୍ଦ୍ରାପଡ଼ା ଡେରାବିଶ ଥାନା ଅନ୍ତର୍ଗତ ତିଲଙ୍ଗ ଗ୍ରାମର ବିକାଶ ଦାସ ଓ ପଟ୍ଟାମୁଣ୍ଡେଇ ଥାନା ଖରିଡ଼ା ଗ୍ରାମର ପପିନା ଦାସ ଓରଫ ପ୍ରକାଶ। ସେମାନଙ୍କ ପାଖରୁ ପୋଲିସ ଏକ ଗ୍ଲାମର ବାଇକ, ୨ଟି ସୁନାମୁଦି ଏବଂ ନଗଦ ୧ ହଜାର ୫ ଶହ ଟଙ୍କା ଜବତ କରିଛି। ଗତ ଡିସେମ୍ବର ୧୮ ରାତିରେ ଶରତଙ୍କ ପରିବାର ଲୋକେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ଘର କବାଟ ଭାଙ୍ଗି ଭିତରେ ପଶିଥିଲେ। ଏହି ସମୟରେ ବୃଦ୍ଧ ଶରତ ଉଠିପଡ଼ିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଶାବଳରେ ମାଡ଼ ମାରି ରକ୍ତାକ୍ତ କରିଥିଲେ। ଏହାପରେ ଆଲମିରା ଭାଙ୍ଗି ୨୦ ଗ୍ରାମର ସୁନାହାର, ୮ ଗ୍ରାମର ସୁନାଚେନ ଓ ୩ଟି ସୁନାମୁଦି ନେଇଯାଇଥିଲେ। ବାପାଙ୍କ ଚିତ୍କାର ଶୁଣି ପୁଅ ଜିତୁ ରଞ୍ଜନ ଉଠି ପଡିବାରୁ ଦୁର୍ବୃତ୍ତମାନେ ତାଙ୍କୁ ମଧ୍ୟ ଆକ୍ରମଣ କରି ନଗଦ ୫ ହଜାର ଟଙ୍କା ସହ ଏକ ନୋକିଆ ମୋବାଇଲ ନେଇ ଫେରାର ହୋଇଯାଇଥିଲେ। ଜିତୁ ରଞ୍ଜନଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା (ନଂ. ୩୩୨/୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏସ୍‌ଆଇ ଯୋଗେଶ୍ୱର ବେହେରା ଏହାର ତଦନ୍ତ ଅଧିକାରୀ ଥିଲେ। ସେ ବୁଧବାର ମୋଟର ସାଇକେଲ ଚେକିଂ କରୁଥିବାବେଳେ ଅଭିଯୁକ୍ତ ମାନସ ପୋଲିସକୁ ଦେଖି ଦୌଡ଼ିବାରୁ ସନ୍ଦେହ ଜାତ ହୋଇଥିଲା। ଏହାପରେ ପୋଲିସ ତାଙ୍କୁ ଧରି ପଚରାଉଚରା କରିବା ପରେ ସେ ଚୋରି ସମ୍ପର୍କରେ ସ୍ୱୀକାର କରିଥିଲା। ତାଙ୍କ ଠାରୁ ସୂଚନା ପାଇ ଏସ୍‌ଆଇ ବେହେରା ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅନ୍ୟ ୨ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଛନ୍ତି। ଏହି ଘଟଣାରେ ଅନ୍ୟ କୌଣସି ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଛି କି ନାହିଁ ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ସେଠି ପ୍ରକାଶ କରିଛନ୍ତି।

# ଜେଲ ଗଲେ ମୁଖ୍ୟ ଅଭିଯୁକ୍ତ

ବାଲିକୁଦା, ୫।୧ (ତାପସ ସ୍ୱାଇଁ)

**ମା’ଉଗ୍ରତାରାଙ୍କ ମନ୍ଦିରରୁ ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣା**


ଅଭିଯୁକ୍ତ ମନୋଜ କାଣ୍ଡି।

ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅଧୀନ କୁଶୁପୁରୁ ପଞ୍ଚାୟତ ଅନ୍ତର୍ଗତ ଖଡ଼ିକା ଦଣ୍ଡା ଗାଁର ଗ୍ରାମଦେବତୀ ମା’ଉଗ୍ରତାରାଙ୍କ ମନ୍ଦିରରୁ ସେପ୍ଟେମ୍ବର ୮ରେ ମା’ଙ୍କ ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ରାଣିଗାଡ଼ିଆର ମନୋଜ କାଣ୍ଡି(୩୨)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ମନୋଜ ଉକ୍ତ ମୂର୍ତ୍ତିକୁ ମନ୍ଦିରରୁ ଚୋରି କରିବା ପରେ ରାଣି ଗାଡ଼ିଆସ୍ଥିତ ଘରେ ରଖିଥିଲେ। ଗାଁ ଲୋକଙ୍କ ସନ୍ଦେହ ହେବାରୁ ୮ ଦିନ ପରେ ମନୋଜଙ୍କ ଘରେ ଚଢ଼ାଉ କରି ଉକ୍ତ ମୂର୍ତ୍ତିକୁ ଉଦ୍ଧାର କରିଥିଲେ। ଏହା ପରଠାରୁ ମନୋଜ ଫେରାର ଥିଲେ। ବାଲିକୁଦା ଥାନା ଓ ଅନନ୍ତପୁର ଫାଣ୍ଡି ପୋଲିସ ତାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିଲା। ମନୋଜ ସେହି ଘରେ ଥିବା ନେଇ କୌଣସି ସୂତ୍ରରୁ ସୂଚନା ମିଳିଥିଲା । ଏହାପରେ ଥାନାଧିକାରୀ ସଲିଳ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଫାଣ୍ଡି ଅଧିକାରୀ ବୈକୁଣ୍ଠନାଥ ଘଡ଼ାଇ ମନୋଜଙ୍କ ଘର ଉପରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ।

## ଖବରଦାତାଙ୍କ ବିୟୋଗରେ ଶୋକସଭା

ଏରସମା,୫। ୧ ( ଦୀପ୍ତିରଞ୍ଜନ ଖଣ୍ଡୁଆଳ)

ଏରସମା ଜଗନ୍ନାଥ ମନ୍ଦିର ପରିସରରେ ଶୁକ୍ରବାର ଏରସମା ସାମ୍ବାଦିକ ସଂଘ ଓ ପ୍ରେସ୍ କ୍ଲବ ମିଳିତ ଆନୁକୂଲ୍ୟରେ ଖବରଦାତା ପ୍ରମୋଦ ଦାସଙ୍କ ଅକାଳ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଖବରଦାତା ଚନ୍ଦ୍ରଜିତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏରସମା ସାମ୍ବାଦିକ ସଂଘର ସଭାପତି ଦୀପ୍ତିରଞ୍ଜନ ଖଣ୍ଡୁଆଳ, ପ୍ରଶାନ୍ତ ମହାପାତ୍ର, ସ୍ମୃତି ରଞ୍ଜନ ମହାନ୍ତି, ତନ୍ମୟ ସେଠୀ, ତୃପ୍ତି ରଞ୍ଜନ ମହାନ୍ତି, ମନୋଜ କୁମାର ସାହୁ, ରମାକାନ୍ତ ଦାସ, ଜନ ରାଉତ, ଅଂଶୁମାନ ମିଶ୍ର, ବାପି ମଲ୍ଲିକ, ପର୍ଶୁରାମ ମନ୍ତ୍ରୀ, ରଞ୍ଜିତ ମଲ୍ଲିକ ପ୍ରମୁଖ ଉପସ୍ଥିତ ହୋଇ ସ୍ୱର୍ଗତ ଦାସଙ୍କ ସ୍ମୃତି ଚାରଣ କରିଥିଲେ।

## ଯୁବ ବ୍ୟବସାୟୀଙ୍କ ପରଲୋକ

ବାଲିକୁଦା,୫।୧ (ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ ଦଶବାଟିଆ ବଜାରରେ ଗ୍ରୋସରି ଦୋକାନ କରିଥିବା ପତରପଡା ଗ୍ରାମର ବଟକୃଷ୍ଣ ଗାଇଆ (୪୫)ଙ୍କ ଶନିବାର ମଧ୍ୟ ରାତ୍ରିରେ ଅକାଳ ମୃତ୍ୟୁ ଘଟିଛି। ଗାଇଆ ନିଜ ବ୍ୟବସାୟ କାର୍ଯ୍ୟ ସାରି ଘରକୁ ଫେରିବା ପରେ ଖାଦ୍ୟ ଗ୍ରହଣ କରିଥିଲେ। ଏହାପରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଆସିବା ପରେ ସେ ଅଣନିଃଶ୍ୱାସୀ ହେଉଥିବା ଅନୁଭବ କରି ଅକ୍ସିଜେନ ଲଗାଇବା ପାଇଁ ନିବେଦନ କରିଥିଲେ। ଏହା ଲଗାଯିବା ପରେ ଛାତିରେ ବହୁତ ଜୋରରେ ଯନ୍ତ୍ରଣା ହେଉଥିବା କହି ଚୁପ୍ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ବାଲିକୁଦା ମେଡିକାଲ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ଦଶବାଟିଆ ବଜାର କମିଟି ପକ୍ଷରୁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯିବା ସହ ଏକପଓଳି ବଜାର ବନ୍ଦ ରଖାଯାଇଥିଲା।

# ରାଜସ୍ୱ ମେଳାରେ ଉପସ୍ଥିତି ହାର ନଗଣ୍ୟ

ରଘୁନାଥପୁର,୫।୧ (ରାଜେନ୍ଦ୍ର ନାରାୟଣ ସିଂହ)

**ପ୍ରଚାର ପ୍ରସାର ଅଭାବ**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ତହସିଲ କାର୍ଯ୍ୟାଳୟରେ ରାଜସ୍ୱ ମେଳା ମାଧ୍ୟମରେ ସାଧାରଣ ଲୋକଙ୍କୁ ଇ-ଗଭର୍ନାନ୍ସ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ତହସିଲ କାର୍ଯ୍ୟାଳୟରେ ଶୁକ୍ରବାର ୬ଟି ଆର୍‌ଆଇ ସର୍କଲକୁ ନେଇ ରାଜସ୍ୱ ମେଳା ଆୟୋଜନ କରାଯାଇଥିଲା। ତେବେ ତହସିଲ ପକ୍ଷରୁ ପ୍ରଚାର ପ୍ରସାର ଅଭାବରୁ ଏହି କାର୍ଯ୍ୟକ୍ରମରେ ଲୋକମାନଙ୍କ ଉପସ୍ଥିତି ବହୁତ କମ୍ ଦେଖିବାକୁ ମିଳିଥିଲା। ସରକାର ଏତେ ଟଙ୍କା ଖର୍ଚ୍ଚ କରି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଥିବା ବେଳେ ପ୍ରଶାସନର ଅବହେଳା ଯୋଗୁ ଏହା ସଫଳ ରୂପାୟନ ହୋଇ ପାରୁନି ବୋଲି କେତେଜଣ ଲୋକ ପ୍ରତିନିଧି କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏଡିଏମ୍ ଚିନ୍ମୟୀ ବିଶ୍ୱାଳ, ସବ୍‌କଲେକ୍ଟର ପ୍ରଦୀପ କୁମାର ସାହୁ, ତହସିଲଦାର ଅଭିପ୍ସା ପଟ୍ଟନାୟକ ଓ ଅତିରିକ୍ତ ତହସିଲଦାର ତପନ କୁମାର ପରିଡ଼ା ଯୋଗଦେଇ ଉପସ୍ଥିତ ଲୋକମାନଙ୍କୁ ଇ-ଗଭର୍ନାନ୍ସ ମାଧ୍ୟମରେ ଘରେ ବସି କିପରି ସମସ୍ତ ରାଜସ୍ୱ ସୁବିଧା ପାଇପାରିବେ ସେ ଦିଗରେ ଆଲୋଚନା କରିଥିଲେ। ମେଳାରେ ଉପସ୍ଥିତ ଲୋକମାନଙ୍କୁ ନେଇ ଏକ କୁଇଜ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତକାର୍ଯ୍ୟ ହାସଲ କରିଥିବା ୫ ଜଣ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର କନିଷ୍ଠ ରାଜସ୍ୱ ସହାୟକ ଅବିନାଶ ସେଠୀ, ସଞ୍ଜୟ କୁମାର ପ୍ରଧାନ, ସାରଦା ପ୍ରସାଦ ନାୟକ, ଅଜୟ କୁମାର ସିଂ, ସ୍ୱାଗତିକା ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।



ରାଜସ୍ୱ ମେଳାରେ ଯୋଗଦେଇଥିବା ଅତିଥିମାନେ।

# ୭୩ ବର୍ଷ ହେଲା ଶରଣାର୍ଥୀଙ୍କୁ ମିଳିନି ସ୍ଥାୟୀ ଜମି ପଟ୍ଟା

ମହାକାଳପଡ଼ା,୫।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ପାକିସ୍ତାନ ଗୃହଯୁଦ୍ଧରେ ନିର୍ଯାତିତ ହୋଇ ଭିଟାମାଟି ଛାଡ଼ିଥିଲେ
- ଖରିନାସି ଘଞ୍ଚ ଜଙ୍ଗଲ ପିଣ୍ଡା ଝାଟିମାଟି ଘରେ ଆଶ୍ରୟ ନେଇଥିଲେ


ଖରିନାସି ଗାଁର ନାରାୟଣ ମିଳିଥିବା ଶରଣାର୍ଥୀ ପ୍ରମାଣପତ୍ର ଦେଖାଉଛନ୍ତି।

୧୯୫୦ରେ ପୂର୍ବ ପାକିସ୍ତାନ ଆଜିର ଦିନରେ ବାଂଲାଦେଶ ଭାବେ ପରିଚିତ। ସେ ସମୟରେ ପୂର୍ବ ପାକିସ୍ତାନରେ ଗୃହଯୁଦ୍ଧ ଭୀଷଣ ରୂପ ନେଇଥିଲା। ଫଳରେ ନିରୀହ ଜନତା ନିର୍ଯାତନା ସହି ନ ପାରି କିଏ ପରିବାର ପରିଜନକୁ ଛାଡି ରାତାରାତି ଭାରତ ଓ ବାଂଲାଦେଶ ସୀମା ପାର ହୋଇ ଭାରତରେ ଆଶ୍ରୟ ନେଇଥିଲେ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ, ଜଗଜ୍ଜୀବନ ରାମ, ଡା. ବିଧାନ ଚନ୍ଦ୍ର ରାୟ ପ୍ରମୁଖ ଏହି ଗୃହଯୁଦ୍ଧରେ ନିର୍ଯାତିତ ଲୋକମାନଙ୍କୁ ଭାରତରେ ଆଶ୍ରୟ ଦେଇଥିଲେ। ପ୍ରଥମେ କୋଲକାତା ପରେ ଓଡ଼ିଶାର କଟକ ଜିଲାର ଚାରବାଟିଆ ଅସ୍ଥାୟୀ ଶରଣାର୍ଥୀ ଶିବିରରେ ସେମାନେ ରହିଥିଲେ। ସେଠାରେ ୪ ମାସ ରହିବା ପରେ ପର୍ଯ୍ୟାୟକ୍ରମେ ସମସ୍ତ ଶରଣାର୍ଥୀ ପରିବାରଙ୍କୁ ଓଡ଼ିଶା ସରକାରଙ୍କ ପ୍ରଦାନ କରିଥିବା ପରିଚୟ ପ୍ରମାଣପତ୍ରରେ ଶରଣାର୍ଥୀ ଫ୍ରମ୍ ପାକିସ୍ତାନ (୧୪।୯।୧୯୫୦) ବୋଲି ଉଲ୍ଲେଖ ଥିଲା। ପରବର୍ତ୍ତୀ ସମୟରେ ଏହି ପ୍ରମାଣପତ୍ରରେ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଶରଣାର୍ଥୀମାନଙ୍କୁ ଜମି ଜାଗା ଦିଆଯାଇ ଥଇଥାନ କରାଯାଇଥିଲା। ଏଭଳି ଏକ ଉଦାହରଣ ଦେଖିବାକୁ ମିଳୁଛି ଅବିଭକ୍ତ କଟକ ଜିଲା ଏବେକା କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ। ୫ ଶହରୁ ଅଧିକ ଶରଣାର୍ଥୀମାନଙ୍କୁ ଜମି ଜାଗା ଦିଆଯାଇ ଜମ୍ବୁ , ରାମନଗର, ଖରିନାସିଠାରେ ଥଇଥାନ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ବ୍ଲକର ଖରିନାସି ଗାଁରେ ସେ ଦିନର ୧୨ ବର୍ଷର ନାବାଳକ ନାରାୟଣ ଦାସ ଆଜିକା ଦିନରେ ୮୬ ବର୍ଷରେ ସ୍ଥାୟୀ ଜମି ପଟ୍ଟା ପାଇଁ ରାହା ଖୋଜୁଛନ୍ତି। ସେ ସମୟରେ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଜମି ଘରବାଡ଼ି ପଟ୍ଟା ଏବେ ଜମି ଜଙ୍ଗଲ କିସମ ଥିବା ସୂଚନା ମିଳିଛି। ପରେ ତତ୍କାଳୀନ ରାଜନଗର ବିଧାୟକ ବିଜୁ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୧୯୭୬ରେ ପ୍ରତି ପରିବାରକୁ ସଦସ୍ୟ ଅନୁସାରେ ଏକରରୁ ଆରମ୍ଭ କରି ୫ରୁ ଅଧିକ ଏକର ଜମି ପ୍ରଦାନ କରାଯାଇଥିଲା। ଅଦ୍ୟାବଧି ପ୍ରଶାସନ ଜଙ୍ଗଲ ଜମି କିସମ ସଂଶୋଧନ କରି ଲୋକମାନଙ୍କୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ କରିବାକୁ ପରିଣତ ବୟସରେ ନାରାୟଣ କହିଛନ୍ତି। ଆଉ କେତେଦିନ ସ୍ଥାୟୀ ଜମିପଟ୍ଟା ପାଇଁ ପ୍ରଶାସନକୁ ଅପେକ୍ଷା କରିବୁ। ୭୩ ବର୍ଷ ହେଲାଣି। ପୂର୍ବ ପାକିସ୍ତାନର ବରିସଲ ଜିଲା ଦ୍ୱାରିକା ଗ୍ରାମର ଗୃହଯୁଦ୍ଧ ନିର୍ଯାତନା ସହି ନ ପାରି ବାଧ୍ୟ ହୋଇ ଭାରତରେ ଆଶ୍ରୟ ନେଇଥିଲୁ। ସେତେବେଳେ ନାରାୟଣ ବାପା କାର୍ତ୍ତିକଙ୍କ ସହିତ ୪ ଭାଇ ଓ ୨ ଭଉଣୀ ଆସି ଶରଣାର୍ଥୀ ଭାବେ ପଞ୍ଜୀକରଣ ହୋଇ ଏହି ଖରିନାସି ଘଞ୍ଚ ଜଙ୍ଗଲରେ ଆଶ୍ରୟ ନେଇଥିଲେ। ସମୟ ବଦଳିବା ସହିତ ଜନସଂଖ୍ୟା ବଢ଼ିଲେ। ଆମ୍ଭମାନଙ୍କୁ ଆଉ କେତେଦିନ ସରକାର ଉପେକ୍ଷା କରିବେ ବୋଲି କ୍ଷୋଭର ସହ ନାରାୟଣ ପ୍ରକାଶ କରିଛନ୍ତି। ମୋ ଭଳି ଅନେକ ଲୋକ ସ୍ଥାୟୀ ଜମି ପଟ୍ଟା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି।

ଏହି ଘଞ୍ଚ ଜଙ୍ଗଲର ସନ୍ତସନ୍ତିଆ, ପିଣ୍ଡା ଝାଟିମାଟି ଘରେ ବହୁ କଷ୍ଟରେ ଆଶ୍ରୟ ନେବା ପରେ ସରକାର ଆମମାନଙ୍କୁ ହଳେ ବଳଦ, ନଙ୍ଗଳ, କୋଦାଳ ଓ ମାସକୁ ୫୦ଟଙ୍କା ଆଦି ପ୍ରଦାନ କରିଥିଲେ। ସେ ସମୟରେ ଚାଉଳ କୁଇଣ୍ଟାଲ ୧୨ ଟଙ୍କା ଥିଲା। ଭାତ ରାନ୍ଧି ଜଙ୍ଗଲ, ନଦୀକୂଳରୁ ମାଛ କଙ୍କଡ଼ା ଧରି ପରିବାର ପ୍ରତିପୋଷଣ କରୁଥିଲୁ। ଆମମାନଙ୍କ ଗୋଟିଏ ବଡ଼ ଦୁଃଖ ସରକାର ପ୍ରଦାନ କରିଥିବା ଜମି ଘରବାଡ଼ିକୁ ସ୍ଥାୟୀ ପଟ୍ଟା ପ୍ରଦାନ କଲେ ପରିଣତ ବୟସରେ ଦୁଃଖ ଲାଘବ ହେବ ବୋଲି କହିଛନ୍ତି।

## ସଂକ୍ଷେପରେ

### ମଲାଡ଼ ପଞ୍ଚାୟତରେ ଧାନ ମଣ୍ଡି ଉଦ୍‌ଘାଟିତ

ଗଞ୍ଜାମ,୫।୧ (ବିଦ୍ୟାଧର ସାହୁ):

ଗଞ୍ଜାମ ବ୍ଲକ ମଲାଡ଼ ପଞ୍ଚାୟତ ମଲାଡ଼ ଠାରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ମମତା ବେହେରା ଏହାର ଶୁଭାରମ୍ଭ କରିଥିଲେ। ମଣ୍ଡି ଉଦଘାଟନ ପରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ମଣ୍ଡି ଉଦଘାଟନ ବେଳେ ସରପଞ୍ଚ ପ୍ରତିନିଧି ସୁଦାମ ବେହେରା, ସମିତି ସମ୍ପାଦକ ବିଜୟ କୁମାର, ସଭାପତି ଜୟ ମହାପାତ୍ର, ଚାଷୀ ଏମ ରାମଚନ୍ଦ୍ର, ଏମ ଦୁର୍ଯୋଧନ, ଏସ ଭେଙ୍କେଟେଶ୍ୱର, ଏନ ଏଙ୍କିଡିଙ୍କ ସମେତ ବିଭିନ୍ନ ଗ୍ରାମର ଚାଷୀ, ଭାଗଚାଷୀ ଉପସ୍ଥିତ ଥିଲେ।

### ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ

ବାଲିଗୁଡା,୫।୧
(ସଞ୍ଜୟ କୁମାର ପାଣିଗ୍ରାହୀ):

କନ୍ଧମାଳ ଜିଲା ବାଲିଗୁଡା ଏବଂ ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମୁଦାୟ ୪୧୯ଟି ବୁଥ ଅଧିନସ୍ଥ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ସ୍ଥାନୀୟ ଉପ ଜିଲାପାଳ ତଥା ନିର୍ବାଚନ ଅଧିକାରୀ ମଧୁମିତାଙ୍କ ଅଧ୍ୟକ୍ଷତାରେ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ପ୍ରକାଶିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସହାୟକ ଜିଲାପାଳ ରୂପକ କୁଜୁର ଉପସ୍ଥିତ ରହି ସମସ୍ତ ସୂଚନା ପ୍ରଦାନ କରିଥିବା ବେଳେ ବାଲିଗୁଡା ଏବଂ ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀର ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ଯୁବ ଓଡ଼ିଶା ନବୀନ ଓଡ଼ିଶା ଉଦ୍‌ଯାପିତ

ଆର.ଉଦୟଗିରି,୫।୧
(ମନୋଜ କୁମାର ପାଢ଼ୀ):

ଗଜପତି ଜିଲା ଆର.ଉଦୟଗିରି ଗ୍ରାମପଞ୍ଚାୟତସ୍ଥିତ ମହେନ୍ଦ୍ର ତନୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଆନୁକୁଲ୍ୟରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଶେଷ ହୋଇଛି। ନୋଡାଲ ଅଫିସ ଅଧ୍ୟାପକ ନିଲାଞ୍ଚ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଶୁକ୍ରବାର ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ବିଡିଓ ଲରିମନ ଖର୍ସେଲ ପ୍ରମୁଖ ମଞ୍ଚାସୀନ ଥିଲେ। ପିଟି ଅଧ୍ୟାପିକା ସୁମନ୍ତ କୁମାର ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

### ସଡକ ସୁରକ୍ଷା ସପ୍ତାହ ପାଳିତ

ପୁରୁଷୋତ୍ତମପୁର,୫।୧
(ସିମାଞ୍ଚଳ ମିଶ୍ର):

ପୁରୁଷୋତ୍ତମପୁରଠାରେ ଜିଲା ପରିବହନ ବିଭାଗ ଓ ମା' କନକେଶ୍ୱରୀ ଘରୋଇ ବସ ମାଲିକ ସଂଘ ଆନୁକୁଲ୍ୟରେ ସଡକ ସୁରକ୍ଷା ସପ୍ତାହ ଶୁକ୍ରବାର ପାଳିତ ହୋଇଯାଇଛି। ବସ ମାଲିକ ସଂଘର ସଭାପତି ସନ୍ତୋଷ କୁମାର ପତି ପୌରହିତ୍ୟ କରିଥିବା ବେଳେ ଆଞ୍ଚଳିକ ପରିବହନ ଅଧିକାରୀ ମାନସରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଏସଡିପିଓ ରଜନିକାନ୍ତ ସାମଲ, ଆଇଆଇସି ସମିର କୁମାର ରାଉତ, ଜୁନିୟର ଏମଭିଆଇ ରତିକାନ୍ତ ନାୟକ, ନରସିଂହ ଦାସ, ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ସର୍ଦାର, ବସ ମାଲିକ ସଂଘର ଲିଗାଲ ଏଡଭାଇଜର ସିମାଞ୍ଚଳ ମିଶ୍ର, ଉପଦେଷ୍ଟା ମୁନା ମହାନ୍ତି, ସଂପାଦକ ଶରତ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ସୁଦର୍ଶନ ପ୍ରଧାନ, ମୁନା ପଣ୍ଡା ଯୋଗଦେଇ ସଡକ ସୁରକ୍ଷା ଲାଗି ସଚେତନତା କରିବା ସହ କିଭଳି ଦୁର୍ଘଟଣାକୁ ରୋକାଯାଇପାରିବ ସେଥିନେଇ ସଚେତନତା କରାଇଥିଲେ। ଏହି ଅବସରରେ ସରସିଂହ ଦାସ ହାଇସ୍କୁଲର ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ସଚେତନ କରିଥିଲେ। ପରିବହନ କର୍ମଚାରୀ ସୁଜିତ ଭଟମିଶ୍ର, ଆନିସ ଓ ଶ୍ରୀଚନ୍ଦନଙ୍କ ସମେତ ବସ ମାଲିକମାନେ ପରିଚାଳନା କରିଥିଲେ।

# ପ୍ରସ୍ତାବରେ ଅଟକିଛି ମ୍ୟୁନିସିପାଲିଟି ମାନ୍ୟତା

## ସାଧାରଣ ନିର୍ବାଚନ ଉପରେ ପଡ଼ିବ ପ୍ରଭାବ

ଛତ୍ରପୁର, ୫।୧ (ସନ୍ତୋଷ ପାଢ଼ୀ):

ଗଞ୍ଜାମ ଜିଲା ସଦର ମହକୁମା ହୋଇଥିଲେ ବି ଛତ୍ରପୁର ଏନଏସିକୁ ଏଯାଏ ମ୍ୟୁନିସିପାଲିଟି ମାନ୍ୟତା ମିଳିପାରିନାହିଁ। ମାନ୍ୟତା କେବଳ ଚିଠିପତ୍ରରେ ଅଟକି ରହିଛି। ଛତ୍ରପୁର ଏନ୍‌ଏସିକୁ ମ୍ୟୁନିସିପାଲିଟି କରିବାକୁ ଦୀର୍ଘବର୍ଷ ହେଲା ଦାବି ହୋଇଆସୁଛି। ଏପରିକି ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଲାଗି ଓଡିଶା ସରକାର ଉଚିତ ମଣିନାହାନ୍ତି। ପରେ ଏନେଇ ଭାରତୀୟ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ ହୋଇଥିଲା। ଏହାର ଶୁଣାଣି କରି ହାଇକୋର୍ଟ ନିର୍ଦ୍ଦେଶନାମା ଜାରି କରିଥିଲେ ହେଁ ଏହା ଉପରେ ରାଜ୍ୟ ସରକାର ପଦକ୍ଷେପ ନେଇନାହାନ୍ତି। ଛତ୍ରପୁର ଜନସାଧାରଣଙ୍କ ଏନେଇ ପ୍ରତିକ୍ରିୟା ସେମାନଙ୍କ ଭୋଟ ଜରିଆରେ ଦେଖାଇ ଏନଏସି ଅଧ୍ୟକ୍ଷା ବିଜେଡି ପ୍ରାର୍ଥିନୀଙ୍କୁ ପରାଜିତ କରିଥିଲେ। ଫଳରେ ଛତ୍ରପୁର ଏନଏସି ଅଧ୍ୟକ୍ଷା ପଦବୀ ବିଜେଡିଠାରୁ ଭାଜପା ଛଡାଇ ନେବାରେ ସକ୍ଷମ ହୋଇଥିଲେ। ଆଗକୁ ଛତ୍ରପୁର ବିଧାନସଭା ଓ ବ୍ରହ୍ମପୁର ଲୋକସଭା ନିର୍ବାଚନ ହେବ। ଉକ୍ତ ନିର୍ବାଚନରେ ମଧ ଏହାର ପ୍ରଭାବ ପଡିବା ନିଶ୍ଚିତ ବୋଲି ଆଲୋଚନା ହୋଇଛି। ଅପରପକ୍ଷରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ଓ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଏନେଇ ଖୁବଶୀଘ୍ର ଖୁସି ଖବର ମିଳିବ ବୋଲି ଗତ ୨ ବର୍ଷ ହେଲା ଗଣମାଧ୍ୟମ ଆଗରେ କହିଆସୁଛନ୍ତି। ସୂଚନାଯୋଗ୍ୟ ଭାରତୀୟ ବିକାଶ ପରିଷଦ ପକ୍ଷରୁ ରୁଜୁ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଛତ୍ରପୁର, ଆସିକା ଓ ଭଞ୍ଜନଗର ଏନଏସିକୁ ଆସନ୍ତା ୪ ସପ୍ତାହ ମଧ୍ୟରେ ମ୍ୟୁନିସିପାଲଟି ମାନ୍ୟତା ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାପୂର୍ବରୁ ୬ ସପ୍ତାହ ମଧ୍ୟରେ ଛତ୍ରପୁର, ଆସିକା ଓ ଭଞ୍ଜନଗର ଏନଏସିକୁ ମ୍ୟୁନିସିପାଲଟି ମାନ୍ୟତା ପ୍ରଦାନ କରାଯାଉ ବୋଲି ମୁଖ୍ୟ ଶାସନ ସଚିବଙ୍କୁ ୨୦୧୯ ଅଗଷ୍ଟ ୫ରେ ହାଇକୋର୍ଟ ଏହାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମଧ୍ୟ ରାଜ୍ୟ ସରକାର ଉକ୍ତ ୩ ଏନଏସିକୁ ମ୍ୟୁନିସିପାଲଟିର ମାନ୍ୟତା ଦେଲେନାହିଁ । ପରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏକ ଅଦାଲତ ଅବମାନନା କେଶ (୮୩/୨୦) ରୁଜୁ ହୋଇଥିଲା । ଏହି ମାମଲା ରୁଜୁ ହେବା ପରେ ତତ୍କାଳୀନ ମୁଖ୍ୟ ଶାସନ ସଚିବଙ୍କ ପକ୍ଷରୁ ଗଂଜାମ ଜିଲାପାଳଙ୍କୁ ଏହାର ରିପୋର୍ଟ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ୨୦୨୦ରେ ତତ୍କାଳୀନ ଜିଲାପାଳ ଏ ସମ୍ପର୍କରେ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ପଠାଇଥିଲେ । ମାତ୍ର ପରେ କରୋନା ଯୋଗୁଁ ପ୍ରସ୍ତାବ ନଥିପତ୍ର ମଧ୍ୟରେ ରହିଯାଇଥିଲା । ୧୯୫୫ରେ ଛତ୍ରପୁର ଏନଏସି ଗଠନ ହୋଇଥିଲା । ୨୦୧୧ ଜନଗଣନା ଅନୁସାରେ ଏହାର ଜନସଂଖ୍ୟା ୨୨ ହଜାର ୨୭ ଥିଲା । ମ୍ୟୁନିସିପାଲିଟି ପାଇଁ ଜନସଂଖ୍ୟା ୨୫ ହଜାରରୁ ଊର୍ଦ୍ଧ୍ୱ ହେବା ଆବଶ୍ୟକ, ଯାହାକି ନିକଟବର୍ତ୍ତୀ ପଞ୍ଚାୟତର କେତୋଟି ଗାଁକୁ ଏନଏସିରେ ସାମିଲ କଲେ ଏହି ସଂଖ୍ୟା ହୋଇଯାଉଛି। ହାଇକୋର୍ଟ ପିଟିଶନର ଶୁଣାଣି କରି ଏହା ଉପରେ ୩ମାସ ମଧ୍ୟରେ ପଦକ୍ଷେପ ନେବାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ଉପରେ ବିସ୍ତୃତ ରିପୋର୍ଟ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କ ନିକଟକୁ ଏକ ଚିଠି ଆସିଥିଲା । ଏନଏସିକୁ ମ୍ୟୁନିସିପାଲିଟି କରିବା ପାଇଁ କେଉଁସବୁ ଗାଁ ଓ ପଡ଼ା ମିଶିବ, ଜନସଂଖ୍ୟା କେତେ ଏବଂ ମ୍ୟୁନିସିପାଲିଟି ହେଲେ ଉକ୍ତ ଅଞ୍ଚଳକୁ ସୁବିଧା ଯୋଗାଇ ଦିଆଯାଇପାରିବ କି ନାହିଁ ସେ ସମ୍ପର୍କରେ ତଥ୍ୟ ଦେବାକୁ କୁହାଯାଇଥିଲା। ପରେ ଛତ୍ରପୁର, ଆସିକା ଓ ଭଞ୍ଜନଗର ଏସଏସି ନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ ରିପୋର୍ଟ ମାଗିଥିଲେ। ଦୀର୍ଘଦିନ ଧରି କାର୍ଯ୍ୟାଳୟରେ ଚିଠି ପଡ଼ି ରହିବା ପରେ ଛତ୍ରପୁର ଏନଏସି କର୍ତ୍ତୃପକ୍ଷ ତଥ୍ୟ ସଂଗ୍ରହ କରି ଜିଲାପାଳଙ୍କୁ ପଠାଇଥିଲେ। ଜିଲାପାଳ ମଧ୍ୟ ଫାଇଲ ରାଜ୍ୟ ସରକାରଙ୍କୁ ପଠାଇଥିଲେ। ମାତ୍ର ଦୀର୍ଘ ମାସ ପରେ ବି ସରକାର କୌଣସି ପଦକ୍ଷେପ ନେଇ ନ ଥିବା ଜଣାପଡ଼ିଛି। ଛତ୍ରପୁର ଏନଏସି ନିକଟବର୍ତ୍ତୀ ୪ ପଞ୍ଚାୟତ ଚିକଲଖଣ୍ଡି, ଅଗସ୍ତି ନୂଆଗାଁ, କଣମଣା ଓ ପୋଡ଼ାପଦରର କେତେକ ଗାଁକୁ ଏନଏସିରେ ମିଶ୍ରଣ କରି ମ୍ୟୁନିସିପାଲିଟି କରିବା ପାଇଁ ଯୋଜନା ହୋଇଥିଲା । କଣମଣା ପଞ୍ଚାୟତ ଅଧୀନ ପୁରୁଣା ଛତ୍ରପୁର, ଅଗସ୍ତି ନୂଆଗାଁ ପଞ୍ଚାୟତ ଅଧୀନ ଜିଏନ ପାଲମ, ପୋଡ଼ାପଦର ପଞ୍ଚାୟତର କୁମାରବେଗପଲ୍ଲୀ ଏବଂ ଚିକଲଖଣ୍ଡି ପଞ୍ଚାୟତ ଅଧୀନ ବାସନାପଲ୍ଲୀ ଗାଁକୁ ମିଶ୍ରଣ ପାଇଁ ଉକ୍ତ ପଞ୍ଚାୟତକୁ ଛତ୍ରପୁର ଏନଏସି କର୍ତ୍ତୃପକ୍ଷ ଚିଠି କରିଥିଲେ। ଚିକଲଖଣ୍ଡି ପଞ୍ଚାୟତ ଏନଏସିରେ ମିଶିବାକୁ ରାଜି ହୋଇ ନ ଥିବାବେଳେ ପୋଡ଼ାପଦର ପଞ୍ଚାୟତ ପକ୍ଷରୁ କୌଣସି ଉତ୍ତର ଆସି ନ ଥିଲା। ଅନ୍ୟପକ୍ଷରେ ଅଗସ୍ତି ନୂଆଗାଁ ପଞ୍ଚାୟତର ଜିଏନ ପାଲମ ଓ କଣମଣା ପଞ୍ଚାୟତର ପୁରୁଣା ଛତ୍ରପୁର ମିଶ୍ରଣ ପାଇଁ ପଞ୍ଚାୟତ ପକ୍ଷରୁ ଏନଏସି କର୍ତ୍ତୃପକ୍ଷ ସମ୍ମତିପତ୍ର ଦେଇଥିଲେ। ୨୦୧୧ ଜନଗଣନାରେ ଜିଏନ ପାଲମର ଜନସଂଖ୍ୟା ୧୯୫୪ ଓ ପୁରୁଣା ଛତ୍ରପୁରର ଜନସଂଖ୍ୟା ୨୮୪୫ ରହିଥିଲା। ଏହିସବୁ ଜନସଂଖ୍ୟାକୁ ମିଶାଇଲେ ଏନଏସି ଜନସଂଖ୍ୟା ୨୬ ହଜାରରୁ ଊର୍ଦ୍ଧ୍ୱ ହେବ ।

### କୋଠଘର ଭାଙ୍ଗି ମିଶନ ଶକ୍ତି ଗୃହ ନିର୍ମାଣକୁ ବିରୋଧ

ବୁଗୁଡା,୫।୧ (କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ ଗୋଳାବନ୍ଧ ପଞ୍ଚାୟତ ଅନ୍ତର୍ଗତ ବେତାରସିଂ ଗ୍ରାମରେ କୋଠଘର ଭାଙ୍ଗି ମିଶନ ଶକ୍ତି ଗୃହ ନିର୍ମାଣକୁ ଗୋଟିଏ ଗୋଷ୍ଠୀ ବିରୋଧ କରିଛନ୍ତି। ମୋ ଓଡିଶା ନବୀନ ଓଡିଶା ଯୋଜନାରେ ଗ୍ରାମରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ୭ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର ହୋଇଛି। ତେବେ ଗ୍ରାମ ବଡଦାଣ୍ଡରେ ଥିବା ଏକମାତ୍ର କୋଠଘର ଭାଙ୍ଗି ସେଠାରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଗ୍ରାମର କିଛି ବ୍ୟକ୍ତି ଶୁକ୍ରବାର ବୁଗୁଡ଼ା ବିଡ଼ିଓଙ୍କ ନିକଟରେ ଫେରାଦ ହୋଇଥିଲେ। ମିଶନଶକ୍ତି ଗୃହ ଅନ୍ୟତ୍ର ନିର୍ମାଣ ସହ ଗ୍ରାମର ନେଳିଆ ବନ୍ଧର ପୁନରୁଦ୍ଧାର ପାଇଁ ୧୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ ପୋଖରୀ ଶୁଖିଲା ପଡିଥିବାରୁ ଏହି ପୋଖରୀ ଉପରେ ନିର୍ଭର କରୁଥିବା ଲୋକେ ହଟହଟା ହେଉଥିବା, ନୂଆ ସାହିରେ ମଞ୍ଜୁର ହୋଇଥିବା ଦୋକାନ ଗୃହ ପରିବର୍ତ୍ତେ ଏକ କୋଠଘର ଓ ବିଶ୍ରାମଗାର ନିର୍ମାଣ ପାଇଁ ଦାବି କରିଥିଲେ। ତେବେ ଗ୍ରାମର ଅଧିକାଂଶ ଲୋକ ଯେଉଁଠି ଚାହିଁବେ ସେଇଠି ମିଶନ ଶକ୍ତି ଗୃହ ହେବ ବୋଲି ବିଡ଼ିଓ ସନ୍ତୋଷ କୁମାର ଜେନା କହିଛନ୍ତି।

## ଘଟକେଶ୍ୱର ପ୍ରକଳ୍ପରୁ ଏସ୍‌ଇଜେଡ୍‌କୁ ଜଳ ଯୋଗାଣ ହେବ

ଛତ୍ରପୁର,୫।୧ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଗୋପାଳପୁର ଏସ୍‌ଇଜେଡ୍ ଶିଳ୍ପ ସକାଶେ ଆବଶ୍ୟକ ହେବାକୁ ଥିବା ଜଳ ଯୋଗାଣ ଘଟକେଶ୍ୱର ପ୍ରକଳ୍ପଠାରୁ ଯୋଗାଇ ଦିଆଯିବ। ଏଥିପାଇଁ ପୂର୍ବରୁ ରହିଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ନିମନ୍ତେ ଘଟକେଶ୍ୱର ପ୍ରକଳ୍ପଠାରୁ ଗୋପାଳପୁର ଶିଳ୍ପ ପାର୍କ ପର୍ଯ୍ୟନ୍ତ ପାଇପ ବିଛାଯାଇ ଜଳ ଯୋଗାଣ ବ୍ୟବସ୍ଥା କରାଯିବ। ଏହି ପାଇପ ବିଛା କାର୍ଯ୍ୟକ୍ରମ ସକାଶେ ରେଳ ବିଭାଗ, ଜାତୀୟ ରାଜପଥ ବିଭାଗ, ଜଳ ସମ୍ପଦ ବିଭାଗ, ଜଙ୍ଗଲ ବିଭାଗ, ପୂର୍ତ୍ତ ବିଭାଗ ସହମତି କ୍ରମେ ବ୍ୟବସ୍ଥା କରାଯିବ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ସକାଶେ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଘଟକେଶ୍ୱର ପ୍ରକଳ୍ପଠାରୁ କଙ୍କିଆ ଗ୍ରାମ, ତାମଣା, କନିଷି ଜାତୀୟ ରାଜପଥ ଦେଇ ଟାଟା ପ୍ରକଳ୍ପ ପର୍ଯ୍ୟନ୍ତ



ସମୁଦାୟ ୩୦.୨୧୮କିଲୋମିଟର ରାସ୍ତାରେ ପାଇପ ବିଛାଯିବ। ରାସ୍ତା ପାର୍ଶ୍ୱରେ ବିଛାଯିବାକୁ ଥିବା ଏହି ପାଇପ ଲାଇନ ରେଳ ବିଭାଗ, ଜଙ୍ଗଲ ବିଭାଗ, ଜାତୀୟ ରାଜପଥ ଜଳ ସମ୍ପଦ ବିଭାଗଠାରୁ ଅନୁମତି ସଂଗ୍ରହ ଯଥାଶୀଘ୍ର କରି ହସ୍ତାନ୍ତର କରିବା ସକାଶେ ସମସ୍ତ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ଅବଗତ କରାଇଥିଲେ। ଏହି କାର୍ଯ୍ୟ ସମାପନ ସକାଶେ ଦୁଇ ବର୍ଷ ସମୟ ଲାଗିବ। ଯଥାଶୀଘ୍ର ସମାପନ କରିବାକୁ ଇଡ୍‌କୋ ଦ୍ୱାରା ନିର୍ଦ୍ଦେଶ ରହିଥିବା ବୈଠକରେ ଜଣାପଡିଛି। ଜିଲାପାଳ ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ ଯେ, ଗୋପାଳପୁର ଶିଳ୍ପ ପାର୍କ ସକାଶେ ଜଳ ଯୋଗାଣ ବ୍ୟବସ୍ଥା ଯଥାଶୀଘ୍ର ଠିକଣା ସମୟ ପୂର୍ବରୁ ସମାପନ କରିବାର ଆବଶ୍ୟକତା ରହିଛି। କାରଣ ଜଳ ଯୋଗାଣ ବ୍ୟବସ୍ଥା ହେଲେ ଅନେକ ଶିଳ୍ପ ପ୍ରତିଷ୍ଠା ସକାଶେ ବାଟ ସୁଗମ ହେବ ଏବଂ ଏହି ଅଞ୍ଚଳର ଅର୍ଥନୈତିକ ବିକାଶ ସାଧିତ ହେବ।

## ଭାଜପା ମଣ୍ଡଳ କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଧରାକୋଟ,୫।୧ (ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ଜାହାଡ଼ା ମଣ୍ଡଳ ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀ ନିକଟସ୍ଥ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ସୋରଡ଼ା ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା ନୀଳମଣି ବିଷୋୟୀ,ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଦସ୍ୟ ଗଦାଧର ସ୍ୱାଇଁ, ଆସିକା ଲୋକସଭା ପ୍ରଭାରୀ ସନ୍ତୋଷ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିଲେ। ମଣ୍ଡଳ ଅନ୍ତର୍ଗତ ୬ ପଞ୍ଚାୟତର କାର୍ଯ୍ୟକର୍ତ୍ତା ଯୋଗଦେଇ କିପରି ବୁଥସ୍ତରରୁ ସଂଗଠନ ମଜଭୁତ ହେବ ତାହା ଉପରେ ଆଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ କରିବା ପାଇଁ ବରିଷ୍ଠ ନେତା ବିଜୟ ସ୍ୱାଇଁ ମାର୍ଗ ଦର୍ଶନ ଦେଇଥିଲେ। ସେହିପରି ଧରାକୋଟ ମଣ୍ଡଳ କାର୍ଯ୍ୟକର୍ତ୍ତା ସମ୍ମିଳନୀ ନିକଟସ୍ଥ ମୁଣ୍ଡମରାଇସ୍ଥିତ କୋଠାରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ପ୍ରଭାରୀ ଦୁର୍ଗା ଚରଣ ପଟ୍ଟନାୟକ ଯୋଗ ଦେଇଥିଲେ ସଙ୍ଗଠନ ସୁଦୃଢ଼ କରିବାକୁ ବିଭିନ୍ନ ପଞ୍ଚାୟତର କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ମଣ୍ଡଳ ସଭାପତି ପାଣ୍ଡବ ରାଉତ,ୟୁ ପାପା ରାଓ, ଅଶୋକ ନାୟକ, ମାନସ ନାୟକ ଓ ମୁନା ପ୍ରଧାନଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦେଇଥିଲେ।

## ଡ୍ରାଇଭରଙ୍କ ଆନ୍ଦୋଳନ



ଆନ୍ଦୋଳନରେ ବସିଥିବା ଡ୍ରାଇଭର ସଂଘର କର୍ମକର୍ତ୍ତା।

**ନୟାଗଡ,୫।୧ (ଲୋକନାଥ ମିଶ୍ର)**

କେନ୍ଦ୍ର ସରକାରଙ୍କ ହିଟ୍ ଆଣ୍ଡ ରନ୍‌କୁ ନେଇ ହୋଇଥିବା ନୂଆ ଆଇନ ଓ ଦୀର୍ଘଦିନ ଧରି ରାଜ୍ୟ ସରକାରଙ୍କ ନିକଟରେ କରାଯାଇଥିବା ଦାବିକୁ ନେଇ ଓଡ଼ଶା ଡ୍ରାଇଭର ସଂଘର ନୟାଗଡ଼ ଶାଖା ପକ୍ଷରୁ ଶୁକ୍ରବାରଠାରୁ ଆନ୍ଦୋଳନ କରାଯାଇଛି। ଶନିବାର ଠାରୁ ଆନ୍ଦୋଳନ ତୀବ୍ରତର ହେବ ବୋଲି କୁହାଯାଉଛି। ନୟାଗଡ ପୁରୁଣା ବସ୍‌ଷ୍ଟାଣ୍ଡ ସ୍ଥିତ ଟ୍ରାଫିକ୍ ଛକରେ ଡ୍ରାଇଭରମାନେ ଧାରଣା ଦେଇଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ହଟିବ ନାହିଁ ବୋଲି କହିଛନ୍ତି।

## ଗଜପତି ଜିଲାରେ ୪,୫୯,୨୨୮ ଭୋଟର

ପାରଳାଖେମୁଣ୍ଡି, ୫।୧ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଏହି ତାଲିକା ପ୍ରକାଶ କରାଯାଇଛି। ଜିଲାରେ ସମୁଦାୟ ଭୋଟର ସଂଖ୍ୟା ୪ ଲକ୍ଷ ୫୯ ହଜାର ୨୨୮ରହିଛନ୍ତି। ପୁରୁଷ ୨,୨୪,୪୦୫ ଓ ମହିଳା ୨,୩୪,୭୯୯ ଏବଂ ତୃତୀୟ ଲିଙ୍ଗ ଭୋଟର ସଂଖ୍ୟା ୨୪ ରହିଛନ୍ତି। ମୋହନା ନିର୍ବାଚନ ମଣ୍ଡଳୀରେ ମୋଟ ୨,୪୩,୫୨୨ ମଧ୍ୟରୁ ପୁରୁଷ ଭୋଟର ୧,୧୮,୧୯୩, ମହିଳା ୧,୨୫,୩୨୨ ଓ ତୃତୀୟ ଲିଙ୍ଗ ଭୋଟର ସଂଖ୍ୟା ୭ ରହିଛନ୍ତି। ସେହିପରି ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ସମୁଦାୟ ଭୋଟର ସଂଖ୍ୟା ୨,୧୫,୭୦୬ ଥିବା ବେଳେ ପୁରୁଷ ୧,୦୬,୨୧୨, ମହିଳା ୧,୦୯,୪୭୭ ଓ ତୃତୀୟ ଲିଙ୍ଗ ୧୭ ରହିଛନ୍ତି। ଜିଲାରେ ଯୁବ ଭୋଟର (୧୮–୧୯ ବର୍ଷ) ଙ୍କ ସଂଖ୍ୟା ୧୨୩୬୩ ଥିବା ବେଳେ ୮୦ ବର୍ଷ ବୟସରୁ ଅଧିକ ବରିଷ୍ଠ ଭୋଟର ସଂଖ୍ୟା ୬୧୬୬ ଜଣ ରହିଛନ୍ତି। ଜିଲାରେ ସର୍ଭିସ ଭୋଟର ସଂଖ୍ୟା ୪୧୨ ଜଣ ରହିଛନ୍ତି। ଯେଉଁ ନାଗରିକଙ୍କ ବୟସ ୧୮ ବର୍ଷ ହେଉଥିବ ସେମାନେ ପରବର୍ତ୍ତୀ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ସଂଶୋଧନ କାର୍ଯ୍ୟକ୍ରମରେ ନିଜର ନାମକୁ ନୂତନ ଭାବେ ଫର୍ମ –୬ ନାମ ପଞ୍ଜିକରଣ କରିପାରିବେ। ଜିଲାରେ ୫୭୩ ବୁଥ ରହିଥିବା ବେଳେ ମୋହନା) ନିର୍ବାଚନ ମଣ୍ଡଳୀରେ ୨୯୭ ଓ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ୨୭୬ଟି ବୁଥ ରହିଥିବା ଜିଲାପାଳ କହିଛନ୍ତି।

## ସ୍ୱର୍ଣ୍ଣମୟୀ ହାଇସ୍କୁଲରେ ଅବ୍ୟବସ୍ଥା

### ତଦାରଖ ବେଳେ ବିରକ୍ତି ପ୍ରକାଶ କଲେ ଜିଲା ଶିକ୍ଷାଧିକାରୀ

କୋଦଳା,୫।୧ (ଅମିତ କୁମାର ପଟ୍ଟନାୟକ)

ଗଞ୍ଜାମ ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ଶୁକ୍ରବାର କୋଦଳା ସ୍ୱର୍ଣ୍ଣମୟୀ ହାଇସ୍କୁଲକୁ ପରିଦର୍ଶନରେ ଆସିଥିବା ବେଳେ ବିଭିନ୍ନ ଅବ୍ୟବସ୍ଥା ଦେଖି ବିରକ୍ତି ପ୍ରକାଶ କରିଛନ୍ତି। ବିଦ୍ୟାଳୟ ପରିବେଶ ସମ୍ପୂର୍ଣ୍ଣ ଦୂଷିତ ହୋଇଥିବା ବେଳେ ଶ୍ରେଣୀ ଗୃହଗୁଡିକ ଠିକ୍ ଭାବେ ସଫା ହୋଇ ନ ଥିବା ଓ ୫–ଟି କାର୍ଯ୍ୟ ତଦାରଖ ହୋଇ ନ ଥିବା ଜଣାପଡିଥିଲା। ବିଦ୍ୟାଳୟ ପରିସରରେ ଥିବା ହଷ୍ଟେଲର ବହୁ ଛାତ୍ର ଦଶହରା ଛୁଟିଠାରୁ ଆଉ ଫେରିନାହାନ୍ତି। ଦଶମ ଶ୍ରେଣୀ ଛାତ୍ରମାନଙ୍କ ପାଠପଢା ବୁଝିବା ବେଳେ ସେମାନେ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ସେହିପରି ବିଦ୍ୟାଳୟରେ ୨ଜଣ ପିଇଟି ଶିକ୍ଷକ ଥିବା ନେଇ କୌଣସି ସୂଚନା ଦେଇ ନ ଥିଲେ ପ୍ରଧାନ ଶିକ୍ଷକ। ଜିଲା ଶିକ୍ଷାଧିକାରୀଙ୍କ ଗସ୍ତ ବେଳେ ପ୍ରଧାନଶିକ୍ଷକ ଉମାକାନ୍ତ ବେହେରା ଅଫିସ କାର୍ଯ୍ୟ ଦର୍ଶାଇ ବ୍ରହ୍ମପୁର ଯାଇଥିବା ବେଳେ ଅନ୍ୟ ଶିକ୍ଷକଙ୍କୁ କାହିଁକି ପଠାଗଲା ନାହିଁ ବୋଲି ଡିଇଓ ପ୍ରଶ୍ନ କରିଥିଲେ। ନିଜ କାର୍ଯ୍ୟରେ ଅବହେଳା କରୁଥିବା ପ୍ରଧାନଶିକ୍ଷକ ଏବଂ ଠିକ୍ ପାଠ ପଢାଉ ନ ଥିବା ଅନ୍ୟ ଶିକ୍ଷକମାନଙ୍କୁ କାରଣ ଦର୍ଶାଅ ନୋଟିସ ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଇଓ ପଟ୍ଟନାୟକ କହିଥିଲେ। ଦଶମ ଶ୍ରେଣୀ ରେଜଲ୍ଟ ଉନ୍ନତମାନର ହେବା ପାଇଁ ଜିଲାପାଳ ଏବଂ ଜିଲା ଶିକ୍ଷା ବିଭାଗ ଆପ୍ରାଣ ଚେଷ୍ଟା କରୁଥିବା ବେଳେ କେତେକ ହାଇସ୍କୁଲ ଏହାକୁ ଗୁରୁତର ସହ ନେଉ ନ ଥିବା ସେ କହିଛନ୍ତି। ଡିଇଓଙ୍କ ଗସ୍ତ ବେଳେ ବ୍ଲକ ଶିକ୍ଷାଧିକାରୀ ରୁଦ୍ର ନାରାୟଣ ସାହୁ ଉପସ୍ଥିତ ଥିଲେ। ଡିଇଓ ବିଦ୍ୟାଳୟରେ ଚାଲିଥିବା ସମୃଦ୍ଧି ତାଲିମ ପରିଦର୍ଶନ କରିଥିଲେ। କୋଦଳା ଏନଏସି ଉପାଧ୍ୟକ୍ଷା ରଞ୍ଜିତା ସେଠୀ ତାଙ୍କୁ ଭେଟି ବିଦ୍ୟାଳୟ ସମସ୍ୟା ଅବଗତ କରିବା ସହ ନୋଡାଲ ବିଦ୍ୟାଳୟ ଏବଂ ସ୍ୱର୍ଣ୍ଣମୟୀ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତ ହୋଇଥିବାରୁ ଧନ୍ୟବାଦ ଦେଇଥିଲେ।

## ଦରମା ଦାବିରେ କର୍ମଚାରୀଙ୍କ ଧାରଣା

ଆସିକା,୫।୧
(ସୁରେନ୍ଦ୍ର ନାଥ ସାହୁ)

ଆସିକାସ୍ଥିତ ଆୟୁର୍ବେଦିକ ଔଷଧ ପ୍ରସ୍ତୁତି ଶିଳ୍ପ ଉତ୍କଳ ଆୟୁର୍ବେଦିକ ସମବାୟ ଫାର୍ମାସୀରେ କାର୍ଯ୍ୟରତ କର୍ମଚାରୀମାନେ ଗତ ୪ମାସ ହେଲା ଦରମା ଓ ବୋନସ ପାଇନାହାନ୍ତି। ବକେୟା ଦରମା ଓ ବୋନସ ଦାବିରେ ପ୍ରାୟ ୧୫ଜଣ କର୍ମଚାରୀ ଶୁକ୍ରବାର ଆସିକାସ୍ଥିତ ସମବାୟ ବିଭାଗର ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ପ୍ରାପ୍ୟ ମିଳିବା ଯାଏଁ ଏହି ଧାରଣା ଚାଲୁ ରଖିବା ଲାଗି କର୍ମଚାରୀମାନେ ନିଷ୍ପତ୍ତି ନେଇଛନ୍ତି ।
ସୂଚନାଯୋଗ୍ୟ, ସମଗ୍ର ରାଜ୍ୟରେ ସମବାୟ ଭିତ୍ତିରେ ଆୟୁର୍ବେଦିକ ଔଷଧ ପ୍ରସ୍ତୁତ ଲାଗି ଏହି ଅନୁଷ୍ଠାନ ଏକମାତ୍ର ସଂସ୍ଥା । ଏଠାରୁ ପ୍ରସ୍ତୁତ ଔଷଧର ଗୁଣବତ୍ତା ଲାଗି ସୁନାମ ରହିଥିବାରୁ ରାଜ୍ୟ ଓ ରାଜ୍ୟ ବାହାରେ ମଧ୍ୟ ଏହାର ଚାହିଦା ରହିଛି । ବିଭିନ୍ନ ଶାଖା ଜରିଆରେ ଫାର୍ମାସୀ ପକ୍ଷରୁ ଏହି ଔଷଧ ବିକ୍ରି କରାଯାଇଥାଏ । ତେବେ ଗତ ୪ମାସ ହେଲା ଏହି ଶିଳ୍ପରେ ଔଷଧ ଉତ୍ପାଦନ ବନ୍ଦ ହୋଇ ରହିଛି । କର୍ମଚାରୀଙ୍କୁ ବିନା କାମରେ ବସାଇ ଦରମା ଦେବା ସଂସ୍ଥା ପାଇଁ ସଙ୍କଟ ପରିସ୍ଥିତି ସୃଷ୍ଟି କରିଛି । ଏ ସମ୍ପର୍କରେ ପରିଚାଳନା ପରିଷଦର ସଭାପତି ଡାକ୍ତର ପ୍ରମୋଦ କୁମାର ପଣ୍ଡାଙ୍କୁ ପଚାରିବାରେ ଫାର୍ମାସୀ ପରିଚାଳନାରେ ବିଭାଗୀୟ ଅଧିକାରୀଙ୍କ ହେୟ ଓ ଅସହଯୋଗ ମନୋଭାବ ଯୋଗୁଁ ସଂସ୍ଥା ସ୍ଥାଣୁ ପାଲଟୁଥିବା ପ୍ରକାଶ କରିଛନ୍ତି ।

## ପଟ୍ଟା ଜାଗାରେ ଉଚ୍ଛେଦକୁ ନେଇ ଅସନ୍ତୋଷ

### ବଡ଼ବଡ଼ିଆଙ୍କ କବ୍‌ଜାରେ ପ୍ରଶାସନ

ଫୁଲବାଣୀ,୫।୧ (ରାକେଶ କୁମାର ରାଉତ)

ଫୁଲବାଣୀ ସହର ୮ ନଂ ୱାର୍ଡରେ ଏକ ପଟ୍ଟା ଜାଗାରେ ଉଚ୍ଛେଦକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି । ଜାଗା ମାଲିକଙ୍କୁ କୌଣସି ଚିଠି ନ ଦେଇ ଉଚ୍ଛେଦ କରାଯାଇଥିବାରୁ ପ୍ରଶାସନର କାର୍ଯ୍ୟରେ ଥିବା ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ଜାଗା ମାଲିକ ହଦିସନ ବିବି କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଶୁକ୍ରବାର ଫୁଲବାଣୀ ବନାନୀ କଳା ସଙ୍ଗମରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ହଦିସନ ବିବି କହିଛନ୍ତି, ଆଇସିଆଇସିଆଇ ବ୍ୟାଙ୍କ ପଛପଟେ ତାଙ୍କର ସ୍ଥାୟୀ ଜମି ପଟ୍ଟା ରହିଛି । ଗତ ୨୮ ତାରିଖରେ ବିନା ନୋଟିସରେ ପ୍ରଶାସନ ପ୍ଲଟ ନଂ.୭୧୧ଉପରେ ଥିବା ପୁରୁଣା ଘରକୁ ଭାଙ୍ଗି ଦେଇଛି । କେତେଜଣ ବ୍ୟକ୍ତିଙ୍କ



ଉଚ୍ଛେଦ ହୋଇଥିବା ସ୍ଥାନ।

ଚାପରେ ଏଭଳି କରାଯାଇଛି। ରାସ୍ତା ପାଇଁ ୧୨ ଫୁଟ ସ୍ଥାନ ଛାଡିଥିଲେ ମଧ ରାସ୍ତା ଅବରୋଧ ହୋଇଛି ବୋଲି ପ୍ରଶାସନ କହୁଛି। ଅନ୍ୟମାନେ ରାସ୍ତାକୁ ମାଡି ଘର କରିଥିବା ବେଳେ ସେଠାରୁ ଜବରଦଖଲ ଉଚ୍ଛେଦ ହେଉନି। କିନ୍ତୁ ପଟ୍ଟା ସ୍ଥାନରେ ଥିବା ଘରକୁ ଭଙ୍ଗାଯାଇଛି। ଯେଉଁ ୩/୪ ଜଣ ମିଶି ଏପରି କରିଛନ୍ତି ସେମାନେ ବି ଜବରଦଖଲକାରୀ । ପ୍ରଶାସନ ସେମାନଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ନେଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ନେଇ ଅତିରିକ୍ତ ତହସିଲଦାର ବ୍ୟୋମକେଶ ପ୍ରଧାନଙ୍କୁ ପଚାରିବାରୁ, ସେ ଉପଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ସେଠାକୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଯାଇଥିଲେ। ଘର ଭିତରେ ବିଦ୍ୟୁତ୍ ପୋଲ ରହିଛି । ଉଚ୍ଛେଦ ପଛରେ କିଛି କାରଣ ଥାଇପାରେ । ସେ ବିଷୟରେ କିଛି କହିପାରିବି ନାହିଁ ବୋଲି କହିଛନ୍ତି। ରାସ୍ତା ଅବରୋଧ ହୋଇଥିବା ନେଇ ଆମ କୋର୍ଟରେ ଅଭିଯୋଗ ହୋଇଥିଲା । ଯେହେତୁ ଏହା ପୌର ପରିଷଦ ଅଧିନରେ ଆସୁଛି, ତେଣୁ ପୌର ନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲି । ତହସିଲଦାର ଏବଂ ପୌର ନିର୍ବାହୀ ଅଧିକାରୀ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ । ପୌରପରିଷଦ ଆଇନ ଅନୁସାରେ ସମସ୍ତ କାର୍ଯ୍ୟ କରାଯାଇଛି । ଯଦି ଜାଗା ପଟ୍ଟା ମାଲିକ ଭାବୁଛନ୍ତି ଯେ, ତାଙ୍କ ସହ ଅନ୍ୟାୟ କରାଯାଇଛି, ତେବେ ସେ ଉପର କୋର୍ଟକୁ ଯାଇ ପାରିବେ ବୋଲି ଉପଜିଲାପାଳ ଜ୍ୟୋତିଶଙ୍କର ରାୟ ପ୍ରକାଶ କରିଛନ୍ତି।

# ପ୍ରଶାସନ ପକ୍ଷରୁ ଅବରୋଧ ହଟାଗଲା

## ଦାନପୁର ସେତୁର ସଂଯୋଗୀକରଣ ରାସ୍ତା

ଡେରାବିଶ, ୫ା୧ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ ଲୁଣାନଦୀ ଉପରେ ଥିବା ସେତୁ ସହ ସଂଯୋଗ କରିଥିବା କେନ୍ଦ୍ରାପଡ଼ା କେନାଲ ସେତୁକୁ ସଂଯୋଗୀକରଣ ରାସ୍ତା ପାଇଁ ଶୁକ୍ରବାର ଅବରୋଧକୁ ଉଚ୍ଛେଦ କରାଯାଇଛି। କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ରୁତୁରାଜଙ୍କ ନିର୍ଦ୍ଦେଶକ୍ରମେ ଡେରାବିଶ ତହସିଲଦାର ପ୍ରଜ୍ଞାପରମିତା ପୃଷ୍ଟିଙ୍କ ନେତୃତ୍ୱରେ ସଦର ଥାନା ଆଇଆଇସି ସରୋଜ କୁମାର ସାହୁଙ୍କ ତତ୍ତ୍ୱାଧାନରେ କୁଦାନଗରୀ ଥାନା ଆଇଆଇସି ଅମ୍ବିକା ପ୍ରସାଦ ଦାସ, ସଦର ଥାନା ଏସ୍ଆଇ ବିଶ୍ୱଭୂଷଣ ସାହାଣୀ, ଚାନ୍ଦୋଳ ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କ ସମେତ ଏକ ପ୍ଲାଟୁନ ଫୋର୍ସଙ୍କ ଉପସ୍ଥିତିରେ ଏହି ଅବରୋଧ ହଟାଯାଇଛି।

ସୂଚନାଯୋଗ୍ୟ, ଲୁଣାନଦୀ ଉପରେ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମିତ ହୋଇଥିବା ସେତୁ ୨୦୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ମାତ୍ର ସେତୁକୁ ସଂଯୋଗ କରୁଥିବା କେନ୍ଦ୍ରାପଡ଼ା କେନାଲ ସେତୁ, ଲୁଣା



ଦାନପୁର ସେତୁକୁ ସଂଯୋଗ ରାସ୍ତା ହୋଇନାହିଁ।



ରାସ୍ତା ପାଇଁ ପ୍ରଶାସନ ପକ୍ଷରୁ ଅବରୋଧ ହଟାଯାଉଛି।

ସେତୁ ସହ ନିର୍ମିତ ହୋଇଥିଲା। ହେଲେ କେନାଲ ସେତୁକୁ ସଂଯୋଗୀକରଣ ରାସ୍ତା ଅବରୋଧ ପାଇଁ ନିର୍ମିତ ହୋଇ ପାରୁ ନ ଥିଲା। କେତେଜଣ ବ୍ୟକ୍ତି କେନାଲ ସେତୁ ତଳେ ନିଜର ବ୍ୟକ୍ତିଗତ ଜାଗା ଦର୍ଶାଇ ଅବରୋଧ କରିବା ସହ ସେଠାରେ ସ୍ଥାୟୀ ଗୃହ ନିର୍ମାଣ କରିଥିଲେ। ଏଥିସହ ସେତୁକୁ ସଂଯୋଗ କରୁଥିବା ରାସ୍ତାରେ ଥିବା ସରକାରୀ ଜାଗାରେ ମଧ୍ୟ କେତେଜଣ ବ୍ୟବସାୟୀ ଏବଂ ଅନ୍ୟମାନଙ୍କ ଘର ରହିଥିଲା । ଫଳରେ ୮ ବର୍ଷ ହେବ ଏହି ସଂଯୋଗୀକରଣ ରାସ୍ତା ନିର୍ମାଣରେ ସମସ୍ୟା ଉପୁଜିଥିଲା। ଏପରିକି ଅବରୋଧ ହେଉଥିବା ସ୍ଥାନ ପାଇଁ ନିଜର ଜାଗା ଦର୍ଶାଇ କେତେଜଣ ବ୍ୟକ୍ତି ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ତେବେ ଏହି ଅଧିକୃତ ଜମି ପାଇଁ ସରକାରଙ୍କ ପକ୍ଷରୁ ଜମିର ମୂଲ୍ୟ ନ୍ୟାୟାଳୟରେ ଜମା କରାଯାଇଥିଲେ ମଧ୍ୟ ଅବରୋଧକାରୀ ଏହି ସ୍ଥାନରୁ ଅବରୋଧ ହଟାଇ ନ ଥିଲେ। ଅପରପକ୍ଷରେ ସେତୁକୁ ସଂଯୋଗୀକରଣ ରାସ୍ତା ନ ଥିବାରୁ ପୂର୍ତ୍ତ ବିଭାଗ ପକ୍ଷରୁ ଅସ୍ଥାୟୀ ଭାବେ ବିପଦସଙ୍କୁଳ ଅବସ୍ଥାରେ ଥିବା ବ୍ରିଟିଶ ଅମଳରୁ ଜଳସମ୍ପଦ ବିଭାଗ ଅଧୀନରେ ଥିବା ରାସ୍ତା ଓ ଲକ୍ ପୋଲ ଦେଇ ଯାନବାହନ ଯାତାୟାତ ପାଇଁ ବ୍ୟବସ୍ଥା କରାଯାଇଥିଲା। ଏହି ଲକ୍ ପୋଲର କାନ୍ଥରେ ବଡ଼ ବଡ଼ ଫାଟ ସୃଷ୍ଟି ହେବା ସହ ଲୁହା ନିର୍ମିତ ଲକ୍ ପୋଲର ବାଡ଼ା କେଉଁ ମୁହୂର୍ତ୍ତରେ ଭାଙ୍ଗିବ ସେ ନେଇ ସାଧାରଣରେ ଆତଙ୍କ ସୃଷ୍ଟି ହୋଇଥିଲା। ଏହି ସଂଯୋଗୀକରଣ ରାସ୍ତା ନିର୍ମାଣ ପାଇଁ ଲୁଣା-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳବାସୀଙ୍କ ସମେତ ଦାନପୁର ଓ ଅନ୍ୟ ପଞ୍ଚାୟତର ଅଧିବାସୀ ବାରମ୍ବାର ଜିଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଜଣାଇ ଆସୁଥିଲେ। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ଏହି ସଂଯୋଗୀକରଣ ରାସ୍ତା ନିର୍ମାଣ ପାଇଁ ଜିଲା ପ୍ରଶାସନ ଓ ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପଦକ୍ଷେପ ଆରମ୍ଭ କରାଯାଇଥିଲା। ଡିସେମ୍ବର ୧ରେ ଏ ନେଇ ଡେରାବିଶ ତହସିଲ କାର୍ଯ୍ୟାଳୟ ଓ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ଜମି ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଥିଲା। ପରେ ଗୁରୁବାର ସନ୍ଧ୍ୟାରେ ଶୁକ୍ରବାର ଅବରୋଧ ଉଚ୍ଛେଦ ନେଇ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଇଥିଲା। ସେଠାରେ ଦୀର୍ଘବର୍ଷ ଧରି ଘର କରି ରହିଥିବା ଦାନପୁର ଗାଁର ଗୌରାଙ୍ଗ ଚରଣ ଦାସ ଏହି ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରିବା ସହ ବିନା ସୂଚନାରେ ଏଭଳି ଉଚ୍ଛେଦ ପ୍ରକ୍ରିୟା ପ୍ରଶାସନ ପକ୍ଷରୁ କରାଯିବାର ପ୍ରତିବାଦ କରିଥିଲେ। ଏ ସମ୍ପର୍କରେ ଗୌରାଙ୍ଗ କହିଛନ୍ତି, ହଠାତ୍ ଉଚ୍ଛେଦ କରାଯାଉଥିବାରୁ ଘରେ ଥିବା ସମସ୍ତ ଆସବାବପତ୍ର ଧରି କେଉଁ ସ୍ଥାନକୁ ସ୍ଥାନାନ୍ତର କରିବୁ ସେ ନେଇ ପରିବାର ଲୋକେ ଚିନ୍ତାରେ ପଡ଼ିଯାଇଛନ୍ତି। ଏ ସମ୍ପର୍କରେ ତହସିଲଦାରଙ୍କ ପକ୍ଷରୁ ତାଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବା ସେ କହିଥିଲେ। ଗୌରାଙ୍ଗଙ୍କ ପ୍ରତିବାଦ ଯୋଗୁ ପ୍ରଶାସନ ପକ୍ଷରୁ ଏହି ଉଚ୍ଛେଦ ପ୍ରକ୍ରିୟାକୁ ଅପରାହ୍ନ ଯାଏ ଘୁଞ୍ଚାଯାଇ ପୁଣି କରାଯାଇଥିଲା। ଏ ସମ୍ପର୍କରେ ତହସିଲଦାର ପ୍ରଜ୍ଞାପରମିତା ପୃଷ୍ଟିଙ୍କୁ ପଚାରିବାରୁ ଅବରୋଧ ଉଚ୍ଛେଦ ପାଇଁ ବହୁ ପୂର୍ବରୁ ଅବରୋଧକାରୀଙ୍କୁ ତାଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ଏହି ଉଚ୍ଛେଦ ପ୍ରକ୍ରିୟାରେ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ-୨ ଡିଭିଜନ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ବିଶ୍ୱାଳ, କନିଷ୍ଠଯନ୍ତ୍ରୀ ବିକ୍ରମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ସଂଯୋଗୀକରଣ ରାସ୍ତା ନିର୍ମାଣ ନେଇ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋତିରଞ୍ଜନ ପତିଙ୍କୁ ପଚାରିବାରେ ଏହି ରାସ୍ତା ପାଇଁ ବିଭାଗ ପକ୍ଷରୁ ୨ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଖୁବ୍‌ଶୀଘ୍ର ଏହି ରାସ୍ତା ନିର୍ମାଣ ଶେଷ ହେବ ବୋଲି ସେ କହିଛନ୍ତି।

## ଭାଜପା ମହିଳା ମୋର୍ଚ୍ଚାର ପ୍ରଭାରୀ ଭାବେ ବୈଜୟନ୍ତଙ୍କ ନିଯୁକ୍ତିକୁ ନେଇ ସ୍ୱାଗତ

ପଟ୍ଟାମୁଣ୍ଡାଇ,୫ା୧ (କଳ୍ପତରୁ ନାୟକ)

ଭାଜପା ରାଷ୍ଟ୍ରୀୟ ଉପସଭାପତି ତଥା ପୂର୍ବତନ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଭାଜପା ମହିଳା ମୋର୍ଚ୍ଚାର ପ୍ରଭାରୀ ଭାବେ ଭାଜପା ସଭାପତି ଜେ.ପି. ନଡ୍ଡା ନିଯୁକ୍ତି ଦେଇଛନ୍ତି। ଜାତୀୟ ରାଜନୀତିରେ ସ୍ୱତନ୍ତ୍ର ପ୍ରଭାବ ରଖିଥିବା ପଣ୍ଡା ଆସାମ ରାଜ୍ୟର ଭାଜପା ପ୍ରଭାରୀ ଭାବେ ଦଳକୁ ବିଜୟୀ କରି ଶାସନ କ୍ଷମତାକୁ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସମ୍ପ୍ରତି ମହିଳା ଭୋଟ ବ୍ୟାଙ୍କକୁ ଭାଜପା ସପକ୍ଷରେ ଆଣିବା ପାଇଁ ତାଙ୍କୁ ମହିଳା ମୋର୍ଚ୍ଚାର ଜାତୀୟ ପ୍ରଭାରୀ ନିଯୁକ୍ତି କରାଯାଇଛି। ଏଥିପାଇଁ ବୈଜୟନ୍ତଙ୍କୁ ପଟ୍ଟାମୁଣ୍ଡାଇ ନଗର ଭାଜପା ପ୍ରଭାରୀ ସୁଶୀଲ ପରିଡ଼ା, ଭାଜପା ସଙ୍ଗଠକ ଶଶିକାନ୍ତ ସ୍ୱାଇଁ, ଚନ୍ଦନ ପାତ୍ର, ରବୀନ୍ଦ୍ର ସେଠୀ, ପରେଶ ସାହୁ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିବା ସହ ତାଙ୍କ ବଳିଷ୍ଠ ନେତୃତ୍ୱରେ ଭାଜପା ଏବଂ ମହିଳା ମୋର୍ଚ୍ଚା ସଙ୍ଗଠନ ଆହୁରି ଅଧିକ ସୁଦୃଢ଼ ହେବ ବୋଲି ଆଶା ପ୍ରକାଶ କରିଛନ୍ତି।

## ଜୀବନରେ କ୍ରୀଡ଼ାର ଉପାଦେୟତା ରହିଛି

### ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ମାର୍ଶାଘାଇ, ୫ା୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଦଶିପୁର ପଞ୍ଚାୟତ ଆଦର୍ଶ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଇଓ ପ୍ରଫୁଲ୍ଲ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଏବିଇଓ ଅନିତା ବେହେରା, ସୁଶାନ୍ତ କୁମାର ବେଉରା, ସମ୍ମାନିତ ଅତିଥି ଭାବେ ଦଶିପୁର ସରପଞ୍ଚ ବିକ୍ରମ କେଶରୀ ଦାଶ, ସିଆରସିସି ନିରଞ୍ଜନ ରାଉତ, ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପରିଡ଼ା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଦର୍ଶନ ମାଝି ଯୋଗଦେଇଥିଲେ। ଅତିଥିମାନେ ଜୀବନରେ କ୍ରୀଡାର ଉପାଦେୟତା ଉପରେ ଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଦୌଡ଼, ଡିସକସ୍ ଥ୍ରୋ, ଜାଭେଲିନ ଥ୍ରୋ ଆଦି କ୍ରୀଡ଼ାରେ ପିଲାମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କ୍ରୀଡା ଶିକ୍ଷକ କ୍ଷୀରୋଦ କୁମାର ରାଉଳ ଏହାକୁ ପରିଚାଳନା କରିଥିଲେ।

## ବ୍ଲକ ସଂସ୍କୃତି ସଂଘର ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ କଳାକାର ଓ ଅନ୍ୟମାନେ।

ରାଜକନିକା,୫ା୧ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ କଳା ସଂସ୍କୃତି ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଝରମୁହଁସ୍ଥିତ ଅରକ୍ଷିତ ଦାସ ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଉପଦେଷ୍ଟା ବିଶିଷ୍ଟ ବେଞ୍ଜୁ ବାଦକ ସୁରେନ୍ଦ୍ରନାଥ ମହାନ୍ତିଙ୍କ ସଂଯୋଜନା ତଥା ସଭାପତି ବିଶିଷ୍ଟ ପାଲାଗାୟକ ବିଶ୍ୱନାଥ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମ୍ପାଦକ ନାଟ୍ୟକାର ଯୋଗେଶ୍ୱର ପ୍ରଧାନ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଜିଲା ଓ ବ୍ଲକ ପ୍ରଶାସନ କଳା ସଂସ୍କୃତି ବିଭାଗ ପକ୍ଷରୁ କଳାକାରମାନଙ୍କ ଭତ୍ତା ଯୋଗାଇ ଦେବା ଉଦ୍ଦେଶ୍ୟରେ ୮ ମାସ ପୂର୍ବେ ଅଡିଶନ ସରିଥିଲେ ମଧ୍ୟ ସେ ବାବଦରେ ଏପର୍ଯ୍ୟନ୍ତ କେହି ଜଣେ ଭତ୍ତା ପାଇନାହାନ୍ତି। କଳାକାରମାନଙ୍କୁ ନିୟୋଜିତ କରି ରୋଜଗାର ନ ଦେବା, ପଞ୍ଚାୟତ ସ୍ତରରେ କଳାକାର ସଂଘ ଗଠନ କରିବା, ବ୍ଲକସ୍ତରରେ ଏକ ସଙ୍ଗୀତ ବିଦ୍ୟାଳୟ ସ୍ଥାପନା ଓ ସଂଘର ନିଜସ୍ୱ ସଭାଗୃହ ପାଇଁ ଜମି ଯୋଗାଇଦେବାକୁ ଜିଲାପାଳ ତଥା କନିକା ତହସିଲଦାରଙ୍କୁ ଭେଟି ଆବେଦନ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଆସନ୍ତା ୧୫ଦିନ ମଧ୍ୟରେ ଉପରୋକ୍ତ ସମସ୍ୟାର ସମାଧାନ ନ କଲେ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏ ନେଇ ଆଗୁଆ ଜିଲା ଓ ବ୍ଲକ ପ୍ରଶାସନକୁ ଅବଗତ କରାଯିବ। ଶେଷରେ ସଂଘକୁ ଅଧିକ ସକ୍ରିୟ କରିବା ଉଦ୍ଦେଶ୍ୟରେ ୧୪ ଜଣିଆ କାର୍ଯ୍ୟକାରୀ କମିଟି କରାଯାଇ ବୈଠକ ସାଙ୍ଗ କରାଯାଇଥିଲା।

## ଆଜି ଭିତରକନିକାରେ ବିଦେଶାଗତ ପକ୍ଷୀଙ୍କ ଗଣନା

### ପ୍ରଶିକ୍ଷଣ ଶିବିରରେ ଗଣନାକାରୀ

ରାଜନଗର, ୫ା୧ (ଭାସ୍କର ରାଉତରାୟ)

ରାଜ୍ୟର ଅନ୍ୟତମ ପକ୍ଷୀବିହାର ରୂପେ ପରିଚିତ ଭିତରକନିକା ଜାତୀୟ ଉଦ୍ୟାନ ଏବଂ ଏଥିରେ ଥିବା ଆର୍ଦ୍ରଭୂମିରେ ଏବେ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଛି। ବିଦେଶାଗତ ପକ୍ଷୀଙ୍କ କାକଳିରେ ମୁଖରିତ ହେବାରେ ଲାଗିଛି ଜାତୀୟ ଉଦ୍ୟାନ। ଶନିବାର ଆଗନ୍ତୁକ ବିଦେଶାଗତ ପକ୍ଷୀମାନଙ୍କ ଗଣନା କାର୍ଯ୍ୟ ଆରମ୍ଭ କରାଯିବ। ଏଥିପାଇଁ କନିକା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜନଗର ଡିଏଫ୍ଓ ସୁଦର୍ଶନ ଗୋପୀନାଥ ଯାଦବ ଏହି ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିବା ସହିତ ଆଗନ୍ତୁକ ପକ୍ଷୀମାନଙ୍କ ଗଣନା କରିବା ସମୟରେ ସେମାନଙ୍କର ଜୀବନ ଶୈଳୀ ଏବଂ କେଉଁ କେଉଁ ସ୍ଥାନରୁ ଆସିଛନ୍ତି, ସେମାନଙ୍କର ଖାଦ୍ୟ ସମ୍ପର୍କରେ ଟିକିନିକି ତଥ୍ୟ ସଂଗ୍ରହ କରିବାକୁ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କନିକା ରେଞ୍ଜ ଅଫିସର ମାନସ କୁମାର ଦାସ ପରିଚାଳନା କରିଥିବା ବେଳେ ଏସିଏଫ୍ ଗଗନ ବିହାରୀ ମଲ୍ଲିକ ଅତିଥି ଭାବେ ଯୋଗଦେଇ କିପରି ପକ୍ଷୀ ଗଣନା ହେବ ସେ ନେଇ ପ୍ରଶିକ୍ଷଣ ଦେଇଥିଲେ।




ପ୍ରଶିକ୍ଷଣ ଶିବିରରେ ପକ୍ଷୀ ଗଣନାକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

ବିଦେଶାଗତ ପକ୍ଷୀଙ୍କ ଗଣନା ପାଇଁ ୧୮ଟି ଟିମ୍ ଗଠନ କରାଯାଇଛି। ଡିଏଫ୍ଓ ଯାଦବ, ବିଶିଷ୍ଟ ପ୍ରାଣୀବିତ୍ ଡ. ବିଶ୍ୱଜିତ ମହାନ୍ତି, କନିକା ରେଞ୍ଜ ଅଫିସର ଦାସ, ପ୍ରଶାନ୍ତ କୁମାର ସିଂ, ଡିଏସ୍‌ପି ଜ୍ୟୋତି ରଞ୍ଜନ ସାମନ୍ତରାୟ, ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେଉରା, ବିଶିଷ୍ଟ ପ୍ରାଣୀ ବିଷାରଦ ଡ. ଶିବ ପ୍ରସାଦ ପରିଡ଼ା, ପକ୍ଷୀ ବିଷାରଦ ମାଇକେଲ ପିଟର, ମିସ୍ ଶୁଭଦର୍ଶିନୀ ପ୍ରଧାନ, ଏସିଏଫ୍ ପୁନମ ହୀରା ହାଁସଦା, ଗଗନ ବିହାରୀ ମଲ୍ଲିକ, ବିଜୟ କୁମାର ପାତ୍ର, ବିଜୟ କୁମାର ଦାସ, ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣା, ସୁରେଶ ଚନ୍ଦ୍ର ପୃଷ୍ଟି, ମହନ୍ତ କୁମାର ମଲ୍ଲିକ, ମହାକାଳପଡା ରେଞ୍ଜ ଅଫିସର କାର୍ତ୍ତିକେଶ୍ୱର ଖଣ୍ଡାଇ, କୁଜଙ୍ଗ ରେଞ୍ଜ ଅଫିସର ରଞ୍ଜନ କୁମାର ମିଶ୍ର, ବିଭୂତି ଭୂଷଣ ତରାଇ ପ୍ରମୁଖଙ୍କ ନେତୃତ୍ୱରେ ୧୮ଟି ଗଠନ କରାଯାଇଛି। ଶନିବାର ସକାଳ ୬ରୁ ଦିନ ୧ଟା ଯାଏ ବିଦେଶାଗତ ପକ୍ଷୀଙ୍କ ଗଣନା କରାଯିବ ବୋଲି ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରଶାନ୍ତ କୁମାର ସିଂ, ସୁନିଲ ରଞ୍ଜନ ରାଉତରାୟ, ହେମନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ପାଇଁ ବ୍ଲକ ପ୍ରଶାସନର ପ୍ରସ୍ତୁତି

ରାଜନଗର, ୫ା୧ (ଭାସ୍କର ରାଉତରାୟ)

ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହେବ। ମହାପ୍ରଭୁଙ୍କ ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଯୋଡିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜନଗର ପଞ୍ଚାୟତ ସମିତି ସଭାଗୃହରେ ବିଡିଓ ନିଶାନ ମିଶ୍ରଙ୍କ ପୌରୋହିତ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମସ୍ତ ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଯୋଗଦେଇଥିଲେ। ଚଳିତମାସ ୮ରୁ ୧୫ ତାରିଖ ଯାଏଁ ୬ଟି ରଥ ପ୍ରତ୍ୟେକ ପଞ୍ଚାୟତ ଓ ପ୍ରତି ଗାଁରେ ବୁଲିବ। ଜନସାଧାରଣଙ୍କୁ ମୁକ୍ତ ହସ୍ତରେ ଅରୁଆ ଚାଉଳ ଓ ଗୁଆ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ୧୫ ତାରିଖ ସନ୍ଧ୍ୟାରେ ସଂଗୃହୀତ ଅରୁଆ ଚାଉଳ ଓ ଗୁଆ ରାଜନଗରସ୍ଥିତ ଶ୍ରୀଦଧିବାମନଜୀଉଙ୍କ ମନ୍ଦିରରେ ପହଞ୍ଚିବ। ୧୭ ତାରିଖରେ ସମସ୍ତ ପଞ୍ଚାୟତର ଗୋଟିଏ ମନ୍ଦିରରେ ପୂଜାର୍ଚ୍ଚନା ଓ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଲସିଡି ମାଧ୍ୟମରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ଉତ୍ସବର ସିଧା ପ୍ରସାରଣ ସାଧାରଣ ଲୋକେ ଦେଖିବେ। ପଞ୍ଚାୟତ ସମିତି ପକ୍ଷରୁ ମହିଁଷାସୁର ପଡ଼ିଆରେ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପରବର୍ତ୍ତୀ ଅବସ୍ଥାରେ ପର୍ଯ୍ୟାୟକ୍ରମେ ଲୋକମାନଙ୍କୁ ପୁରୀ ନେବାର ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯିବ ବୋଲି ବିଡିଓ ମିଶ୍ର ସୂଚନା ଦେଇଛନ୍ତି। ଏହି ବୈଠକରେ ଜିପିଇଓ ଧର୍ମେନ୍ଦ୍ର ଦାଶ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆଙ୍କ ସମେତ ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବଢ଼ିଲେ ୫୨,୭୬୬, କଟିଲେ ୨୪,୭୭୯ ଭୋଟର

### ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ

କେନ୍ଦ୍ରାପଡ଼ା,୫ା୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ଶୁକ୍ରବାର ପ୍ରକାଶ ପାଇଛି। ଭୋଟର ପଞ୍ଜୀକରଣ ଅଧିକାରୀ ତଥା ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଜାନୁଆରୀ ପହିଲା ସୁଦ୍ଧା ଜିଲାର ମୋଟ ୧୨,୫୫,୦୮୯ଜଣ ଭୋଟରଙ୍କ ନାମ ପଞ୍ଜୀକରଣ କରାଯାଇଛି। ସେମାନଙ୍କ ମଧ୍ୟରୁ ୬, ୫୨.୩୬୮ଜଣ ପୁରୁଷ ହୋଇଥିବା ବେଳେ ୬,୦୨,୬୬୯ଜଣ ମହିଳା ଓ ୫୨ଜଣ କିନ୍ନର ଅଛନ୍ତି। ଚଳିତ ମାସ ପହିଲା ସୁଦ୍ଧା ୧୮ବର୍ଷ ପୂରଣ କରିଥିବା ୫୨,୭୬୬ଜଣଙ୍କ ନାମ ନୂତନ ଭାବେ ପଞ୍ଜୀକୃତ ହୋଇଛି। ସେହିପରି ୨୪,୭୭୯ଜଣଙ୍କ ନାମ ବିଭିନ୍ନ କାରଣରୁ ଭୋଟର ତାଲିକାରୁ ବାଦ ଦିଆଯାଇଛି। ଏହି ଭୋଟର ତାଲିକାରେ ୧୮ରୁ ୧୯ବର୍ଷ ବୟସ୍କ ଯୁବ ଭୋଟରଙ୍କ ସଂଖ୍ୟା ୨୫,୪୪୪। ଲିଙ୍ଗ ଅନୁଯାୟୀ ପ୍ରତି ହଜାରରେ ୯୨୪ଜଣ ମହିଳା ଥିବାବେଳେ ୮୯୭ଜଣ ପୁରୁଷ ଅଛନ୍ତି। ସେହିପରି ଜିଲାରେ ୧୧,୦୧୨ଜଣ ଭିନ୍ନକ୍ଷମ ଭୋଟର, ୮୦ବର୍ଷ ଏବଂ ତଦୁର୍ଦ୍ଧ ବୟସର ବରିଷ୍ଠ ନାଗରିକ ଭୋଟରଙ୍କ ସଂଖ୍ୟା ହେଉଛି ୩୯,୬୨୪। ଜିଲାରେ ପୂର୍ବରୁ ୧୪୩୮ଟି ଭୋଟଗ୍ରହଣ କେନ୍ଦ୍ର ଥିବାବେଳେ ଏବେ ତାହା ବୃଦ୍ଧି ପାଇ ୧୪୪୫ଟି କରାଯାଇଛି ବୋଲି ଭୋଟର ପଞ୍ଜୀକରଣ ଅଧିକାରୀ ପ୍ରଧାନ ସୂଚନା ଦେଇଥିଲେ।

## ଜିଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

କେନ୍ଦ୍ରାପଡ଼ା, ୫ା୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାସ୍ତରୀୟ ଖରିଫ ଧାନମଣ୍ଡି ଯମଧରସ୍ଥିତ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଏଡିଏମ୍ ନିଲୁ ମହାପାତ୍ର ଉଦ୍‌ଘାଟନ କରିଥିଲେ। କମିଟି ସଭାପତି ତଥା ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏଥିପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସିଏସ୍ଓ ଶ୍ରୀନିବାସ ସାହୁ, ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ସନ୍ତୋଷ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ ଯେ, ଚଳିତବର୍ଷ ଜିଲାରେ ୧୧୮ଟି ମଣ୍ଡି ଖୋଲାଯାଇଛି। ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ସରକାରୀ ଦର ରହିଥିବା ବେଳେ ଏ' ଗ୍ରେଡ ଧାନ ଦର ୨୨୦୩ ଟଙ୍କା ରହିଛି। ଚଳିତବର୍ଷ ମୋଟ ୪୦,୯୦୯ ଜଣ ଚାଷୀ ଧାନ ବିକ୍ରୟ ପାଇଁ ନାମ ପଞ୍ଜୀକୃତ କରିଛନ୍ତି। ଚାଷୀଙ୍କର କୌଣସି ସମସ୍ୟା ଦେଖାଦେଲେ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟିକୁ ଆଣିବାକୁ ସେମାନେ ସୂଚନା ଦେଇଥିଲେ। କମିଟି ସମ୍ପାଦକ ସଚ୍ଚିଦାନନ୍ଦ ଜେନା, ଅମର କୁମାର ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଚୋରାମଦ ବ୍ୟବସାୟକୁ ଗ୍ରାମବାସୀଙ୍କ ବିରୋଧ: ଥାନାରେ ଏତଲା



ଥାନାରେ ଏତଲା ଦେବାକୁ ଆସିଥିବା ନରେନ୍ଦ୍ରପୁର ଗ୍ରାମବାସୀ।

ଆଳି,୫ା୧ (ବନମାଳୀ ସେନାପତି )

ଆଳି ଥାନା ଅଞ୍ଚଳରେ ଚୋରାମଦ ବ୍ୟବସାୟ ଦିନକୁଦିନ ବୃଦ୍ଧି ପାଉଥିବା ବେଳେ ଗାଁ ଗହଳିରେ ଛତୁ ଫୁଟିବା ଭଳି ଏହି ବ୍ୟବସାୟ ବୃଦ୍ଧି ପାଇଛି। ଚୋରାମଦ ହାତ ପାହାନ୍ତାରେ ମିଳିବା ଯୋଗୁ ଗ୍ରାମ୍ୟ ପରିବେଶ ନଷ୍ଟ ହୋଇଗଲାଣି। ଏଭଳି ପରିସ୍ଥିତିରେ ଆଳି ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମର ଜଣେ ଚୋରାମଦ ବ୍ୟବସାୟୀଙ୍କ ନାମରେ ଆଳି ଥାନାରେ ୨ଟି ଅଭିଯୋଗ ଗ୍ରାମବାସୀ କରିଛନ୍ତି। ଗ୍ରାମର ବିଦ୍ୟୁଲତା ମଲିକ ଦେଇଥିବା ଅଭିଯୋଗ ଅନୁଯାୟୀ, ଗ୍ରାମର ଜଣେ ବ୍ୟକ୍ତି ଦୀର୍ଘ ୧୫ବର୍ଷ ହେବ ଚୋରାମଦ ବ୍ୟବସାୟ କରୁଥିବାରୁ ଗ୍ରାମର ଛୋଟଛୋଟ ପିଲାମାନେ ନିଶାଗ୍ରସ୍ତ ହେଉଥିବା ବେଳେ ମହିଳାମାନେ ମଧ୍ୟ ଅସୁରକ୍ଷିତ ମଣୁଛନ୍ତି। ଏହାକୁ ସେ ବିରୋଧ କରିବାରୁ ଚୋରା ମଦ ବ୍ୟବସାୟୀ ଜଣକ ଆକ୍ରୋଶ ମୂଳକ ଭାବେ ତାଙ୍କ ନାତି ବୁଦ୍ଧ ମଲିକ ନାମରେ ଟଙ୍କା ଚୋରିର ମିଥ୍ୟା ଅଭିଯୋଗ ଆଣି ତାଙ୍କୁ ଗିରଫ କରାଇଛନ୍ତି। ଜଣେ ଚୋରାମଦ ବ୍ୟବସାୟୀକୁ ବିରୋଧ କରି ଜଣେ ସାଧାରଣ ପିଲାଙ୍କୁ ପୋଲିସ ଗିରଫ କରିବା ପରେ ପୋଲିସ ବ୍ୟବସାୟୀଙ୍କୁ ଶୀଘ୍ର ଗିରଫ କରିବା ନିମନ୍ତେ ବିଦ୍ୟୁଲତା ଅଭିଯୋଗ କରିଛନ୍ତି। ସେହିପରି ଗ୍ରାମର ଝୁନା ମଲିକ, ସାବିତ୍ରୀ ମଲିକ, ଦୀପକ ମଲିକ, ବାସନ୍ତୀ ମଲିକ, କବି ମଲିକ, ଅମର ରାଉତ, ଗୁରୁଚରଣ ମଲିକ, ରୋହିତ ମଲିକ, ରତ୍ନାକର ମଲିକ, ଆଲୋକ ମଲିକ ପ୍ରମୁଖ ମହିଳାପୁରୁଷ ମଧ୍ୟ ସମାନ ଅଭିଯୋଗ ଆଣି ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ନେଇ ଆଳି ପୋଲିସର ପ୍ରତିକ୍ରିୟା ମିଳିପାରିନାହିଁ।

## ବ୍ୟାଙ୍କ ଖାତାକୁ ଆସୁଛି ଟଙ୍କା: ବନ୍ଦ ହେଉଛି ଆକାଉଣ୍ଟ

ପଟ୍ଟାମୁଣ୍ଡାଇ, ୫ା୧ (କଳ୍ପତରୁ ନାୟକ)

ଆଜିର ବୈଷୟିକ ପ୍ରଗତି ଏବଂ ଡିଜିଟାଲ ରୂପାନ୍ତରର ଯୁଗ। ଡିଜିଟାଲ ଦୁନିଆରେ ଦିନକୁଦିନ ସାଇବର କ୍ରାଇମ୍ ବଢ଼ି ଚାଲିଛି। ବ୍ୟାଙ୍କ ହେଉଛି ଏକ ଆର୍ଥିକ ସଂସ୍ଥା ଯାହା ଜନସାଧାରଣଙ୍କଠାରୁ ଜମା ଗ୍ରହଣ କରି ଋଣ ପ୍ରଦାନ କରିଥାଏ। ଦେଶରେ ପ୍ରାୟ ଲୋକଙ୍କର ବ୍ୟାଙ୍କ ଆକାଉଣ୍ଟ ଅଛି। ଏହି ବ୍ୟାଙ୍କ ଆକାଉଣ୍ଟରେ ଲୋକମାନେ ସେମାନଙ୍କର ଜମା ସୁରକ୍ଷିତ ରଖନ୍ତି। ଏବେ ବ୍ୟାଙ୍କ ଗୁଡ଼ିକ ଡିଜିଟାଲ୍ ହେଉଥିବା ବେଳେ ଅନ୍‌ଲାଇନ ଠକେଇ ବଢୁଛି। ଏ ନେଇ ଲୋକମାନଙ୍କୁ କ୍ଷତି ସହିବାକୁ ପଡୁଛି। କିଛିଦିନ ହେବ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ସାଧାରଣ ଲୋକ ଓ ବ୍ୟବସାୟଙ୍କ ଆକାଉଣ୍ଟକୁ ବାହାର ରାଜ୍ୟର ଲୋକେ ବନ୍ଦ କରି ଦେଇଥିବା ବେଳେ ସ୍ଥାନୀୟ ବ୍ୟାଙ୍କ ହସ୍ତକ୍ଷେପ କରୁନାହାନ୍ତି। ଯାହାକୁ ନେଇ ଗ୍ରାହକ ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ଅସନ୍ତୋଷ ପ୍ରକାଶ କରିଛନ୍ତି।

ଜଣେ ଏସ୍‌ବିଆଇ ଗ୍ରାହକ କହିଛନ୍ତି, କିଛିଦିନ ତଳେ ହଠାତ ସେଭିଂ ଅକାଉଣ୍ଟକୁ କିଛି ଟଙ୍କା ଆସିଲା। ଏ ବାବଦରେ କିଛି ଜଣାପଡ଼ିଲା ନାହିଁ। ଅନେକ ସାଇବର ଠକଙ୍କ ବିଷୟରେ ଆଗରୁ ବହୁତ ମେସେଜ ଦେଖିଥିବାରୁ ଏ ବାବଦରେ ନିଶ୍ଚନ୍ତ ରହିଲି। ମାତ୍ର ୨ରୁ ୩ ଦିନ ପରେ ଆକାଉଣ୍ଟ ବନ୍ଦ ହୋଇଗଲା। ବ୍ୟାଙ୍କରେ ଯୋଗାଯୋଗ କରିବାରୁ ବିହାରର ଜଣେ ଲୋକ ଏହା କରିଥିବା ଶାଖା ପରିଚାଳକ ଜଣାଇବା ସହ ତାଙ୍କ ସହ ଯୋଗାଯୋଗ କରିବାକୁ କହିଥିଲେ। ତାଙ୍କ ସହ ଫୋନରେ କଥା ହେବାରୁ ସେ କହିଥିଲେ, ମୋ ବ୍ୟାଙ୍କ ଖାତାରୁ ଲକ୍ଷାଧିକ ଟଙ୍କା ହେରଫେର ହୋଇଯାଇଛି। ସେଥିମଧ୍ୟରୁ ଆପଣଙ୍କ ନିକଟକୁ କିଛି ଅର୍ଥ ଯାଇଥିବାରୁ ଆପଣଙ୍କ ଖାତାକୁ ହୋଲ୍ଡ କରାଯାଇଛି। ଯେଉଁ ଅର୍ଥ ଆସିଛି ତାକୁ ନେଇ ଆକାଉଣ୍ଟ ଖୋଲିବାକୁ କହିବାରୁ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିବା ସେ କହିଥିଲେ। ଏ ସମ୍ପର୍କରେ ଏସ୍‌ବିଆଇ ଶାଖା ପରିଚାଳକ ସିଦ୍ଧାର୍ଥ ଦାସଙ୍କୁ ପଚାରିବାରେ ଏଥିରେ ଆମର କିଛି ଦାୟିତ୍ୱ ନାହିଁ , ଏକ ଆପ୍ଲିକେସନ ଦେଲା ପରେ ତନଖି କରିବୁ ବୋଲି ସେ କହିଛନ୍ତି। ସେହିଭଳି ଦେବେନ୍ଦ୍ର ସାହୁ ନାମକ ଜଣେ ବ୍ୟବସାୟୀ କହିଛନ୍ତି, ଆଇଡିବିଆଇ ବ୍ୟାଙ୍କରେ ଖାତା ଖୋଲି ବ୍ୟବସାୟ କରି ଆସୁଥିଲି। କିଛିଦିନ ତଳେ ଜଣେ ମହାଜନଙ୍କୁ ଚେକ୍ ଦେଇଥିଲି। ମାତ୍ର ଚେକ୍ ରିଟର୍ନ ହେବାରୁ ମହାଜନ ଦୋକାନ ସାମଗ୍ରୀ ନ ଦେଇ ଫେରାଇ ଦେଇଥିଲେ। ମାତ୍ର ବ୍ୟାଙ୍କରେ ଜମା ରାଶି ଥିବାବେଳେ କ'ଣ ପାଇଁ ଚେକ୍ ବାଉନ୍ସ ହେଲା ବୋଲି ବ୍ୟାଙ୍କରେ ଯୋଗାଯୋଗ କରିବାରୁ ସେମାନେ ସାଇବର କ୍ରାଇମ ଗୁଜରାଟର ଏକ ଲେଟର ଦେଇ ତାଙ୍କ ସହ ଯୋଗାଯୋଗ କରିବାକୁ କହିଥିଲେ। ତାଙ୍କ ସହ ଫୋନରେ କଥା ହେବାରୁ ୨୯।୧୨।୨୩ରେ ଏହି ଖାତାକୁ ୭୦ ଟଙ୍କା ଯାଇଛି। ସେ ଟଙ୍କା ଫେରସ୍ତ ନ ପାଇବା ପର୍ଯ୍ୟନ୍ତ ମୁଁ କିଛି କରିପାରିବି ନାହିଁ ବୋଲି କହିଥିଲେ। ହେଲେ ଟଙ୍କା ରିଟର୍ନ କରିବା କଥା ବ୍ୟାଙ୍କରେ କହିବାରୁ ଆମେ କିଛି କରିପାରିବୁ ନାହିଁ ବୋଲି କହିଥିଲେ। ଏ ନେଇ ସାମଜିକ କର୍ମୀ ତଥା ଆଇନଜୀବୀ ପ୍ରଭାତ ବେରାଙ୍କୁ ପଚାରିବାରେ ସାରା ଭାରତରେ ସାଇବର ଅପରାଧର ବୃଦ୍ଧି ହେଉଥିବା ବେଳେ ଓଡ଼ିଶାରେ ମଧ୍ୟ ସାଇବର ଠକେଇର ମାମଲା ବଢ଼ିବାରେ ଲାଗିଛି। ଲୋକଙ୍କଠାରୁ କୋଟି କୋଟି ଟଙ୍କା ସାଇବର ଠକ ଲୁଟି ନେଉଛନ୍ତି। ବିଭିନ୍ନ ଉପାୟରେ ଅନ୍‌ଲାଇନ ମାଧ୍ୟମରେ ପସରା ମେଲାଇ ସାଇବର ଠକମାନେ ନିରୀହ ଲୋକଙ୍କୁ ଠକି ଚାଲିଛନ୍ତି। କେତେବେଳେ ଏଟିଏମ୍ ପିନ୍ ଏବଂ ଓଟିପି ମାଗି ତ ଆଉ କେତେବେଳେ ଅନ୍‌ଲାଇନ ବ୍ୟାଙ୍କିରେ ହେଉଛି ଠକେଇ। ଏବେ ସାଇବର ଠକମାନେ ଲୋକଙ୍କୁ ଠକିବା ପାଇଁ ଏଭଳି ନୂଆ ପଦ୍ଧତି ଅବଲମ୍ବନ କରିଛନ୍ତି। ଏହି କ୍ଷତିଗୁଡ଼ିକ ବ୍ୟାଙ୍କ ଆକାଉଣ୍ଟ ସହ ଜଡିତ କ୍ଷତି ମଧ୍ୟ ଅନ୍ତର୍ଭୁକ୍ତ କରେ। ବାସ୍ତବରେ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ବନ୍ଦ ହେବା ପଛରେ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ରହି ଥାଇ ପାରେ ବୋଲି ସେ କହିଛନ୍ତି।

**ରଣପୁର ମହୋତ୍ସବ ଅର୍ଜୁନ ଉଦ୍‌ଘାଟିତ**

# ଶହୀଦଙ୍କ ପରିବାର ଅଲୋଡ଼ା



ମହୋତ୍ସବ ମଞ୍ଚରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ଶହୀଦ ଅର୍ଜୁନ ରାଉତଙ୍କ ପରିବାର ଲୋକ।

ରଣପୁର, ୫।୧ (ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବାଘସାମନ୍ତ ପଡ଼ିଆରେ ଦୀର୍ଘ ୧୬ ବର୍ଷ ହେବ ରଣପୁର ମହୋତ୍ସବ ଅର୍ଜୁନ ପାଳିତ ହୋଇଆସୁଛି। ହେଲେ ଚଳିତବର୍ଷ ଏହି ମହୋତ୍ସବକୁ ନେଇ ଉଠିଛି ପ୍ରଶ୍ନ। ଯେଉଁ ଶହୀଦଙ୍କ ନାମରେ ଏହି ମହୋତ୍ସବ ପାଳନ ହେଉଛି ତାଙ୍କ ପରିବାରକୁ ପ୍ରଥମ ଦିବସରେ ନିମନ୍ତ୍ରଣ କରିବାକୁ ରଣପୁର ମହୋତ୍ସବ କମିଟି ଭୁଲିଯାଇଛି। ଯେମିତି ଶହୀଦଙ୍କ ପରିବାର ଅଲୋଡ଼ା ହୋଇଯାଇଛନ୍ତି। ଏହାକୁ ନେଇ ଶହୀଦଙ୍କ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ୨୦୦୮ ମସିହାରେ ପ୍ରଥମ କରି ସେତେବେଳର ରଣପୁର ବିଧାୟିକା ତଥା ରାଜ୍ୟ ସମବାୟ ମନ୍ତ୍ରୀ ସୁରମା ପାଢ଼ୀ ନିଜ ଚେଷ୍ଟାରେ ରଣପୁରରେ ଏହି ମହୋତ୍ସବ ଆରମ୍ଭ କରିଥିଲେ। ଏହି ମହୋତ୍ସବର ନାମ ଅର୍ଜୁନ ମଧ୍ୟ ରଖିଥିଲେ। ରଣପୁର ବ୍ଲକ ମୟୂରଝାଲିଆ ଗ୍ରାମର ଶହୀଦ ଅର୍ଜୁନ ରାଉତଙ୍କ ଉଦ୍ଦେଶ୍ୟରେ ପ୍ରଥମ ଦିନଟିକୁ ସମର୍ପିତ କରାଯିବା ସହ ତାଙ୍କ ନାମରେ ପାଳିତ ହେଉଛି। ଶହୀଦ ଅର୍ଜୁନଙ୍କ ଘରୁ ଏକ ମଶାଲ ଶୋଭାଯାତ୍ରା ଅଣାଯାଇ ଏହି ମହୋତ୍ସବ ଆରମ୍ଭ କରାଯାଉଥିଲା। ହେଲେ ଚଳିତବର୍ଷ ଶହୀଦ ଅର୍ଜୁନ ଘରଠାରୁ ଏହି ମଶାଲ ଅଣାଯାଇନାହିଁ। ଶହୀଦ ଅର୍ଜୁନ ରାଉତଙ୍କ ନାମରେ ଥିବା କଲେଜରୁ ଏହି ମଶାଲ ଅଣାଯାଇଥିଲା। ଏ ସମ୍ପର୍କରେ ଶହୀଦଙ୍କ ପରିବାରକୁ ମଧ୍ୟ ପଚରାଯାଇ ନ ଥିଲା। ଏଥର ଶହୀଦଙ୍କ ଦାୟଦମାନଙ୍କୁ ଅଲୋଡ଼ା କରାଯାଇଥିବାରୁ ପରିବାର ଦୁଃଖ ପ୍ରକାଶ କରିଛନ୍ତି। ଶହୀଦ ଅର୍ଜୁନ ରାଉତଙ୍କ ପୁତୁରା କାହ୍ନୁଚରଣ ରାଉତ, ଅଣନାତି ପବିତ୍ର କୁମାର ରାଉତ, ଅଣ ନାତୁଣୀବୋହୂ ଲକ୍ଷ୍ମୀପ୍ରିୟ ସାହୁ ଏହାକୁ ନେଇ ଦୁଃଖ ପ୍ରକାଶ କରିବା ସହ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ମହୋତ୍ସବ କମିଟିର ଅଧ୍ୟକ୍ଷ ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କୁ ପଚାରିବାରୁ ସେ ଏ ବିଷୟରେ କିଛି କହିବାକୁ ମନା କରିଦେଇଥିଲେ।

ଶୁକ୍ରବାର ଦଶାବତାର ଫାୟାର ଆର୍ଟ ଆରାଧନା ଫନ୍ସ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ମେଲୋଡି ସୁର ଭାଇବ୍ରେଶନ ଜୟଶ୍ରୀ ଗ୍ରୁପ୍‌ର ଗୀତ ଓ ନାଚର ତାଳେ ତାଳେ ଶୀତୁଆ ସନ୍ଧ୍ୟାରେ ରଣପୁର ମହୋତ୍ସବ ଉଦ୍‌ଘାଟିତ ହୋଇଛି। ବାଘସାମନ୍ତ ପଡ଼ିଆରେ ମୁକ୍ତାକାଶ ରଙ୍ଗମଞ୍ଚରେ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। କବୟିତ୍ରୀ ପ୍ରତିଭା ମହାରଥୀ ମୁଖ୍ୟବକ୍ତା ଭାବେ ଓ ରଣପୁର ଏନ୍‌ଏସି ଅଧ୍ୟକ୍ଷା ରଙ୍ଗିନୀ ମହାନ୍ତି, ଶରଣକୁଳ ଏସ୍‌ଡିପିଓ ସୁଧାକର ସାହୁ, ରଣପୁର ଜିଲା ପରିଷଦ ସଭ୍ୟା ରାଜନିରାଣୀ ପଟ୍ଟନାୟକ ପ୍ରମୁଖ ସମ୍ମାନ୍‌ନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ସତ୍ୟନାରାୟଣ ପ୍ରଧାନ ଏଥିରେ ପୌରୋହିତ୍ୟ କରିଥିଲେ। ସକାଳୁ ପ୍ରଭାତଫେରି ରାମଧୁନ ସହ ବିଭିନ୍ନ କଲେଜ ଓ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଗଣଦୌଡ଼ କରାଯାଇଥିଲା। ପରେ ମୟୂରଝାଲିଆ ଗ୍ରାମର ଶହୀଦ ଅର୍ଜୁନ ରାଉତ ଓ ବାଦଭୂଇଁ ଗ୍ରାମର ଶହୀଦ ରଘୁନାଥ ମହାନ୍ତି, ଗଡ଼ବାଣିକିଲୋ ଗ୍ରାମର ଶହୀଦ ଦିବାକର ପରିଡ଼ାଙ୍କ ସହିତ ଅନ୍ୟ ଅଞ୍ଚଳରୁ ମଶାଲ ଜ୍ୟୋତିକୁ ଛାତ୍ରୀଛାତ୍ରମାନେ ଆଣି ମା’ ମଣିନାଗଙ୍କ ପୀଠରେ ଏକତ୍ରିତ ହୋଇ ସେଠାରୁ ଶୋଭାଯାତ୍ରାରେ ରଣପୁର ସହର ପରିକ୍ରମା କରିବା ପରେ ଏହାକୁ ମହୋତ୍ସବ ସ୍ଥଳରେ ସନ୍ଧ୍ୟାରେ ରଖାଯାଇଥିଲା। ରଣପୁର ଅଞ୍ଚଳର ଏହି ୫ ଶହୀଦଙ୍କ ସହ ରଣପୁର କଳା ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ଏଠାରେ ୧୬ବର୍ଷ ହେବ ରଣପୁର ମହୋତ୍ସବ ଅର୍ଜୁନ ପାଳିତ ହୋଇଆସୁଛି। ସ୍ଥାନୀୟ ସଂଗୀତ କଳା ନିକେତନର ଅଧ୍ୟକ୍ଷ ସତ୍ୟନାରାୟଣ ମହାପାତ୍ରଙ୍କ ଦ୍ୱାରା ଶ୍ରୁତ୍ରୀ ସୁଧା ସହ ପିଲାମାନଙ୍କ ଦ୍ୱାରା ଅକ୍ଷୟ ସଂଗୀତ ଗାନ ପରେ ମହୋତ୍ସବ ସ୍ଥଳରେ ଜଗତର ନାଥ ଜଗନ୍ନାଥଙ୍କର ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଳ ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅତିଥିମାନେ ରଣପୁର ଏକ ଲଢୁଆ ମାଟି, ଏହି ମାଟିର ସନ୍ତାନମାନେ ଦେଶ ସ୍ୱାଧୀନ ପାଇଁ ବହୁ ବଳିଦାନ ଦେଇଥିବା କହିଥିଲେ। ଏହାକୁ ଦେଖିବା ପାଇଁ ଶୀତୁଆ ପାଗ ସତ୍ତ୍ୱେ ଆଖପାଖ ଅଞ୍ଚଳରୁ ଜନସମାଗମ ହୋଇଥିଲା। ଦର୍ଶଙ୍କ ମନୋରଞ୍ଜନ ପାଇ ମୀନାବଜାର, ରାମଦୋଳି, ମିକିମାଉସୀ ସହ ବିଭିନ୍ନ ଅଞ୍ଚଳରୁ ବ୍ୟାପକ ଷ୍ଟଲ୍ ଖୋଲିଥିଲା। ଏହି ଷ୍ଟଲ୍‌ଗୁଡ଼ିକରେ ବହୁମାତ୍ରାରେ ଭିଡ଼ ଦେଖିବାକୁ ମିଳିଥିଲା। କିଣାବିକା ବି ଭଲ ହେଉଛି। ସ୍ଥାନୀୟ ଅଞ୍ଚଳର ବିଭିନ୍ନ କାର୍ଯ୍ୟକ୍ରମ ସହ ସିନେ କଳାକାରଙ୍କ ଅଭିନୟ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ରଣପୁର ଥାନା ଅଧିକାରୀ ନୀହାର ରଞ୍ଜନ ମହାନ୍ତିଙ୍କ ସମେତ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

# ଗଣିଆରେ ସଡ଼କ ସୁରକ୍ଷା ସପ୍ତାହ

ଗଣିଆ, ୫।୧ (ସନ୍ତୋଷ କୁମାର ପ୍ରଧାନ)

ନୟାଗଡ଼ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଓ ଗଣିଆ ପୋଲିସର ମିଳିତ ସହଯୋଗରେ ଶୁକ୍ରବାର ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଗଣିଆସ୍ଥିତ ଶ୍ରୀରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଛାତ୍ରୀଛାତ୍ରମାନେ ହାତରେ ବିଭିନ୍ନ ପ୍ଲାକାର୍ଡ ଧରି ସ୍ଲୋଗାନ ଦେବା ସହ ଗଣିଆ ବଜାର ପରିକ୍ରମା କରି ଚଉବଙ୍ଗ ତୋଟା ସମ୍ମୁଖ ନୂତନ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରାରେ ଯାଇଥିଲେ। ଗାଡ଼ି ଚଲାଇବା ବେଳେ ମୋବାଇଲ ବ୍ୟବହାର ନ କରିବା, ହେଲମେଟ ବ୍ୟବହାର କରିବା, ୧୮ବର୍ଷରୁ କମ୍ ବୟସର ପିଲାମାନଙ୍କୁ ଗାଡ଼ି ଚଲାଇବା ପାଇଁ ନ ଦେବା, ସିଟ୍ ବେଲ୍ଟ ପିନ୍ଧିବା, ଗାଡ଼ି ଚଲାଇବା ସମୟରେ ନିୟମ ମାନି ଗାଡ଼ି ଚଲାଇବା ପରି ବିଭିନ୍ନ ମୋଟର ଯାନ ନିୟମ ସମ୍ପର୍କରେ ଉପସ୍ଥିତ ଅଧିକାରୀମାନେ ପିଲାମାନଙ୍କୁ ଓ ଲୋକଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡା, ଗଣିଆ ତହସିଲଦାର ପ୍ରୀତିବାଳା ରଣା, ଗଣିଆ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା, ସବଇନ୍ସପେକ୍ଟର ବୀରେନ୍ଦ୍ର କୁମାର ଦେହୁରୀ, ଏଏସ୍‌ଆଇ ପ୍ରମୋଦ କୁମାର ନନ୍ଦ, ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମିକାନ୍ତ ପଣ୍ଡା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୩ ଶହ ଛାତ୍ରୀଛାତ୍ର ଯୋଗଦେଇଥିଲେ।




ସଡ଼କ ସୁରକ୍ଷା ଅବସରରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ଗାନ୍ଧୀ ଦର୍ଶନ ଉପରେ ଆଲୋଚନାଚକ୍ର

ଶରଣକୁଳ, ୫।୧ (ଦୀପକ କର)

ଶରଣକୁଳ ନିକଟବର୍ତ୍ତୀ ହରିହରପୁର ଗ୍ରୀନ୍ କ୍ଲବ ପକ୍ଷରୁ ଗାନ୍ଧୀ ଦର୍ଶନ ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଗ୍ରୀନ୍ କ୍ଲବର ସମ୍ପାଦକ କୁମାର ବରାଡ଼ଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ବିଶିଷ୍ଟ ଶିକ୍ଷାବିତ ଡ.ସୁରେଶ ଚନ୍ଦ୍ର ବରାଡ଼ ମୁଖ୍ୟ ଅତିଥି ଓ ଯୋଗଗୁରୁ ବୈକୁଣ୍ଠ ନାଥ ପ୍ରଧାନ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବର୍ତ୍ତମାନ ପରିପ୍ରେକ୍ଷୀରେ ଗାନ୍ଧୀ ଦର୍ଶନର ପ୍ରାସଙ୍ଗିକତା ଉପରେ ମୁଖ୍ୟଅତିଥି ଡ.ବରାଡ଼ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅହିଂସା ଓ ସତ୍ୟକୁ ଅସ୍ତ୍ରକରି ଗାନ୍ଧିଜୀ କିପରି ଦେଶକୁ ସ୍ୱାଧୀନତା ପ୍ରଦାନ କରିବାରେ ସମର୍ଥ ହୋଇଥିଲେ ସେ ସମ୍ପର୍କରେ ସେ କହିଥିଲେ। ଯିଏ କିଛି କରେ ତା’ର ଭୁଲ ହେବାର ସମ୍ଭାବନା ଥାଏ, ଯିଏ କିଛି କରେ ନାହିଁ ତା’ର ଭୁଲ କିଛି ହେବ ନାହିଁ। ଏଥିରେ କ୍ଲବର ମହିଳାପୁରୁଷ ସଦସ୍ୟ ଯୋଗ ଦେଇଥିଲେ।

# ହରିହରପୁର ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

ଶରଣକୁଳ, ୫।୧ (ଦୀପକ କର)

ଶରଣକୁଳ ନିକଟ ହରିହରପୁର ସେବା ସମବାୟ ସମିତିରେ ଶୁକ୍ରବାର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ଧାନମଣ୍ଡିକୁ ହରିହରପୁର ପଞ୍ଚାୟତର ସରପଞ୍ଚ ବିଳାସିନୀ ଦେଈ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ସମବାୟ ସମିତିରେ ୩୬୩ ଜଣ ଚାଷୀ ଧାନ ବିକ୍ରୟ କରିବାକୁ ନିଜର ନାମକୁ ପଞ୍ଜୀକୃତ କରିଛନ୍ତି। ଓଡ଼ଗାଁ ନିକଟବର୍ତ୍ତୀ ଅରଖପଲ୍ଲୀରେ ଥିବା ରାଜେଶ ଇଣ୍ଡଷ୍ଟ୍ରିଜ୍ ମିଲର ଏହି ମଣ୍ଡିରୁ ଚାଷୀଙ୍କଠାରୁ ଧାନ କ୍ରୟ କରିବେ। ମିଲର ଏହି ସେବା ସମବାୟ ସମିତିର ଚାଷୀଙ୍କଠାରୁ ସର୍ବମୋଟ ୧୨ ହଜାର କ୍ୱିଣ୍ଟାଲ ଧାନ କ୍ରୟ କରାଯିବ ବୋଲି ମଣ୍ଡି ଉଦ୍‌ଘାଟନ ସମୟରେ ପ୍ରକାଶ କରିଥିଲେ। ସମବାୟ ସମିତିର ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସମବାୟ ସମିତିର ସଭାପତି ବୈକୁଣ୍ଠ ନାଥ ସିଂହ, ଡାଇରେକ୍ଟର ଭାଗୀରଥି ସ୍ୱାଇଁ, ଅମିମନ୍ୟୁ ନାୟକ, କୀର୍ତ୍ତନ ବରାଡ଼ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।



ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ଧାନମଣ୍ଡି ଉଦ୍‌ଘାଟନ କରାଯାଉଛି।

# ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଓ ପ୍ରଶାସନିକ ଅଧିକାରୀମାନେ।

ନୟାଗଡ଼, ୫।୧ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ସୁଧାଂଶୁ ଶେଖର ଷଡ଼ଙ୍ଗୀ, ଡିଏସ୍‌ପି ତପସ୍ୱିନୀ କଅଁର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ। ଉତ୍ସବ ପାଳନ ନିମନ୍ତେ ବିଭିନ୍ନ ବିଭାଗ ମଧ୍ୟରେ କାମ ବଣ୍ଟନ କରାଗଲା। ଗତଥର ପାନୀୟଜଳରୁ ବାଲି ଓ ଶିଉଳି ଖଣ୍ଡ ବାହାରିଥିବାରୁ ଚଳିତବର୍ଷ ଭଲ ପାନୀୟଜଳ ଯୋଗାଇଦେବାକୁ କୁହାଯାଇଛି। ଜିଲାର ବିଭିନ୍ନ ପ୍ରତିଭାଙ୍କୁ ସମ୍ମାନିତ କରାଯିବ। ପିଟିଏସ୍ ଗ୍ରାଉଣ୍ଡର ଶହୀଦ ସ୍ତମ୍ଭକୁ ଫୁଲରେ ସଜାଯିବ। ପରେଡ୍ ଚଳିତ ମାସ ୨୨, ୨୩ ଓ ୨୪ ତାରିଖ ୩ ଦିନ ଧରି ଅଭ୍ୟାସ କରାଯିବ। ପ୍ରଜ୍ଞାପନ ମେଢ଼ ସାଧାରଣତନ୍ତ୍ର ଦିବସରେ ସ୍ଥାନ ପାଇବ। ଜିଲାସ୍ତରୀୟ ଅଧିକାରୀ ଅନୁପସ୍ଥିତ ଥିବାରୁ ଜିଲାପାଳ ଅସନ୍ତୋଷ ବ୍ୟକ୍ତ କରିଥିଲେ।

# କାଳିକାପ୍ରସାଦ ଆଶ୍ରମରେ ସାଧୁସନ୍ଥ ସମ୍ମିଳନୀ



ସମ୍ମିଳନୀରେ ସାମିଲ ହୋଇଥିବା ସାଧୁ ସାନ୍ଥମାନେ।

ଗଣିଆ, ୫।୧ (ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ ଆଡ଼କଟା ପଞ୍ଚାୟତ କାଳିକାପ୍ରସାଦ ଗ୍ରାମ ନିକଟସ୍ଥ ଝରିଆ ଆଶ୍ରମ ପରିସରରେ ଶୁକ୍ରବାର ୭ମ ବାର୍ଷିକ ସାଧୁସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସନ୍ଥ ସେବକ ଲଳିତ ନାରାୟଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ଉତ୍ସବରେ ସାଧୁସନ୍ଥମାନଙ୍କୁ ଉପେକ୍ଷା କରାଯାଇଥିବା ନେଇ ଆଲୋଚନା କରାଯାଇଥିଲା। ଏଥିସହ ସରକାରୀ ସ୍ଥାନରେ ନିର୍ମାଣ କରାଯାଇଥିବା ଏବି ନିର୍ମାଣାଧୀନ ମଠ ଓ ମନ୍ଦିରଗୁଡ଼ିକୁ ସ୍ଥାୟୀ ପଟ୍ଟା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାଇବାକୁ ପ୍ରସ୍ତାବ ପାରିତ ହୋଇଥିଲା। ଏହି ସମ୍ମିଳନୀରେ ହୋମଯଜ୍ଞ ସହ ସାଧୁସନ୍ଥମାନେ ନାମ ସଂକୀର୍ତ୍ତନ କରିଥିଲେ। କାର୍ଯ୍ୟକ୍ରମରେ ଗଣିଆ, ଦଶପଲ୍ଲା ଓ ନୂଆଗାଁ ବ୍ଲକରୁ ଶତାଧିକ ସାଧୁସନ୍ଥଙ୍କ ସମେତ ଅଞ୍ଚଳର କେତେଜଣ ବରିଷ୍ଠ ନାଗରିକ ଯୋଗଦାନ କରିଥିଲେ।

# ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା: କଂଗ୍ରେସର ଦାବିପତ୍ର

ଖଣ୍ଡପଡ଼ା, ୫।୧ (ଅଜୟ କୁମାର ମହାରଣା)



ଖଣ୍ଡପଡ଼ା ସହରର ବିଭିନ୍ନ ୱାର୍ଡରେ ଏନ୍‌ଏସି ପକ୍ଷରୁ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ନେଇ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ ନିକଟରେ ସୂଚନା ଫଳକ ରହୁ ନ ଥିବା ବିଶେଷ କରି ମୁଖ୍ୟମନ୍ତ୍ରୀ କାର୍ଯ୍ୟ ତତ୍ପର ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ପରିବର୍ତ୍ତେ କେତେଜଣ ଠିକାଦାର ଉପକୃତ ହେଉଥିବା ନେଇ କଂଗ୍ରେସ ଅଭିଯୋଗ ଉଠାଇଛି। କଂଗ୍ରେସ ପକ୍ଷରୁ ସନ୍ତୋଷ କୁମାର ସାହୁ, ତାଙ୍କ ସମର୍ଥକଙ୍କ ଗହଣରେ ଏନ୍‌ଏସି କାର୍ଯ୍ୟାଳୟକୁ ଯାଇ କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳଙ୍କୁ ଶୁକ୍ରବାର ବିଭିନ୍ନ ଦାବି ସମ୍ବଳିତ ପତ୍ର ପ୍ରଦାନ କରିଥିବା ଜଣାଯାଇଛି।

# ସ୍ୱତନ୍ତ୍ର ବିକାଶ ପରିଷଦ ନୟାଗଡ଼ର ପ୍ରଥମ ଅଧିବେଶନ

ନୟାଗଡ଼, ୫।୧ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ପରିଷଦର ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ବିକାଶ ପରିଷଦ ନୟାଗଡ଼ର ପ୍ରଥମ ଅଧିବେଶନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର ବିକାଶ ପରିଷଦ ନୟାଗଡ଼ ଅଧ୍ୟକ୍ଷା ଜାନକୀ ଦେହୁରି ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ସ୍ୱତନ୍ତ୍ର ବିକାଶ ପରିଷଦ ନୟାଗଡ଼ ଉପାଧ୍ୟକ୍ଷ ଅଜୟ କୁମାର ପ୍ରଧାନ, ପରିଷଦ ନୟାଗଡ଼ର ସଭ୍ୟ ପ୍ରଶାନ୍ତ କୁମାର ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ନୟାଗଡ଼ ସୂଚାରୁ କୁମାର ବଳ, ଉପ ନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ବିଦ୍ୟାଧର ନାଏକ, ଜିଲା ମଙ୍ଗଳ ଅଧିକାରୀ, ଜିଲା କ୍ରୀଡା ଅଧିକାରୀ, ଜିଲା କୃଷି ଅଧିକାରୀ, ସ୍ୱତନ୍ତ୍ର ବିକାଶ ପରିଷଦ ନୟାଗଡ଼ର ନୋଡାଲ୍ ଅଫିସର ଶ୍ରୀମୟଙ୍କ ନନ୍ଦ ଉପସ୍ଥିତ ଥିଲେ। ବୈଠକରେ ସ୍ୱତନ୍ତ୍ର ବିକାଶ ପରିଷଦ ନୟାଗଡ଼ର ୨୦୨୩-୨୪ ଆର୍ଥିକ ବର୍ଷର ବାର୍ଷିକ ପ୍ରକଳ୍ପ ଖସଡ଼ା ପ୍ରସ୍ତୁତ କରଯାଇଥିଲା। ପ୍ରକଳ୍ପ ତାଲିକା ଉପରେ ବିଧିବଦ୍ଧ ଆଲୋଚନା ପରେ ସର୍ବସମ୍ମତରେ ସମସ୍ତ ପ୍ରକଳ୍ପ ଗୁଡିକ ପାରିତ ହୋଇଥିଲା।



ଅଧିବେଶନରେ ସାମିଲ ହୋଇଥିବା ବ୍ୟକ୍ତିମାନେ

# ଆଜିଠୁ ଓଡ଼ଗାଁ ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

ଓଡ଼ଗାଁ, ୫।୧୨ (ଆଦର୍ଶ କୁମାର ପଟ୍ଟନାୟକ)

କେନ୍ଦ୍ର ସରକାରଙ୍କ ହିଟ୍ ଆଣ୍ଡ ରନ୍‌କୁ ନେଇ ହୋଇଥିବା ନୂଆ ଆଇନ ଓ ଦୀର୍ଘଦିନ ଧରି ରାଜ୍ୟ ସରକାରଙ୍କ ନିକଟରେ କରାଯାଇଥିବା ଦାବିକୁ ନେଇ ଓଡ଼ିଶା ଡ୍ରାଇଭର ମହାସଂଘ ଆନ୍ଦୋଳନକୁ ଓହ୍ଲାଇଛି। ନୂତନ ଆଇନ ଅନୁସାରେ, ଦୁର୍ଘଟଣା ଘଟାଇ ଗାଡ଼ି ଚାଳକ ସୂଚନା ନ ଦେଇ ଚାଲିଗଲେ ୧୦ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ସହ ୭ ଲକ୍ଷ ଟଙ୍କା ଚାଳକଙ୍କୁ ଜରିମାନା ଦେବାକୁ ପଡ଼ିବ। ଠିକ୍ ସେହିପରି ରାଜ୍ୟ ସରକାର ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ ହେଲେ ବୀମାରାଶି ବାବଦରେ ଅର୍ଥ ପ୍ରଦାନ କରିବାକୁ ଘୋଷଣା କରିଥିବାବେଳେ ତାହାକୁ କାର୍ଯ୍ୟକାରୀ କରାଯାଉନାହିଁ। ହିଟ୍ ଆଣ୍ଡ ରନ୍ ଆଇନକୁ ବିରୋଧ କରି ଗୁରୁବାରଠାରୁ ସମଗ୍ର ଦେଶରେ ଡ୍ରାଇଭରମାନଙ୍କ ଆନ୍ଦୋଳନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ମହାସଂଘର ଡାକରାକ୍ରମେ ଶୁକ୍ରବାର ଓଡ଼ଗାଁ ଡ୍ରାଇଭର ମହାସଂଘ ପକ୍ଷରୁ ଭୁବନେଶ୍ୱର-ଭଞ୍ଜନଗର ୨୧ ନଂ. ରାଜ୍ୟ ରାଜପଥ ଓଡ଼ଗାଁ କଲେଜ ରୋଡ଼ ରାସ୍ତା ପାର୍ଶ୍ୱରେ ସଂଘର ସଦସ୍ୟମାନେ ଏକାଠି ହୋଇ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପ୍ରାୟ ଗାଡି ଚାଳନା କରୁଥିବା ଡ୍ରାଇଭରମାନଙ୍କୁ ସଚେତନ କରିବା ସହ ଶନିବାରଠାରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନରେ ସାମିଲ ହେବାକୁ ନିବେଦନ କରିଥିଲେ। ଏଥିରେ ଓଡ଼ଗାଁ ଡ୍ରାଇଭର ମହାସଂଘ ସଭାପତି କାର୍ତ୍ତିକ ସାହୁ, ସମ୍ପାଦକ ସରୋଜ ସାହୁ, ଉପସଭାପତି ଈଶ୍ୱର ବିଶ୍ୱାଳ, କୋଷାଧ୍ୟକ୍ଷ ଧବଳେଶ୍ୱର ସାହୁ, ପଞ୍ଚରିଡା ମାନପୁର ଆଡ଼ମିନ ସୁଦାମ ସ୍ୱାଇଁ, ବିଷ୍ଣୁ ନାୟକ, ଲକ୍ଷ୍ମୀଧର ପରିଡା ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।



ଶନିବାର ଷ୍ଟିୟରିଂ ଛାଡି ଆନ୍ଦୋଳନରେ ସାମିଲ ହେବାକୁ ଅନ୍ୟ ଡ୍ରାଇଭରମାନଙ୍କ ସାଥୀମାନେ ଅନୁରୋଧ କରୁଛନ୍ତି।

# ସଚେତନତା ସୃଷ୍ଟି କରିବାରେ ଲୋକକଳା ପ୍ରଭାବୀ ମାଧ୍ୟମ: ପାଣ୍ଡିଆନ

ଭୁବନେଶ୍ୱର,୫।୧(ଅନିଲ ଦାସ)

ପାରମ୍ପରିକ ଲୋକକଳା ଓ ସଂସ୍କୃତି ହେଉଛି ଏକ ଜାତିର ଜୀବନ ଓ ଭବିଷ୍ୟତ। ସଚେତନତା ସୃଷ୍ଟି କରିବାରେ ଲୋକକଳା ଭଳି ପ୍ରଭାବୀ ମାଧ୍ୟମ ଅନ୍ୟ କୌଣସି ମାଧ୍ୟମରେ ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରାମର୍ଶ କ୍ରମେ ଲୋକସେବା ଭବନ କନଭେନସନ ସେଣ୍ଟରରେ ଆୟୋଜିତ ବ୍ଲକ୍ ଓ ଜିଲା ଲୋକକଳା ସଂସ୍କୃତି ସଂଘ ପ୍ରତିନିଧିମାନଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀରେ ଯୋଗଦେଇ ୫-ଟି ଓ ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏହା କହିଛନ୍ତି। ସଂସ୍କୃତିକୁ ଗତିଶୀଳ କରିବା ନିମନ୍ତେ ଲୋକକଳା ପ୍ରତି ଯୁବପିଢ଼ିଙ୍କୁ ଆକୃଷ୍ଟ କରିବାକୁ ପଡ଼ିବ। ଲୋକ କଳା ବଞ୍ଚିବାକୁ ହେଲେ କଳାକାରମାନଙ୍କ ଉନ୍ନତି ହେବା ଉଚିତ ବୋଲି ସେ କହିଛନ୍ତି। ଏଥି ନିମନ୍ତେ ସରକାର ଆସନ୍ତା ୩ରୁ ୪ ମାସ ମଧ୍ୟରେ କଳାକାରମାନଙ୍କୁ ଖୁସି ଖବର ଦେବେ ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଜଣେ କଳାପ୍ରେମୀ ହୋଇଥିବାରୁ କଳାକାରମାନଙ୍କ ଉନ୍ନତି ନିମନ୍ତେ ସେ ସର୍ବଦା ଗୁରୁତ୍ୱାରୋପ କରୁଥିବା କହିଛନ୍ତି। ମିଶନ ଶକ୍ତି ଯେପରି ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି ଏବଂ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି ଅନୁରୂପ ଢାଞ୍ଚାରେ କଳାକାର ସଂଘକୁ ସଶକ୍ତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ସମସ୍ତ ସଂଘକୁ ୫-'ଟି' ମଧ୍ୟରେ ଅନ୍ତର୍ଭୁକ୍ତ କରାଯିବା ସହ ବ୍ଲକ୍ ଏବଂ ଜିଲା ସ୍ତରୀୟ ସଂଘ କାର୍ଯ୍ୟାଳୟ ଖୋଲାଯିବ। ଓଡ଼ିଶାକୁ ଆଗେଇ ନେବା ସହ ସଶକ୍ତ ରାଜ୍ୟରେ ପରିଣତ କରିବା ନିମନ୍ତେ ସେ ଆହ୍ୱାନ ଦେଇଛନ୍ତି। ନବୀନ ଓଡ଼ିଶା ଗଠନ ନିମନ୍ତେ କଳାକାରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗଞ୍ଜାମ ଜିଲାରେ ଜିଲାପାଳ ଥିବାବେଳେ ଏକ ଅଭିଜ୍ଞତାକୁ ଭିତ୍ତି କରି ପାଣ୍ଡିଆନ୍ କହିଛନ୍ତି ଯେ ୧୫ ବର୍ଷ ତଳେ ଗଞ୍ଜାମ ଜିଲାରେ ଏଡସ୍ ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ଜିଲାବାସୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଥିଲା। ଏଥି ନିମନ୍ତେ ଲୋକକଳାର ଭୂମିକା ପ୍ରଶଂସନୀୟ ଥିଲା ଓ ୨ ବର୍ଷ ମଧ୍ୟରେ ଏହାର ସୁଫଳ ମିଳିଥିଲା ବୋଲି ସେ କହିଛନ୍ତି। ଲୋକକଳାର ପ୍ରଭାବୀ ସଚେତନତା ସରକାରଙ୍କ ବିଭିନ୍ନ ଯୋଜନାର ରୂପରେଖକୁ ତୃଣମୂଳ ସ୍ତରରେ ପହଞ୍ଚାଇପାରିବ ବୋଲି ସେ କହିଛନ୍ତି।

ଏହି ଅବସରରେ ଅଭିଜ୍ଞତାସମ୍ପନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଲୋକକଳା ମାଧ୍ୟମରେ ସଚେତନତା ସୃଷ୍ଟି ନିମନ୍ତେ କଳାକାରମାନଙ୍କୁ ପରାମର୍ଶ ଦିଆଯିବା ସହ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ, ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ, ମିଶନ ଶକ୍ତି ଯୁଗ୍ମ ଶାସନ ସଚିବ ବିନୋଦ ଜେନା, ସଂସ୍କୃତି ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଅତସୀ ଦାସ, ସୁବୋଧ ଆଚାର୍ଯ୍ୟ, ଉପନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ, ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନର ପରାମର୍ଶଦାତା କୃଷ୍ଣଚନ୍ଦ୍ର ନିଶାଙ୍କ ପ୍ରମୁଖ ଉପସ୍ଥିତ ଥିଲେ।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଜିଲାସ୍ତରୀୟ ଏସ୍‌ଡିଜି ଇଣ୍ଡିକେଟର ଫ୍ରେମ୍‌ୱାର୍କ ଏବଂ ଏସ୍‌ଡିଜି ଓଡ଼ିଶା ୱେବ୍‌ସାଇଟ୍ ଶୁଭାରମ୍ଭ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

## ୧୪ରେ ସବୁ ବାର୍ ଆସୋସିଏଶନ ସଭାପତି, ସମ୍ପାଦକଙ୍କ ବୈଠକ

କଟକ,୫।୧ (କାର୍ତ୍ତିକ ସାହୁ)

**ସରକାରଙ୍କ ନିକଟରେ ଉପସ୍ଥାପନ ହେବ ଆଇନଜୀବୀଙ୍କ ସମସ୍ୟା**

ଆଇନଜୀବୀମାନଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ଉପସ୍ଥାପନ, କୋର୍ଟ କାର୍ଯ୍ୟ ବନ୍ଦ ନ କରି ବିକଳ୍ପ ଉପାୟରେ ପ୍ରତିବାଦ, ଆଇନଜୀବୀ ସୁରକ୍ଷା ଆଇନ, ସ୍ୱାସ୍ଥ୍ୟବୀମା, ଆଇନଜୀବୀ କଲ୍ୟାଣ ପାଣ୍ଠି ଅନୁଦାନ ଅର୍ଥ ବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗରେ ରାଜ୍ୟର ଆଇନଜୀବୀମାନେ ଏକାଠି ହେବେ। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ ଏଭଳି ଏକ ପ୍ରୟାସ କରାଯାଉଛି। ଆସନ୍ତା ୧୪ ତାରିଖରେ ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ଏନେଇ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ତହସିଲସ୍ତରୀୟ ଆଇନଜୀବୀ ସଂଘଠାରୁ ଆରମ୍ଭ କରି ଜିଲା କୋର୍ଟ, ସବ୍‌ଜଜ୍ କୋର୍ଟ, ଟ୍ୟାକ୍ସ ବାର୍ କୋର୍ଟ, ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଆଦି ସବୁ ଆଇନଜୀବୀ ସଂଘର ସଭାପତି ଓ ସମ୍ପାଦକ ଯୋଗଦେବେ। ହାଇକୋର୍ଟ ବାର୍ ଆସୋସିଏଶନ୍ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆସୋସିଏଶନ୍‌ର ସଭାପତି ଧରଣୀଧର ନାୟକ ଏ ସମ୍ପର୍କରେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ହାଇକୋର୍ଟ ବାର୍ ଆସୋସିଏଶନ ଉପସଭାପତି ବିଦ୍ୟାଧର ପ୍ରଧାନ, ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଦେବାଶିଷ ନନ୍ଦ, ଲାଇବ୍ରେରୀ ସହକାରୀ ସମ୍ପାଦକ ଜାନକୀକାନ୍ତ ମହାପାତ୍ରଙ୍କ ସମେତ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

## ୧ବର୍ଷକରେ ୨୫ଶହ କୋଟିର ଠକେଇ, ୬୧ ଗିରଫ

ଭୁବନେଶ୍ୱର,୫।୧ (ସୂର୍ଯ୍ୟକାନ୍ତ ବେହେରା)

**କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁର ପଦକ୍ଷେପ**

୨୦୨୩ରେ ରାଜ୍ୟରେ ବଡ଼ ବଡ଼ ଠକେଇ ହୋଇଥିବାବେଳେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ବହୁ ଘଟଣାର ପର୍ଦ୍ଦାଫାଶ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛି। ଅନ୍‌ଲାଇନ୍ ଚିଟ୍‌ଫଣ୍ଡ, କ୍ରିପ୍ଟୋ ପୋଞ୍ଜି ସ୍କାମ୍ ଆଦି ସାଇବର ଠକେଇ, ବ୍ୟାଙ୍କ ଠକେଇ, ଚାକିରି ଠକେଇ, ଜମି ଠକେଇ ଭଳି ବିଭିନ୍ନ ଘଟଣାକୁ ନେଇ ୨୮ ମାମଲା ରୁଜୁ କରିଛି ଇଓଡବ୍ଲ୍ୟୁ। ତେବେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ମୋଟ ୬୧ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ପ୍ରାୟ ୨୫୦୦ କୋଟି ଠକେଇ ମାମଲାରେ ସଂପୃକ୍ତ ଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗିରଫ ହୋଇଥିବା ଅଭିଯୁକ୍ତମାନେ ଓଡିଶା, ଉତ୍ତରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, କର୍ନାଟକ, ତାମିଲନାଡୁ, ତେଲଙ୍ଗାନା, ଦିଲ୍ଲୀ, ଝାଡ଼ଖଣ୍ଡ ଓ ମହାରାଷ୍ଟ୍ରର। ସେହିଭଳି ୯ଜଣଙ୍କ ବିରୋଧରେ ଲୁକ୍‌ଆଉଟ ସର୍କୁଲାର ଜାରି ହୋଇଥିବାବେଳେ ଏମାନଙ୍କ ମଧ୍ୟରେ ୪ଜଣ ଚାଇନା ଓ ଜଣେ ହଙ୍ଗେରୀ ନାଗରିକ ରହିଛନ୍ତି। ଅପରପକ୍ଷେ ୪ଟି କେସ୍‌ରେ ଶୁଣାଣି ହୋଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଯାହା ବର୍ଷକରେ ସର୍ବାଧିକ ବୋଲି ଇଓଡବ୍ଲ୍ୟୁ କହିଛି। ସେହିପରି ଠକେଇ ଟଙ୍କାର ମାତ୍ର ୧୫ କୋଟି ଜବତ କରାଯାଇଛି। ୩ଟି କେସ୍‌ରେ ୧୨ କୋଟିର ସଂପତ୍ତି ଆଟାଚ କରିବାକୁ ଓପିଆଇଡି କୋର୍ଟ ଅନୁମୋଦନ ଦେଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।

## ଟ୍ରକ୍ ଚାପାରେ ବାପ-ଝିଅ ମୃତ

ବଡ଼ବିଲ, ୫।୧(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ରୁଗୁଡ଼ି ଥାନା ଅଧୀନ ୫୨୦ନମ୍ବର ଜାତୀୟ ରାଜପଥ ଲଇଡ଼ାପଦା ନିକଟରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍‌ରେ ଯାଉଥିବା ବାପା, ଝିଅଙ୍କୁ ଟ୍ରକ୍ ଚାପିଦେବାରୁ ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବଲାଣୀ ଥାନା ଲସର୍ଦା ବୁରୁ ସାହିର ରାମ ସିଂ ଓ ତାଙ୍କ ୫ ବର୍ଷର ଝିଅ ତୁରୀ ମୁଣ୍ଡା। ସୂଚନା ଅନୁଯାୟୀ, ରାମ ନିଜ ବାଇକ ଯୋଗେ ଝିଅକୁ ନେଇ ଗୁଆଲୀରୁ ବଲାଣୀ ଫେରୁଥିଲେ। ଲଇଡ଼ାପଦା ନିକଟରେ ଲୁହାପଥର ବୋଝେଇ ଟ୍ରକ୍ ବାଇକ ପଛପଟରୁ ଧକ୍କା ଦେଇ ଦୁଇ ଜଣଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣା ସ୍ଥଳରେ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଦୁର୍ଘଟଣା ଘଟାଇ ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ଟ୍ରକ୍‌କୁ ଜବତ କରିଛି। ଖବର ଲେଖା ହେବ ବେଳକୁ ରୁଗୁଡ଼ି ଥାନାରେ ଲିଖିତ ଏତଲା ହୋଇ ନ ଥିବା ଥାନା ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ତରଣୀସେନ ବାଗ କହିଛନ୍ତି।

## ସ୍କୁଟିରେ ବ୍ରାଉନସୁଗାର ବେପାର, ଯୁବକ ଗିରଫ

ଭୁବନେଶ୍ୱର,୫।୧
(ସୂର୍ଯ୍ୟକାନ୍ତ ବେହେରା)

ସ୍କୁଟିରେ ବୁଲି ବୁଲି ବ୍ରାଉନସୁଗାର ବେପାର କରୁଥିବା ଜଣେ ଯୁବକଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲଣ କରିଛି। ସେ ହେଲେ ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ମୟୂରଭଞ୍ଜର ଶିବ ଶଙ୍କର ମାଝି। ତାଙ୍କଠାରୁ ୬ ଗ୍ରାମ ବ୍ରାଉନସୁଗାର, ଅପରାଧରେ ବ୍ୟବହୃତ ସ୍କୁଟି ଓ ଗୋଟିଏ ମୋବାଇଲ ଜବତ ହୋଇଛି। ସେ ବାଲେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଆଣି ଭୁବନେଶ୍ୱରରେ ବେପାର କରୁଥିଲେ। ବିଶେଷକରି କଲେଜ ପିଲାଙ୍କୁ ଟାର୍ଗେଟ କରୁଥିଲେ। ପୋଲିସ ସୂଚନା ପାଇବା ପରେ ବରମୁଣ୍ଡାସ୍ଥିତ ରାଜଧାନୀ କଲେଜ ଗେଟ୍ ନିକଟରେ ଚଢାଉ କରି ତାଙ୍କୁ ଧରିଥିଲା।

## ପଲରେ ନ ମିଶିଲେ ପଠାଯିବ ଉଦ୍ଧାର କେନ୍ଦ୍ର

**ଗୋରୁ ଗୋଠ ସହ ହାତୀ ଛୁଆ ଗାଁକୁ ଚାଲିଆସିବା ଘଟଣା**

ଅନୁଗୋଳ,୫।୧(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଗଣ୍ଡିଗାଡ଼ିଆ ଜଙ୍ଗଲରେ ଦଳରୁ ଅଲଗା ହୋଇଯାଇ ଗୋରୁପଲଙ୍କ ସହ ଗାଁକୁ ଚାଲିଆସିଥିବା ୨ ମାସର ହାତୀ ଛୁଆକୁ ପଲ ସହ ମିଶାଯିବା ଉଦ୍ୟମ ଶୁକ୍ରବାର ବିଫଳ ହୋଇଛି। ବନ କର୍ମଚାରୀମାନେ ଏ ନେଇ ଅଧିକ ଉଦ୍ୟମ କରିବେ। ଯଦି ଏଥିରେ ସଫଳତା ନ ମିଳେ ଉକ୍ତ ହାତୀ ଛୁଆକୁ ହାତୀ ଉଦ୍ଧାର କେନ୍ଦ୍ରକୁ ପଠାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ପ୍ରକାଶ ଯେ, ତାଳଚେର ରେଞ୍ଜ ଅନ୍ତର୍ଗତ ଗଣ୍ଡିଗାଡ଼ିଆ ଜଙ୍ଗଲରେ ଗୁରୁବାର ଏକ ୨ ମାସର ହାତୀ ଛୁଆ ପଲରୁ ଅଲଗା ହୋଇଯାଇଥିଲା। ଜଙ୍ଗଲକୁ ଚରିବାକୁ ଯାଇଥିବା ଗୋରୁପଲ ଅପରାହ୍ନରେ ଗଣ୍ଡିଗାଡ଼ିଆ ଫେରିବା ବେଳେ ଉକ୍ତ ହାତୀ ଛୁଆ ଗୋରୁପଲ ସହ ଗାଁକୁ ପଳାଇ ଆସିଥିଲା। ଗ୍ରାମବାସୀ ଏହି ଛୁଆ ହାତୀକୁ ଦେଖି ଆଶ୍ଚର୍ଯ୍ୟ ହୋଇଯିବା ସହ ପାଣି ପିଇବାକୁ ଦେଇ ବନ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ଖବରପାଇ ବିଭାଗୀୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ହାତୀ ଛୁଆକୁ ସାଙ୍ଗରେ ନେଇ ହାତୀପଲରେ ମିଶାଇବାକୁ ଉଦ୍ୟମ କରିଥିଲେ। ହେଲେ ହାତୀପଲ ଉକ୍ତ ଛୁଆକୁ ଗ୍ରହଣ କରି ନ ଥିଲେ। ଶୁକ୍ରବାର ସକାଳେ ପୁଣିଥରେ ଉଦ୍ୟମ କରାଯାଇଥିଲେ ବି ତାହା ଫଳପ୍ରଦ ହୋଇପାରି ନ ଥିଲା। ଶେଷରେ ଦୁର୍ବଳ ଥିବା ହାତୀ ଛୁଆକୁ ଚିକିତ୍ସା କରାଯିବା ସହ କ୍ଷୀର ପିଆଯାଇଥିଲା। ପରେ ତାକୁ ତାଳଚେର ରେଞ୍ଜ ବିଟ୍ ହାଉସକୁ ଅଣାଯାଇଥିଲା। ହାତୀପଲ ଉକ୍ତ ଛୁଆକୁ ସାଙ୍ଗରେ ନ ନେଲେ ତାକୁ ହାତୀ ରେସ୍‌କ୍ୟୁ ସେଣ୍ଟରକୁ ପଠାଇ ଦିଆଯିବ ବୋଲି ଅନୁଗୋଳ ଡିଏଫ୍‌ଓ ବିବେକ କୁମାର କହିଛନ୍ତି।



ଜଙ୍ଗଲରୁ ପଳାଇ ଆସିବା ପରେ ଗାଁ ଦାଣ୍ଡରେ ହାତୀ ଛୁଆ।

## ତୀର୍ଥଯାତ୍ରାରେ ଗଲେ ୫ ଜିଲାର ୯୭୦ବରିଷ୍ଠ ନାଗରିକ

ବାଲେଶ୍ୱର, ୫।୧(ମାନସ ବିଶ୍ୱାଳ)

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ବାଲେଶ୍ୱର ରେଲଷ୍ଟେଶନରୁ ଶୁକ୍ରବାର ୧୨ଟା ୪୫ମିନିଟ୍‌ରେ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ ଓ ଯାଜପୁର ଆଦି ୫ଟି ଜିଲାର ୯୭୦ଜଣ ତୀର୍ଥଯାତ୍ରୀ ଓ ୩୦ଜଣ ଏସ୍କର୍ଟ ଅଫିସରଙ୍କୁ ନେଇ ଏକ ସ୍ୱତନ୍ତ୍ର ଟ୍ରେନ୍ ଉଜ୍ଜୈନ ଓମକାରେଶ୍ୱର ତୀର୍ଥସ୍ଥଳୀକୁ ଯାତ୍ରା କରିଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଷ୍ଟେଶନର ୧ନମ୍ବର ପ୍ଲାଟଫର୍ମରେ ଲାଗିଥିବା ସ୍ୱତନ୍ତ୍ର ତୀର୍ଥଯାତ୍ରା ଟ୍ରେନ୍ ନିକଟରେ ଏକ ସଭା ଆୟୋଜନ କରାଯାଇଥିଲା। ଅତିଥି ଭାବେ ଯୋଗଦେଇ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଓଟିଡିସିର ଅଧ୍ୟକ୍ଷ ଲେନିନ ମହାନ୍ତି, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏହି ଯାତ୍ରାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ବାର୍ତ୍ତା ମାଧ୍ୟମରେ ଏହି ତୀର୍ଥଯାତ୍ରାର ସଫଳତା କାମନା କରିବା ସହ ତୀର୍ଥଯାତ୍ରୀମାନଙ୍କର ଶୁଭମନାସି ଥିଲେ। ଶେଷରେ ଅତିଥିମାନେ ପତାକା ହଲାଇ ଟ୍ରେନ୍‌କୁ ବିଦାୟ ଦେଇଥିଲେ।




ବାଲେଶ୍ୱର ଷ୍ଟେଶନରେ ତୀର୍ଥଯାତ୍ରୀମାନଙ୍କୁ ସ୍ୱାଗତ କରାଯାଉଛି।

ପ୍ରକାଶଥାଉ କି, ଏହି ଯାତ୍ରା ନିମନ୍ତେ ଚୟନ ହୋଇଥିବା ଯାତ୍ରୀମାନେ ଜିଲା ପ୍ରଶାସନର ସହାୟତାରେ ନିଜ ଗ୍ରାମରୁ ସଦର ମହକୁମା ଏବଂ ସେଠାରୁ ବାଲେଶ୍ୱରଠାରେ ଥିବା ପଦ୍ମାବତୀ ୱାଟର ପାର୍କରେ ଗତ ଗୁରୁବାର ଆସି ପହଞ୍ଚିବାପରେ ସେଠାରେ ସେମାନଙ୍କର ପଞ୍ଜିକରଣ କରାଯାଇ ଭବ୍ୟ ସ୍ୱାଗତ କରାଯାଇଥିଲା। ସରକାରୀ ଭାବେ ସେମାନଙ୍କର ରହଣି, ଖାଦ୍ୟପାନୀୟ ଆଦି ବ୍ୟବସ୍ଥା ସହ ଆମୋଦ ନିମନ୍ତେ ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିଲା। ଶୁକ୍ରବାର ସକାଳୁ ବାଲେଶ୍ୱର ଜିଲା ପ୍ରଶାସନ ବ୍ୟବସ୍ଥାରେ ସେମାନଙ୍କୁ ଷ୍ଟେଶନ ଅଣାଯାଇ ପାରମ୍ପରିକ ନୃତ୍ୟ ଗୀତ ଆଦି ମାଧ୍ୟମରେ ଷ୍ଟେଶନ ପ୍ରବେଶ କରାଯାଇଥିବା ବେଳେ ଆଇଆର୍‌ସିଟିସି ତରଫରୁ ଫୁଲ, ଚନ୍ଦନ ଓ ମାଳା ଦେଇ ସ୍ୱାଗତ କରାଯାଇଥିଲା। ଏହି ଯାତ୍ରା ନିମନ୍ତେ ସେମାନଙ୍କୁ ଏକ ପରିଚୟପତ୍ର, ରେଳ ଟିକେଟ ଓ ବ୍ୟବହାର୍ଯ୍ୟ ସାମଗ୍ରୀ ଥିବା ଏକ କିଟ୍ ପ୍ରଦାନ କରାଯାଇଥିଲା। ଆଇଆର୍‌ସିଟିସି ଦ୍ୱାରା ଯାତ୍ରା ସମୟରେ ସମସ୍ତ ତୀର୍ଥଯାତ୍ରୀଙ୍କର ରହିବା, ଯିବା ଆସିବା, ଖାଦ୍ୟ ପାନୀୟ ବ୍ୟବସ୍ଥା ସହ ଗସ୍ତ ଜଗୁଆଳି, ପଥ ପ୍ରଦର୍ଶକ, ଯାତ୍ରୀବୀମା ଏବଂ ଚିକିତ୍ସା ସୁବିଧା ମଧ୍ୟ ଯୋଗାଇ ଦିଆଯାଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଯାତ୍ରା ନିମନ୍ତେ ଜିଲା ପ୍ରଶାସନର ପର୍ଯ୍ୟଟନ ଉପବିଭାଗ ସମସ୍ତ ପ୍ରକାର ବ୍ୟବସ୍ଥା କରିଥିବା ବେଳେ ଅନ୍ୟାନ୍ୟ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ସହଯୋଗ କରିଥିଲେ। ଏହି ତୀର୍ଥଯାତ୍ରା ସାରି ସେମାନେ ଆସନ୍ତା ୧୧ତାରିଖରେ ଫେରିବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି।

## ପ୍ରଥମ ପୃଷ୍ଠାରୁ...

### ତଥ୍ୟ ଲୁଚାଇ ଦୋଷ ...

ମୃତ୍ୟୁ ପରେ ପୋଲିସ ପାଖକୁ ପଠାଯିବା ପରେ ଅଭିଭାବକ ଦସ୍ତଖତ କରି ମୃତଦେହକୁ ନେଇଥିଲେ। ବ୍ୟବଚ୍ଛେଦ ପରେ ସେମାନେ ମୃତଦେହର ସତ୍କାର କରିଥିଲେ। ହସ୍ପିଟାଲ ମୃତଦେହ ଚିହ୍ନିପାରିବ ନାହିଁ ବୋଲି ପାଢୀଯୋଶୀ କହିଛନ୍ତି। ଏପଟେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି, ମୃତଦେହ ଚିହ୍ନଟ କରିବାରେ ପୋଲିସର କୌଣସି ଭୂମିକା ନାହିଁ। ପ୍ରଥମେ କ'ଣ ହୋଇଥିଲା, କେଉଁ ବ୍ୟକ୍ତି ତାଙ୍କୁ ପ୍ରଥମେ ଚିହ୍ନଟ କରିଥିଲେ, ପରିବାର ଲୋକ ଠିକ୍ ଭାବେ ମୃତଦେହ ଚିହ୍ନିଥିଲେ କି ନାହିଁ ସେସବୁ ଦିଗକୁ ନେଇ ତଦନ୍ତ କରାଯିବ। କାହା ତ୍ରୁଟିରୁ ଏଭଳି ହୋଇଛି ସେନେଇ ଠିକ୍ ଭାବେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ସିଂ କହିଛନ୍ତି।

ଦିଲ୍ଲୀପଙ୍କ ମା' ଅହଲ୍ୟା ସାମନ୍ତରାୟ କାନ୍ଦି କାନ୍ଦି କହିଛନ୍ତି, ତାଙ୍କ ପୁଅକୁ ଥରୁଟିଏ ହସ୍ପିଟାଲ କର୍ତ୍ତୃପକ୍ଷ ଦେଖାଇଲେ ନାହିଁ। ଦେଖାଇଥିଲେ ସେ ଉକ୍ତ ଦିନ ଜାଣିପାରିଥାନ୍ତେ ବୋଲି ସେ କହିଛନ୍ତି। ଦିଲ୍ଲୀପଙ୍କ ଶ୍ୱଶୁର ତଥା ସୌମ୍ୟାଶ୍ରୀଙ୍କ ବାପା ସଦାଶିବ କହିଛନ୍ତି, ତାଙ୍କ ଝିଅଙ୍କ ଜୀବନ ଅଯଥାରେ ଚାଲିଗଲା। ଏଥିପାଇଁ ହସ୍ପିଟାଲ ଦାୟୀ। ଏହି ଘଟଣାରେ ଉଚିତ୍ ନ୍ୟାୟ ଦିଆଯାଉ। ଏଥିସହ କ୍ୱାଇଁ ଦିଲ୍ଲୀପଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉ ବୋଲି ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ପାଇଁ ଏସି ଟେକ୍‌ନିସିଆନ୍ ସଂଘ ସଭାପତି ଅମିୟ ଧଳ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ଅମିୟଙ୍କ କହିବା କଥା, ଚୁକ୍ତି ଅନୁଯାୟୀ ସବୁ ଜିନିଷ ହସ୍ପିଟାଲ ଦେବାକୁ ଥିବା ବେଳେ ଆହତମାନେ ଶ୍ରମିକ ହିସାବରେ କାମ କରିଥିଲେ। ଏସି ସଜାଡ଼ିବା ପାଇଁ ଘଟଣାଦିନ ନାଇଟ୍ରୋଜେନ୍ ଗ୍ୟାସ୍ ପରିବର୍ତ୍ତେ ଅକ୍ସିଜେନ୍ ଗ୍ୟାସ୍ ଦିଆଯାଇଥିଲା ବୋଲି ସନ୍ଦେହ ହେଉଛି। ଅକ୍ସିଜେନ୍ ନିଆଁର ସହାୟକ ହୋଇଥିବାରୁ ଏଭଳି ବିସ୍ଫୋରଣ ହୋଇ ଅଘଟଣ ଘଟିଥାଇପାରେ। ଏନେଇ ତଦନ୍ତ ହେବା ଆବଶ୍ୟକ। ଅନ୍ୟପକ୍ଷରେ ଦିଲ୍ଲୀପଙ୍କ ପଞ୍ଚାୟତ ବାସିନ୍ଦା ତଥା ପୁରୀ ଜିଲା ମହିଳା କଂଗ୍ରେସ ସଭାପତି ନିରୁପମା ପାତ୍ର କହିଛନ୍ତି, ଦିଲ୍ଲୀପଙ୍କ ମୃତ୍ୟୁ ଖବର ପାଇ ଗାଁପିଲାଙ୍କ ସହ ହସ୍ପିଟାଲକୁ ଆମେ ଆସିଥିଲୁ। ହସ୍ପିଟାଲର ୧୦ରୁ ୧୫ ଜଣ ବାଉନ୍‌ସର ଧମକେଇ ଦସ୍ତଖତ କରାଇବା ପରେ ମୃତଦେହ ହସ୍ତାନ୍ତର କରିଥିଲେ। ପରିବାର ଲୋକଙ୍କୁ ହସ୍ପିଟାଲ ମଧ୍ୟକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଇଥିଲେ ଏଭଳି ପରିସ୍ଥିତି ଉପୁଜି ନ ଥାନ୍ତା ବୋଲି ପାତ୍ର କହିଛନ୍ତି।

### ୩୦ ନା ୩୧ ...

ଭୂତଳ ଚାପଯୁକ୍ତ ପାଇପ୍ ପ୍ରଣାଳୀରେ ଜଳସେଚନ ସୁବିଧା ଉପଲବ୍ଧ ହେଉଥିବାରୁ କେନାଲ ପାଇଁ ଜମି ଅଧିଗ୍ରହଣ କରିବାକୁ ପଡ଼ିବ ନାହିଁ ବୋଲି କୁହାଯାଇଥିଲା। ଉଦ୍‌ଘାଟନୀ ସଭାରେ ସୁକ୍‌ତେଲ ଡ୍ୟାମ ଉଚ୍ଚତା ୩୧ ମିଟର କୁହାଯାଇଥିବାରୁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଡ୍ୟାମ୍ ଉଚ୍ଚତା ୧ ମିଟର ବୃଦ୍ଧି ପାଇଥିବାରୁ ଅଧିକ ଗାଁ, ଜମି, ଜଙ୍ଗଲ ଜମି ବୁଡିବ କି ବୋଲି ପ୍ରଶ୍ନ ଉଠିଛି। ଲୋୟର ସୁକ୍‌ତେଲ ପ୍ରକଳ୍ପକୁ ନେଇ ମୂଳରୁ ବହୁ ବିଭ୍ରାନ୍ତି ଲାଗି ରହିଥିଲା। ପୂର୍ବରୁ ସରକାରୀ ସ୍ତରରେ ଏହି ଡ୍ୟାମ୍‌ର ଉଚ୍ଚତା ୩୬ ମିଟର ବୋଲି କୁହାଯାଇଥିଲା। ପରବର୍ତ୍ତୀ ସମୟରେ ଏହାର ଉଚ୍ଚତା ୩୦ ମିଟର ବୋଲି କୁହାଗଲା। ଦୀର୍ଘବର୍ଷ ଧରି ଡ୍ୟାମ୍ ଉଚ୍ଚତା ୩୦ ମିଟର କୁହାଯିବା ପରେ ପ୍ରକଳ୍ପ ଉଦ୍‌ଘାଟନୀ ସଭାରେ କିନ୍ତୁ ଏହାର ଉଚ୍ଚତା ୩୧ ମିଟର ବୋଲି କୁହାଯାଇଥିଲା। କେଉଁ କାରଣରୁ ଏହା ୩୧ ମିଟର ଉଚ୍ଚ ବୋଲି କୁହାଗଲା ଏବଂ ଡ୍ୟାମ୍ ଉଚ୍ଚତା ୧ ମିଟର ବଢ଼ିବା ପରେ ପ୍ରକଳ୍ପରେ କ'ଣ ସବୁ ପରିବର୍ତ୍ତନ ହେଲା କି ନାହିଁ ସେନେଇ ସୂଚନା ଦିଆଗଲା ନାହିଁ। ଏ ସଂକ୍ରାନ୍ତରେ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ସୁନୀଲ ରାଉତଙ୍କୁ ପଚାରିବାରୁ ସୁକ୍‌ତେଲ ଡ୍ୟାମ ଉଚ୍ଚତା ବଢ଼ିନାହିଁ, ତାହା ୩୦ ମିଟର ରହିଛି ବୋଲି କହିଛନ୍ତି। ଏହି ପ୍ରକଳ୍ପର ମାଟିବନ୍ଧ ସର୍ବାଧିକ ସ୍ତର ୨୧୦ ମିଟର ରହିଛି। ଜଳଭଣ୍ଡାରର ସର୍ବାଧିକ ଜଳସ୍ତର (ଏଫ୍‌ଆରଏଲ) ୨୦୬ ମିଟର ଏବଂ ସର୍ବନିମ୍ନ ଜଳସ୍ତର ୧୯୭ ମିଟର ରହିଛି। ଏଥିରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏଣୁ ୨୯ଟି ପ୍ରଭାବିତ ଗାଁ ବାଦ୍ କୌଣସି ଅଧିକ ଗାଁ ବୁଡିବ ନାହିଁ କି ଅଧିକ ଜମି କିମ୍ବା ଜଙ୍ଗଲ ବୁଡିବ ନାହିଁ ବୋଲି ସେ କହିଛନ୍ତି।

ମରୁଡ଼ି, ଦାଦନ, ଦାରିଦ୍ର୍ୟ ଏବଂ ଅନଗ୍ରସରତା ପାଇଁ ଚର୍ଚ୍ଚିତ ରହିଆସିଥିବା ବଲାଙ୍ଗୀର ଜିଲାରେ ବୃହତ୍ ଜଳସେଚନ ପ୍ରକଳ୍ପର ପରିକଳ୍ପନାକୁ ସବୁବେଳେ ଜୋର ଦିଆଯାଇଆସୁଥିଲା। ୧୯୭୯ରୁ ପ୍ରାରମ୍ଭିକ ସର୍ଭେ ହୋଇଥିବା କୁହାଯାଇଥିଲେ ମଧ୍ୟ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପକୁ ୧୯୯୭ରେ କେନ୍ଦ୍ରୀୟ ଜଳ ଆୟୋଗ ମଞ୍ଜୁରୀ ମିଳିଥିଲା। ୧୯୯୮ରେ ପ୍ରକଳ୍ପର ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ଏବଂ ୧୯୯୯ରେ ପ୍ରଶାସନିକ ମଞ୍ଜୁରୀ ମିଳିଥିଲା। ୧୯୯୪ ମସିହା ମୂଲ୍ୟାଙ୍କରେ ପ୍ରକଳ୍ପର ମୂଳ ବ୍ୟୟ ଅଟକଳ ୨୧୭.୧୩ କୋଟି ଟଙ୍କା ରହିଥିଲା। ୨୦୦୧ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପ ଶିଳାନ୍ୟାସ କରିଥିଲେ ଏବଂ ୨୦୦୫ରେ ତତ୍କାଳୀନ ଲୋଇସିଂହା ବିଧାୟକ ନରସିଂହ ମିଶ୍ର ସ୍ପିଲ୍‌ୱେର ଶିଳାନ୍ୟାସ କରିଥିଲେ। ତେବେ ବିସ୍ଥାପିତଙ୍କ ତୀବ୍ର ଆନ୍ଦୋଳନ ଓ ପ୍ରତିରୋଧ ଯୋଗୁ ବହୁବର୍ଷ ଧରି ପ୍ରକଳ୍ପ କାମ ବନ୍ଦ ରହିଥିଲା।

### ନ୍ୟାଟ୍‌ଜିଓରେ ଆଜି ପ୍ରସାରିତ ହେବ ଲୋୟର ସୁକତେଲ କାହାଣୀ




**ଭୁବନେଶ୍ୱର, ୫।୧(ଅସମାପିକା ସାହୁ):** ଲୋୟର ସୁକତେଲ ଡ୍ୟାମ୍ କାହାଣୀ ଶନିବାର ସନ୍ଧ୍ୟା ୭ଟାରେ ନ୍ୟାଶନାଲ ଜିଓଗ୍ରାଫିକ୍ ଚ୍ୟାନେଲରେ ପ୍ରସାରିତ ହେବ। ବଲାଙ୍ଗୀର ଜିଲାରେ ଜଳସେଚନ ଓ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ରୂପାନ୍ତରଣ ପ୍ରକଳ୍ପ ହେଉଛି ଲୋୟର ସୁକତେଲ ଡ୍ୟାମ୍। ଓଡ଼ିଶାର ବିକାଶଧାରାରେ ସାମିଲ ହୋଇଥିବା ଲୋୟର ସୁକତେଲ ଡ୍ୟାମ୍ କିଭଳି ତିଆରି ହୋଇଥିଲା, ଏହି ବୃହତ୍ ପ୍ରକଳ୍ପ କିପରି ବଲାଙ୍ଗୀର ଓ ସୋନପୁର ଜିଲାର ଜୀବନରେଖା ପାଲଟିଛି, କୃଷି ଓ କୃଷକଙ୍କ ପାଇଁ ନିଆଯାଇଥିବା ଏହି ଐତିହାସିକ ପଦକ୍ଷେପ ନ୍ୟାଟ୍‌ଜିଓର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ସୁପରଷ୍ଟ୍ରକ୍ଚର' ମାଧ୍ୟମରେ ସାରା ବିଶ୍ୱ ଦେଖିବ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ସୂଚନାଯୋଗ୍ୟ, ଗତ ୩ ତାରିଖରେ ମୁଖ୍ୟମନ୍ତ୍ରୀ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ଲୋକାର୍ପଣ କରିଥିଲେ। ଏହାଦ୍ୱାରା ବଲାଙ୍ଗୀର ଓ ସୋନପୁର ଦୁଇ ଜିଲାର ୨୦୩ଟି ଗାଁର ୧ଲକ୍ଷ ଏକର ଜମିକୁ ପାଣି ମିଳିବ। ୭୦ହଜାରରୁ ଅଧିକ ଲୋକ ପିଇବା ପାଣି ସୁବିଧା ପାଇବେ।

### ଶିକ୍ଷାନୁଷ୍ଠାନ ବଦଳାଇପାରିବେ ...

ବଦଳି ପାଇଁ ଆବେଦନ କରିପାରିବେ। ତେବେ ଏସବୁର ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ। ଏହି ଆବେଦନ ପ୍ରକ୍ରିୟା ୧୨ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ୧୩ ତାରିଖ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଯେଉଁ ଉଚ୍ଚ ମାଧ୍ୟମିକ ସ୍କୁଲ ଛାଡ଼ିବେ ସେଠାରେ ଯାଞ୍ଚ ହେବ। ପରେ ଜିଲା ନୋଡାଲ ସାମ୍ବ ରିସୋର୍ସ ସେଣ୍ଟରରେ ୧୭ ତାରିଖ ପର୍ଯ୍ୟନ୍ତ ଡକ୍ୟୁମେଣ୍ଟ ଯାଞ୍ଚ ହେବ। ୧୬ରୁ ୨୨ ତାରିଖ ମଧ୍ୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରେ ଆବେଦନ ରିଭ୍ୟୁ ଓ ଆପ୍ରୁଭାଲ ହେବ। ଅନୁମତି ପାଇଥିବା ଛାତ୍ରୀଛାତ୍ର ୧୭ରୁ ୨୭ତାରିଖ ମଧ୍ୟରେ ନୂଆ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁଡୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦଳ ବିରୋଧୀ କାର୍ଯ୍ୟ ପାଇଁ ପ୍ରମୋଦ ରଥ ବିଜେଡିରୁ ବହିଷ୍କୃତ

**ସମ୍ବଲପୁର,୫ା୧ (ଭବାନୀ ଶଙ୍କର ଭୋଇ)**

### ଆଗାମୀ ରଣନୀତି ସମ୍ପର୍କରେ ଖୁବ୍‌ଶୀଘ୍ର ଜଣାଇବି: ପ୍ରମୋଦ



ପ୍ରମୋଦ ରଥ

ସମ୍ବଲପୁର ଜିଲା ବିଜେଡି ଉପଦେଷ୍ଟା ପ୍ରମୋଦ ରଥଙ୍କୁ ଶୁକ୍ରବାର ଦଳରୁ ବହିଷ୍କୃତ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କ ବିରୋଧରେ ଏଭଳି ପଦକ୍ଷେପ ନିଆଯାଇଥିବା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସୂଚନା ଦେଇଛନ୍ତି। ପୂର୍ବରୁ ଗୁରୁବାର ସମ୍ବଲପୁରର ଏକ ହୋଟେଲରେ ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ବିଜେଡି ସାଙ୍ଗଠନିକ ସମ୍ପାଦକ ଦାସ, ଜିଲା ବିଜେଡି ସଭାପତି ରୋହିତ ପୂଜାରୀ, ସମ୍ବଲପୁର ସଂସଦୀୟ କ୍ଷେତ୍ର ବିଜେଡି ପର୍ଯ୍ୟବେକ୍ଷକ ସାଂସଦ ମାନସ ରଞ୍ଜନ ମଙ୍ଗରାଜ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ଜିଲାର ସାଙ୍ଗଠନିକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ଶୁକ୍ରବାର ସକାଳେ ବିଜେଡି ଜିଲା ଉପଦେଷ୍ଟା ପ୍ରମୋଦ ରଥଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଦଳରୁ ବହିଷ୍କାର କରାଯାଇଛି। ରଥ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ବିଜେଡି ଜିଲା ସଭାପତି ରହିଥିବା ବେଳେ ୫ଥର ସମ୍ବଲପୁର ଜିଲା ଓକିଲ ସଂଘର ସଭାପତି ଥିଲେ।

ସୂଚନାକ୍ରମେ ଶୁକ୍ରବାର ପୂର୍ବାହ୍ନରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବି ନେଇ ରଥ ମହାନଦୀ କ୍ଲବଠାରେ ଏକ ଖବରଦାତା ସମ୍ମିଳନୀ କରି କେନ୍ଦ୍ର ସରକାରଙ୍କ ନିକଟକୁ ରାଜ୍ୟ ସରକାର ଆଜିପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ପଠାଇ ନ ଥିବା ଅଭିଯୋଗ କରିଥିଲେ। ଏହାସହ ହାଇକୋର୍ଟଙ୍କ ମତାମତ ନେଇ ରାଜ୍ୟ ସରକାର କେବେ ବି ଚେଷ୍ଟା କରି ନ ଥିବା କହିଥିଲେ। ପୁଣି ସମ୍ବଲପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ଆନ୍ଦୋଳନ କରୁଥିବା କେତେଜଣ ନିର୍ଦ୍ଦୋଷ ଓକିଲଙ୍କୁ ଅକଥନୀୟ ଅତ୍ୟାଚାର କରାଯାଇଥିବା ଅଭିଯୋଗ କରିଥିଲେ। ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ ରାଜ୍ୟ ସରକାର ଜଷ୍ଟିସ ପାଲ କମିଟି ଗଠନ କରିଥିବାବେଳେ ଆଜି ପର୍ଯ୍ୟନ୍ତ ତା'ର ରିପୋର୍ଟ ସାର୍ବଜନୀନ କରାଯାଇ ନ ଥିବା ନେଇ ଖବରଦାତା ସମ୍ମିଳନୀରେ କହିଥିଲେ। ଏହାସହ ବାହାର ଜିଲାରୁ ଆସି ସମ୍ବଲପୁରରେ ରାଜନୀତି କରୁଥିବା ନେତା ଓ ଓକିଲମାନେ ଜେଲ ଯିବା ସମୟରେ କାହିଁକି ମୁହଁ ଖୋଲି ନ ଥିଲେ ବୋଲି ପ୍ରଶ୍ନ କରିଥିଲେ। ଖବରଦାତା ସମ୍ମିଳନୀ ସମୟରେ ତାଙ୍କୁ ଦଳରୁ ବହିଷ୍କାର ନୋଟିସ ଦିଆଯାଇଥିବା ସୂଚନା ମିଳିଥିଲା। ହେଲେ ଏ ସମ୍ପର୍କରେ ତାଙ୍କ ପାଖକୁ ଦଳ ପକ୍ଷରୁ କୌଣସି ସୂଚନା ଆସି ନ ଥିବାବେଳେ ଗଣମାଧ୍ୟମରୁ ଜାଣିବାକୁ ପାଇଛନ୍ତି ବୋଲି ରଥ ନିଜ ପ୍ରତିକ୍ରିୟାରେ କହିଛନ୍ତି। ସେ ଆହୁରି କହିଛନ୍ତି, ସମ୍ବଲପୁରବାସୀଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା ଯଦି ଦଳ ବିରୋଧୀ କାର୍ଯ୍ୟ ତା'ହେଲେ ସେ ଏଭଳି କାର୍ଯ୍ୟରେ ବାରମ୍ବାର ଜଡ଼ିତ ରହିବେ। ତେବେ ବିଜେଡି ପକ୍ଷରୁ ବହିଷ୍କାର କରାଯିବା ପରେ ତାଙ୍କର ଆଗାମୀ ରଣନୀତି ସମ୍ପର୍କରେ ଖୁବ୍‌ଶୀଘ୍ର ଜଣାଇବେ ବୋଲି କହିବା ସହ ଅନ୍ୟ କେଉଁ ଦଳରେ ଯୋଗଦେବେ କି ନାହିଁ ସେ ବିଷୟରେ କିଛି ସ୍ପଷ୍ଟ ନ କରି ଲୋକଙ୍କ ଦାବିଗୁଡ଼ିକୁ ପ୍ରଭାବଶାଳୀ ଢଙ୍ଗରେ ଉଠାଇବେ ବୋଲି କହିଛନ୍ତି।


## ଜନ୍ମଦିନ ଶୁଭେଚ୍ଛା



ହିମାଂଶୁ ଶେଖର (ଗୁଡୁ)

ଜନ୍ମଦିନରେ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ଶୁଭେଚ୍ଛା ସହ: ବାବା, ମା, ଭାଇ, ବନ୍ଧୁ ଓ ପରିବାରବର୍ଗ।
ଧ-୨୧୯୧


# ବିଜେଡିର କାର୍ଯ୍ୟ, ଭାଜପାର ଭରସା ପଡ଼ୋଶୀ ହାୱା

**ମାଲକାନଗିରି,୫ା୧ (ନୃସିଂହ ଚରଣ ମହାନ୍ତି)**

### ମାଲକାନଗିରି ବିଧାନସଭା ନିର୍ବାଚନମଣ୍ଡଳୀ



ମାଲକାନଗିରି ଜିଲା ଛତିଶଗଡ଼କୁ ଲାଗିଛି। ନିକଟରେ ଶେଷ ହୋଇଥିବା ଛତିଶଗଡ଼ ବିଧାନସଭା ନିର୍ବାଚନରେ ଭାଜପା ସଫଳତା ହାସଲ କରିବା ସହ ସରକାର ଗଠନ କରିପାରିଛି। ଆଉ କିଛି ମାସ ପରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ମାଲକାନଗିରି ବିଧାନସଭା ନିର୍ବାଚନମଣ୍ଡଳୀ ଉପରେ ତାହାର ପ୍ରଭାବ ପଡ଼ିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ଯେହେତୁ ୨୦୧୯ରେ ଭାଜପା ପ୍ରାର୍ଥୀ ଆଦିତ୍ୟ ମାଢ଼ି ବିଜୟୀ ହୋଇଥିଲେ ଓ ଏବେ ଛତିଶଗଡ଼ ପ୍ରଭାବ ପଡ଼ିବାର ସମ୍ଭାବନା ଅଛି ବୋଲି କୁହାଯାଉଛି, ସେହେତୁ ଶାସକ ଦଳ ପାଇଁ ଆସନ୍ତା ନିର୍ବାଚନ ଆହ୍ୱାନପୂର୍ଣ୍ଣ ବୋଲି ଆଲୋଚନା ହେଉଛି। କିନ୍ତୁ ଗତ ସାଧାରଣ ନିର୍ବାଚନ ପରେ ରାଜ୍ୟରେ ହୋଇଥିବା ପଞ୍ଚାୟତ ଓ ମ୍ୟୁନିସିପାଲିଟି ନିର୍ବାଚନରେ ବିଜେଡି ଉତ୍ତମ ପ୍ରଦର୍ଶନ କରିଥିବାରୁ ଶାସକ ଦଳ ଠିକଣା ସମୟରେ ଆକ୍ରମଣାତ୍ମକ ପ୍ରଚାର ଚଳାଇ ଭାଜପାକୁ କଡ଼ା ଜବାବ ଦେଇପାରେ ବୋଲି ମଧ୍ୟ ଚର୍ଚ୍ଚା ହେଲାଣି। ୨୦୦୪ରେ ଶେଷ ଥର ପାଇଁ କଂଗ୍ରେସ ଏହି ନିର୍ବାଚନମଣ୍ଡଳୀ ଅକ୍ତିଆର କରିଥିଲା। ତେଣୁ ଦୀର୍ଘ ଦୁଇ ଦଶନ୍ଧି ପରେ ବିଜେଡି ଓ ଭାଜପାକୁ ଏହା କିଭଳି ମୁକାବିଲା କରିବ, ତାହାକୁ ନେଇ ଦଳୀୟ ନେତା ଓ କର୍ମୀ ବୈଠକ କରି ଆଲୋଚନା କରୁଥିବା ଶୁଣିବାକୁ ମିଳୁଛି।

ଜିଲାରେ ଏବେ ବିଜେଡି, ଭାଜପା ଓ କଂଗ୍ରେସ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ହାତେଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରୁଥିବା ଦେଖିବାକୁ ମିଳୁଛି। ପୁଣି ଦଳ ଭିତରେ ଏକାଧିକ ଆଶାୟୀ ଥିବାରୁ ସେମାନେ ନିଜ ସମର୍ଥକଙ୍କୁ ନେଇ ଟିକେଟ ପାଇବା ପାଇଁ ଲବି ଚଳାଇଛନ୍ତି। ତିନି ଦଳ ଭିତରୁ ବିଜେଡିରେ ଅଧିକ ଆଶାୟୀ। ସେମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ମାନସ ମାଡକାମି, ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା, କାର୍ଯ୍ୟରତ ଅତିରିକ୍ତ ତହସିଲଦାର ଜଗଦୀଶ କାର୍ତ୍ତାମି, କୋରୁକୋଣ୍ଡା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଗୌରୀ କବାସୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ନାୟକ, ଜିଲା ପରିଷଦ ସଭ୍ୟ ମୁକା ମାଡକାମିଙ୍କ ନାମ ଚର୍ଚ୍ଚାରେ ରହିଛି। ସେହିପରି ଭାଜପାରେ ମଧ୍ୟ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବର୍ତ୍ତମାନର ବିଧାୟକ ଆଦିତ୍ୟ ମାଢ଼ି, ଭାଜପା ଜିଲା ସାଧାରଣ ସମ୍ପାଦକ ଗଙ୍ଗା ସୋଡ଼ି, ଟିଗଲର ପୂର୍ବତନ ସରପଞ୍ଚ ବଜା ମାଡକାମି, ଏସ୍‌ଟି ମୋର୍ଚ୍ଚା ସାଧାରଣ ସମ୍ପାଦକ ନରସିଂହ ମାଡକାମି, ପଡ଼ିଆ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବା ପଡିଆମିଙ୍କ ନାମ ଚର୍ଚ୍ଚାରେ ରହିଛି। ତେବେ କଂଗ୍ରେସ ପକ୍ଷରୁ ଲଗାତର ମାଲା ମାଢ଼ି ପ୍ରାର୍ଥୀ ହୋଇଆସୁଥିବାରୁ ସେ ତୃତୀୟ ଥର ପାଇଁ ଆଗାମୀ ନିର୍ବାଚନ ଲଢ଼ିବେ ବୋଲି ସମର୍ଥକମାନେ କହୁଛନ୍ତି। ଏହି ଦଳରେ ଅନ୍ୟ ଆଶାୟୀ ଥିବା ନେଇ ଏଯାଏ ନାମ ଚର୍ଚ୍ଚାକୁ ଆସି ନାହିଁ।

ଗତ ବିଧାନସଭା ନିର୍ବାଚନରେ ବିଜେଡି ତୃତୀୟ ସ୍ଥାନରେ ରହିଥିଲା। ଦଳ ସେତେବେଳେ ବିଧାୟକ ଥିବା ମାନସ ମାଡକାମିଙ୍କୁ ବାଦ୍ ଦେଇ ପୂର୍ବତନ ବିଜେଡି ବିଧାୟକ ମୁକୁନ୍ଦ ସୋଡ଼ିଙ୍କ ଉପରେ ଭରସା କରିଥିବା ବେଳେ ତାଙ୍କୁ ଭାଜପା ପ୍ରାର୍ଥୀ ଆଦିତ୍ୟ ମାଢ଼ି ପରାଜିତ କରି ବିଧାୟକ ହୋଇଥିଲେ। ମୁକୁନ୍ଦ ସୋଡ଼ି ମଧ୍ୟ ଚଳିତ ଥର ଟିକେଟ ପାଇବା ଆଶା ରଖି ତାଙ୍କର ଏକ ଗୋଷ୍ଠୀକୁ ଧରି ବିଭିନ୍ନ ଅଞ୍ଚଳ ଗସ୍ତ କରୁଛନ୍ତି। ପ୍ରତିଥର ବିଜେଡି ପ୍ରାର୍ଥୀ ବଦଳାଉଥିବାରୁ ଏଥର ଦଳ ଭିତର ନେତାଙ୍କୁ ପ୍ରାର୍ଥୀ କରିବ ନା ଅନ୍ୟ କାହାକୁ ନିର୍ବାଚନ ରଣାଙ୍ଗନକୁ ଛାଡ଼ିବ, ତାହାକୁ ନେଇ ରାଜନୈତିକ ମହଲରେ ଆଲୋଚନା ଚାଲିଛି।

କଂଗ୍ରେସ ପକ୍ଷରୁ ମାଲା ମାଢ଼ିଙ୍କୁ ପ୍ରାର୍ଥୀ କରିବା ନେଇ ସବୁଜ ସଙ୍କେତ ମିଳିସାରିଛି ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ଏମ୍‌ପି ପ୍ରଦୀପ ମାଝି କଂଗ୍ରେସ ଛାଡ଼ି ଶାସକ ଦଳରେ ଯୋଗଦେଇଥିବା ବିଷୟ ସମସ୍ତଙ୍କୁ ଜଣା। ସେ ତାଙ୍କର ବହୁ ସମର୍ଥକଙ୍କ ସହ ବିଜେଡିରେ ଯୋଗଦେଇଥିଲେ ମଧ୍ୟ ତାହା କଂଗ୍ରେସ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି କଂଗ୍ରେସ ଜିଲା ସଭାପତି ଗୋବିନ୍ଦ ପାତ୍ର ମତ ଦେଇଛନ୍ତି। ଅନ୍ୟପକ୍ଷରେ ଗତ ପଞ୍ଚାୟତ ନିର୍ବାଚନ ଓ ପୌର ନିର୍ବାଚନ ଜିତିବା ପରେ ବିଜେଡି ଏଥର ନିଶ୍ଚିତ ଭାବେ ବିଜୟୀ ହେବ ବୋଲି ଦଳର ବରିଷ୍ଠ ନେତାମାନେ ଆଶା ବାନ୍ଧିଛନ୍ତି। ମାଲକାନଗିରି ଜିଲା ମୁଖ୍ୟମନ୍ତ୍ରୀଙ୍କ ଫୋକସ୍‌ରେ ରହିଛି ଓ ସେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଜରିଆରେ ଜିଲାବାସୀଙ୍କ ମଙ୍ଗଳ ପାଇଁ ପଦକ୍ଷେପ ନେଉଛନ୍ତି ବୋଲି କହି ସେମାନେ ଭୋଟ ହାତେଇବାରେ ଲାଗିପଡ଼ିଛନ୍ତି। ତେବେ ନିର୍ବାଚନ ତାରିଖ ଓ ବିଭିନ୍ନ ଦଳର ପ୍ରାର୍ଥୀ ତାଲିକା ଘୋଷଣା ହୋଇ ନ ଥିବାରୁ ଆଗାମୀ ଦିନରେ ବିଜୁ ଜନତା ଦଳରେ ଗୋଷ୍ଠୀ କନ୍ଦଳ ଆଶଙ୍କାକରି ଦଳ ପକ୍ଷରୁ ଅଦ୍ୟାବଧି କୌଣସି ପ୍ରାର୍ଥୀଙ୍କ ନାମକୁ ଅଗ୍ରାଧିକାର ଦିଆଯାଇନାହିଁ। କାରଣ ବିଗତ ନିର୍ବାଚନରେ ବିଜେଡିରେ ପ୍ରମୁଖ ଦାବିଦାର ଥିବା ପ୍ରାର୍ଥୀଙ୍କୁ ଟିକେଟ ନ ମିଳିବାରୁ ଦଳ ଭିତରେ ଗୋଷ୍ଠୀ କନ୍ଦଳ ଦେଖାଦେଇଥିଲା, ଯେଉଁଥିପାଇଁ ଶାସକ ଦଳକୁ ପରାଜୟବରଣ କରିବାକୁ ପଡ଼ିଥିଲା।

ଭାଜପା ପକ୍ଷରୁ ଏହି ନିର୍ବାଚନମଣ୍ଡଳୀକୁ ପୁନଃ ଅକ୍ତିଆର କରିବା ଲାଗି ସମସ୍ତ ପ୍ରକାର ଅଭିଯାନ ଚାଲିଥିବା ଦଳ ସାଧାରଣ ସମ୍ପାଦକ ମାଣିକ ଚକ୍ରବର୍ତ୍ତୀ କହିଛନ୍ତି। ରାଜନୈତିକ ବିଶେଷଜ୍ଞ ତଥା ଅବସରପ୍ରାପ୍ତ ଅଧ୍ୟାପକ ସରୋଜ ଦାସ କହିଛନ୍ତି, ସୀମାନ୍ତ ଛତିଶଗଡ଼ରେ ଭାଜପା ସରକାର ଗଠନ କରିଥିବାରୁ ତା'ର ପ୍ରଭାବ କିଛିଟା ମାଲକାନଗିରି ନିର୍ବାଚନମଣ୍ଡଳୀରେ ପଡ଼ିପାରେ।

ବିଜେଡି ଜିଲା ଯୁବ ସଭାପତି ଆଡମା ରାବା କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଆମେ ପଞ୍ଚାୟତ ନିର୍ବାଚନରେ ବିଜୟୀ ହୋଇଛୁ। ଆଶା କରୁଛୁ ଆଗାମୀ ଦିନରେ ମଧ୍ୟ ସେହିଭଳି ବିଜୟ ଲାଭ କରିବୁ। ତେବେ ପଡ଼ୋଶୀ ରାଜ୍ୟ ଭାଜପା ହାତେଇଥିବାରୁ ଏହାର ପ୍ରଭାବ କିଛିଟା ପଡ଼ିପାରେ, ତଥାପି ବିଜେଡି ଜିତିବା ବହୁ ଆଶା ରହିଛି ବୋଲି ସେ କହିଛନ୍ତି।

# ବନ୍ଧୁମିଳନରେ ନେତୃତ୍ୱ ପରିବର୍ତ୍ତନର ସ୍ୱର




ବନ୍ଧୁମିଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଆସିକା,୫ା୧ (ସୁରେନ୍ଦ୍ର ନାଥ ସାହୁ)**

ଗଞ୍ଜାମ ଜିଲା ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ବିରୋଧୀ ଗୋଷ୍ଠୀ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଖମ୍ବେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଥିଲା। ଏମ୍‌ପି ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦୁପଦର ସରପଞ୍ଚ ଭବାନୀଶଙ୍କର ମଲିକ (ଟୁଟୁ), ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲିକ, କଳ୍ପନା ଭୋଳ, କୈଶଲ୍ୟା ସେଠୀ, କବିସୂର୍ଯ୍ୟନଗର ବ୍ଲକ ଉପାଧ୍ୟକ୍ଷା ବୀରେନ୍ଦ୍ର ଖଟେଇ, ଏନ୍‌ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ବରିଷ୍ଠ ଯୁବନେତା ଅଜିତ କୁମାର ଚୌଧୁରୀ, ବଂଶୀଧର ନାହାକ, ଅମୂଲ୍ୟ କୁମାର ଉପାଧ୍ୟାୟଙ୍କ ସମେତ ଗ୍ରାମାଞ୍ଚଳର ବିଜେଡି କର୍ମୀ ସାମିଲ ଥିଲେ। ସମସ୍ତେ ଆଗାମୀ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀଙ୍କ ବିଜୟ ଲାଗି ଦୀପ ଜାଳିଥିଲେ। ହେଲେ ଏହି ଗୋଷ୍ଠୀ ପକ୍ଷରୁ ଆସିକା ବିଧାୟିକା ଓ ତାଙ୍କ ପୁଅଙ୍କ ବିରୋଧରେ ଦୁର୍ନୀତି ଓ ଦଳୀୟ କର୍ମୀଙ୍କୁ ଅଣଦେଖା କରୁଥିବା ନେଇ ଗୁରୁତର ଅଭିଯୋଗ କରାଯାଇଥିଲା। ଏଭଳି ସ୍ଥିତିରେ ଦଳର ହାଇକମାଣ୍ଡ ଆସିକା ବିଧାନସଭା ନିର୍ବାଚନମଣ୍ଡଳୀରୁ ଆଗାମୀ ନିର୍ବାଚନରେ ନୂଆ ପ୍ରାର୍ଥୀ ଦେବା ଲାଗି ଦାବି ଉପସ୍ଥାପନ କରାଯାଇଛି।

# କେନ୍ଦ୍ର ଦେଇଥିବା ଟଙ୍କାର ହିସାବ ଦିଅନ୍ତୁ ରାଜ୍ୟ ସରକାର:ଭାଜପା

**ଭୁବନେଶ୍ୱର(ସୁନିତ୍ ମିଶ୍ର)/ ରାଉରକେଲା (ସଙ୍ଗୀତା ଜେନା) ୫ା୧**



ମନମୋହନ ସାମଲ

୨୪ ବର୍ଷ ବିଜେଡି ଶାସନରେ ବର୍ତ୍ତମାନ ରାଜ୍ୟର ମା, ଭଉଣୀ, ଛାତ୍ରୀଛାତ୍ର, ଯୁବକ, କୃଷକ ଅସୁରକ୍ଷିତ। ଜନବିରୋଧୀ ବିଜେଡି ସରକାର ସୋସିଆଲ କ୍ରାଇମରେ ବ୍ୟସ୍ତ। ରାଜ୍ୟର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ଯୋଜନା, କେନ୍ଦ୍ରୀୟ ଅନୁଦାନ, ଟିକସ ଅଂଶ, କେନ୍ଦ୍ରୀୟ ଉଦ୍ୟୋଗମାନଙ୍କ ବ୍ୟୟବରାଦ ବାବଦରେ ଗତ ୯ ବର୍ଷରେ ୧୮ ଲକ୍ଷ ୮୩ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅନୁଦାନ ଓ ସହାୟତା ଓଡ଼ିଶାକୁ ଦେଇଛନ୍ତି। ଏହି ଟଙ୍କାକୁ ରାଜ୍ୟ ସରକାର କ'ଣ ଖର୍ଚ୍ଚ କଲେ ତା'ର ହିସାବ ଦେଉନାହାନ୍ତି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ରାଉରକେଲାଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ଆନ୍ତରିକତାର ଅଭାବ ରହିଛି। ମହିଳା ସଶକ୍ତୀକରଣ ନାମରେ ସ୍ୱୟଂ ସହାୟକ ଗୋଷ୍ଠୀକୁ କେବଳ ଭୋଟବ୍ୟାଙ୍କ ଭାବେ ବ୍ୟବହାର କରାଯାଉଛି। ଚିଟ୍‌ଫଣ୍ଡଧାରୀଙ୍କୁ ଟଙ୍କା ନ ଫେରାଇ ସେମାନଙ୍କ ସହ କେବଳ ପ୍ରତାରଣା କରାଯାଉଛି। ଖଣି, ଖାଦାନର 'ଭେଲୁଏଡିଶନ' ପରିବର୍ତ୍ତେ ହରିଲୁଟ କରାଗଲା। ରାଜ୍ୟରେ କୃଷିଭିତ୍ତିକ ଓ ପର୍ଯ୍ୟଟନ ଶିଳ୍ପର ଅଧୋଗତି କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଓଡ଼ିଶାର ସ୍ୱାଭିମାନକୁ ଭୂଲୁଣ୍ଠିତ ହେବାକୁ ଦିଆଯିବ ନାହିଁ। ରାଉରକେଲାଠାରେ ରାଜ୍ୟ ଭାଜପାର ୨ ଦିନିଆ ଚିନ୍ତନ ତଥା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ (ସଙ୍ଗଠନ) ବି.ଏଲ୍.ସନ୍ତୋଷ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ସହ ପ୍ରଭାରୀ ବିଜୟ ପାଲ୍ ସିଂହ ତୋମାର ପ୍ରମୁଖଙ୍କ ସମେତ ରାଜ୍ୟ ପଦାଧିକାରୀ ଏବଂ ବିଭିନ୍ନ ମୋର୍ଚ୍ଚାର ନେତୃବୃନ୍ଦ ଉପସ୍ଥିତ ଥିଲେ। ଆଗାମୀ ସାଧାରଣ ନିର୍ବାଚନ ଦୃଷ୍ଟିରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ 'ବିସ୍ତୃତ ଓ ସୁଦୃଢ଼ ରୋଡ୍‌ମ୍ୟାପ୍' ପ୍ରସ୍ତୁତ କରାଯାଇଛି। ୨୦୨୪ ସାଧାରଣ ନିର୍ବାଚନରେ ଭାଜପା ନିଶ୍ଚିତ ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ସରକାର ଗଠନ କରିବ ବୋଲି ମନମୋହନ କହିଛନ୍ତି।


# Classified Everyday 0674-2580101, 2549949




**SALE**

ଭୁବନେଶ୍ୱର ଟଙ୍କପାଣି ରୋଡ୍‌ରେ **readymade 2BHK flat,** ଉଉରା ଛକ ଓ ରଙ୍ଗବଜାର ପାଖରେ ପାଚେରି ଘରବାଡ଼ି ପ୍ଲଟ୍ ଓ ପୁରୀ ମଙ୍ଗଳାଘାଟ ଛକ **New Bus Stand** ପାଖରେ **29Dcml. commercial plot** ବିକ୍ରୟ ହେବ। **Only genuine buyer please call: 9438220432, 8144658008.** D-2187

**LAND with HOUSE for sale, land 15 decimal with G+1 (6 BHK) at Balasore near Chandipur Patapole, 94776 54415.** D-2178

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 3,60,000/-, ଛତାବର- 1200sqft.- 6,00,000/-. 9348232008. D-75289

ପାତ୍ରପଡ଼ା NHରୁ 400 mtr. ବ୍ରହ୍ମକୁମାରୀ ଆଶ୍ରମକୁ ଲାଗି 30ft. Road, Eelctric, Water ଥାଇ Sqft. 2600/- ରେ ପ୍ଲଟ୍ କିଣନ୍ତୁ । 7788888879, 8249034529. D-75291

**Ready to move luxurious flat for sale at Acharya Vihar. Contact- 9437307086, 7978209277.** D-2190

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Mesmerizing, energetic body, mind qualitative relaxing massage experienced therapists. 7325907905. D-67127

**Ashirvaad Salon and SPA get good massage for your health tha best therapy. 7077181074.** D-75081

Relax, refresh your body, mind by expert therapist. Contact: 8338800330. D-75181

**Relax, Refresh your body, Mind at Saikrupa Spa with best therapies. 8984068077.** D-2080

Spa Kerala body Massage best Therapist @699/- Bhubaneswar. Kajal- 9337672475. D-2130

**Asribadaa Panchakarma herbal SPA, Kesharimall, Bhubaneswar. Contact: 8926173473.** D-75091

**AFFIDAVIT**

By virtue of an affidavit sworn before the Notary Public, Cuttack dated 28.11.23, I Rani Rajsri Swain, D/o Prasanta Kumar Swain, Vill- Charigharia, P.O-Daulatabad, P.S- Choudwar, Dist.- Cuttack, Odisha, declare that I have changed my name from Sonia Begum to Rani Rajsri Swain. Henceforth, I shall be known as Rani Rajsri Swain for all purposes.
Sd/- Rani Rajsri Swain D-2186

ମୁଁ ସବିତା ବେହେରା, ୩୦ବର୍ଷ, ସ୍ୱାମୀ- ରବୀନ୍ଦ୍ର ବେହେରା, ଗ୍ରାମ- ଦରଡ଼ା ବାଙ୍କି ପୋଖରୀ, ପୋଷ୍ଟ- ପିପିଲି, ଜିଲ୍ଲା- ପୁରୀ ଘୋଷଣା କରୁଛି କି ମୋର ନାମ ଜସ୍ମିନ୍ କାଣ୍ଡି ପରିବର୍ତ୍ତେ ବିବାହ ପରେ ପିପିଲି ନୋଟାରୀ Affidavit No.- 20 ତାରିଖ ୦୩.୦୧.୨୦୨୪ ଅନୁଯାୟୀ ସବିତା ବେହେରା, ସ୍ୱାମୀ- ରବୀନ୍ଦ୍ର ବେହେରା ଘୋଷଣା କରାଗଲା। ମୋର ଆଧାର କାର୍ଡ ନଂ.- xxxxxxxx9048. ଆଜିଠାରୁ ସମସ୍ତ ସରକାରୀ ଏବଂ ବେସରକାରୀ ସ୍ତରରେ ଏହି ନାମ ବ୍ୟବହାର କରାଯିବ। ଧ-୨୧୮୩

This is to inform you all that by virtue of the adoption deed No-41132206228 dt 19.05.2022 executed before S.R.O., Khandagiri, Bhubaneswar, the name of the adopted son changed from Suvendu Padhi to Suvendu Acharya and Smt. Sujata Acharya and Janardan Acharya became the adoptive mother and father respectively. D-2189

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**Admission Open**

Post Diploma in **C.S.S.D TECHNIQUES** (Hospital Sterilization Technology)
Eligibility : +3 Science | Duration : 1 Year

Advance Diploma in **OPERATION THEATRE TECHNOLOGY** (OT Techniques)
Eligibility : +2 (Any Stream) | Duration : 2 Years

**RMTI**, PALASUNI, RASULGARH BHUBANESWAR-25
Ph: 93382 12123

Hurry up... Hurry up... Hurry up...
**B.Ed**
Only @89,000/-
IMMEDIATELY CONTACT
B.Ed COUNSELLING CENTER BHUBANESWAR
7606962458
8908210843
9124391142
8908210443

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବୈଦେଶିକ ମୁଦ୍ରାଭଣ୍ଡାରରେ ବୃଦ୍ଧି

ନୂଆଦିଲ୍ଲୀ,୫।୧ (ଅଭୟ ଦାଶ)



କ୍ରମାଗତ ଭାବେ ଭାରତର ଫରେକ୍ସ ରିଜର୍ଭ (ବୈଦେଶିକ ମୁଦ୍ରା ଭଣ୍ଡାର) ରେ ବୃଦ୍ଧି ଘଟି ଚାଲିଛି। ଏପରିକି ୨୦୨୩ ଡିସେମ୍ବର ୨୯ରେ ଶେଷ ହୋଇଥିବା ସପ୍ତାହରେ ଭାରତର ଫରେକ୍ସ ରିଜର୍ଭ ୨.୭୫୯ ବିଲିୟନ ଡଲାରକୁ ବୃଦ୍ଧି ପାଇ ମୋଟ ୬୨୩.୨ ବିଲିୟନ ଡଲାରରେ ପହଞ୍ଚିଛି। ଶୁକ୍ରବାର ଏ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି। ଏପରିକି ପୂର୍ବ ସପ୍ତାହରେ ଆର୍‌ବିଆଇର ରିପୋର୍ଟ ଅନୁଯାୟୀ ସାମଗ୍ରିକ ସଂରକ୍ଷଣ ୪.୪୭୧ ବିଲିୟନ ଡଲାର ବୃଦ୍ଧି ହୋଇ ୬୨୦.୪୪୧ ବିଲିୟନ ଡଲାରରେ ରହିଥିଲା। ସେହିଭଳି ୨୦୨୧ ଅକ୍ଟୋବରରେ ଦେଶର ଫୋରେକ୍ସ କିଟି ସର୍ବକାଳୀନ ୬୪୫ ବିଲିୟନ ଡଲାରରେ ପହଞ୍ଚିଥିଲା। ଉକ୍ତ ସପ୍ତାହରେ ସୁନା ଭଣ୍ଡାର ୮୫୩ ନିୟୁତ ଡଲାରରୁ ୪୮.୩୨୮ ବିଲିୟନ ଡଲାରରେ ରହିଛି ବୋଲି ଆର୍‌ବିଆଇ ମତବ୍ୟକ୍ତ କରିଛି। ଅପରପକ୍ଷରେ ସ୍ପେଶିଆଲ ଡ୍ରଇଂ ରାଇଟ୍ସ ୩୮ ମିଲିୟନ ଡଲାରରୁ ୧୮.୩୬୫ ବିଲିୟନ ଡଲାରରେ ପହଞ୍ଚିଛି ବୋଲି ସର୍ବୋଚ୍ଚ ବ୍ୟାଙ୍କ ବିସ୍ତୃତ ଭାବେ ଉଲ୍ଲେଖ କରିଛି। ବ୍ୟାଙ୍କର ରିପୋର୍ଟ ମୁତାବକ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ସହ ଭାରତର ରିଜର୍ଭ ସ୍ଥିତି ୨ ମିଲିୟନ ଡଲାରରୁ ୪.୮୯୨ ବିଲିୟନ ଡଲାରକୁ ହ୍ରାସ ପାଇଛି।

ସେହିପରି ୨୦୨୩ ଡିସେମ୍ବର ୨୯ରେ ଶେଷ ହୋଇଥିବା ସପ୍ତାହ ପାଇଁ ଆର୍‌ବିଆଇର ତଥ୍ୟ ଅନୁଯାୟୀ ସଂରକ୍ଷଣର ଏକ ପ୍ରମୁଖ ଉପାଦାନ ଥିବା ବିଦେଶୀ ମୁଦ୍ରା ସମ୍ପତ୍ତି ୧.୮୬୯ ବିଲିୟନ ଡଲାରରୁ ବୃଦ୍ଧି ଘଟି ୫୫୧.୬୧୫ ବିଲିୟନ ଡଲାରରେ ପହଞ୍ଚିଛି। ବିଶେଷକରି ଡଲାର ଶବ୍ଦରେ ପ୍ରକାଶିତ, ବୈଦେଶିକ ମୁଦ୍ରାଭଣ୍ଡାରରେ ରଖାଯାଇଥିବା ୟୁରୋ, ପାଉଣ୍ଡ ଏବଂ ୟେନ୍ ଭଳି ଅଣ ଆମେରିକୀୟ ୟୁନିଟ୍‌ର ମୂଲ୍ୟବୋଧ କିମ୍ବା ଅବନତିର ପ୍ରଭାବ ଅନ୍ତର୍ଭୁକ୍ତ ରହିଛି।

# ଏମ୍‌ସିଏଲ୍‌ର ବାର୍ଷିକ ଖଣି ସୁରକ୍ଷା ପକ୍ଷ

ତାଳଚେର,୫।୧ (ମନୋଜ ନନ୍ଦ)




ମହାନଦୀ କୋଲଫିଲ୍ଡସ ଲିମିଟେଡ (ଏମସିଏଲ)ରେ ବାର୍ଷିକ ଖଣି ସୁରକ୍ଷା ପକ୍ଷ-୨୦୨୪ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ଏହି ଅବସରରେ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନଙ୍କ ଦ୍ୱାରା 'ସୁରକ୍ଷା ପଦଯାତ୍ରା' ମାଧ୍ୟମରେ ସଚେତନ କରାଯାଇଥିଲା। ୨୦୨୪ ଜାନୁୟାରୀ ୫ରୁ ଜାନୁୟାରୀ ୧୮ ପର୍ଯ୍ୟନ୍ତ ଖଣି ସୁରକ୍ଷା ନିର୍ଦ୍ଦେଶାଳୟର ତତ୍ତ୍ୱାବଧାନରେ ଏହି ପକ୍ଷ ପାଳନ କରାଯିବ । ଏମସିଏଲର ମୁଖ୍ୟ ସତର୍କତା ଅଧିକାରୀ ପି.କେ ପଟେଲ, ନିର୍ଦ୍ଦେଶକ (ବୈଷୟିକ / ସଞ୍ଚାଳନ) ଜେ.କେ.ବୋରା, ନିର୍ଦ୍ଦେଶକ (ଅର୍ଥ) ଏ.କେ ବେହୁରା, ନିର୍ଦ୍ଦେଶକ (ବୈଷୟିକ/ପ୍ରକଳ୍ପ ଏବଂ ଯୋଜନା) ଏ. କେ ବାପଟ, ଖଣି ସୁରକ୍ଷା, ନିର୍ଦ୍ଦେଶକ (ଭୁବନେଶ୍ୱର ଅଞ୍ଚଳ-୨) ପି.ଆର ଠାକୁର ଏବଂ ଏରିଆ ଜେନେରାଲ ମ୍ୟାନେଜରଙ୍କ ଉପସ୍ଥିତିରେ ସୁରକ୍ଷା ପତାକା ଉତ୍ତୋଳନ କରିଥିଲେ । ଜେ.କେ ବୋରା କମ୍ପାନୀ ମୁଖ୍ୟାଳୟରେ କାର୍ଯ୍ୟରତ ଥିବା ସମସ୍ତ କର୍ମଚାରୀଙ୍କୁ ସୁରକ୍ଷା ସମ୍ପର୍କରେ ଶପଥ ପାଠ କରାଇଥିଲେ । ଜନ ସଚେତନତା ସୃଷ୍ଟି କରିବା ପାଇଁ 'ସୁରକ୍ଷା ରଥ' ଶୁଭାରମ୍ଭ କରାଯାଇଥିଲା । ଖଣି ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିବା ପାଇଁ ଏମସିଏଲର ସମସ୍ତ ଖଣି କ୍ଷେତ୍ରରେ ସମାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପଟେଲ ତାଙ୍କ ଅଭିଭାଷଣରେ ସୁରକ୍ଷାକୁ ସର୍ବୋତମ ପ୍ରାଥମିକତା ଭାବେ ଗୁରୁତ୍ୱାରୋପ କରିବା ସହ କୋଇଲାଖଣି ମଧ୍ୟରେ ପ୍ରତିଦିନ ସୁରକ୍ଷା ଅଭ୍ୟାସକୁ ବିକଶିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ ଅଖିଳ ଭାରତୀୟ ଖଣି ସୁରକ୍ଷା ପ୍ରତିଯୋଗିତା-୨୦୨୩ରେ ବିଜୟୀ ହୋଇଥିବା ଏମସିଏଲ ରେସକ୍ୟୁ ଦଳକୁ ସମ୍ମାନିତ କରାଯାଇଥିଲା। ପରିଶେଷରେ କୋଇଲା ଖଣିଗୁଡ଼ିକରେ ସୁରକ୍ଷା ସଚେତନତାର ମହତ୍ତ୍ୱକୁ ଦର୍ଶାଉଥିବା ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା । ବାର୍ଷିକ ଖଣି ସୁରକ୍ଷା ସପ୍ତାହ ସମାରୋହର ଏକ ଅଂଶବିଶେଷ ଭାବରେ କମ୍ପାନୀର ସମସ୍ତ କ୍ଷେତ୍ରରେ ଏହିପରି ବିଭିନ୍ନ କାର୍ଯ୍ୟକଳାପ ଏବଂ ପ୍ରତିଯୋଗିତାମାନ ଆୟୋଜିତ ହେଉଛି ।

# ସ୍କୋଡା ଅଟୋ ଇଣ୍ଡିଆର ନୂଆ ମାଇଲଖୁଣ୍ଟ

ନୂଆଦିଲ୍ଲୀ,୫।୧

ŠKODA

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ସ୍କୋଡା ଅଟୋ ଇଣ୍ଡିଆ ଚଳିତ ବର୍ଷ (୨୦୨୩-ବର୍ଷ)ରେ ଉଲ୍ଲେଖନୀୟ ସଫଳତା ହାସଲ ସହ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଗତ ୨ ବର୍ଷ ମଧ୍ୟରେ ବ୍ରାଣ୍ଡ୍ ୧ଲକ୍ଷରୁ ଅଧିକ କାର୍ ବିକ୍ରି କରିବାର ଏକ ନୂତନ ରେକର୍ଡ କରିଛି। ବିଶେଷକରି କମ୍ପାନୀର ଭାରତ-କେନ୍ଦ୍ରିକ ଉତ୍ପାଦ ରଣନୀତିରେ ଏହା ଏକ ଦୃଢ ପ୍ରମାଣ ହୋଇଥିବାବେଳେ ଗ୍ରାହକ ଚାହିଦା ଅନୁଯାୟୀ ମଡେଲଗୁଡିକୁ ବଜାର ପ୍ରବେଶ କରାଇ କମ୍ପାନୀ ସଫଳତା ପାଇଛି, ଯେଉଁଥିରେ ଭାରତୀୟ ବଜାର ପାଇଁ ନିର୍ମିତ କୁଶାକ ଏବଂ ସ୍ଲାଭିଆ ଭଳି ଦୁଇଟି ବିଶ୍ୱସ୍ତରୀୟ ମଡେଲର ଶୁଭାରମ୍ଭ ଓ ବଜାର ପ୍ରବେଶ ହୋଇଛି। ଏହି ସଂଖ୍ୟା ହାସଲ କରିବାରେ ଉକ୍ତ ମଡେଲ ୨ଟି ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହା ପୂର୍ବରୁ କମ୍ପାନୀକୁ ଉକ୍ତ ସଫଳତା ପାଇଁ ୬ ବର୍ଷରୁ ଅଧିକ ସମୟ ଲାଗିଥିଲା। ସେହିଭଳି ସ୍କୋଡା କୁଶାକ ଏବଂ ସ୍ଲାଭିଆର ୨ଟି ବଡ ଆରମ୍ଭ ପରେ ୨୦୨୨ ରେ ସ୍କୋଡା ଅଟୋ ଇଣ୍ଡିଆ ପାଇଁ ଏହା ଏକ ଉଲ୍ଲେଖନୀୟ ରେକର୍ଡ ବର୍ଷ ଥିଲା। ୨୦୨୩ରେ ଯୋଗାଣ ସମସ୍ୟା ଏବଂ ଆନୁଷଙ୍ଗିକ ପ୍ରତିବନ୍ଧକ ଦ୍ୱାରା ବିକ୍ରି ହାର ସାମାନ୍ୟ ବାଧାପ୍ରାପ୍ତ ହୋଇଥିଲାବେଳେ ସମ୍ପୂର୍ଣ୍ଣ ପୁନରୁଦ୍ଧାର ଦିଗରେ କାର୍ଯ୍ୟ କରୁଥିବା ସ୍କୋଡା ୨୦୨୩ ଜାନୁଆରୀ ୧ରୁ ଡିସେମ୍ବର ୩୧ ମଧ୍ୟରେ ମୋଟ ୪୮,୭୫୫ ୟୁନିଟ୍ ବିକ୍ରି ହାସଲ କରିଥିଲା । ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ପେଟର ଜାନେବା କହିଥିଲେ, ୨୦୨୨ର ରେକର୍ଡ ସଂଖ୍ୟକ କାରବାର ପରେ ୨୦୨୩ ପର୍ଯ୍ୟନ୍ତ ଆମର ବିକ୍ରି ହାର ବୃଦ୍ଧି ବଜାୟ ରଖିବା ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା।

# ୟୁପିଆଇ ଦେୟରେ ଲାଗୁହେବ ଅତିରିକ୍ତ ଶୁଳ୍କ

ଭୁବନେଶ୍ୱର(ଅନୁରାଧା ମହାରଣା),୫।୧




ଖୁବ୍ ଶୀଘ୍ର ଦେଶରେ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ଦେୟ ଉପରେ ଅତିରିକ୍ତ ଶୁଳ୍କ ଲାଗୁ କରାଯାଇପାରେ। ଯଦିଓ ସମସ୍ତଙ୍କୁ ଏହି ଫି ଦେବାକୁ ପଡିବ ନାହିଁ ମାତ୍ର ନିର୍ଦ୍ଦିଷ୍ଟ କିଛି କ୍ଷେତ୍ରରେ ଉକ୍ତ ଫି ଲାଗୁ କରିବାକୁ ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଯୋଜନା କରୁଛି। ଏନ୍‌ପିସିଆଇ ମୁଖ୍ୟ ଦିଲୀପ ଆସବେ କହିଛନ୍ତି , ଆସନ୍ତା ୩ ବର୍ଷ ମଧ୍ୟରେ ବୃହତ୍ ବ୍ୟବସାୟୀଙ୍କୁ ୟୁପିଆଇ ଭିତ୍ତିକ ଦେୟ ପାଇଁ ଯୁକ୍ତିଯୁକ୍ତ ଶୁଳ୍କ ଦେବାକୁ ପଡିବ। ଏନ୍‌ପିସିଆଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଏବଂ ପରିଚାଳନା ନିର୍ଦ୍ଦେଶକ ଏକ କାର୍ଯ୍ୟକ୍ରମରେ କହିଛନ୍ତି , ବର୍ତ୍ତମାନ ନଗଦ ଅର୍ଥ ପାଇଁ ଏକ ବ୍ୟାବହାରିକ ଦେୟ ବିକଳ୍ପ ଯୋଗାଇବା ଏବଂ ୟୁପିଆଇର ଗ୍ରହଣୀୟତା ବୃଦ୍ଧି ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦିଆଯାଇଛି। ତେବେ ଭବିଷ୍ୟତରେ ଅଧିକ ଲୋକଙ୍କୁ ପରିବେଶ ସହ ଯୋଡିହେବା ଏବଂ 'କ୍ୟାଶ୍‌ବ୍ୟାକ୍' ଭଳି ପ୍ରୋତ୍ସାହନ ପାଇଁ ଅଧିକ ଅର୍ଥ ଆବଶ୍ୟକ ହେବ ବୋଲି ସେ କହିଛନ୍ତି। ସେ କହିଛନ୍ତି, ଏହି ସିଷ୍ଟମ ସହ ଆଉ ୫୦ କୋଟି ଲୋକଙ୍କୁ ସଂଯୋଗ କରିବାର ଆବଶ୍ୟକତା ରହିଛି। ବମ୍ବେ ଚାର୍ଟର୍ଡ ଆକାଉଣ୍ଟାଣ୍ଟ ସୋସାଇଟି କାର୍ଯ୍ୟକ୍ରମରେ ଏନ୍‌ପିସି ମୁଖ୍ୟ କହିଛନ୍ତି , ଦୀର୍ଘକାଳୀନ ଦୃଷ୍ଟିକୋଣରୁ ଏକ ଯୁକ୍ତିଯୁକ୍ତ ଶୁଳ୍କ ଲାଗୁ କରାଯିବ। ଏହି ଦେୟ ଛୋଟ ବ୍ୟବସାୟୀଙ୍କଠାରୁ ନୁହେଁ ବରଂ ବଡ ବ୍ୟବସାୟୀଙ୍କଠାରୁ ଆଦାୟ କରାଯିବ। ଅନ୍ୟପଟେ ୟୁପିଆଇ ଉପରେ ଦେୟ ଏକ ବିବାଦୀୟ ପ୍ରସଙ୍ଗ ହୋଇଛି। ଏଭଳି ଚାର୍ଜ ଲାଗୁ ନ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି। ଡିଜିଟାଲାଇଜେଶନ ଲକ୍ଷ୍ୟ ଅନୁଯାୟୀ ଏହା ଆଗକୁ ବଢ଼ିବାରେ ସାହାଯ୍ୟ କରିଛି। ଏହା ସହ ଆସିବେ ସାଇବର ସୁରକ୍ଷା ଏବଂ ସୂଚନା ସୁରକ୍ଷା ପାଇଁ ବ୍ୟୟକୁ ବର୍ତ୍ତମାନର ୧୦ ପ୍ରତିଶତରୁ ୨୫ ପ୍ରତିଶତକୁ ବ୍ୟାଙ୍କର ଆଇଟି (ସୂଚନା ପ୍ରଯୁକ୍ତିବିଦ୍ୟା) ବଜେଟରେ ବୃଦ୍ଧି କରିବା ବିଷୟରେ ମଧ୍ୟ ଆଲୋଚନା କରିଛନ୍ତି।

# ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ,୫।୧:** କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୩୭ (୧୩୭.୧୦) ପଏଣ୍ଟ ବଢି ୭୨,୦୨୬ (୭୨,୦୨୬.୧୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୫୨ (୫୨.୨୦) ପଏଣ୍ଟ ବୃଦ୍ଧି ଘଟି ୨୧,୭୧୧ (୨୧,୭୧୦.୮୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ବୃଦ୍ଧି ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**

ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ, ୧/୧ଡି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
ଫୋନ୍: ୦୬୭୪-୨୩୬୨୨୪୯

**ଗାଡି ନିଲାମ ବିକ୍ରୟ**

| ଶାଖାର ନାମ | ଋଣଗ୍ରହୀତାଙ୍କ ନାମ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ଆଇଆଇଟି ଅରଗୁଳ ଶାଖା | ଶ୍ରୀମତୀ ମନୋରମା ରାଉତରାୟ | MARUTI SUZUKI WAGON R VXI<br>ପଞ୍ଜିକୃତ ନଂ.: OD-02-AM-3634<br>ନିର୍ମାଣ ବର୍ଷ: 2017 | ଟ.୩,୧୭,୬୭୫/- / ୫,୦୦୦/- |

ନିଲାମ ତାରିଖ: ୨୫.୦୧.୨୦୨୪ ପୂର୍ବାହ୍ନ ୧୧.୩୦ ଘଣ୍ଟିକାରୁ ଅପରାହ୍ନ ୧୨.୩୦ ଘଣ୍ଟିକା, ନିଲାମ ସ୍ଥାନ: ମେସର୍ସ ସିଟି ଇନଭେଷ୍ଟିଗେସନ୍ ଆଣ୍ଡ୍ ଡିଟେକ୍ଟିଭ, ସନ୍ତୋଷୀ ମା ମନ୍ଦିର ପଛପାର୍ଶ୍ୱ, ପାତ୍ରପଡା, ଭୁବନେଶ୍ୱର, ଯୋଗାଯୋଗ: ୮୯୦୫୮୦୨୯୩୬

ପାର୍କି ୟାର୍ଡ ଠିକଣା: ମେସର୍ସ ସିଟି ଇନଭେଷ୍ଟିଗେସନ୍, ଆଣ୍ଡ୍ ଡିଟେକ୍ଟିଭ, ସନ୍ତୋଷୀ ମା ମନ୍ଦିର ପଛପାର୍ଶ୍ୱ, ପାତ୍ରପଡା, ଭୁବନେଶ୍ୱର

ନିୟମ ଏବଂ ସର୍ତ୍ତାବଳୀ: ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପ୍ରାକ୍ ଅନୁମତି ପାଇବା ପରେ ଇଚ୍ଛୁକ ନିଲାମଧାରୀମାନେ ଉପରଦର୍ଶିତ ପାର୍କିଂ ୟାର୍ଡରେ ଗାଡ଼ିର ଯାଞ୍ଚ କରିପାରିବେ। ନିଲାମଧାରୀମାନଙ୍କୁ ଜଣାଇ ଦିଆଯାଉଛି କି ସେମାନେ ନିଲାମ ସ୍ଥାନରେ ନିଶ୍ଚିତ ଭାବେ ଉପସ୍ଥିତ ରହିବେ। ସଫଳ ନିଲାମଧାରୀଙ୍କ ସପକ୍ଷରେ ନିଲାମ ସ୍ଥିର ହେଲେ ସେ ନିଲାମ ରାଶିର **୨୫%** ଅଗ୍ରିମ ରାଶି ଭାବେ ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି **ନିଲାମ ତାରିଖରୁ ୭ ଦିନ** ମଧ୍ୟରେ ଦାଖଲ କରିବେ ଅନ୍ୟଥା ସଫଳ ନିଲାମଧାରୀଙ୍କ ଦ୍ୱାରା ଜମା କରାଯାଇଥିବା ରାଶି ବାଜ୍ୟାପ୍ତି କରାଯିବ। ସଫଳ କ୍ରେତା, ମାଲିକାନା ହସ୍ତାନ୍ତରିତ ଏବଂ ବୈଧାନିକ ଦେୟ / ସମସ୍ତ ଆନୁସଙ୍ଗିକ ଦେୟ ଯଦି ଥାଏ ତାହା ବହନ କରିବେ। ଗାଡି **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଭିତ୍ତିରେ** ନିଲାମ କରାଯିବ । ବ୍ୟାଙ୍କ ଯେକୌଣସି ସମୟରେ ନିଜର ସ୍ୱତନ୍ତ୍ର କ୍ଷମତା ବଳରେ ଗାଡ଼ିର ନିଲାମ ପ୍ରକ୍ରିୟାକୁ ଗ୍ରହଣ / ରଦ୍ଦ / ବାତିଲ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି। ଅଫଲାଇନ୍ ମୋଡ୍ ମାଧ୍ୟମରେ ନିଲାମ କରାଯିବ। **ଗାଡ଼ିର ଯାଞ୍ଚ ଏବଂ ପରବର୍ତ୍ତୀ ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: ବ୍ୟାଙ୍କ ଅଫ୍ ଇଣ୍ଡିଆ- ୯୭୭୬୬୮୭୩୦୭, ୮୩୩୭୯୧୧୭୩୭, ପାର୍କିଂ ୟାର୍ଡ- ୮୯୦୮୫୦୨୯୩୬**

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୬.୦୧.୨୦୨୪

ଆଞ୍ଚଳିକ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ଇଣ୍ଡିଆ

# ବେସିକ୍ କଷ୍ଟମ୍ ଡ୍ୟୁଟିର ଦୀର୍ଘକାଳୀନ ଛାଡ଼ ପ୍ରସ୍ତାବ

ନୂଆଦିଲ୍ଲୀ,୫।୧



ଅଭ୍ୟୁଦୟ ଜିନ୍ଦଲ

ଭାରତର ସର୍ବବୃହତ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉତ୍ପାଦନକାରୀ କମ୍ପାନୀ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ୨୦୨୪-୨୫ ବଜେଟ ପୂର୍ବରୁ କଞ୍ଚାମାଲର ପ୍ରବେଶ ସୁନିଶ୍ଚିତ କରିବା ପାଇଁ ଶୁଦ୍ଧ ନିକେଲ ବ୍ୟତୀତ ଷ୍ଟେନ୍‌ଲେସ ଷ୍ଟିଲ୍ ସ୍କ୍ରାପ୍ ଏବଂ ଷ୍ଟିଲ୍ ସ୍କ୍ରାପ୍ ଉପରେ ଜିରୋ କଷ୍ଟମ ଡ୍ୟୁଟି ଜାରି କରିବାକୁ ଜେଏସ୍‌ଏଲ୍ ପ୍ରସ୍ତାବ ଦେଇଛି।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଚଳିତ ଆର୍ଥିକ ବର୍ଷ (୨୦୨୪-୨୫)ର କେନ୍ଦ୍ର ବଜେଟକୁ ଆଖି ଆଗରେ ରଖି ଆମେ ଇସ୍ପାତ ମନ୍ତ୍ରଣାଳୟକୁ ଉକ୍ତ ପ୍ରସ୍ତାବ ପଠାଇବା ସହ ମନ୍ତ୍ରଣାଳୟର ନିରନ୍ତର ସହାୟତା ପାଇଁ ଅନୁରୋଧ କରୁଛୁ। ବିଶେଷକରି ଫେରୋ ନିକେଲ୍ ଏବଂ ଫେରୋ ମଲିବଡେନମ୍ ଉପରେ ବେସିକ୍ କଷ୍ଟମ ଡ୍ୟୁଟିର ଦୀର୍ଘକାଳୀନ ରିହାତି ମିଳିଲେ ଶିଳ୍ପ ସଂସ୍ଥାନଗୁଡ଼ିକୁ ଏହି ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ ସୁଲଭ ମୂଲ୍ୟରେ ମିଳିବା ସୁନିଶ୍ଚିତ କରିହେବ। ଏହା ବ୍ୟତୀତ ଆମେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ସ୍କ୍ରାପ ଓ ଷ୍ଟିଲ୍ ସ୍କ୍ରାପ୍ ଉପରେ ବର୍ତ୍ତମାନ ଚାଲୁଥିବା ଜିରୋ କଷ୍ଟମ ଡ୍ୟୁଟିକୁ ଜାରି ରଖିବାକୁ ସୁପାରିସ କରିବୁ। ଦେଶରୁ କ୍ରୋମ ପଥର ରପ୍ତାନି ଉପରେ ୩୦% ରପ୍ତାନି ଶୁଳ୍କ ଜାରି କରିବାକୁ ଆମେ ମନ୍ତ୍ରଣାଳୟ ଅନୁରୋଧ କରୁଛୁ। ଚାଇନା ଦ୍ୱାରା ହେଉଥିବା ଡମ୍ପିଂ ଏବଂ ଚାଲୁ ମାଲ୍ ଆମଦାନୀ ବିଶେଷକରି ୨୦୦ ଗ୍ରେଡ୍ ସିରିଜ ଏକ ଜଣାଶୁଣା ଚ୍ୟାଲେଞ୍ଜ ହୋଇଥିବାବେଳେ ଏହାର ସମାଧାନ ପାଇଁ ଆମେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ପାଇଁ ସ୍ଥିର ଶୁଳ୍କ ମୂଲ୍ୟ ପ୍ରତିଷ୍ଠା ଏବଂ କମ୍ ଡ୍ୟୁଟି ନିୟମ ବିଲୋପ କରିବା ଏବଂ ସବ୍‌ସିଡି ମାର୍ଜିନ ଡମ୍ପିଂ ମାର୍ଜିନ ଉପରେ ଆଧାରକରି ଡ୍ୟୁଟି ଲାଗୁ କରିବା ପାଇଁ ବାଣିଜ୍ୟ ପ୍ରତିକାର ଆଇନର ସଂଶୋଧନ ପାଇଁ ପ୍ରସ୍ତାବ ଦେଉଛୁ। ଉକ୍ତ ପ୍ରସ୍ତାବଗୁଡିକ ଭାରତୀୟ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଶିଳ୍ପକୁ ସ୍ଥିର ଓ ସଶକ୍ତ କରିବା ଉଦ୍ଦେଶ୍ୟରେ ଅଣାଯାଇଛି, ଯାହା ପ୍ରଧାନମନ୍ତ୍ରୀ ମୋଦିଙ୍କ ଆତ୍ମନିର୍ଭର ଭାରତର ଲକ୍ଷ୍ୟ ହାସଲ କରିବାରେ ସହଯୋଗୀ ହେବ। ସେହିଭଳି ଜିନ୍ଦଲ ଷ୍ଟେନ୍‌ଲେସ୍ ନିଶ୍ଚିତ ଯେ ଏହି ପ୍ରସ୍ତାବଗୁଡ଼ିକ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଶିଳ୍ପକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ ଏବଂ ଅକ୍ଷୟ ଶକ୍ତି ପଦକ୍ଷେପ ମାଧ୍ୟମରେ କମ୍ପାନୀ ବାର୍ଷିକ ୧.୯ ବିଲିୟନ ୟୁନିଟ୍ ସ୍ୱଚ୍ଛ ଶକ୍ତି ଉତ୍ପାଦନ କରିବାକୁ ଯୋଜନା କରିଛି।

**DISTRICT URBAN DEVELOPMENT AGENCY, PURI**
**H&UD Department, Govt. of Odisha**
DUDA, PURI, E-mail: puriduda@gmail.com

No.CAD-3575:- Sealed quotations in Plain Paper (Official Letter Pad) are invited from authorized dealers/suppliers for supply of different items to be used in the Aadhaar Outlets of Puri District.

The last date of submission of quotation is dt.**11.01.2024**, Time- **3.00 PM** through Speed Post/Registered Post/Courier only.

The details can be viewed in the District website www.puri.nic.in from **04.01.2024** onwards.

**Sd./- Project Director**
**DUDA, Puri**

OIPR-13190/11/0002/2324

**EAST COAST RAILWAY**
**PUBLIC NOTIFICATION**

ଏଠାରେ ଥିବା ରେଳ ଲାଇନ ଏବଂ ପରିସରର ସମସ୍ତ ଉପଭୋକ୍ତାଙ୍କୁ ଜଣାଇ ଦିଆଯାଉଛି ଯେ, ପୂର୍ବତଟ ରେଳବାଇର ନିମ୍ନଲିଖିତ ବିଭାଗର କାମ ସମାପ୍ତ ହୋଇଛି । ୨୫୦୦୦ ଭୋଲ୍ଟ, ୫୦ ହର୍ଜ, AC ଓଭରହେଡ ଟ୍ରାକ୍ସନ୍ ତାରରେ 12.01.2024 ତାରିଖ କିମ୍ବା ପରବର୍ତ୍ତୀ ଯେ କୌଣସି ସମୟରେ ଶକ୍ତି ଦିଆଯିବ । ବିଭାଗ ପାର୍ଶ୍ୱରେ ନିର୍ଦ୍ଦିଷ୍ଟ ତାରିଖ ଉଲ୍ଲେଖ କରାଯାଇଛି । ଏଣୁ 12.01.2024 ତାରିଖରୁ ଓଭରହେଡ୍ ଟ୍ରାକ୍ସନ୍ ଲାଇନ୍ ସବୁ ସମୟରେ ଜୀବନ୍ତ ଭାବରେ ପରିଗଣିତ ହେବ ଏବଂ କୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭରହେଡ୍ ଲାଇନ୍‌ର ନିକଟତର ହୁଅନ୍ତୁ ନାହିଁ କିମ୍ବା କାର୍ଯ୍ୟ କରନ୍ତୁ ନାହିଁ ।

SKND STATION YARD ରୁ JSL ସାଇଡିଂର ନିମ୍ନଲିଖିତ ବିଭାଗଗୁଡିକର ବିଦ୍ୟୁତୀକରଣ ବିବରଣୀ ।

| Sl.No. | Description | Chainage | | |
|---|---|---|---|---|
| | | From Location | To Location | KM |
| 1 | ପ୍ରି-ଟିପ୍ ଲାଇନ୍ । (ପାରମ୍ପରିକ OHE) | JSL/1070A CH-3/649.30 | JSL/4032A CH-4/987.00 | 1.337 |
| 2 | ଲୋଡ୍ ଲାଇନ୍ ପାରମ୍ପରିକ ଟପଓ୍ୱିନି | JSL/4001A CH-3/790.80 | JSL/6002&6003 CH-3/976.20 | 0.187 |
| 3 | ରେଖା ନଂ.4 ମଧ୍ୟରେ ଅତିକ୍ରମ କରନ୍ତୁ | JSL/PT-5/15 CH-4/474.50 | JSL/2040 CH-4/731.50 | 0.257 |
| 4 | ବିଦ୍ୟମାନ OHE ଟର୍ମିନାଲ୍ ବିସ୍ତାର ରେଖା ନଂ. 3 | JSL/3002 CH-3 /883.30 | JSL/1073A, CH-3/ 740.30 | 0.143 |
| TOTAL TKM | | | | 1.924 |

**Plant Head**
**DEEPAK AGRAWAL**
**M/S JINDAL STAINLESS STEEL LTD**

# ଏଏଫ୍‌ଏସ୍‌ଏଲ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୫।୧

ଆରୋହଣ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍ (ଏଏଫ୍‌ଏସ୍‌ଏଲ୍) ର ନୂତନ ଉତ୍ପାଦ 'ଆରୋହଣ ପ୍ରିଭିଲେଜ୍'କୁ ସର୍ବଭାରତୀୟ ସ୍ତରରେ ଶୁଭାରମ୍ଭ କରାଯାଇଛି। ଏପରିକି ଚଳିତ ଆର୍ଥିକ ବର୍ଷରେ ଆରୋହଣ ପ୍ରିଭିଲେଜ୍ ପ୍ରଚଳନ କାର୍ଯ୍ୟକୁ ଆଗେଇ ନିଆଯାଇଥିଲା। ଏହା ଭାରତୀୟ ମାଇକ୍ରୋଫାଇନାନ୍ସ ଶିଳ୍ପରେ ପ୍ରଥମ ଡିଜିଟାଲ ଋଣ ସଂଗ୍ରହ ସୁବିଧା ହୋଇଥିବାବେଳେ ଏହି ଅନନ୍ୟ ପ୍ରୟାସ ସ୍ୱତନ୍ତ୍ର ଭାବେ ଗୋଲ୍ଡ ଷ୍ଟାଣ୍ଡାର୍ଡ ଗ୍ରାହକଙ୍କ ନିମନ୍ତେ ଉଦ୍ଦିଷ୍ଟ ରହିଛି। ସେଥିରେ ଗ୍ରାହକଙ୍କୁ ସେମାନଙ୍କର ଋଣ ରାଶି ଗ୍ରହଣ କରିବା ଏବଂ ତା'ର ସର୍ଭିସିଂ ୧୦୦% ଡିଜିଟାଲ ଏବଂ କ୍ୟାଶ୍‌ଲେସ ପଦ୍ଧତି ଜରିଆରେ ପ୍ରଦାନ କରାଯାଉଛି। ମାତ୍ର କେଇ ମିନିଟ୍‌ରେ ଆବଶ୍ୟକ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଏବଂ ସେମାନଙ୍କ ଘରେ ସ୍ୱାଚ୍ଛନ୍ଦ୍ୟରେ ଥାଇ ଆରୋହଣର ନିଜସ୍ୱ ସ୍ୱତନ୍ତ୍ର ଅପ୍‌ନା ଆରୋହଣ ଆପ୍ ଜରିଆରେ ପ୍ରାପ୍ତ କରିବା ଆଦି ସୁବିଧା ଯୋଗାଇ ଦିଆଯାଉଛି। ଆରୋହଣ ପ୍ରିଭିଲେଜ ଋଣର ଆକାର ୫ହଜାରରୁ ୭୫ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଏ ପର୍ଯ୍ୟନ୍ତ ଉକ୍ତ ଚ୍ୟାନେଲ ଜରିଆରେ ୧୦୦ କୋଟି ଟଙ୍କାରୁ ଅଧିକ ପରିମାଣର ଋଣ ପ୍ରଦାନ କରାଯାଇସାରିଲାଣି। ଆରୋହଣ ପ୍ରିଭିଲେଜ୍ ଗ୍ରାହକମାନଙ୍କୁ କମ୍ ସୁଧହାର ଏବଂ କମ୍ ଋଣ ପ୍ରୋସେସିଂ ଦେୟ ଭଳି ସ୍ୱତନ୍ତ୍ର ଫାଇଦା ଯୋଗାଇ ଦିଆଯାଉଛି। ଏପରିକି ଏହାର ଗ୍ରାହକମାନେ ସେମାନଙ୍କ ଘରେ ଆରାମରେ ଥାଇ ଋଣ ପାଇଁ ଆବେଦନ କରିପାରିବେ ଏବଂ ସେଥିପାଇଁ କୌଣସି ଗୋଷ୍ଠୀ ଗଠନ ଏବଂ କେନ୍ଦ୍ର ବୈଠକର ଆବଶ୍ୟକତା ନାହିଁ। ଏ ସମ୍ପର୍କରେ ଏଏଫ୍‌ଏସ୍‌ଏଲ୍‌ର ହେଡ୍ ଅଫ୍ ଡିଜିଟାଲ ଗ୍ରୋଥ୍ ରିମା ମୁଖାର୍ଜୀ କହିଥିଲେ, ଦେଶବ୍ୟାପୀ ଆମର ଯୋଗ୍ୟ ଗ୍ରାହକଙ୍କ ନିମନ୍ତେ ଏହି ଶିଳ୍ପର ପ୍ରଥମ ଡିଜିଟାଲ ଋଣ ପ୍ରଦାନ ସୁବିଧା ସମ୍ପ୍ରସାରଣ ସମ୍ପର୍କରେ ଘୋଷଣାକରି ଆମେ ବେଶ୍ ଉଲ୍ଲସିତ ଅନୁଭବ କରୁଛୁ। ଏହା ଭାରତରେ ଆର୍ଥିକ ଅନ୍ତର୍ଭୁକ୍ତିକୁ ପୃଷ୍ଠପୋଷକତା କରିବା ଦିଗରେ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି। ବିଶେଷକରି ଆମେ ଆମ ଗ୍ରାହକମାନଙ୍କର ସମୟ ଏବଂ ଆମ ଉପରେ ସେମାନଙ୍କର ରହିଥିବା ଆସ୍ଥାଭାବକୁ ସମ୍ମାନ ଜଣାଉଛୁ। ଆରୋହଣ ପ୍ରିଭିଲେଜ ଗ୍ରାହକମାନଙ୍କୁ ସେମାନଙ୍କର ଉଭୟ ସମୟ ଓ ଅର୍ଥ ସଞ୍ଚୟ କରିବା ନିମନ୍ତେ ସଶକ୍ତ କରୁଛି। ଉଲ୍ଲେଖଯୋଗ୍ୟ, ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ଏକ ଅଗ୍ରଣୀ ଏନ୍‌ବିଏଫ୍‌ସି-ଏମ୍‌ଏଫ୍‌ଆଇ ଆରୋହଣ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍ ସମ୍ପ୍ରତି ଏହି ଶିଳ୍ପରେ ପ୍ରଥମ ଭାବରେ ଡିଜିଟାଲ ମାଇକ୍ରୋଫାଇନାନ୍ସ ସେବା 'ଆରୋହଣ ପ୍ରିଭିଲେଜ' ସମଗ୍ର ଦେଶରେ ତାହାର ସମସ୍ତ ଯୋଗ୍ୟ ମାଇକ୍ରୋଫାଇନାନ୍ସ ଗ୍ରାହକଙ୍କୁ ଯୋଗାଇ ଦେଉଛି। କୋଲକାତାରେ ମୁଖ୍ୟ ଦପ୍ତର ଥିବା ଆରୋହଣ ୧୮ଟି ରାଜ୍ୟରେ ବ୍ୟବସାୟ ପରିଚାଳନା କରୁଛି ଏବଂ ଭାରତର ଦକ୍ଷିଣ ଭାଗରେ ଖୁବ୍‌ଶୀଘ୍ର ତାହାର କାର୍ଯ୍ୟକାରିତାକୁ ସମ୍ପ୍ରସାରଣ କରିବାକୁ ଯାଉଛି।

राष्ट्रीय शैक्षिक अनुसंधान और प्रशिक्षण परिषद्
ଜାତୀୟ ଶିକ୍ଷାଗତ ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ
ଶ୍ରୀ ଅରବିନ୍ଦ ମାର୍ଗ, ନୂଆଦିଲ୍ଲୀ - ୧୧୦୦୧୬, www.ncert.nic.in

**ଭାରତର ବିଭିନ୍ନ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ତଥା ବିଦେଶରେ ଏନ୍‌ସିଇଆର୍‌ଟି ପ୍ରକାଶନଗୁଡ଼ିକର ବିତରଣ ପାଇଁ**
**ବିକ୍ରେତାଙ୍କ ତାଲିକାଭୁକ୍ତୀକରଣ**

ଏନ୍‌ସିଇଆର୍‌ଟି ବର୍ଷ ୨୦୨୪ ପରଠାରୁ ବିଦ୍ୟାଳୟ ପାଠ୍ୟପୁସ୍ତକ ସମେତ ଏହାର ପ୍ରକାଶନଗୁଡ଼ିକର ବିତରଣ ଲାଗି ବିକ୍ରେତାମାନଙ୍କର ତାଲିକାଭୁକ୍ତୀକରଣ ପାଇଁ ଇଚ୍ଛୁକ । ପୁସ୍ତକ ବିତରଣରେ ଅଭିଜ୍ଞତା ତଥା ସ୍ୱଚ୍ଛଳ ଆର୍ଥିକ ପୃଷ୍ଠଭୂମିଧାରୀ ପ୍ରତିଷ୍ଠିତ ଷ୍ଟକିଷ୍ଟ/ପାଇକାରୀ ବିକ୍ରେତା, ଯେଉଁମାନେ ଦରଖାସ୍ତ ଫର୍ମରେ ବର୍ଣ୍ଣିତ ହୋଇଥିବା ଅନୁଯାୟୀ ବାର୍ଷିକ ଧାର୍ଯ୍ୟଲକ୍ଷ୍ୟ ଅନୁସାରେ ବ୍ୟବସାୟ ପ୍ରଦାନ କରିବା ଏବଂ ଅନ୍ୟାନ୍ୟ ସର୍ତ୍ତାବଳୀକୁ ପୂରଣ କରିବା ସ୍ଥିତିରେ ରହିଥିବେ, ସେମାନେ ଆବେଦନ କରିପାରନ୍ତି । ଦରଖାସ୍ତ ଫର୍ମ ଏବଂ ଦସ୍ତାବିଜଗୁଡ଼ିକ ଏନ୍‌ସିଇଆର୍‌ଟି ୱେବ୍‌ସାଇଟ୍ - www.ncert.nic.inରୁ ଡାଉନ୍‌ଲୋଡ୍ କରାଯାଇପାରିବ । ବିଦ୍ୟମାନ ବିକ୍ରେତାମାନେ ଯଦି ବର୍ଷ ୨୦୨୪ ଲାଗି ତାଲିକାଭୁକ୍ତ ହେବାକୁ ଚାହୁଁଥାନ୍ତି ତେବେ ସେମାନେ ମଧ୍ୟ ନୂଆକରି ଆବେଦନ କରିପାରିବେ । ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ସହିତ ଆବଶ୍ୟକୀୟ ଦସ୍ତାବିଜ ତଥା ପ୍ରକାଶନ ଡିଭିଜନ, ଏନ୍‌ସିଇଆର୍‌ଟି ସପକ୍ଷରେ ନୂଆଦିଲ୍ଲୀଠାରେ ପୈଠଯୋଗ୍ୟ ଟ.୧୦୦୦/-ର ଡିମାଣ୍ଡ ଡ୍ରାଫ୍ଟ ପ୍ରଶାସନିକ ଅଧିକାରୀ, ପ୍ରକାଶନ ଡିଭିଜନ, ଏନ୍‌ସିଇଆର୍‌ଟି, ଶ୍ରୀ ଅରବିନ୍ଦ ମାର୍ଗ, ନୂଆଦିଲ୍ଲୀ-୧୧୦୦୧୬ (ଫୋନ୍: ୦୧୧-୨୬୫୬୨୭୦୮)ଙ୍କ ନିକଟରେ ଖବରକାଗଜରେ ଏହି ବିଜ୍ଞାପନ ପ୍ରକାଶିତ ହୋଇ ୧୫ ଦିନ ମଧ୍ୟରେ ପହଞ୍ଚିବା ଆବଶ୍ୟକ ।

cbc 21104/12/0018/2324

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)
**NATIONAL COMPETITIVE BIDDING THROUGH e-Procurement**

No. O-2123 **Bid Identification No. Online Tender / 90-2023-24/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 90-2023-24/ BPR | **Bridge Works (BSY) for 2023-24** | 04 Nos. | From Rs.273.60 lakhs to Rs.759.70 lakhs | "B" Class, "A" Class or "Special" Class as applicable | 09 (Nine), 11 (Eleven) & 24 (Twenty Four) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 90-2023-24/BPR | 11.01.2024 at 10.00 A.M. | 25.01.2024 upto 5.30 P.M. |

(i) **EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.**
(ii) **Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.**

Further details & Corrigendum if any can be seen from the website: **www.tendersodisha.gov.in**.

OIPR-25071/11/0098/2324 **Sd./- Chief Construction Engineer, R.W. Circle, Berhampur**

**Government of Odisha "e" Procurement Notice**
**Bid Identification No.: Online-AGL-26 of 2023-2024**

No. O-2114:-

| | | | |
|---|---|---|---|
| 1. | Name of the Work | : | Road Work |
| 2. | Estimated Cost | : | Rs.5.46 Lakhs to 18.49 Lakhs |
| 3. | Period of Completion | : | 01 (One) Calendar Month |
| 4. | Date & time of availability of bid document in the portal | : | From 10.01.2024 to 17.01.2024 upto 5.00 P.M. |
| 5. | Last Date/time for receipt of bids in the portal | : | 17.01.2024 upto 5.00 P.M. |
| 6. | Name & Address of the OIT | : | Executive Engineer, Rural Works Division, Angul |

Further details can be seen from the Govt. website
**www.tendersorissa.gov.in**
**Sd./- Executive Engineer, R.W. Division, Angul**
OIPR-25096/11/0025/2324

GOVT. OF ODISHA
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BHAWANIPATNA**
No.O-2100
**Ph.No.: 06670-235504, E_Mail: serwbpt@yahoo.com**
**Bid Identification No.: BPT/Online-44/2023-24 Date: 03.01.2024**
**NOTICE INVITING TENDERS FOR BRIDGE WORKS IN ODISHA**
**NATIONAL COMPETITIVE BIDDING THROUGH e-procurement**

1. Name of the work: Construction of Bridge Works in the District of Kalahandi. 2. No. of works: 01 No. 3. Location details: Kalahandi District. 4. Estimated cost: As per NIT. 5. Period of completion: As per NIT. 6. Cost of tender paper: Rs.10,000/- per set. 7. Other details:

| Availability of tender for online bidding | | Last date & time for seeking tender clarification | Date and time of openign of technical bid |
|---|---|---|---|
| From | To | | |
| 08.01.2024 11.00 A.M. | 24.01.2024 5.00 P.M. | 22.01.2024 | 25.01.2024 at 11.00 A.M. |

Further details can be seen from the website "www.tendersorissa.gov.in".

**Sd./- Chief Construction Engineer**
**Rural Works Circle, Bhawanipatna**
OIPR-25102/11/0060/2324

# ସମକାଳ ଭିତରୁ ହିଁ କବିତା ସର୍ବକାଳକୁ ଗତିକରେ

– ଡ. ଆଶୁତୋଷ ପରିଡ଼ା



*ଆଶୁତୋଷ ପରିଡାଙ୍କ ଜନ୍ମ ୧୯୪୬ରେ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇର ଶିଳିପୁରରେ। ବୃତ୍ତିରେ ବୈଜ୍ଞାନିକ ଏହି କବି ତାଙ୍କ କବିତାରେ ସାହିତ୍ୟର ସାମାଜିକ ଅଂଗୀକାର ପ୍ରତି ଆସ୍ଥାଶୀଳ। 'ଯୁକ୍ତ ଯାତନା' (୧୯୭୨), 'ଈପ୍‌ସିତ କ୍ରୋଧ' (୧୯୮୭), 'ଚଣ୍ଡାଳ' (୧୯୯୧), 'ଶବ୍ଦଭେଦୀ' (୧୯୯୫), 'ରକ୍ତବର୍ଣ୍ଣ ବାଲି' (୨୦୦୦), 'ଅଗାଂର ଗାର' (୨୦୦୩), 'ଲହୁ ଲୁହାଣ' (୨୦୦୭), 'ଅନ୍ତରାଳ' (୨୦୦୮), 'ଦେଶ ନଥିବା ଲୋକ' (୨୦୧୦), 'ଆକ୍ରାନ୍ତ ଅକ୍ଷର' (୨୦୧୪), 'କଥା ସରି ନାହିଁ' (୨୦୧୭) ଓ 'ଅପ୍ରସ୍ତୁତ ମୃତ୍ୟୁ' (୨୦୨୦) ପ୍ରଭୃତି କବିତା ଗ୍ରନ୍ଥର ସେ ରଚୟିତା। 'ଈପ୍‌ସିତ କ୍ରୋଧ' ପାଇଁ ୧୯୯୦ରେ 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର'ରେ ସମ୍ମାନିତ ଏହି କବିଙ୍କୁ 'ଅପ୍ରସ୍ତୁତ ମୃତ୍ୟୁ' ପାଇଁ ୨୦୨୩ର ସାହିତ୍ୟ ଅକାଦମୀ ପୁରସ୍କାର ପ୍ରଦାନ ନିମିତ୍ତ ମନୋନୀତ କରାଯାଇଛି। ଏହି ଅବକାଶରେ କବିଙ୍କ ସହ ଧରିତ୍ରୀ 'ସାହିତ୍ୟାୟନ'ର ଏହି ସାକ୍ଷାତ୍‌କାର...*

## ସୃଜନ-ଆଳାପ

**ପ୍ର:** ଆପଣଙ୍କ କବିତା ପୁସ୍ତକ 'ଅପ୍ରସ୍ତୁତ ମୃତ୍ୟୁ' ୨୦୨୩ର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ହୋଇଛି। ଆପଣ ଖୁସି ତ?

**ଉ:** ଏପରି ଏକ ସ୍ୱୀକୃତି ଖୁସି ଆଣିଦେବା ସ୍ୱାଭାବିକ।

**ପ୍ର:** ବାମପନ୍ଥୀ ଚିନ୍ତାଧାରାରେ ଆପଣ ବିଶ୍ୱାସ ରଖନ୍ତି। କିନ୍ତୁ ଏ ପୁରସ୍କାର ସରକାରୀ ପ୍ରତିଷ୍ଠାନ ଦିଏ। ପ୍ରତିଷ୍ଠାନ ବିରୋଧୀ ଜଣେ ଲେଖକ ପାଇଁ ପୁରସ୍କାର ଏକ ଶିକୁଳି ନୁହେଁ କି?

**ଉ:** ସାହିତ୍ୟ ଏକାଡେମୀକୁ ଏକ ସ୍ୱୟଂଶାସିତ ଅନୁଷ୍ଠାନ କୁହାଯାଏ। ଏହା ଉପରେ ଭାରତୀୟ ଜନସାଧାରଣଙ୍କ ଅଧିକାର ରହିଛି। ତେଣୁ ଏହି ପୁରସ୍କାରକୁ ମୁଁ ସେଇ ଦୃଷ୍ଟିରେ ଦେଖୁଛି। ଜଣେ ଲେଖକ ପାଇଁ ବ୍ୟବସ୍ଥାର ବିରୋଧ କରିବା ଏକ ଭିନ୍ନ କଥା। ଅନ୍ୟ ଭାଷାରେ କହିଲେ ଏହା ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦ। ପୁରସ୍କାର ଲେଖକ ପାଇଁ ଶିକୁଳି ହୋଇଯିବ, ଯଦି ପୁରସ୍କାର ପାଇବା ପରେ ସେ ପ୍ରତିବାଦକୁ ତ୍ୟାଗ କରିଦେବ।

**ପ୍ର:** ଆପଣ ଜଣେ ନବ ପ୍ରଗତିବାଦୀ କବି ଭାବେ ଓଡ଼ିଆ କବିତାରେ ସ୍ୱୀକୃତ। ୧୯୭୦ ପରବର୍ତ୍ତୀ ଭାରତୀୟ କବିତାରେ ଆପଣ ଆପଣଙ୍କ ସ୍ୱାତନ୍ତ୍ର୍ୟକୁ କିପରି ଉପସ୍ଥାପନ କରିବେ?

**ଉ:** ସ୍ୱାଧୀନତା ପରବର୍ତ୍ତୀ ସମୟରେ ବିଭିନ୍ନ ଭାରତୀୟ ଭାଷାରେ ପ୍ରଗତିବାଦୀ ଚେତନା ଆଦୃତି ଲାଭ କରିଥିଲା। ୧୯୭୦ ବେଳକୁ ଯଦିଓ ପ୍ରଗତିବାଦୀ ଧାରା ଜାରି ଥିଲା, ବିଭିନ୍ନ ଭାଷାର କବିତାରେ ଆଧୁନିକବାଦ ପ୍ରାଧାନ୍ୟ ବିସ୍ତାର କରିଥିଲା। ଏହି ଧାରାର କବିତା ପାଶ୍ଚାତ୍ୟ ପ୍ରଭାବରେ ବ୍ୟକ୍ତିବାଦ, ଦୁର୍ବୋଧ୍ୟତା ଓ ବିଚ୍ଛିନ୍ନତାବୋଧ ଦ୍ୱାରା ଆକ୍ରାନ୍ତ ହୋଇଥିଲା। ମୋ କବିତା ରଚନାର ଦ୍ୱିତୀୟ ପର୍ବରେ ମୁଁ ଏହି ଆଧୁନିକବାଦୀ ପ୍ରଭାବରୁ ମୁକ୍ତ ହୋଇ ସାମାଜିକ ବାସ୍ତବତାକୁ କାବ୍ୟାୟିତ କରିବାରେ ମନୋନିବେଶ କଲି। ସମୟର ପରିବର୍ତ୍ତନକୁ ଗୁରୁତ୍ୱ ଦେଇ ମୁଁ ମୋର ପ୍ରଗତିବାଦୀ କବିତାରେ କିଛି ନୂତନତା ଆଣିବାର ପ୍ରୟାସ କଲି। ପ୍ରଗତି ଓ ପ୍ରୟୋଗର ସମନ୍ୱୟ ମୋ ପାଇଁ ଏକ ସ୍ୱତନ୍ତ୍ର କାବ୍ୟୋପଲବ୍ଧି ସୃଷ୍ଟି କଲା।

**ପ୍ର:** 'ଈପ୍‌ସିତ କ୍ରୋଧ' ପୂର୍ବର କାବ୍ୟିକ ଭିତ୍ତିଭୂମିଟି କିପରି ଥିଲା?

**ଉ:** 'ଈପ୍‌ସିତ କ୍ରୋଧ' ୧୯୮୭ ମସିହାରେ ପ୍ରକାଶିତ ହୋଇଥିଲା। ଏଥିରେ ଯେଉଁସବୁ କବିତା ସ୍ଥାନିତ ହୋଇଥିଲା, ତାହା ୧୯୮୦ ପରବର୍ତ୍ତୀ ସମୟରେ ରଚିତ। ଏହି ସମୟଟି ମୋ ପାଇଁ ପ୍ରଗତିବାଦୀ କବିତାକୁ ନେଇ ପରୀକ୍ଷା ନିରୀକ୍ଷାର ପର୍ଯ୍ୟାୟ। ମାଟି ଓ ମଣିଷ ପାଇଁ ଅନୁରକ୍ତି, ମାନବିକ ସଂଘର୍ଷ ଓ ମୁକ୍ତି ପ୍ରତି ଅଙ୍ଗୀକାର ହେଲା ଏହାର କାବ୍ୟିକ ଭିତ୍ତିଭୂମି। ଏହି ପରିପ୍ରେକ୍ଷୀରେ କହିବା ଉଚିତ ମଣିବି ଯେ ୧୯୮୦ ପୂର୍ବରୁ ଛଅ, ସାତବର୍ଷ ଧରି ମୁଁ ପ୍ରାୟ କବିତା ଲେଖି ନାହିଁ। କିନ୍ତୁ ସେହି କାଳଖଣ୍ଡଟି ମୋ ପାଇଁ ଥିଲା ଏକ ମାନସିକ ବିବର୍ତ୍ତନର ଅଧ୍ୟାୟ ଯେତେବେଳେ ମୁଁ ସାହିତ୍ୟ ସହିତ ସମାଜର ସମ୍ପର୍କକୁ ଏକ ଭିନ୍ନ ଦୃଷ୍ଟିକୋଣରୁ ବୁଝିବାକୁ ଆରମ୍ଭ କରିଥିଲି।

**ପ୍ର:** କବିତା ସମକାଳୀନ ବାସ୍ତବତାକୁ ନେଇ ରଚିତ ହେଲେ କଳାତ୍ମକତା ହରାଇ ବସେ କି? ଯଦି 'ହଁ', ତେବେ ଏହାର ବିକଳ୍ପଟି କ'ଣ? ଯଦି 'ନା', ତେବେ ନିଜ କବିତାରୁ ଉଦାହରଣଟିଏ ଦେଇ ସ୍ପଷ୍ଟ କରିବେ କି?



**ଉ:** ଏଠି ମୋର ଉତ୍ତରଟି 'ନା' ହେବ। ଏଥିପାଇଁ ମୋର 'ଈପ୍‌ସିତ କ୍ରୋଧ' ସଂକଳନରେ ଥିବା 'ଶିଶୁମାନେ ଖୁନ୍ ହେଲାବେଳେ' କବିତାର ଗୋଟିଏ ପଂକ୍ତି ଉଦାହରଣ ଭାବେ ନିଆଯାଇପାରେ–

"ସେ ଦୃଶ୍ୟକୁ ନ ଦେଖିବା ପାଇଁ
ସୂର୍ଯ୍ୟ ଅଟକିଯାଏ ଦିଗ୍‌ବଳୟ ପଛରେ
ଅନ୍ଧାର ବି ଆଖି ବୁଜିଦିଏ
ପରିଚୟ ହଜିଯାଏ ମ୍ରିୟମାଣ ସମୟ ମୁହଁରୁ,
ଶିଶୁମାନେ ଖୁନ୍ ହେଲାବେଳେ
ମୃତ୍ୟୁ ମଧ୍ୟ ନିଃସ୍ୱ ହୋଇଯାଏ
ନିଷ୍ଠୁରତାର ଶେଷ ପାହାଚରେ।"

ମୋର ବହୁସଂଖ୍ୟକ କବିତା ସମକାଳୀନ ବାସ୍ତବତା ଆଧାରିତ। ଏ ସବୁରେ ମୁଁ କଳାତ୍ମକତାକୁ ରକ୍ଷା କରିବା ପାଇଁ ନିଷ୍ଠାପର ଉଦ୍ୟମ କରିଛି। ମୋ' ମତରେ ସମକାଳ ଭିତରୁ ହିଁ କବିତା ସର୍ବକାଳକୁ ଗତିକରେ ଏବଂ ଏହି ସୂତ୍ରରେ ଇତିହାସ ସହିତ ସଂପର୍କିଭୂତ ହୁଏ। ତେଣୁ କଳାତ୍ମକତା ବ୍ୟାହତ ହେବାର ଅଭିଯୋଗଟି ସମକାଳୀନ ବାସ୍ତବତା ପ୍ରତି ପ୍ରଯୁଜ୍ୟ ନୁହେଁ।

**ପ୍ର:** ଆପଣ ପ୍ରେମ କବିତା ଲେଖନ୍ତି ନାହିଁ କାହିଁକି? ସାମ୍ୟବାଦୀ କବି କ'ଣ ପ୍ରେମରେ ପଡ଼ନ୍ତି ନାହିଁ? ବା ଯଦି ପଡ଼ନ୍ତି, ତାଙ୍କ କବିଧର୍ମ ତାଙ୍କୁ ପ୍ରେମକଥା ଲେଖିବାକୁ ବାରଣ କରିଥାଏ?

**ଉ:** ତାରୁଣ୍ୟର ରୋମାଣ୍ଟିକ୍ ଭାବନା ନେଇ ମୁଁ ଅନେକ ପ୍ରେମ କବିତା ଲେଖିଛି। ସେଥିରୁ ଅଧିକାଂଶ ଅପ୍ରକାଶିତ। କିଛି କବିତା ମୋର 'ଅନ୍ତରାଳ' କବିତା ସଂକଳନରେ ସ୍ଥାନିତ, ଯଦିଓ ତାହା ଚିରାଚରିତ ପ୍ରେମ କବିତାଠାରୁ ଭିନ୍ନ। ସାମ୍ୟବାଦୀ କବିଟିଏ ବି ଜଣେ ସାଧାରଣ ମଣିଷ, ତେଣୁ ତା' ପାଇଁ ପ୍ରେମରେ ପଡ଼ିବାରେ ଅସ୍ୱାଭାବିକ କିଛି ନାହିଁ। ପାବ୍ଲୋ ନେରୁଦାଙ୍କ ଉଦାହରଣ ନିଆଯାଇପାରେ– ସେ ସାମ୍ୟବାଦୀ ହେବା ପରେ ବି ନିଜ ପ୍ରେମିକା ଓ ପତ୍ନୀ ମାଟିଲ୍‌ଡେ ଉରୋସିଆଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ପ୍ରେମ କବିତା ବହି ଲେଖି ତାଙ୍କୁ ଉପହାର ଦେଇଥିଲେ। ଓଡ଼ିଆ ବିପ୍ଳବୀ କବି ରବି ସିଂହ ଓ ବ୍ରଜନାଥ ରଥ ମଧ୍ୟ ଅନେକ ପ୍ରେମ କବିତା ଲେଖିଛନ୍ତି। ଏ କଥା ଅବଶ୍ୟ ସତ ଯେ, ସାମ୍ୟବାଦୀମାନେ ଚାହାନ୍ତି ନାହିଁ ସେମାନଙ୍କ କବିତାର ମୁଖ୍ୟ ସ୍ୱର ବିପ୍ଳବ ନ ହୋଇ ପ୍ରେମ ହେଉ।

**ପ୍ର:** ଭଲ କବିତା କହିଲେ ଆପଣ କ'ଣ ବୁଝନ୍ତି?

**ଉ:** ଭଲ କବିତା କହିଲେ ମୁଁ ଏତିକି ବୁଝେ, ଯେଉଁ କବିତା ମନ ଭିତରେ ଭାବାନ୍ତର ସୃଷ୍ଟି କରେ, ନୂଆ କିଛି ଆବିଷ୍କାରର ଉପଲବ୍ଧି ଆଣେ, ଏପରି କି ବିଚଳିତ ବି କରିଦିଏ।

**ପ୍ର:** 'ଅପ୍ରସ୍ତୁତ ମୃତ୍ୟୁ' ବହିରେ ଥିବା କବିତାଗୁଡ଼ିକର ନିଆରାପଣ ଆପଣଙ୍କ ବିଚାରରେ କ'ଣ?

**ଉ:** ମୋର କାବ୍ୟ ଚେତନା ଅନୁଯାୟୀ 'ଅପ୍ରସ୍ତୁତ ମୃତ୍ୟୁ'ରେ ବି ସାମାଜିକ ବାସ୍ତବତାର ପ୍ରତିଫଳନ ଘଟିଛି। କିନ୍ତୁ ଏଥିରେ ଥିବା କବିତାର ନିଆରାପଣ ହେଲା– ବାସ୍ତବତାର ବର୍ଦ୍ଧିଷ୍ଣୁ ନିଷ୍ଠୁରତାକୁ ମୃତ୍ୟୁର ଭିନ୍ନ ଭିନ୍ନ ଚିତ୍ର ମାଧ୍ୟମରେ ଏଥିରେ କାବ୍ୟାୟିତ କରାଯାଇଛି। ଏହା କେବଳ ରକ୍ତମାଂସର ଶରୀରର ମୃତ୍ୟୁ ନୁହେଁ, ଏହା ମଧ୍ୟ ସ୍ୱପ୍ନ ଓ ସମ୍ଭାବନାର ମୃତ୍ୟୁ, ମାନବିକତାର ମୃତ୍ୟୁ। କିନ୍ତୁ ମଣିଷର ସଂଘର୍ଷଶୀଳ ଚେତନା ଓ ବଞ୍ଚି ରହିବାର ସ୍ପର୍ଦ୍ଧା ମୃତ୍ୟୁକୁ ମଧ୍ୟ 'ଅପ୍ରସ୍ତୁତ' କରିଦେଇପାରେ– ଏଭଳି କିଛି ଆସ୍ଥା ଏ ସଂକଳନର ଅନେକ କବିତାରେ ରହିଛି।

**ପ୍ର:** ଏଇ ୫-୧୦ ବର୍ଷ ହେଲା କବିତା ଲେଖୁଥିବା ନୂଆ କବିଙ୍କ କବିତାରେ ଆପଣ ସନ୍ତୁଷ୍ଟ କି? ଯଦି 'ହଁ',କାରଣ କ'ଣ; ଯଦି 'ନା' କାହିଁକି?

**ଉ:** ଏହାର ଉତ୍ତର ମୁଁ 'ହଁ'ରେ ଦେବି, କାରଣ ଏହି ନୂଆ ପିଢ଼ିର କବିମାନଙ୍କ କବିତାରେ ମୁଁ ଯଥେଷ୍ଟ ଆନ୍ତରିକତା ଓ ସ୍ୱଚ୍ଛତା ଲକ୍ଷ୍ୟ କରୁଛି। ସେମାନଙ୍କ ଭିତରେ ନିଜ ପରିବେଶ ପାଇଁ ପ୍ରତିବଦ୍ଧତା ରହିଛି। ବିଶେଷତଃ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଦଳିତ-ଆଦିବାସୀ ଯୁବସ୍ୱର ଖୁବ୍ ପ୍ରଖର ମନେହେଉଛି।

**ପ୍ର:** ଜଣେ ଆଗଧାଡ଼ିର କବି ଭାବେ ଆଗକୁ ଆପଣଙ୍କର ଯୋଜନା କ'ଣ?

**ଉ:** ସେପରି କୌଣସି ନିର୍ଦ୍ଦିଷ୍ଟ ଯୋଜନା ନାହିଁ। କିଛି ଭଲ କବିତା ଲେଖିବାର ପ୍ରୟାସ କରିବି ନିଶ୍ଚୟ।

## ପୁସ୍ତକ ପରିଚୟ

### ଫକୀରମୋହନଙ୍କ ଟାଙ୍ଗାବାଲା



**ଲେଖକ:** ଡ. ପୂର୍ଣ୍ଣାନନ୍ଦ ଦାନୀ
**ପ୍ରକାଶକ:** ପ୍ରତୀଚୀ ସାହିତ୍ୟ ପ୍ରତିଷ୍ଠାନ, ଧର୍ମଶାଳା, ସୋନପୁର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୬୦/-

ଗାଳ୍ପିକଙ୍କ ମୃତ୍ୟୁର ୧୮ ବର୍ଷ ପରେ ଗ୍ରନ୍ଥାୟିତ ହୋଇ ନ ଥିବା ୧୪ଟି ଗଳ୍ପକୁ ନେଇ ପ୍ର. ଅଶୋକ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଆଲୋଚ୍ୟ ସଂକଳନଟି ପ୍ରକାଶ ପାଇଛି। ଗଳ୍ପଗୁଡ଼ିକ ଗାଁ ଓ ସହର– ଉଭୟର ଘଟଣା ଓ ଚରିତ୍ରାବଳୀକୁ ନେଇ ପରିକଳ୍ପିତ। କିନ୍ତୁ ମାନବୀୟ ମୂଲ୍ୟବୋଧ ରହିଛି ପ୍ରତିଟି ଗଳ୍ପର କେନ୍ଦ୍ରବିନ୍ଦୁରେ। ଶୀର୍ଷକ ଗଳ୍ପ 'ଫକୀରମୋହନଙ୍କ ଟାଙ୍ଗାବାଲା' ବାଲେଶ୍ୱରର ଏକ ରିକ୍ସାବାଲା ମୁକୁନ୍ଦକୁ ନେଇ, ଯିଏ କୌଣସି ଏକ ସଭାରେ ଅତିଥି ଭାବେ ଯୋଗଦେବାକୁ ଯାଇଥିବା ବେଳେ ଲେଖକଙ୍କୁ ସଭାସ୍ଥଳରେ ପହଞ୍ଚାଇ ଦେଇ ପାଉଣା ନେବାକୁ ମନା କରିଛି ଓ କହିଛି– "ବାବୁ ତମଠୁଁ କି ପଇସା ନେବି? ତମେ ଆମର ଅତିଥି। ଆମ ସହରର ଅତିଥି... ଅତିଥିଙ୍କଠୁ କ'ଣ ପଇସା ନିଆଯାଏ?" ମୁକୁନ୍ଦର ଏହି ଉକ୍ତି ଲେଖକଙ୍କ ହୃଦୟରେ ଗଭୀର ରେଖାପାତ କରିଛି ଓ ପରିଣତିରେ ସୃଷ୍ଟି ହୋଇଛି ଗଳ୍ପଟି। 'ଦାନାର୍ଥେ ଚତୁର୍ଥୀ' ଭଳି ଗଳ୍ପରେ ସହରୀ ମଣିଷର ବଦାନ୍ୟତା ତଳେ ଛପି ରହିଥିବା ହୀନମନ୍ୟତା ରୂପ ପାଇଛି। ଭଲ ହେଉ କି ମନ୍ଦ ହେଉ– ମଣିଷ ହିଁ ପୂର୍ଣ୍ଣାନନ୍ଦଙ୍କ ଗଳ୍ପର କଞ୍ଚାମାଲ, ସମ୍ବଳ। ଗ୍ରନ୍ଥଶେଷରେ ସ୍ଥାନିତ 'ମୋ କଲମ: ମୋ' ରଚନା'ରେ ଦାନୀ ଲେଖିଛନ୍ତି: "ମୁଁ କଥା କହେଁ। ଗପ କହେଁ। ଗପ ଶୁଣିବାକୁ ମୋତେ ଭଲ ଲାଗେ। ନିଜ କଥା ଶୁଣାଇବାକୁ ଭଲ ଲାଗେ। ନିଜ ଅନୁଭୂତିର କଥା। ସତ ସତ; ସତ ଭଳିଆ ସତ; କଳ୍ପନାର ଝୀନ ଉତ୍ତରୀୟ ସେ ପିନ୍ଧିଥାଏ। ରୁଚିର ପୋଷାକ।" ଆଶା, ସଂକଳନର ଗଳ୍ପଗୁଡ଼ିକ ଭଲ ଓ ନିଦା ଗଳ୍ପ ପଢ଼ିବାରେ ଆଗ୍ରହୀ ପାଠିକାପାଠକଙ୍କ ପାଇଁ ବିଶେଷ ଉପଯୋଗୀ ହୋଇପାରିବ।

### ଗାଁ ମାଟିର ମୋହ



**ଲେଖକ:** ତ୍ରିନାଥ ପଟ୍ଟନାୟକ
**ପ୍ରକାଶକ:** କିଙ୍ଗ୍‌ଫିସର ପବ୍ଲିଶର୍ସ, ନିଆଳୀ-୪
**ପ୍ରଥମ ପ୍ରକାଶ:**୨୦୨୩, **ମୂଲ୍ୟ:** ଟ.୧୪୫/-

ବହିଟିର ଦୁଇଟି ଭାଗ। ପ୍ରଥମ ଭାଗରେ ଲେଖକ ନୀଳମଣିଙ୍କ ଗାଁ– ସମ୍ପର୍କକୁ ନେଇ ଓ ଏ ବହିର ଲେଖକଙ୍କୁ ସେ ଲେଖିଥିବା ଚିଠି ସ୍ଥାନିତ। ଦ୍ୱିତୀୟ ଭାଗରେ ତିନୋଟି ଲେଖା, ଯାହା ନୀଳମଣିଙ୍କ ସ୍ୱରଚିତ। ସେ ତିନୋଟି ହେଲା–୧. ପବିତ୍ରତାର ପ୍ରଥମ ସ୍ପର୍ଶ ପୁଲକ ଦାତ୍ରୀ ପ୍ରାଚୀ ନମୋନମଃ, ୨. ମାତୃରୂପେଣ ସଂସ୍ଥିତା ଓ ୩. ବଟ ମାହାତ୍ମ୍ୟ ବା ଆଳମଚଣ୍ଡୀ ବୃତ୍ତାନ୍ତ। ଗ୍ରନ୍ଥ ଶେଷରେ ରହିଛି ନୀଳମଣିଙ୍କ ସଂକ୍ଷିପ୍ତ ପରିଚୟ। ତ୍ରିନାଥ ଗ୍ରନ୍ଥାରମ୍ଭରେ ଲେଖିଛନ୍ତି: "ମହାପାତ୍ର ନୀଳମଣି ସାହୁ ଥିଲେ ଅତ୍ୟଧିକ ଗାଁ ଡାହାଣିଆ। ଗାଁ କଥା ପଡ଼ିଲେ ଉତ୍ତଳା ହୋଇ ଉଠନ୍ତି।" "ଗାଁ ମାଟିର ମୋହ"ରେ ତ୍ରିନାଥ କହନ୍ତି ତାଙ୍କୁ ନୀଳମଣି କହିଥିବା କଥା: "ତୋ ଘରର ପରିବେଶ ମୋତେ ବହୁତ ଭଲ ଲାଗୁଛି। ନିଆଳୀ ଛାଡ଼ିବାକୁ ଇଚ୍ଛା ହେଉନି। ସୁବିଧା ପାଇଲେ ମୁଁ ବାରମ୍ବାର ଆସିବି। ଆମେ ପ୍ରାଚୀକୂଳରେ ବସିବା। ପିଲାଦିନର ସବୁ ସ୍ମରଣୀୟ ସ୍ଥାନଗୁଡ଼ିକୁ ତୋତେ ଚିହ୍ନାଇ ଦେବି। ତା' ପରେ ସେ ସାମାନ୍ୟ ଗମ୍ଭୀର ହୋଇଗଲେ। କହିଲେ, ମୋର ଇଚ୍ଛା ପ୍ରାଚୀକୂଳରେ ହିଁ ବିଶ୍ରାମ ନେବି। ମୋ ଜୀବନର ଶେଷ ବିଶ୍ରାମ। ଚିର ନିଦ୍ରାରେ ଶୋଇଥିଲେ ସୁଦ୍ଧା ମୋତେ ଶାନ୍ତି ମିଳିବ।" 'ପ୍ରାଚୀ ଉତ୍କଳରତ୍ନ' ନୀଳମଣି ସାହୁଙ୍କ ଜୀବନ ଓ ଅନୁଭୂତି ଆଧାରରେ ତ୍ରିନାଥଙ୍କ ଦ୍ୱାରା ପ୍ରସ୍ତୁତ ଏ ବହିଟି ନୀଳମଣିଙ୍କ ଜୀବନର ଗମ୍ଭିରୀ ଘର ଦେଖାଇବାରେ ପାଠିକାପାଠକଙ୍କୁ ଅବଶ୍ୟ ସହାୟତା କରିବ।

## କାଳକାଳକୁ

**"କହିବା ଆଗରୁ ଚିନ୍ତା କରିବା ସମାଲୋଚନା, ଚିନ୍ତା କରିବା ଆଗରୁ କହିବା ସୃଜନ।"**
**–ଇ.ଏମ୍. ଫୋର୍ଷ୍ଟର**



ଇ.ଏମ୍. ଫୋର୍ଷ୍ଟରଙ୍କ ଜନ୍ମ ଇଂଲଣ୍ଡର ମାରିଲେବୋନ୍‌ରେ ୧ ଜାନୁଆରୀ ୧୮୭୯ ଓ ପରଲୋକ ୭ ଜୁନ୍ ୧୯୭୦ରେ ଇଂଲଣ୍ଡର କୋଭେଣ୍ଟ୍ରିରେ। ଇଂଲିଶ୍ ଭାଷାର ଏହି ଖ୍ୟାତନାମା ପ୍ରାବନ୍ଧିକ ଓ ଔପନ୍ୟାସିକଙ୍କର ଲେଖକୀୟ ଦୃଷ୍ଟି ସଦା ନିବଦ୍ଧ ଥାଏ ଛଳନା, ଶ୍ରେଣୀଭେଦ, ସମକାମିତା ଓ ସାମ୍ରାଜ୍ୟବାଦ ଭଳି ସ୍ପର୍ଶକାତର ପ୍ରସଙ୍ଗରେ। 'ହାୱାର୍ଡ୍‌ସ ଏଣ୍ଡ', 'ଏ ପ୍ୟାସେଜ୍ ଟୁ ଇଣ୍ଡିଆ' ଓ 'ଏ ରୁମ୍ ୱିଥ୍ ଏ ଭିଉ' ଆଦି ତାଙ୍କର କେତୋଟି ସ୍ମରଣୀୟ ଉପନ୍ୟାସ। ଭିନ୍ନ ଭିନ୍ନ ବର୍ଷରେ ମୋଟ ୧୬ ଥର ନୋବେଲ ପୁରସ୍କାର ପାଇଁ ଫୋର୍ଷ୍ଟରଙ୍କ ନାମ ପ୍ରସ୍ତାବିତ ହୋଇଥିଲେ ହେଁ ସେ ଏହି ପୁରସ୍କାର ପାଇ ନଥିଲେ। ପୁରୋଦୃଷ୍ଟି ସମ୍ପନ୍ନ ଏହି ଲେଖକ କହନ୍ତି: 'ମହାନ୍ ସାହିତ୍ୟର ବିସ୍ମୟ ଏହି ଯେ ଏହା ପାଠକଙ୍କୁ ଲେଖକଙ୍କ ସ୍ଥିତି କୁ ଘେନିଯାଏ।" କହନ୍ତି: " ନାନା ଦେଶର ମାଆମାନେ ଯଦି ଥରେ ପରସ୍ପରକୁ ଭେଟନ୍ତେ, ତେବେ ଆଉ ଯୁଦ୍ଧ ହୁଅନ୍ତା ନାହିଁ।"

## କବିତା

### ଶୀତ ସ୍ପର୍ଶ

**ଡ. ଗୌରୀଶଙ୍କର ସାହୁ**

ଚନ୍ଦ୍ର ଆସି ପୁଷ୍ୟାରେ ପ୍ରବେଶ
ରବି ଧନୁ ମଣ୍ଡଳରେ ଧାବମାନ
ହାଡ଼ଭଙ୍ଗା ଜାଡ଼ ହୁଳହୁଳି ଦିଏ
ଧନ ଲକ୍ଷ୍ମୀ ବିଜେ ଆଜି
କ୍ଷେତରେ ଖଳାରେ
ପିଠାପଣା, ଖିରି ପୁରି
ରୋଷେଇ ଘରେ
ଅମାରଗୁଡ଼ିକ ଭରି ଉଠିବା ପରେ।

ଯାନିଯାତ୍ରା ଚାଲିବ, ଚାଲୁଥିବ
ପୁରପଲ୍ଲୀ ହସୁଥିବ, ହସୁଥିବ ପ୍ରାନ୍ତର,
ପାହାଡ଼,
ଚଷା, ଯୋଷା ପୁଲକିତ,
ପଲ୍ଲବିତ ହୁଡ଼ା, ହିଡ଼, ନୀଡ଼,
ରାତି ବଡ଼, ଦିନ ସାନ, ଥରଥର
ବରଫର ଓଠ
ପାଣି ସତେ ନିଆଁ ଶିଖା, ଦୂରେ ଥିଲେ
ଅହେତୁକ ହିତ
ନିଆଁ ଆଜି ସ୍ନିଗ୍ଧ ଜଳ ପ୍ରାୟେ ସଭିଙ୍କ
ଈପ୍‌ସିତ
ମେଘମୁକ୍ତ ଆକାଶ ବତାସ
ମଇତ୍ର ଶୀତର
ମହୀ ଖୋଜେ ଅସରାଏ ବର୍ଷା,
ପାଇବେ ନିସ୍ତାର
ପଶୁ ପକ୍ଷୀ ଗଛଲତା
ମଣିଷ ସମସ୍ତ।

ମୋ: ୭୯୭୮୪୨୧୮୩୫

### କ୍ଷତାକ୍ତ ବସୁଧା

**ବାଦଲ ଭୂୟାଁ**

କ୍ଷତାକ୍ତ ବସୁଧା ଏବେ ଲୁହର ପାହାଡ଼
ଅସରନ୍ତି ଦୁଃଖ ଶୋକ ସବୁକୁ କୋଳେଇ
ନିତି ଦିନ ଗାଇଯାଏ ଛନ୍ଦୋବଦ୍ଧ ଗୀତ
ସେ ଗୀତରେ, ସେ ସୁରରେ ନାହିଁ
ଆଗଭଳି ଲଳିତ ନିକ୍ୱଣ।

ଚାରିଆଡ଼େ ବର୍ଷାଝଡ଼ ମରୁଡ଼ିର
କରାଳ ଚିତ୍କାର
ପ୍ରତି ନିୟତ ଅସୁମାରି ଗୁଳ୍ମଲତା
ବିହଙ୍ଗ, କୀଟ ଓ ପତଙ୍ଗ
ଅକାଳରେ ବରୁଛନ୍ତି କରାଳ ମରଣ।

ଏବେ ପ୍ରାଣବାୟୁ ପାଲଟିଛି ବିଷ ହଳାହଳ
ଯୋଜନ ଯୋଜନ, ପୃଥିବୀଠୁ
ଆକାଶ ପର୍ଯ୍ୟନ୍ତ
ହାହାକାର ନିରବ ନିଥର
କୋଇଲିର ମଧୁର ତାନରେ ନାହିଁ
ଆଗ ଭଳି ସରସ କୁହୁକ।

ମହୁମାଛି ଗୁଣୁଗୁଣୁ ଗୀତ ଚିତ୍ରପଟ
ପାଲଟିଛି ଫିକାଫିକା ରାଗିଣୀ ଚମକ
ବଗିଚାର ଫୁଲ ଫଗୁଣରେ ନାହିଁ
ଉଦ୍ଦାମତା ରସଘନ ରତୁର ପରଶ
ଜାତି ଜାତି ରଙ୍ଗର ପସରା ସବୁ ଯେତେ ବନସ୍ତର
ମଳିନ ବିଷଣ୍ଣ ପରି ଦିଶେ ଚତୁର୍ଦ୍ଦିଗ।

ବନ୍ଧୁଗଣ! ଭାବ ଏଥର
ଚାଲ, ବେଳହୁଁ ବ୍ୟବସ୍ଥା କର
କିପରି ହୋଇପାରିବ କ୍ଳାନ୍ତ ବସୁଧା
ସୁସ୍ଥ ସବଳ ଓ କମନୀୟ
ମନ ଧ୍ୟାନ ଦେଇ ଶୁଣ, ନହେଲେ
ଅମୃତମୟ ବସୁଧା ପାଲଟିଯିବ
ବିବର୍ଣ୍ଣ ମଳିନ ଗୋଟେ ନର୍କକୁଣ୍ଡ।

ମୋ: ୭୪୮୮୯୯୮୫୩୨

### ନଦୀ ପ୍ରତି

**ମୂଳ ହିନ୍ଦୀ– କେଦାର ନାଥ ଅଗ୍ରୱାଲ**
**ଅନୁବାଦ –ପଞ୍ଚାନନ ଅଗ୍ରୱାଲ**

ଆଜି ନଦୀ ବିଲକୁଲ ଥିଲା ଉଦାସ
ଶୋଇଥିଲା ନିଜ ପାଣି ରେ
ତା ଦର୍ପଣ ଉପରେ ଢାଙ୍କି ଥିଲା ବାଦଲର
ଚାଦର
ତାକୁ ମୁଁ ଉଠାଇଲି ନାହିଁ
ଫେରି ଆସିଲି ଚୁପ୍‌ଚାପ୍ ପାଦ ଚିପି
ଘରକୁ।

ମୋ: ୯୭୭୭୭୪୪୦୭୧

## କଥାଟିଏ

# ହଁ, ମୁଁ ମିଛୁଆ

**ଶିବ ମିଶ୍ର**

ଦିନ ଭିତରେ ଚିହ୍ନା, ଅଚିହ୍ନା ଅନେକ ଲୋକ ଫୋନ କରିସାରିଥିଲେ। ସନ୍ଧ୍ୟା ଗଡ଼ିଲା ବେଳକୁ ପୁଣି ଗୋଟିଏ ଅଜଣା ନମ୍ବରରୁ ଫୋନ୍ ଆସିଲା। ମୁଁ କାନରେ ଫୋନ୍ ଲଗାଇ, 'ହାଲୋ' କହିବା ପରେ ସେପାଖରୁ ଜଣେ ଭଦ୍ରମହିଳା କହିଲେ, "ଆପଣଙ୍କର ଗଳ୍ପ ପ୍ରକାଶ ପାଇଥିବା ପତ୍ରିକା ପୃଷ୍ଠାରୁ ମୁଁ ଆପଣଙ୍କ ନାଁ, ଗାଁ ଜାଣି ସାରିଲିଣି। ଖାଲି ଆପଣଙ୍କ ବୟସ କେତେ କହନ୍ତୁ।" ତାଙ୍କ ସ୍ୱରରୁ ଜଣାପଡୁଥିଲା ସିଏ ଜଣେ ବୟସ୍କା ମହିଳା। ମୁଁ ମୋ' ବୟସ କହିବା ପରେ ସିଏ କହିଲେ, "ମୁଁ ଆପଣଙ୍କଠାରୁ କୋଡ଼ିଏ ବର୍ଷ ବଡ଼। ଆପଣଙ୍କୁ 'ପୁଅ' ବୋଲି ସମ୍ବୋଧନ କରିପାରିବି?" ମୁଁ କହିଲି, "ପୁଅକୁ କ'ଣ 'ଆପଣ' କୁହାଯାଏ?" ସିଏ ଟିକିଏ ହସିଲେ। ତା'ପରେ କହିଲେ, ପୁଅ! ତମେ ମୋତେ....। ମୁଁ କହିଲି, 'ତମେ' ନୁହଁ, ଯଦି ମୋତେ ପୁଅ କହୁଛନ୍ତି ତେବେ, 'ତୁ' କହିଲେ, ଖୁସି ହେବି। ସିଏ କହିଲେ, ଠିକ୍ ଅଛି। ପୁଅ! ତୁ ମୋତେ ମୋ' ନାଁ ପଚାରିଲୁନି ତ! ମୁଁ କହିଲି, ମା'ଙ୍କୁ କ'ଣ ନାଁ ପଚରାଯାଏ? ସିଏ ପୁଣି ହସିଲେ। ଏଥର ତାଙ୍କ ହସରେ ଖୁସି ଆଉ ବିଷାଦ ଫେଣ୍ଟି ହେଲା ପରି ଲାଗୁଥିଲା। ଟିକିଏ ନିରବ ରହିଲା ପରେ ସିଏ କହିଲେ, ପୁଅ! ଆଗରୁ ମୁଁ ତୋର କେତେଗୁଡ଼ିଏ ଗପ ପଢ଼ିଥିଲି, ଆଜିର ଗପ ବି ପଢ଼ିଲି। ଏବେ ସିଏ ମୋତେ କିଛି କହିବା ପାଇଁ ସମୟ ନ ଦେଇ କହିବାରେ ଲାଗିଲେ। ଅନର୍ଗଳ କହି ଚାଲିଲେ। ସିଏ କହୁଥିଲେ, ମୁଁ ଚୁପ୍ ହୋଇ ଶୁଣୁଥିଲି। ମୋତେ ତାଙ୍କ ରୂପ ଦିଶୁ ନ ଥିଲା, ଦିଶୁଥିଲା ଶବ୍ଦମାନଙ୍କୁ ନେଇ କଲମ କାଳି ଦ୍ୱାରା ମୋ' ଗଳ୍ପରେ ଚିତ୍ରିତ, ରୋଜଗାରିଆ ପୁଅକୁ ହରାଇଥିବାଦ ସେହି ବିଧବା ବୁଢ଼ୀଟିର ଚିତ୍ର।

ତା' ପରଠାରୁ ଦିନେ ଦୁଇ ଦିନ ବ୍ୟବଧାନରେ ସିଏ ମୋ' ସହିତ କଥା ହେବାକୁ ଲାଗିଲେ। କ'ଣ ଖାଇଲେ, ନ ଖାଇଲେ, କୁଆଡ଼େଗଲେ, ଆସିଲେ, ଘର ପରିବାରର ଭଲ ମନ୍ଦ ସବୁ ମୋତେ ଶୁଣାଉଥିଲେ ଆଉ ମୋର ସୁଖ ଦୁଃଖ କଥା ପଚାରି ବୁଝୁ ଥିଲେ।



ତାଙ୍କ ସ୍ୱରରେ ଆପଣା ପଣିଆର ମହକ ବେଳୁବେଳ ଉଛୁଳି ପଡ଼ିଲା ପରି ଲାଗୁଥିଲା। ମୁଁ ବାନ୍ଧି ହୋଇ ଯାଉଥିଲି ତାଙ୍କର ଅନାବିଳ ସ୍ନେହରେ, ମମତାରେ।

ଦିନେ ସିଏ ମୋତେ କହିଲେ, ପୁଅ! ତୁ ଭୁବନେଶ୍ୱର ଆସୁଛୁ, ମୋ' ଘର ଖଣ୍ଡଗିରି ଛକ ପାଖରେ ବୋଲି ଜାଣିଛୁ, ତେବେ ବି ମୋ' ପାଖକୁ ଆସୁନୁ କାହିଁକି? ମୁଁ କହିଲି– ଯିବି, ଆପଣଙ୍କ ସହିତ ଦେଖାକରିବାକୁ ନିଶ୍ଚୟ ଯିବି। କହିଦେଲି ସିନା, ହେଲେ ଜଞ୍ଜାଳ ଜାଲ କାଟି ଯାଇପାରିଲିନି। ଦିନ ପରେ ଦିନ ଗଡ଼ିଗଲା।

ଯା' ଭିତରେ ସେହି ପତ୍ରିକାରେ ମୋର ଆଉ ଗୋଟିଏ ଗଳ୍ପ ପ୍ରକାଶ ପାଇଲା। ଅନ୍ୟମାନେ ଫୋନ୍ କଲେ, ହେଲେ ମାଆ ଚୁପ୍ ରହିଲେ। "ପୁଅର କଥା ହାଲୁକା ହେଲେ ମା'ର ମନ ଓଜନିଆ ହୋଇଯାଏ।" ମୁଁ ଭାବିଲି ସେଇଆ ହୋଇଥିବ। ଯିବି ଯିବି ବୋଲି କହି ଯାଇନାହିଁ କି ମୋ' ତରଫରୁ ଫୋନ୍ କରିନାହିଁ, ତେଣୁ ମା' ଅଭିମାନ କରିଛନ୍ତି।

ତା' ପରଦିନ ମୁଁ ତାଙ୍କୁ ଦେଖା କରିବାକୁ ଯିବି ବୋଲି ସ୍ଥିର କଲି। ଏଇ ଖବର ତାଙ୍କୁ ଜଣାଇବା ପାଇଁ ଫୋନ୍ ଲଗାଇଲି। ମୁଁ ଯେତେବେଳେ ଫୋନ କରେ, ସିଏ ସାଙ୍ଗେ ସାଙ୍ଗେ ଫୋନ୍ ଉଠାନ୍ତି, ଆଉ ମୁଁ ନମସ୍କାର କରିବା ଆଗରୁ ଆଶୀର୍ବାଦମିଶା ସ୍ୱରରେ କହନ୍ତି, "ଜଗନ୍ନାଥେ ତୋତେ ଘଣ୍ଟଘୋଡ଼େଇ ରଖିଥା'ନ୍ତୁ।" କିନ୍ତୁ ସେଦିନ ସେ ସ୍ୱର ଶୁଭିଲାନି। ଆଉ କିଏ ଜଣେ କହିଲେ– ହାଲୋ। ମୁଁ କହିଲି– ମା'ଙ୍କ ସହିତ କଥା ହେବାକୁ ଚାହୁଁଛି। ତାଙ୍କୁ ଫୋନ୍‌ଟା ଦିଅନ୍ତୁ। ମା' କୋଉଠି ଅଛନ୍ତି? ସେ ଲୋକ କହିଲେ– ମାଆ ନାହାନ୍ତି। ମୁଁ ଆଉ କୋଉଠିକି ଫୋନ୍ ଲଗାଇ ଦେଇଛି ବୋଲି ଭାବି ପଚାରିଲି– ଆପଣ କିଏ? କୋଉଠୁ କହୁଛନ୍ତି? ସେ କହିଲେ– ଆପଣ ଯାହାଙ୍କୁ ଖୋଜୁଛନ୍ତି, ମୁଁ ତାଙ୍କର ସାନପୁଅ। ଏବେ ଶ୍ରୀକ୍ଷେତ୍ରର ସ୍ୱର୍ଗଦ୍ୱାରରୁ କହୁଛି। ମା' ତିନି ଦିନ ଡାକ୍ତରଖାନାରେ ରହିବା ପରେ ଆଜି ସକାଳେ...।

ତା'ପରେ ସିଏ ଆଉ କ'ଣ ସବୁ କହିଲେ ମୋତେ ଶୁଭିଲାନି। କାହିଁକି ନା ସେତେବେଳକୁ ମା' ଯେମିତି ଖୁବ୍ ଅଭିମାନିଆ ସ୍ୱରରେ ମୋ' କାନ ପାଖରେ କହୁଥିଲେ– "ପୁଅ, ତୁ ଆସିବୁ ବୋଲି କହି ଆସିଲୁନି। ତୁ ମୋତେ ମିଛ କହିଥିଲୁ ନା!" ମୁଁ ଏବେ ବଡ଼ ପାଟିରେ କହିଲି, "ମୁଁ ମିଛ କହିଥିଲି, ମୁଁ ମିଛୁଆ, ହଁ ମୁଁ ମିଛୁଆ।"

ମୋ: ୯୮୫୩୦୭୦୦୧୮

# ଜୁନ୍ ୯ରେ ଭାରତ-ପାକିସ୍ତାନ

## ଟି୨୦ ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷିତ

ନୂଆଦିଲ୍ଲୀ, ୫।୧ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟି୨୦ ବିଶ୍ୱକପ୍ ୨୦୨୪ର କାର୍ଯ୍ୟସୂଚୀ ଶୁକ୍ରବାର ଘୋଷଣା କରାଯାଇଛି। ଗ୍ରୁପ୍ 'ଏ'ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ଜୁନ୍ ୯ରେ ପରସ୍ପରକୁ ଭେଟିବେ। ଏହି ମ୍ୟାଚ ନ୍ୟୁୟର୍କରେ ଖେଳାଯିବ। ଲିଗ୍ ପର୍ଯ୍ୟାୟ ମ୍ୟାଚ ପାଇଁ ଗ୍ରୁପ୍ 'ଏ'ରେ ପାକିସ୍ତାନ, ଆୟର୍ଲାଣ୍ଡ, କାନାଡା ଏବଂ ୟୁଏସ୍ଏ ସହିତ ଭାରତ ସ୍ଥାନ ପାଇଛି। ଜୁନ୍ ୫ରେ ନ୍ୟୁୟର୍କଠାରେ ଆୟର୍ଲାଣ୍ଡ ବିପକ୍ଷରେ ଖେଳି ଭାରତ ଏହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ପାକିସ୍ତାନ ବିପକ୍ଷ ମ୍ୟାଚ ପରେ ଦଳ ଜୁନ୍ ୧୨ରେ ଭାରତ ଟୁର୍ନାମେଣ୍ଟର ସହ ଆୟୋଜକ ୟୁଏସ୍ଏକୁ ଭେଟିବ। ପରେ ଜୁନ୍ ୧୫ରେ କାନାଡା ବିପକ୍ଷରେ ଗ୍ରୁପ୍‌ର ଶେଷ ମ୍ୟାଚ ଖେଳିବା ଲାଗି ଦଳ ଫ୍ଲୋରିଡା ଗସ୍ତ କରିବ। ୱେଷ୍ଟଇଣ୍ଡିଜ ଓ ୟୁଏସ୍ଏ ମିଳିତ ଭାବେ ଆୟୋଜନ କରିଥିବା ଏହି ଟୁର୍ନାମେଣ୍ଟରେ ଭାଗ ନେଉଥିବା ୨୦ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଏହା ସବୁଠାରୁ ବଡ଼ ଟି୨୦ ବିଶ୍ୱକପ୍ ବୋଲି କୁହାଯାଉଛି। ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଗତ ୨୦୨୨ ସଂସ୍କରଣରେ ୧୬ଟି ଦଳ ଭାଗ ନେଇଥିଲେ। ଜୁନ୍ ୧ରେ ୟୁଏସଏ-କାନାଡା ମ୍ୟାଚ ସହ ଟୁର୍ନାମେଣ୍ଟ ଆରମ୍ଭ ହେବ। ସେମିଫାଇନାଲ ଜୁନ୍ ୨୬ରେ ଗୁୟାନା ଓ ଜୁନ୍ ୨୭ରେ ତ୍ରିନିଦାଦଠାରେ ଖେଳାଯିବାକୁ ଥିବା ବେଳେ ବାର୍ବାଡୋସରେ ଜୁନ୍ ୨୯ରେ ଫାଇନାଲ ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଇଂଲଣ୍ଡ ହେଉଛି ଟୁର୍ନାମେଣ୍ଟର ଗତଥରର ବିଜେତା। ୨୦୨୨ ନଭେମ୍ବରରେ ମେଲବୋର୍ନଠାରେ ପାକିସ୍ତାନକୁ ପରାସ୍ତ କରି ଦଳ ଟାଇଟଲ ବିଜୟୀ ହୋଇଥିଲା। ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚଗୁଡ଼ିକ ଜୁନ୍ ୧ରୁ ୧୮ ପର୍ଯ୍ୟନ୍ତ ଖେଳାଯିବାକୁଥିବା ବେଳେ ସୁପର-୮ ଗେମ୍ ଗୁଡ଼ିକ ଜୁନ୍ ୧୯ରୁ ୨୪ ପର୍ଯ୍ୟନ୍ତ ଖେଳାଯିବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସୁପର-୮ରେ ପ୍ରବେଶ କରିବେ। ଏହି ପର୍ଯ୍ୟାୟରେ ଦଳଗୁଡ଼ିକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ରେ ୪ଟି ଲେଖାଏଁ ଦଳ ରହିବେ। ସୁପର-୮ରୁ ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲରେ ପ୍ରବେଶ କରିବେ। ଟୁର୍ନାମେଣ୍ଟରେ ମୋଟ ୫୫ଟି ୱେଷ୍ଟଇଣ୍ଡିଜର ୬ଟି ଭେନ୍ୟୁ ଯଥା କିଙ୍ଗଷ୍ଟନ ଓଭାଲ (ବାର୍ବାଡୋସ); ବ୍ରାଏନ ଲାରା କ୍ରିକେଟ ଏକାଡେମୀ (ତ୍ରିନିଦାଦ); ପ୍ରୋଭିନ୍ସ ଷ୍ଟାଡିୟମ (ଗୁୟାନା); ସାର୍ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମ (ଆଣ୍ଟିଗୁଆ), ଡାରେନ ସାମି କ୍ରିକେଟ ଷ୍ଟାଡିୟମ (ସେଣ୍ଟ ଲୁସିଆ); ଆର୍ନସ ଭାଲେ ଷ୍ଟାଡିୟମ (ସେଣ୍ଟଭିନ୍‌ସେଣ୍ଟ) ଏବଂ ୟୁଏସ୍‌ର ତିନୋଟି ଭେନ୍ୟୁ ଇଜେନ୍‌ହୋର୍ ପାର୍କ (ନ୍ୟୁୟର୍କ), ଲଡରହିଲ୍ (ଫ୍ଲୋରିଡା) ଏବଂ ଗ୍ରାଣ୍ଡ ପ୍ରାଇରି (ଟେକ୍ସାସ)।

**ଗ୍ରୁପ୍ 'ଏ':** ଭାରତ, ପାକିସ୍ତାନ, ଆୟର୍ଲାଣ୍ଡ , କାନାଡା, ୟୁଏସ୍ଏ।
**ଗ୍ରୁପ୍ 'ବି':** ଇଂଲଣ୍ଡ, ଅଷ୍ଟ୍ରେଲିଆ, ନାମ୍ବିଆ, ସ୍କଟଲାଣ୍ଡ, ଓମାନ।
**ଗ୍ରୁପ୍ 'ସି':** ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ, ଆଫଗାନିସ୍ତାନ, ଉଗାଣ୍ଡା, ପପୁଆ ନ୍ୟୁ ଗିନି।
**ଗ୍ରୁପ୍ 'ଡି':** ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ବାଂଲାଦେଶ, ନେଦରଲାଣ୍ଡ୍ସ, ନେପାଳ।

# ପାରୋଲରେ ଖଲାସ ହେଲେ ପିଷ୍ଟୋରିଅସ୍

ପ୍ରିଟୋରିଆ, ୫।୧(ଏପି)

ଦକ୍ଷିଣ ଆଫ୍ରିକୀୟ ଆଥଲେଟ ଓସ୍କାର ପିଷ୍ଟୋରିଅସ୍ ଜେଲ୍‌ରୁ ପାରୋଲରେ ଆସିଛନ୍ତି। ବର୍ତ୍ତମାନ ସେ ତାଙ୍କ ବାସଭବନରେ ଅଛନ୍ତି। ଦକ୍ଷିଣ ଆଫ୍ରିକାର ଡିପାର୍ଟମେଣ୍ଟ ଅଫ୍ କରେକସନ୍ସ ପକ୍ଷରୁ ଶୁକ୍ରବାର ଏ ବିଷୟ ସୂଚାଇ



ଦିଆଯାଇଛି। ବିଶ୍ୱ ପ୍ରସିଦ୍ଧ ଡବଲ ଆମ୍ପ୍ୟୁଟି ଅଲିମ୍ପିକ ଧାବକ ଦକ୍ଷିଣ ଆଫ୍ରିକୀୟ ରାଜଧାନୀ ପ୍ରିଟୋରିଆ ଅନ୍ତର୍ଗତ ଆଟରିଜ୍‌ଭିଲେ କରେକ୍ସନାଲ ସେଣ୍ଟରରେ ବନ୍ଦୀ ଜୀବନ ବିତାଉଥିଲେ। ୨୦୧୩ ଭାଲେଣ୍ଟାଇନ୍ସ ଡେ'ରେ ପ୍ରେମିକା ରିଭା ଷ୍ଟିନ୍‌କ୍ୟାମ୍ପଙ୍କୁ ହତ୍ୟା ଅଭିଯୋଗରେ ପିଷ୍ଟୋରିଅସଙ୍କୁ ୧୩ ବର୍ଷ ଓ ୫ ମାସ ଜେଲଦଣ୍ଡ ହୋଇଛି। ଇତିମଧ୍ୟରେ ସେ ପାଖାପାଖି ୯ବର୍ଷ ଜେଲଦଣ୍ଡ ଭୋଗି ସାରିଲେଣି। ନଭେମ୍ବରରେ ତାଙ୍କୁ ପାରୋଲରେ ଯିବା ଲାଗି ଅନୁମତି ମିଳିଥିଲା। ଦକ୍ଷିଣ ଆଫ୍ରିକାରେ ଜଣେ ବଡ଼ ଅପରାଧୀ ଅତିକମ୍‌ରେ ଅଧା ଜେଲଦଣ୍ଡ ଭୋଗିସାରିବା ପରେ ପାରୋଲରେ ଖଲାସ ହେବା ଲାଗି ଯୋଗ୍ୟ ବିବେଚିତ ହୋଇଥାନ୍ତି। ଜେଲରୁ ବାହାରିବା ପରେ ପିଷ୍ଟୋରିଅସ୍ ପ୍ରଥମେ ପ୍ରିଟୋରିଆ ଉପକଣ୍ଠ ଅନ୍ତର୍ଗତ ୱାଟରକେଲୁଫ୍‌ସ୍ଥିତ ତାଙ୍କ ମାମୁଙ୍କ ବାସ ଭବନରେ ଅବସ୍ଥାନ କରିବେ ବୋଲି ଆଶା କରାଯାଉଥିଲା। ଏହି ଘର ସମ୍ମୁଖରେ ଏକ ପୋଲିସ ଭ୍ୟାନ ପାର୍କିଂ କରିଥିଲା। ଡିପାର୍ଟମେଣ୍ଟ ଅଫ୍ କରେକ୍ସନ୍ସର ଅଫିସିଆଲମାନେ ପୂର୍ବରୁ ସୂଚନା ଦେଇଥିଲେ ଯେ ପିଷ୍ଟୋରିଅସଙ୍କୁ କେବେ ଖଲାସ କରାଯିବ ତାହା ଆଗୁଆ ଘୋଷଣା କରାଯିବ ନାହିଁ।

# ଅମୃତଜୟଙ୍କୁ ଟାଇଟଲ

**ଭୁବନେଶ୍ୱର, ୫।୧(ତପନ ସ୍ୱାଇଁ):** ସିଲିଗୁଡ଼ିର ଜିମ୍‌ଖାନା କ୍ଲବରେ ଅନୁଷ୍ଠିତ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଏଆଇଟିଏ (ଅଲ୍ ଇଣ୍ଡିଆ ଟେନିସ ଆସୋସିଏଶନ) ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଅମୃତଜୟ ମହାନ୍ତି ସଫଳତା ଲାଭ କରିଛନ୍ତି। ସେ ଡବଲ୍ସରେ ଚାମ୍ପିୟନ ଓ ସିଙ୍ଗଲ୍ସରେ ରନରଅପ୍ ହୋଇଛନ୍ତି। ସିଙ୍ଗଲ୍ସ ଫାଇନାଲରେ ଅମୃତଜୟ ତେଲଙ୍ଗାନାର ସୁନୀତ ଲଙ୍କା ରେଡ୍ଡୀଙ୍କଠାରୁ ୨-୬, ୨-୬ ସେଟ୍‌ରେ ହାରି ଯାଇଥିଲେ। ତେବେ ପଶ୍ଚିମବଙ୍ଗର ମହମ୍ମଦ ଫରଦିନଙ୍କୁ ସାଥୀକରି ଡବଲ୍ସ ଖେଳିଥିବା ଅମୃତଜୟ ଡବଲ୍ସ ଫାଇନାଲରେ ଓଡ଼ିଶାର ଚିନ୍ମୟ ପ୍ରଧାନ ଓ କର୍ନାଟକର ପ୍ରକାଶ ସରନଙ୍କୁ ତୃତୀୟ ସେଟ୍ ସୁପର ଟାଇବ୍ରେକର ୩-୬, ୬-୧, ୧୦-୪ ସେଟ୍‌ରେ ପରାସ୍ତ କରିଥିଲେ। ଅମୃତଜୟ ସମ୍ପ୍ରତି ଗୁରୁକୁଳ ରିସର୍ଚ୍ଚର ମିସନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ ଓ କେଟି ଗ୍ଲୋବାଲ ସ୍କୁଲ୍‌ରେ ପୂର୍ବତନ ଏଟିପି ଖେଳାଳି ଚିନ୍ମୟ ପ୍ରଧାନଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି।

# କିଟ୍ ପୁରୁଷ ଦଳ ଫାଇନାଲରେ

**ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ):** ଜୟପୁରର ମନିପାଲ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଟେନିସ ଟୁର୍ନାମେଣ୍ଟରେ କିଟ୍ ପୁରୁଷ ଦଳ ଫାଇନାଲରେ ପ୍ରବେଶ କରିଛି। ତୃତୀୟ ଦିବସରେ ଅନୁଷ୍ଠିତ ସେମିଫାଇନାଲରେ ଏହି ଦଳ ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟକୁ ୩-୨ରେ ପରାସ୍ତ କରିଛି। କିଟ୍ ଦଳର କବିର ହଂସ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଦଳର ଅନ୍ୟ ସଦସ୍ୟମାନେ ହେଲେ ଅଥର୍ବ ଶର୍ମା, ଅଂଶୁମାନ ସିଂ ଓ ଆଶିଷ କୁମାର ପରିଡ଼ା। ଶନିବାର କିଟ୍ ଓ ଏସ୍ଆର୍ଏମ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।

# କିଟ୍ ମହିଳା ଭଲିବଲ ଦଳକୁ ସର୍ବଭାରତୀୟ ଯୋଗ୍ୟତା

**ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ):** କିସ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଏଠାରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ କରି କିଟ୍ ବିଶ୍ୱବିଦ୍ୟାଳୟ ଦଳ ସର୍ବଭାରତୀୟ ଯୋଗ୍ୟତା ହାସଲ କରିଛି। କିଟ୍ ସମେତ ଆଡାମାସ ବିଶ୍ୱବିଦ୍ୟାଳୟ, ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟ ଓ ପଣ୍ଡିତ ରବି ଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ ନିଜ ନିଜର କ୍ୱାର୍ଟର ଫାଇନାଲ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ଟପ୍-୪ ଦଳଭାବେ ଏଗୁଡ଼ିକ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ମହିଳା ଭଲିବଲ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା କିସ୍ ଆନୁକୂଲ୍ୟରେ ଚଳିତ ମାସ ୯ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ମୁଣ୍ଡରେ ଆଘାତ ପରେ ହାର୍ପର ହସ୍ପିଟାଲରେ

**ମେଲବୋର୍ନ,୫।୧(ପି.ଟି.):** ବିଗ୍ ବାଶ୍ ଲିଗ୍(ବିବିଏଲ୍) ଦଳର ଷ୍ଟାର ଉଇକେଟକିପର ସାମ୍ ହାର୍ପର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଶୁକ୍ରବାର ମେଲେବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଏକ ଟ୍ରେନିଂ ସେସନ ବେଳେ ନେଟ୍ସରେ ବ୍ୟାଟିଂ କରୁଥିବା ବେଳେ ତାଙ୍କ ମୁଣ୍ଡରେ ଆଘାତ ଲାଗିଛି। ୨୭ବର୍ଷୀୟ କ୍ରିକେଟରଙ୍କୁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନିଆଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଆଗକୁ ତାଙ୍କ ଦଳର ସିଡ୍‌ନୀ ସିକ୍ସର୍ସ ବିପକ୍ଷ ମ୍ୟାଚ ପୂର୍ବରୁ ସେ ଅଭ୍ୟାସ କରୁଥିଲେ। ଏହି ଘଟଣା ପରେ ମେଲବୋର୍ନ ଷ୍ଟାର ତୁରନ୍ତ ଟ୍ରେନିଂ ସେସନକୁ ବନ୍ଦ କରିଦେଇଥିଲା। ସୂଚନାଯୋଗ୍ୟ, ହାର୍ପର ୨୦୨୦ ଜାନୁଆରୀରେ ବିବିଏଲ୍‌ର ଏକ ମ୍ୟାଚ ଖେଳୁଥିବା ସମୟରେ ହୋବାର୍ଟ ହରିକେନ୍ସର ନାଥାନ ଏଲିସଙ୍କ ସହ ଧକ୍କା ହେବାରୁ ତାଙ୍କ ମସ୍ତିଷ୍କରେ ଆଘାତ ଲାଗିଥିଲା।

# ଓଡ଼ିଶାର କୃତୀ ଆଥ୍‌ଲେଟଙ୍କୁ ଆର୍ଥିକ ପ୍ରୋତ୍ସାହନ

## ୩୨ ଆଥ୍‌ଲେଟଙ୍କୁ ୧,୧୨,୧୦,୦୦୦ ଟଙ୍କା ପୁରସ୍କାର

ଭୁବନେଶ୍ୱର, ୫।୧
(ତପନ ସ୍ୱାଇଁ)

ଗତ ଡିସେମ୍ବରରେ ଅନୁଷ୍ଠିତ ବିଭିନ୍ନ ଇଭେଣ୍ଟରେ କୃତୀତ୍ୱ ଅର୍ଜନ କରିଥିବା ଓଡ଼ିଶାର ଆଥଲେଟ୍ ଓ ପାରା ଆଥଲେଟ୍‌ଙ୍କୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଶୁକ୍ରବାର ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ୩୨ ଆଥଲେଟଙ୍କୁ ୧,୧୨,୧୦,୦୦୦ଟଙ୍କାର ପୁରସ୍କାର ରାଶି ଦେଇଛନ୍ତି। ଏହି ଅବସରରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କୃତୀ ଆଥଲେଟ୍‌ମାନଙ୍କୁ କ୍ରୀଡ଼ାମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ।

ମଧ୍ୟପ୍ରଦେଶର ଭୋପାଳରେ ଅନୁଷ୍ଠିତ ଜାତୀୟ କାନୋଇ ସ୍ପ୍ରିଣ୍ଟ ଚାମ୍ପିୟନଶିପ୍‌ରେ ଓଭରଅଲ୍ ଚାମ୍ପିୟନ ହୋଇଥିବା ଓଡ଼ିଶା କାୟାକିଂ ଓ କାନୋଇଂ ଦଳକୁ କ୍ରୀଡ଼ାମନ୍ତ୍ରୀ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିଥିଲେ। ଏକାଧିକ ପଦକ ବିଜେତା ସଚିମା କେର୍କେଟା, ରଶ୍ମିତା ସାହୁ ଓ ମୋଇରାଙ୍ଗଥେମ୍ ସୋଫିଆ ଦେବୀଙ୍କୁ ୯୦,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ସଚିମା ୪ ସ୍ୱର୍ଣ୍ଣ ଓ ୩ ରୌପ୍ୟ, ରଶ୍ମିତା ୪ ସ୍ୱର୍ଣ୍ଣ ଓ ୨ ରୌପ୍ୟ ଓ ୧ ବ୍ରୋଞ୍ଜ ଏବଂ ସୋଫିଆ ୩ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ପାଇଥିଲେ। ଓଇନାମ ବିଦ୍ୟା ଦେବୀ (୧ ସ୍ୱର୍ଣ୍ଣ, ୩ ରୌପ୍ୟ, ୨ ବ୍ରୋଞ୍ଜ) ଓ ଫୁଲମଣି ଖାଖା (୧ ସ୍ୱର୍ଣ୍ଣ, ୩ ରୌପ୍ୟ, ୨ ବ୍ରୋଞ୍ଜ)ଙ୍କୁ ୫୦,୦୦୦, ସଲାମ କିଶନ ସିଂ (୪ ରୌପ୍ୟ), ସାଗର କୁମାର (୩ ରୌପ୍ୟ, ୧ ବ୍ରୋଞ୍ଜ) ଓ ଅହୋଙ୍ଗଶାଙ୍ଗବାମ୍ ନାଓବି ସିଂ (୧ ସ୍ୱର୍ଣ୍ଣ, ୨ ରୌପ୍ୟ, ୧ ବ୍ରୋଞ୍ଜ)ଙ୍କୁ ୪୦,୦୦୦ ଲେଖାଏ, ପୁଖରାମବାମ ରୋଜି ଦେବୀ (୧ ସ୍ୱର୍ଣ୍ଣ, ୨ ରୌପ୍ୟ) ଓ ଶୃତି ଚୋଗୁଲେ (୧ ସ୍ୱର୍ଣ୍ଣ, ୨ ରୌପ୍ୟ)ଙ୍କୁ ୩୫,୦୦୦ ଟଙ୍କା ଲେଖାଏ ଦିଆ ଯାଇଥିଲା। ସେହିପରି ୩ ପଦକ ଜିତିଥିବା ଫଇରେମବାମ୍ ବୋରିଶ ସିଂଙ୍କୁ ୩୦,୦୦୦, ଥୋଙ୍ଗାମ୍, ମୋନୋଚା ସିଂ, ସଲାମ ଅର୍ଶୀ ଦେବୀ ଓ ଲୈଶରାମ ବୋରିଶ ସିଂଙ୍କୁ ୨୫,୦୦୦ ଟଙ୍କା ଲେଖାଏ, ମଧୁସ୍ମିତା ନାୟକଙ୍କୁ ୧୫,୦୦୦, ଇଲିନ ଆଲରିକା ଟପ୍ପୋ ଓ ମୋଇରାଙ୍ଗଥେମ୍ ଜାବେଜ ମୋଇତେଇଙ୍କୁ ୧୦,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା।

ନିକଟରେ ଥାଇଲାଣ୍ଡରେ ଶେଷ ହୋଇଥିବା ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ୍ସ (ପୂର୍ବରୁ ଆଇଡବ୍ଲ୍ୟୁଏଏସ୍ ୱାର୍ଲ୍ଡ ଗେମ୍ସରେ ନାମରେ ପରିଚିତ ଥିଲା) ୨୦୨୩ରେ ପଦକ ଜିତିଥିବା ପାରା ଆଥଲେଟ୍ ସୁଚିତ୍ରା ପରିଡ଼ାଙ୍କୁ ୩୪ ଲକ୍ଷ, ଜୟନ୍ତି ବେହେରାଙ୍କୁ ୩୦ ଲକ୍ଷ ଓ ସ୍ୱାଧୀନ ମେହେରଙ୍କୁ ୧୪ ଲକ୍ଷ ଟଙ୍କା ଦିଆ ଯାଇଥିଲା। ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଦୀପ୍ ରଞ୍ଜନ ବିଷୋୟୀଙ୍କୁ ୧୮ ଲକ୍ଷ ଏବଂ ଶୁଭ୍ରଜିତ ମହାରଣାଙ୍କୁ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ଜି. ଦିଲେଶ୍ୱର ରାଓ, ନୁରୁଲ ହୋସେନ ଖାଁ, ରାଖାଏ କୁମାର ସେଠି, ଭି. ରମେଶ ରାଓ, ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ, ପୂଜାସ୍ୱିନୀ ନାୟକ, ଶୀଲା ମନ୍ତ୍ରୀ, ପବୀତ୍ର ସାହୁ ଓ ମାଳତୀ ପାନାଉରେଙ୍କୁ ୫୦,୦୦୦ ଟଙ୍କା ଲେଖାଏ ଦିଆଯାଇ ସମ୍ମାନିତ କରାଯାଇଛି।



କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟ ଅତିଥିଙ୍କ ସହ ଆର୍ଥିକ ପ୍ରୋତ୍ସାହନରେ ସମ୍ମାନିତ ଓଡ଼ିଶା ପାରା ଆଥଲେଟ୍।



ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଓ ସେଥୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ବିକାଶ ନାୟକ)

# ଅଷ୍ଟ୍ରେଲିଆ ନଂ.୧

ଦୁବାଇ, ୫।୧(ପି.ଟି.)

କେପ୍‌ଟାଉନଠାରେ ୭ ଉଇକେଟରେ ବିଜୟ ଲାଭ କରି ଦକ୍ଷିଣ ଆଫ୍ରିକା ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ସିରିଜ ଡ୍ର ରଖିଥିଲେ ସୁଦ୍ଧା ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ ତାଲିକାରେ ଭାରତକୁ ହଟାଇ ଅଷ୍ଟ୍ରେଲିଆ ନମ୍ବର ୱାନ ସ୍ଥାନ ଦଖଲ କରିନେଇଛି। ନ୍ୟୁ ଲାଣ୍ଡ୍ସରେ ବିଜୟ ଦ୍ୱାରା ୪ଟି ଟେଷ୍ଟ ମ୍ୟାଚରୁ ଦୁଇ ବିଜୟ, ଗୋଟିଏ ପରାଜୟ ଓ ଗୋଟିଏ ଡ୍ର'ରୁ ୫୪.୧୬ ପ୍ରତିଶତ ପଏଣ୍ଟ ଅର୍ଜନ କରି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଛି।

# ଓଡ଼ିଶା ଏଫ୍‌ସିର ଅପରାଜେୟ ଧାରା ଜାରି

**ଇଣ୍ଡିଆନ ଓମେନ୍ସ ଲିଗ୍**

ଭୁବନେଶ୍ୱର, ୫।୧
(ତପନ ସ୍ୱାଇଁ)

ଚଳିତ ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଓଡ଼ିଶା ଏଫ୍‌ସିର ଅପରାଜେୟ ଧାରା ଜାରିରହିଛି। ନୂଆବର୍ଷରେ ଶୁକ୍ରବାର ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଏହି ଦଳ ୧-୦ ଗୋଲରେ ସେଥୁ ଏଫ୍‌ସିକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ଓଡ଼ିଶା ଏଫ୍‌ସିର ଏହା କ୍ରମାଗତ ତୃତୀୟ ବିଜୟ। ୩ ମ୍ୟାଚରୁ ୯ ପଏଣ୍ଟ ପାଇ ଓଡ଼ିଶାଭିତ୍ତିକ ଏହି ଦଳ ପଏଣ୍ଟ ଟେବୁଲର ଶୀର୍ଷସ୍ଥାନରେ ରହିଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏପର୍ଯ୍ୟନ୍ତ ୭ଟି ଗୋଲ ଦେଇଥିବାବେଳେ ଗୋଟିଏ ହେଲେ ବରଣ କରିନାହିଁ। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ଉଭୟ ଦଳ ଏକାଧିକ ସୁଯୋଗ ହାତଛଡ଼ା କରିବାରୁ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ୬୦ତମ ମିନିଟରେ ଅସ୍ତମଙ୍କ ଚମତ୍କାର କ୍ରସ୍ ପାସ୍‌କୁ ବକ୍ସ ମଧ୍ୟରେ ଥିବା ପ୍ୟାରୀ ଖାଖା ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲେ। ୬୬ତମ ମିନିଟରେ ଦଳକୁ ଏକ ପେନାଲ୍ଟି ସୁଯୋଗ ମିଳିଥିଲା। ଇନ୍ଦୁମତୀ କାଥିରେସନ ଧୈର୍ଯ୍ୟପୂର୍ଣ୍ଣଭାବେ ଏହାକୁ ଗୋଲରେ ପରିଣତ କରି ଦଳକୁ ଅଗ୍ରଣୀ କରାଇଥିଲେ। ୭୭ତମ ମିନିଟରେ ସେଥୁ ପକ୍ଷରୁ ଗୋଲ ପରିଶୋଧର ସୁଯୋଗ ଆସିଥିଲା। ମାତ୍ର ଶ୍ରେୟାଙ୍କ ଚମତ୍କାର ସେଭ୍ ଯୋଗୁ ତାହା ସମ୍ଭବ ହୋଇ ନ ଥିଲା। ଶେଷରେ ଇନ୍ଦୁମତୀଙ୍କ ଗୋଲ ହିଁ ନିର୍ଣ୍ଣାୟକ ହୋଇଥିଲା। ଆସନ୍ତା ୧୦ ତାରିଖରେ ଓଡ଼ିଶା ଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ ହୋପ୍ସ ଏଫ୍‌ସି ବିପକ୍ଷରେ ଖେଳିବ। ଭୁବନେଶ୍ୱରରେ ଏହି ମ୍ୟାଚ ଅନୁଷ୍ଠିତ ହେବ।

# ମିତେଶ-ଅତୀତଙ୍କ ଭାଗୀଦାରିରେ ଓଡ଼ିଶା ନିରାଶ

ଭୁବନେଶ୍ୱର, ୫।୧
(ତପନ ସ୍ୱାଇଁ)

ଭଦୋଦରାର ମୋତିବାଗ ଷ୍ଟାଡିୟମରେ ଓଡ଼ିଶା ଓ ବରୋଦା ମଧ୍ୟରେ ଚଳିତ ରଣଜୀ ଟ୍ରଫି ସିଜନର ପ୍ରଥମ ମ୍ୟାଚ ଶୁକ୍ରବାର ଆରମ୍ଭ ହୋଇଛି। ଜ୍ୟୋତ୍ସ୍ନିଲ ସିଂଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ବରୋଦା ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲେ ହେଁ ଅସମାପ୍ତ ୭ମ ଉଇକେଟରେ ଉଇକେଟ କିପର ମିତେଶ ପଟେଲ ଓ ଅତୀତ ଶେଠ୍‌ଙ୍କ ଶତକୀୟ ଭାଗୀଦାରି ଓଡ଼ିଶା ବୋଲରଙ୍କୁ ନିରାଶ କରିଛି। ପ୍ରଥମ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ବରୋଦା ପ୍ରଥମ ଇନିଂସରେ ୬ ଉଇକେଟ ହରାଇ ୩୨୨ ରନ କରିଛି। ଏହି ମ୍ୟାଚରେ ଓଡ଼ିଶାର ଆଶୀର୍ବାଦ ସ୍ୱାଇଁ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ କରିଛନ୍ତି।

ଟସ୍ ଜିତି ଓଡ଼ିଶା ଅଧିନାୟକ ଶାନ୍ତନୁ ମିଶ୍ର ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ନିଜର ପ୍ରଥମ ଏବଂ ମ୍ୟାଚର ଦ୍ୱିତୀୟ ଓଭରର ୫ମ ବଲ୍‌ରେ ଓପନର କିନିତ ପଟେଲଙ୍କୁ ଆଉଟ କରି ବରୋଦାକୁ ପ୍ରଥମ ଝଟ୍‌କା ଦେଇଥିଲେ ସୂର୍ଯ୍ୟକାନ୍ତ ପ୍ରଧାନ। ଅନ୍ୟତମ ଓପନର ଜ୍ୟୋତ୍ସ୍ନିଲ ସିଂ ଦୃଢ଼ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ଅନ୍ୟପଟରେ ଶାଶ୍ୱତ ରାଓ୍ୱତ (୧୭), ଅଧିନାୟକ ବିଷ୍ଣୁ ସୋଲାଙ୍କି (୧୮) ଓ ଅଭିମନ୍ୟୁ ସିଂ ରାଜପୁତ (୯) ଶୀଘ୍ର ଆଉଟ ହୋଇ ଯାଇଥିଲେ। ଶାଶ୍ୱତଙ୍କୁ ରାଜେଶ ମହାନ୍ତି ଆଉଟ କରିଥିବାବେଳେ ଅଭିମନ୍ୟୁଙ୍କ ଉଇକେଟ ନେଇଥିଲେ ଦେବବ୍ରତ ପ୍ରଧାନ। ବିଷ୍ଣୁ ରନ୍‌ଆଉଟ ହୋଇଥିଲେ। ୬ ନମ୍ବର ବ୍ୟାଟର ନିନାଦ ରଥଭା ଅର୍ଦ୍ଧଶତକ ହାସଲଠାରୁ ୨ ରନ ଦୂରରେ ଥାଇ ୪୮ ରନକରି ଗୋବିନ୍ଦ ପୋଦ୍ଦାରଙ୍କ ଶିକାର ହୋଇଥିଲେ। ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି ଶତକ ଆଡ଼କୁ ଅଗ୍ରସର ହେଉଥିବା ଜ୍ୟୋତ୍ସ୍ନିଲଙ୍କୁ ଆଶୀର୍ବାଦଙ୍କ ହାତରେ କ୍ୟାଚ କରାଇ ଓଡ଼ିଶାକୁ ବଡ଼ ସଫଳତା ଦେଇଥିଲେ ଜୟନ୍ତ ବେହେରା। ଫଳରେ ବରୋଦା ସ୍କୋର ୬୪.୨ ଓଭର ବେଳକୁ ୨୧୦/୬ ହୋଇ ଯାଇଥିଲା। ଜ୍ୟୋତ୍ସ୍ନିଲ ୧୪୩ ବଲ୍‌ରୁ ୭୩ (୯ ଚୌକା, ୧ ଛକା) ରନ କରିଥିଲେ। ଏପରି ସ୍ଥିତିରେ ଓଡ଼ିଶା ବୋଲରମାନେ ବରୋଦା ପ୍ରଥମ ଇନିଂସକୁ ୩୦୦ ରନ ମଧ୍ୟରେ ସୀମିତ ରଖିବେ ବୋଲି ଆକଳନ କରାଯାଉଥିଲା। ମାତ୍ର ଏହାକୁ ଭୁଲ ବୋଲି ପ୍ରମାଣିତ କରିଥିଲେ ମିତେଶ ଓ ଅତୀତ। ଦୁହେଁ ଦୃଢ଼ ବ୍ୟାଟିଂ ଜାରି ରଖି ଅସମାପ୍ତ ୭ମ ଉଇକେଟରେ ୧୧୨ ରନର ଭାଗୀଦାରି ଗଢ଼ି ଓଡ଼ିଶା ବୋଲରଙ୍କୁ ହତାଶ କରିଥିଲେ। ମିତେଶ ୧୨୧ ବଲ୍‌ରୁ ୯୪ (୧୨ ଚୌକା, ୧ ଛକା) ରନରେ ଅପରାଜିତ ରହି ଶତକର ନିକଟତର ହୋଇଥିବାବେଳେ ଅତୀତ ୭୫ ବଲ୍‌ରୁ ୫୬ ରନରେ ନଟ୍‌ଆଉଟ ରହିଛନ୍ତି। ଓଡ଼ିଶା ବୋଲରଙ୍କ ମଧ୍ୟରେ ରାଜେଶ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଦେବବ୍ରତ ପ୍ରଧାନ, ଜୟନ୍ତ ବେହେରା ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବରୋଦାର କିନିତ ପଟେଲ ମଧ୍ୟ ଏହି ମ୍ୟାଚରେ ପ୍ରଥମ ଶ୍ରେଣୀ କ୍ରିକେଟ ଡେବ୍ୟୁ କରିଥିଲେ।



ଆଶୀର୍ବାଦ ସ୍ୱାଇଁଙ୍କୁ କ୍ୟାପ ପ୍ରଦାନ କରୁଛନ୍ତି ଦୀନେଶ ମୋଙ୍ଗିଆ।

**ରଣଜୀ ଟ୍ରଫି**

**ସଂକ୍ଷିପ୍ତ ସ୍କୋର**

ବରୋଦା ପ୍ରଥମ ଇନିଂସ (୮୮ ଓଭରରେ): ୩୨୨/୬ (ମିତେଶ ପଟେଲ-୯୪*, ଜ୍ୟୋତ୍ସ୍ନିଲ ସିଂ-୭୩, ଅତୀତ ଶେଠ୍-୫୬*, ନିନାଦ ରଥଭା-୪୮, ରାଜେଶ ମହାନ୍ତି-୧/୫୬, ସୂର୍ଯ୍ୟକାନ୍ତ ପ୍ରଧାନ-୧/୭୫, ଦେବବ୍ରତ ପ୍ରଧାନ-୧/୪୮, ଜୟନ୍ତ ବେହେରା-୧/୮୮, ଗୋବିନ୍ଦ ପୋଦ୍ଦାର-୧/୫୦)।

# ସେମିଫାଇନାଲରେ ତେଲୁଗୁ ଯୋଦ୍ଧାସ୍

**ଅଲ୍‌ଟିମେଟ ଖୋ ଖୋ**

ଭୁବନେଶ୍ୱର, ୫।୧
(ତପନ ସ୍ୱାଇଁ)

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଅଲ୍‌ଟିମେଟ ଖୋ ଖୋର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ତେଲୁଗୁ ଯୋଦ୍ଧାସ ୩୮-୩୦ ପଏଣ୍ଟରେ ଚେନ୍ନାଇ କୁଇକ୍ ଗନ୍ସକୁ ପରାସ୍ତ କରିଛି। ଏଥିସହ ପ୍ରଥମ ଦଳଭାବେ ଯୋଦ୍ଧାସ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ଏହି ଦଳ ପକ୍ଷରୁ ରାହୁଲ ମଣ୍ଡଳ ସର୍ବାଧିକ ୧୦ ପଏଣ୍ଟ ହାସଲ କରିଥିଲେ। ଟର୍ନ ୩ରେ ଏକାଧିକ ଡ୍ରିମ୍ ରନ୍ ପଏଣ୍ଟ ପାଇଥିଲେ ହେଁ ଚେନ୍ନାଇ କୁଇକ୍ ଗନ୍ସ ଅନ୍ତିମ ଟର୍ନ ବେଳକୁ ୨୩ ପଏଣ୍ଟ ପଛରେ ରହିଥିଲା। ଏହି ପର୍ଯ୍ୟାୟରେ ତେଲୁଗୁ ଯୋଦ୍ଧାସ ଖେଳାଳି ଚମତ୍କାର ଡିଫେଣ୍ଡ କରି ମ୍ୟାଚ ଜିତିଥିଲା। ୮ ମ୍ୟାଚରୁ ୬ ବିଜୟ ସହ ତେଲୁଗୁ ଯୋଦ୍ଧାସ ୧୮ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ରହିଛି। ଚେନ୍ନାଇ ୭ ମ୍ୟାଚରୁ ୧୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଶନିବାର ଗୁଜରାଟ ଜାଏଣ୍ଟ୍ସ ଓ ଓଡ଼ିଶା ଜଗରନଟ୍ସ ଏବଂ ଚେନ୍ନାଇ କୁଇକ୍ ଗନ୍ସ ଓ ମୁମ୍ବାଇ ଖିଲାଡିଜ୍ ମଧ୍ୟରେ ମୁକାବିଲା ହେବ।



ଶୁକ୍ରବାର ତେଲୁଗୁ ଯୋଦ୍ଧାସ୍ ଓ ଚେନ୍ନାଇ କୁଇକ୍ ଗନ୍ସ ମଧ୍ୟରେ ଅନୁଷ୍ଠିତ ଖୋ ଖୋ ମ୍ୟାଚର ଏକ ରୋମାଞ୍ଚକ ମୁହୂର୍ତ୍ତ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



DSPL-512
ODISHA
INDIA'S BEST KEPT SECRET.
#ନୂଆ-ଓ
ଯୁବ ଓଡ଼ିଶା
ନବୀନ ଓଡ଼ିଶା
ନୂଆ- ଓ ଉତ୍ସବ, ବାଲେଶ୍ୱର
ସ୍ଥାନ : ପୋଲିସ୍ ପଡ଼ିଆ, ବାଲେଶ୍ୱର | ସମୟ : ପୂର୍ବାହ୍ନ ୧୦ ରୁ
୦୬ ଜାନୁଆରୀ, ୨୦୨୪
ଆମ ଓଡ଼ିଶା
ନବୀନ ଓଡ଼ିଶା
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ
OIPR-29001/13/0149/2324




MARUTI SUZUKI ARENA
ନୂଆ ବର୍ଷର ଆରମ୍ଭ କରନ୍ତୁ,
ଗୋଟେ ଷ୍ଟାଇଲିଶ୍ ନୂଆ ଯାତ୍ରୀର ସହିତ!
ମାରୁତି ସୁଜୁକି ଏରିନା ଉପରେ ଆଜି ହିଁ ଆକର୍ଷଣୀୟ ଅଫର୍ସର ଆନନ୍ଦ ଉଠାନ୍ତୁ।
Happy New Year 2024
ବଡ ସଞ୍ଚୟ
ALTO K10 ₹49 000*
S-PRESSO ₹49 000*
WAGONR ₹39 000*
CELERIO ₹49 000*
EMI STARTING FROM ₹1769* PER LAKH
100%*^ ON-ROAD FUNDING AVAILABLE
SCAN TO CHAT WITH US
ALTO K10 S-PRESSO WAGONR CELERIO
E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.
Black glass on the vehicle is due to lighting effect.
JYOTE MOTORS
BHUBANESWAR: LEWIS ROAD: 9798190190. NAYAPALLI: 9798190190. TAMANDO: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.
SKY AUTOMOBILES
BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9583544555, CHANDIKHOL: 9583544555, TANGI: 7381045356.
NARAYANI MOTORS
BHUBANESHWAR: RASULGARH: 9583022019,7440019592,9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/ 48. PURI HIGHWAY PIPLI: 9583022013. TIRTOL: 7381000159.
ODYSSEY MOTORS
ANGUL: 7752076136, 9776901481, PALLAHARA: 7873565435, 9437831123.
TUSHI MOTORS
CUTTACK: 9078076450. PANIKOILI: 9078076450. ATHAGARH: 9078076450.
*Offer includes consumer offer, exchange bonus and institutional or rural offer. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. The price given in the ad is based on Bhubaneswar prices and are subject to vary based on the dealer city. Above offers are valid till 31ST January 2024.